51 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୩୦/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, October 30/2025 | Page 14 | ₹ 7.00 | BALASORE
୫୧ଶ ଭାଗ ୩୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 333 | ମୂଲ୍ୟ₹୭/-



**ଭାବି ନ ଥିଲେ ଅନନ୍ୟା**
ପାଠ ପଢୁଥିବାବେଳେ ହଠାତ୍ କରନ୍ ଜୋହରଙ୍କ ନିକଟରୁ ଅଭିନୟ ଅଫର ପାଇବେ ବୋଲି ଅନନ୍ୟା ପାଣ୍ଡେ କେବେ ବି ଭାବି ନ ଥିଲେ। ୧୩

୧୪ **ୱୁଲଭାର୍ଡ୍ଟଙ୍କ ଶତକ**
ଗୁଆହାଟୀରେ ବୁଧବାର ଅନୁଷ୍ଠିତ ମହିଳା କ୍ରିକେଟ୍ ବିଶ୍ୱକପ୍‌ର ଇଂଲଣ୍ଡ ବିପକ୍ଷ ପ୍ରଥମ ସେମିଫାଇନାଲରେ ଶତକ ହାସଲ କରିଛନ୍ତି ଦକ୍ଷିଣ ଆଫ୍ରିକାର ଲୌରା ୱୁଲଭାର୍ଡ୍ଟ।





କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବୈତରଣୀ ନଦୀ ବାଲିଶଯ୍ୟାରେ ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚ ଓ କରଗୋଳା ଗ୍ରାମବାସୀଙ୍କ ଦ୍ୱାରା ଚାଲିଥିବା ବାଲି ସତ୍ୟାଗ୍ରହର ବୁଧବାର ଷଷ୍ଠ ଦିନରେ ଗ୍ରାମବାସୀ ବର୍ଷା ସତ୍ତ୍ୱେ ଛତା ଧରି ବସିଛନ୍ତି। (ଫଟୋ- ସୁଶାନ୍ତ କୁମାର ସାହୁ)

# ବେଆଇନ ଉତ୍ତୋଳନ ବିରୋଧରେ ବାଲି ସତ୍ୟାଗ୍ରହ

**ଆନନ୍ଦପୁର,୨୯।୧୦**
**(ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବୈତରଣୀ ନଦୀରେ କରଗୋଳା ଗ୍ରାମବାସୀଙ୍କ ଦ୍ୱାରା ଚାଲିଥିବା ବାଲି ସତ୍ୟାଗ୍ରହ ଷଷ୍ଠ ଦିନରେ ପହଞ୍ଚିଛି। ପ୍ରବଳ ବର୍ଷା, ପବନ ସତ୍ତ୍ୱେ ଶତାଧିକ ସତ୍ୟାଗ୍ରହୀ ଛତା ଧରି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ସାହୁ ସତ୍ୟାଗ୍ରହର ନେତୃତ୍ୱ ନେଇ ବାଲି ମାଫିଆଙ୍କ ବିରୋଧରେ ବିଷୋଦଗାର କରିଥିଲେ।

ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ଅଭିଭାଷଣରେ କହିଥିଲେ, ବେଆଇନ ଘାଟରେ ନିୟୋଜିତ ବଡ଼ ମେଶିନକୁ ଜବତ କରାଯାଉ। ଲୁଟ୍ ହୋଇଥିବା ବାଲି ପରିମାଣକୁ ମାପା ଯାଇ ଜରିମାନା ଆଦାୟ, ଚୋରା ବାଲି ବ୍ୟବସାୟୀ ଓ ତାଙ୍କ ସହଯୋଗୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ସେ ଦାବି କରିଛନ୍ତି। ବିଭିନ୍ନ ସ୍ଥାନରେ ବେଆଇନ ଘାଟ ପାଇଁ କଟାଯାଇଥିବା ଗଛ ବାବଦ କ୍ଷୟକ୍ଷତି ଆକଳନ କରିବାକୁ ମଧ୍ୟ କହିଛନ୍ତି। ସେହିପରି ସଂରକ୍ଷିତ ଜଙ୍ଗଲ ମଧ୍ୟରେ କୁମଡ଼ ଘାଟ ବେଆଇନ ଭାବେ ଚାଲିବା ଯୋଗୁ ଠେକୁଆ, ଝିଙ୍କ ଆଦି ବନ୍ୟପ୍ରାଣୀ ପ୍ରଭାବିତ ହେଉଛନ୍ତି। ବନ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ☞ପୃଷ୍ଠା-୪


# କମ୍ପାନୀ ମିଥ୍ୟାରେ ସରକାର ବି ବାଇଆ

**ଭୁବନେଶ୍ୱର,୨୯।୧୦**
**(ରବିନାରାୟଣ ଜେନା)**

ଓଡ଼ିଶାରେ ପୂର୍ବରୁ କେବଳ ଗରିବ ଗ୍ରାମୀଣ ଜନସାଧାରଣଙ୍କୁ ବଡ଼ ବଡ଼ କମ୍ପାନୀଗୁଡ଼ିକ ଠକି ଅସତ୍ୟ କହିଆସୁଥିଲେ। ମୁଖ୍ୟତଃ ରାଜ୍ୟର ଖଣିଜ ପଦାର୍ଥରେ ଆକର୍ଷିତ ହୋଇ ଏହି କମ୍ପାନୀଗୁଡ଼ିକ ଓଡ଼ିଶାର ବିଭିନ୍ନ ଅନୁନ୍ନତ ଅଞ୍ଚଳରେ ଶିଳ୍ପ ବସାଇବା ପାଇଁ ଧାଇଁଆସିଥିଲେ। ବିଗତ ବର୍ଷଗୁଡ଼ିକରେ ରାଜ୍ୟ ସରକାରଙ୍କ ସର୍ବୋଚ୍ଚସ୍ତରରେ ମାଲିକମାନଙ୍କୁ ଭେଟିବାର ସୁଯୋଗ ମିଳିବା ସହିତ ଜିଲାସ୍ତରରେ ପ୍ରଶାସନିକ ଯଥା ପୋଲିସ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ବିପୁଳ ସାହାଯ୍ୟ ମିଳିପାରୁଥିଲା। ଏବେ ସେହି ପରିସ୍ଥିତି ବଦଳିଗଲା ଭଳି ପ୍ରତୀୟମାନ ହେଉଛି। କମ୍ପାନୀ ପକ୍ଷରୁ ଯେଉଁ ଫଲ୍‌ସ(ସରକାରୀ ଭାଷାରେ ମିଥ୍ୟା) ତଥ୍ୟ ଦିଆଯାଇ ରାଜ୍ୟର ମୂଲ୍ୟବାନ୍ ଜମିକୁ ହାତେଇ ନିଆଯାଇଛି, ତାହା ଉପରୁ ଏବେ ପରଦା ହଟିବାକୁ ଯାଉଛି।

ଜଗତ୍‌ସିଂହପୁରରେ ଜେଏସ୍‌ଡବ୍ଲ୍ୟୁ କିଭଳି ସରକାରଙ୍କୁ ଫଲ୍ସ ତଥ୍ୟ ଦେଇଛି ସେନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଜଣେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗର ଓଏସ୍‌ଡି ତଥା ସ୍ୱତନ୍ତ୍ର ସଚିବ ଲିଙ୍ଗରାଜ ଓତା ଅକ୍ଟୋବର ୨୫ରେ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଓ ଏଚ୍‌ଓଏଫ୍‌ଏଫ୍ ଓଡ଼ିଶା ଏବଂ ଜଗତ୍‌ସିଂହପୁର ଜିଲାପାଳଙ୍କୁ ଏସମ୍ପର୍କରେ ପତ୍ର ଲେଖି ଅବଗତ କରାଇଛନ୍ତି। ସ୍ୱତନ୍ତ୍ର ସଚିବ ଓତା ତାଙ୍କ ପତ୍ରରେ ଦର୍ଶାଇଛନ୍ତି, ଜଗତ୍‌ସିଂହପୁର ଜିଲା ଢିଙ୍କିଆର ପ୍ରତିବ କୁମାର ଶତପଥୀ କମ୍ପାନୀର ମିଥ୍ୟାକୁ ନେଇ ଏକ ଅଭିଯୋଗ ଦାଖଲ କରିଥିଲେ। ଏହାକୁ ନେଇ ୨୦୨୫ ସେପ୍ଟେମ୍ବର ୨୨ରେ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା। ସେଥିରେ ଉପଯୁକ୍ତ ପଦକ୍ଷେପ ନେବାକୁ କୁହାଯାଇଥିଲା। ହେଲେ ଏହାର ଅନୁସନ୍ଧାନ ଏପର୍ଯ୍ୟନ୍ତ ହୋଇ ନ ଥିବାବେଳେ ଜଗତ୍‌ସିଂହପୁରର ଏରସମା ବ୍ଲକର ଜିଲା ପରିଷଦ ଜୋନ୍-୪ର ପିନାକୀ ନାରାୟଣ ଦାସ ପୁନଶ୍ଚ ଏକ ଅଭିଯୋଗ ଆଣିଛନ୍ତି। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ତୁରନ୍ତ ଜଣେ ବରିଷ୍ଠ ଅଧିକାରୀଙ୍କ ଜରିଆରେ ଉକ୍ତ ଅଭିଯୋଗର ତଦନ୍ତକରି ଉପଯୁକ୍ତ ପଦକ୍ଷେପ ଗ୍ରହଣପୂର୍ବକ ତ୍ୱରିତ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବାକୁ ସେ ଦର୍ଶାଇଛନ୍ତି।

ଏ ସଂକ୍ରାନ୍ତରେ ପିନାକୀ ଏକ ଅଭିଯୋଗପତ୍ର ମୁଖ୍ୟମନ୍ତ୍ରୀ, ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ଅଧ୍ୟକ୍ଷ, ପ୍ରଧାନମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ଏବଂ ଜଗତ୍‌ସିଂହପୁର ଜିଲାପାଳଙ୍କୁ ☞ପୃଷ୍ଠା-୪



BY SPEED POST/ E-MAIL

GOVERNMENT OF ODISHA
FOREST, ENVIRONMENT & CLIMATE CHANGE DEPARTMENT
*****

No.FE-DIV-FLD-0059-2025- 31789 /FE&CC, Date 25 OCT 2025
10F (Cons) 36/2019

From
Shri Lingaraj Otta,
OSD-cum-Special Secretary to Government

To
The Principal Chief Conservator of Forests & HoFF, Odisha
The Collector & DM, Jagatsinghpur.

Sub: Urgent Appeal against JSW False Reply and protection of Dhinkia Panchayat's Livehood, Forests, and Ecology.

Sir,

In inviting kind reference to the subject cited above, I am directed to say that you were requested vide this Department letter No.29694, dtd.22.09.2025 to take appropriate action on the representation dated 18.08.2025 of Shri Pratib Ku Satapathy, At/Po- Dhinkia, Ps- Abhagachandpur, Jagatsinghpur, Odisha-754141 under intimation to all concerned. But, no reply in this connection has been received by this Department yet.

In the meantime, petitions on the same matter have been received from the Zillaparisad, Zone-4, Erasama Block, Jagatsinghpur and PS Member, Panchayat-Dhinkia, Zone-4, Block-Erasama, Dist-Jagatsinghpur (Copies enclosed). You are therefore requested to conduct an inquiry by a senior officer and take appropriate action and furnish the action taken report to this Department at the earliest for further action.

Yours faithfully,
OSD-cum-Special Secretary to Government

Memo No. 31790 /FE&CC, Date 25 OCT 2025

Copy along with copy of enclosure forwarded to the Additional Secretary to Govt., R&DM Department/ Director, ST & SC Dev., M & BCW Department for information and necessary action.

OSD-cum-Special Secretary to Government

Memo No. 31791 /FE&CC, Date 25 OCT 2025

Copy forwarded to Shri Pinaki Narayan Das, Zillaparisad, Zone-4, Erasama Block, Jagatsinghpur, Odisha-754141, M.No.- 9090985561, (email Id:pinaki.das30@yahoo.com) / Smt. Mitanjali Bhoi, PS Member, Panchayat-Dhinkia, Zone-4, Block-Erasama, Dist-Jagatsinghpur. M.No.-8018567378, (email Id:mitanjalibhoianjali@gmail.com) for information.

OSD-cum-Special Secretary to Government

# ଯୁବତୀଙ୍କୁ ବଳାତ୍କାର ପରେ ପୋଡ଼ି ହତ୍ୟା

## ଧାନ କିଆରିରୁ ଗଳିତ ମୃତଦେହ ଜବତ

**ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅଞ୍ଚଳରେ ଜଣେ ଯୁବକଙ୍କୁ ୩ ବନ୍ଧୁ ମିଶି ହତ୍ୟା କରିବା ଘଟଣା ଜଣାପଡ଼ିବାର ୨୪ ଘଣ୍ଟା ନ ପୂରୁଣୁ ଉକ୍ତ ଫାଣ୍ଡି ଅନ୍ତର୍ଗତ ଗଏଲପିଟା ଗ୍ରାମ ନିକଟସ୍ଥ ଧାନ କିଆରିରୁ ଜଣେ ଯୁବତୀଙ୍କ ଗଳିତ ମୃତଦେହ ଜବତ ହେବା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରିବା ସହ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଅପରାଧୀମାନେ ମୁହଁକୁ ପୋଡ଼ି ଦେଇଥିବା ଜଣାପଡ଼ିଛି। ପୀଡ଼ିତାଙ୍କ ପରିଚୟ ମିଳିପାରି ନ ଥିବାବେଳେ ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।**

**ଦେଓଗାଁ,୨୯।୧୦**
**(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅନ୍ତର୍ଗତ ଗଏଲପିଟା ଗ୍ରାମରେ ବୁଧବାର ସକାଳେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଛେଳି ଚରାଇବା ପାଇଁ ଯାଇଥିଲେ। ନିକଟସ୍ଥ ଏକ ଚାଷଜମିରେ ଜଣେ ଯୁବତୀଙ୍କ ମୃତଦେହ ପଡ଼ିଥିବାର ଦେଖିଥିଲେ । ସେମାନେ ତୁରନ୍ତ ଗାଁକୁ ଆସି ଲୋକଙ୍କୁ କହିବା ପରେ ଜମି ମାଲିକ ସ୍ଥାନୀୟ ଫାଣ୍ଡିରେ ଖବର ଦେଇଥିଲେ। ପ୍ରଥମେ ବନ୍ଧପଡ଼ା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା ଘଟଣାସ୍ଥଳକୁ ଯିବା ପରେ ଦେଓଗାଁ ଥାନାକୁ ସୂଚନା ଦିଆଯାଇଥିଲା । ଦେଓଗାଁ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ବିଭିନ୍ନ ଦିଗକୁ ଅନୁଧ୍ୟାନକରି ତଦନ୍ତ ଜାରି ରଖିଛି । ମୃତ ଯୁବତୀ ଜଣକ ସାୟା, ବ୍ଲାଉଜ ଓ ଅନ୍ତର୍ବସ୍ତ୍ର ପରିଧାନ କରିଥିବା ପୋଲିସ କହିଛି। ତେବେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇ ପ୍ରମାଣ ନଷ୍ଟ ଏବଂ ପରିଚୟ ଲୁଚାଇବା ଉଦ୍ଦେଶ୍ୟରେ ତାଙ୍କ ମୁହଁକୁ ପୋଡ଼ି ଦିଆଯାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲକୁ ପଠାଇଛି । ଏନେଇ ଥାନାରେ ଏକ ଅପମୃତ୍ୟୁ (ନଂ .୧୮/୨୦୨୫) ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବନ୍ଧପଡ଼ା ଫାଣ୍ଡି ଅଧୀନ ଅନ୍ତର୍ଲା ଗ୍ରାମ ପତ୍ରଫଡ଼ି ନିକଟରେ ରବିବାର ରାତିରେ ୪ଜଣ ସାଙ୍ଗ ମିଶି ଭୋଜି କରିଥିଲେ। ଏହି ସମୟରେ କୌଣସି କାରଣକୁ କେନ୍ଦ୍ର କରି ସାଙ୍ଗଙ୍କ ମଧ୍ୟରେ ବଚସା ହେବାରୁ ସୁଜିତ ଭୋଇଙ୍କୁ ତାଙ୍କ ୩ଜଣ ସାଙ୍ଗ ମିଶି ହତ୍ୟା କରିଥିଲେ। ଏନେଇ ଅଭିଯୋଗ ପରେ ୩ ଅଭିଯୁକ୍ତ ସାଙ୍ଗଙ୍କୁ ପୋଲିସ ସୋମବାର ଗିରଫ କରିଥିବାବେଳେ ମଙ୍ଗଳବାରକୋର୍ଟଚାଲାଣକରିଥିଲା।

# ଓଡ଼ିଶା ସରକାରଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ

**ବେଆଇନ ଖଣି ଖନନ: ୨,୭୪୫ କୋଟି କ୍ଷତିପୂରଣ ଆଦାୟରେ ବିଳମ୍ବ**

**ଡିସେମ୍ବର ୧ ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଦାଖଲ ନିର୍ଦ୍ଦେଶ**

**ନୂଆଦିଲ୍ଲୀ,୨୯।୧୦**
**(ପି.ଟି./ ଲାଇଭ୍ ଲ)**

ଓଡ଼ିଶାରେ ଖଣି ଖନନ ନିୟମଗୁଡ଼ିକୁ ଉଲ୍ଲଂଘନ କରିଥିବା ଲିଜ୍‌ଧାରୀଙ୍କଠାରୁ ୨,୭୪୫ କୋଟି ଟଙ୍କାର କ୍ଷତିପୂରଣ ଆଦାୟ କରିବାରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ଗୁରୁବାର ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଲିଜ୍‌ଧାରୀମାନେ ଯେପରି ସରକାରୀ ରାଜସ୍ୱ ଫାଙ୍କି ନ ପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଅଗୁଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ଓଡ଼ିଶା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡ୍‌ଭୋକେଟ ଜେନେରାଲ (ଏଜି) ପୀତାମ୍ବର ଆଚାର୍ଯ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲାରେ ବେଆଇନ ଖଣି ଖନନ ନେଇ ଲିଜ୍‌ଧାରୀଙ୍କଠାରୁ ୨,୭୪୫ କୋଟି ଟଙ୍କାର କ୍ଷତିପୂରଣ ଆଦାୟ କରିବାକୁ ୨୦୧୭ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ରାଜ୍ୟ କର୍ତ୍ତୃପକ୍ଷ ଓ ଲିଜ୍‌ଧାରୀଙ୍କ ସୁଲାସୁତୁରା ଯୋଗୁ ଏହି ଅର୍ଥ ଆଦାୟ ହୋଇପାରି ନ ଥିବା ଦର୍ଶାଇ ଏନ୍‌ଜିଓ କମନ୍ କଜ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଶୁଣାଣି ବେଳେ ଆବେଦନକାରୀଙ୍କ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ, ଖଣି କମ୍ପାନୀଗୁଡ଼ିକଠାରୁ ରାଜ୍ୟ ସରକାର ବହୁ କୋଟି ଟଙ୍କାର ବକେୟା ଆଦାୟ କରନ୍ତୁ ବୋଲି ପୂର୍ବରୁ ସୁପ୍ରିମକୋର୍ଟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ସନ୍ଥଙ୍କ ରହସ୍ୟମୟ ମୃତ୍ୟୁ

# ନେତା ଏପଟସେପଟ, ଭୋଟର ଦ୍ୱନ୍ଦ୍ୱରେ

**ନୂଆପଡ଼ା ଉପନିର୍ବାଚନ**

**ନୂଆପଡ଼ା,୨୯।୧୦**
**(ବୀରେନ୍ଦ୍ର କୁମାର ଝାଙ୍କର)**

ନୂଆପଡ଼ା ଉପନିର୍ବାଚନ ଯେତିକି ପାଖେଇ ଆସୁଛି, ଏକ ନୂଆ ଅଡୁଆ ବା ଦ୍ୱନ୍ଦ୍ୱ ଉଭୟ ପ୍ରାର୍ଥୀ ଓ ଭୋଟରଙ୍କୁ ଘାରିଛି। ଏହି ଉପନିର୍ବାଚନ ପୂର୍ବରୁ ବିଭିନ୍ନ ଦଳୀୟ ଓ ନିର୍ଦ୍ଦଳୀୟ ନେତା ଏପଟସେପଟ ହୋଇଛନ୍ତି। ଦିବଂଗତ ବିଧାୟକ ରାଜେନ୍ଦ୍ର ଢୋଲକିଆ ପ୍ରଥମେ ୨୦୦୪ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଜିଣିଥିଲେ। ପରେ ସେ ବିଜେଡିରେ ଯୋଗଦେଇଥିଲେ। ବିଜେଡି ପ୍ରାର୍ଥୀ ଭାବେ ରାଜେନ୍ଦ୍ର ଲଗାତର ୪ଟି ନିର୍ବାଚନ ଲଢ଼ି ୩ଟିରେ ବିଜୟୀ ହୋଇ ଏହି ଅଞ୍ଚଳରେ ବିଜେଡିର ଅପ୍ରତିଦ୍ୱନ୍ଦ୍ୱୀ ନେତା ପାଲଟିଥିଲେ। ରାଜେନ୍ଦ୍ର ଢୋଲକିଆଙ୍କ ଦଳୀୟ ଚିହ୍ନ ଶଙ୍ଖଚିହ୍ନ ବୋଲି ନିର୍ବାଚନମଣ୍ଡଳୀର ଭୋଟରମାନେ ଜାଣିଯାଇଥିଲେ। ତାଙ୍କ ମୃତ୍ୟୁ ପରେ ଏବେ ଯେଉଁ ଉପନିର୍ବାଚନ ହେଉଛି, ସେଥିରେ ତାଙ୍କ ପୁଅ ଜୟ ଢୋଲକିଆ ପ୍ରାର୍ଥୀ ହୋଇଛନ୍ତି। ମାତ୍ର ସେ ବିଜେଡି ପରିବର୍ତ୍ତେ ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। ଏବେ ଜୟ ଢୋଲକିଆଙ୍କ ଦଳୀୟ ନିର୍ବାଚନୀ ଚିହ୍ନ ପଦ୍ମଫୁଲ ହୋଇଛି। ସ୍ୱର୍ଗତ ରାଜୁ ଢୋଲକିଆଙ୍କୁ ଯେଉଁ ଭୋଟରମାନେ ବିଜେଡି ନେତା ଓ ତାଙ୍କ ଚିହ୍ନ ଶଙ୍ଖ ବୋଲି ଗ୍ରହଣ କରିଥିଲେ, ସେମାନେ ତାଙ୍କ ପୁଅ ଜୟଙ୍କୁ ସହାନୁଭୂତି ଦେଖାଉଥିଲେ ମଧ୍ୟ ନିର୍ବାଚନୀ ଚିହ୍ନ ଓ ଦଳ ବଦଳକୁ ନେଇ ଅଡୁଆ ସ୍ଥିତିରେ ପଡ଼ିଛନ୍ତି। ଅନେକେ ଜୟଙ୍କ ନିର୍ବାଚନୀ ପ୍ରଚାରରେ ରାଜୁଭାଇ ଜିନ୍ଦାବାଦ୍ ନାରା ଦେଉଥିଲେ ମଧ୍ୟ ଦଳୀୟ ଚିହ୍ନ ପଦ୍ମ କହୁଥିବାରୁ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ବିଶେଷକରି ଗ୍ରାମୀଣ ଅଞ୍ଚଳର ଭୋଟରଙ୍କ ପାଇଁ ଏହି ଅଡୁଆ ବଢ଼ିଛି।

ସେହିଭଳି ବିଜେଡି ପ୍ରାର୍ଥୀ ହୋଇଥିବା ☞ପୃଷ୍ଠା-୪






ଦକ୍ଷିଣ କୋରିଆର ସିଓଲରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ।

# ଲଦାଖ ହିଂସା: କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ


ସୋନମ୍ ୱାଙ୍ଗ୍‌ଚୁକ୍


ଗୀତାଞ୍ଜଳି ଜେ. ଆଙ୍ଗ୍‌ମୋ

ନୂଆଦିଲ୍ଲୀ,୨୯।୧୦

ଲଦାଖ ହିଂସାରେ ଆକ୍ଟିଭିଷ୍ଟ ସୋନମ୍ ୱାଙ୍ଗ୍‌ଚୁକ୍‌ଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ତାଙ୍କୁ ରାଜସ୍ଥାନର ଯୋଧପୁର ଜେଲରେ ରଖାଯାଇଥିବାବେଳେ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଜେ. ଆଙ୍ଗ୍‌ମୋ କେନ୍ଦ୍ର ସରକାରଙ୍କ ଏହି କାର୍ଯ୍ୟାନୁଷ୍ଠାନ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସର୍ବୋଚ୍ଚ ଅଦାଲତ ଏହା ଉପରେ ୧୦ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ କେନ୍ଦ୍ର ସରକାର ଓ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କେନ୍ଦ୍ର ତଥା ଲଦାଖ ପକ୍ଷରୁ ମାମଲା ପରିଚାଳନା କରୁଥିବା ସିଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ସଂଶୋଧିତ ଆବେଦନ ଉପରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇନ୍ତି। ଏହି ମାମଲାର ପରବର୍ତ୍ତୀ

## ସୋନମ୍‌ଙ୍କ ମୁହଁ ବନ୍ଦ ପାଇଁ ଉଦ୍ୟମ କରାଯାଇଛି: ସ୍ତ୍ରୀ

ଶୁଣାଣି ନଭେମ୍ବର ୨୪ରେ ହେବ। ପ୍ରକାଶ ଯେ, ସେପ୍ଟେମ୍ବର ୨୪ରେ ଲଦାଖକୁ ରାଜ୍ୟ ମାନ୍ୟତା ଓ ଷଷ୍ଠ ପରିଚ୍ଛେଦରେ ସାମିଲ ଦାବିରେ ବିକ୍ଷୋଭ ବେଳେ ହିଂସା ଘଟିଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୯୦ ଆହତ ହୋଇଥିଲେ। ଏହାର ୨ ଦିନ ପରେ ସୋନମ୍‌ଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ଗିରଫ କରାଯାଇଥିଲା। ସୋନମ୍ ହିଂସା ଉସୁକାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ସୋନମ୍‌ଙ୍କ ସ୍ୱରକୁ ଚପାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ଯୋଜନାବଦ୍ଧଭାବେ ଉଦ୍ୟମ ହୋଇଥିଲାବୋଲି ଗୀତାଞ୍ଜଳି ଅଭିଯୋଗ କରିଛନ୍ତି।

# ଏଲ୍‌ଏସିରେ ଶାନ୍ତି ପାଇଁ ଭାରତ-ଚାଇନା ସହମତି

ନୂଆଦିଲ୍ଲୀ,୨୯।୧୦(ପି.ଟି.)

ଲଦାଖ ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ଶାନ୍ତି ବଜାୟ ରଖିବା ପାଇଁ ଭାରତ ଓ ଚାଇନା ମଧ୍ୟରେ ଏକ ଉଚ୍ଚସ୍ତରୀୟ ସାମରିକ ଆଲୋଚନାବେଳେ ସହମତି ପ୍ରକାଶ ପାଇଛି। ଗତ ୨୫ରେ ମୋଲ୍‌ଡୋ-ଚୁଶୁଲ୍ ସୀମାର ଭାରତ ପଟେ ଏକ କର୍ କମାଣ୍ଡରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉଭୟ ପକ୍ଷ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ବନ୍ଧୁତାପୂର୍ଣ୍ଣ ଆଲୋଚନା ହୋଇଥିବା ବୁଧବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୀମାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଉପରେ ଦୁଇପକ୍ଷ ସହମତ ହୋଇଛନ୍ତି।

# ୭ ନୂଆ ଯୁଦ୍ଧବିମାନ ଖସିଥିଲା: ଟ୍ରମ୍ପ୍

ଟୋକିଓ,୨୯।୧୦

ଭାରତ-ପାକିସ୍ତାନ ସଂଘର୍ଷ ବେଳେ ୭ଟି ସମ୍ପୂର୍ଣ୍ଣ ନୂଆ ଯୁଦ୍ଧବିମାନ ଖସିଥିଲା ବୋଲି ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଏଥିସହ ୨୫୦ ପ୍ରତିଶତ ଟାରିଫ୍ ଭୟ ଦେଖାଇ ଦୁଇ ଆଣବିକ ଶକ୍ତିସମ୍ପନ୍ନ ଦେଶ ମଧ୍ୟରେ ଯୁଦ୍ଧ ବନ୍ଦ କରିଥିବା ବିଷୟ ସେ ପୁଣି ଦୋହରାଇଛନ୍ତି।

ଏସିଆ ଗସ୍ତରେ ଥିବା ଟ୍ରମ୍ପ୍ ଟୋକିଓରେ ବିଜ୍‌ନେସ୍ ଲିଡରମାନଙ୍କ ସହ ଡିନର ବେଳେ କହିଛନ୍ତି, ଦୁଇଟି ବଡ଼ ଆଣବିକ ଶକ୍ତି ସମ୍ପନ୍ନ ରାଷ୍ଟ୍ର ମଧ୍ୟରେ ସେ ଯୁଦ୍ଧ ବନ୍ଦ କରାଇଥିଲେ। ସେହି ସମୟରେ ୭ଟି ନୂଆ ଯୁଦ୍ଧବିମାନ ଖସିଥିଲା। ଭାରତ ଓ ପାକିସ୍ତାନ ମଧ୍ୟରେ ସେ ଯୁଦ୍ଧ ଅଟକାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପାକିସ୍ତାନ ସେନାମୁଖ୍ୟ ଆସିଫ୍ ମୁନିରଙ୍କୁ ଫୋନ୍‌ରେ ସେ


ଡୋନାଲ୍ଡ ଟ୍ରମ୍ପ୍

କହିଥିଲେ, ଆପଣ ଯଦି ଯୁଦ୍ଧ ବନ୍ଦ ନ କରନ୍ତି ତେବେ ଆମେରିକା ଭାରତ ଓ ପାକିସ୍ତାନ ସହ କୌଣସି ପ୍ରକାର ବାଣିଜ୍ୟିକ କାରବାର କରିବ ନାହିଁ। ଏଭଳି ଚେତାବନୀ ଦେବାର ୨୪ ଘଣ୍ଟା ଭିତରେ ଯୁଦ୍ଧ ବନ୍ଦ ହୋଇଯାଇଥିଲା ବୋଲି ଟ୍ରମ୍ପ୍ ଦାବି କରିଛନ୍ତି।

## ଭାରତ-ପାକିସ୍ତାନ ଅସ୍ତ୍ରବିରତି କରାଇଥିବା ପୁଣି ଦାବିକଲେ

ଉଲ୍ଲେଖଯୋଗ୍ୟ, ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀମାନେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ଗୁଳିକରି ହତ୍ୟା କରିଥିଲେ। ଏହା ପରେ ମେ' ୭ରେ ଭାରତୀୟ ସଶସ୍ତ୍ର ବଳ ଅପରେଶନ୍ ସିନ୍ଦୂରରେ ପାକିସ୍ତାନ ତଥା ପାକ୍-ଅଧିକୃତ କଶ୍ମୀର(ପିଓକେ)ରେ ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ନଷ୍ଟ କରିଦେଇଥିଲା। ମେ' ୧୦ରେ ଭାରତ ଓ ପାକିସ୍ତାନ ଯୁଦ୍ଧବିରତି ପାଇଁ ସହମତି ପ୍ରକାଶ କରିଥିଲେ, ଯାହାକି ଟ୍ରମ୍ପ୍ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଘୋଷଣା କରିଥିଲେ। ସେବେଠୁ ଟ୍ରମ୍ପ୍ ଅଦ୍ୟାବଧି ୫୦ରୁ ଅଧିକ ଥର ନିଜେ ଯୁଦ୍ଧ ବନ୍ଦ କରାଇଥିବା ଦାବି କରିସାରିଲେଣି। ପାକିସ୍ତାନୀ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏହା ପୂର୍ବରୁ ଭାରତର ୬ ଯୁଦ୍ଧବିମାନ ଖସିଥିବା ଦାବି କରିଥିଲେ। ଭାରତୀୟ ସେନା ଓ ବାୟୁସେନାର ଶୀର୍ଷ ଅଧିକାରୀମାନେ ମଧ୍ୟ ଯୁଦ୍ଧବିମାନ ଖସିଥିବା ବିଷୟ କହିଆସୁଛନ୍ତି। କିନ୍ତୁ ଭାରତ କେତୋଟି ଯୁଦ୍ଧବିମାନ ହରାଇଥିଲା, ତାହା କେହି ସ୍ପଷ୍ଟ କରୁ ନ ଥିବାବେଳେ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଫାଲ ଫାଇଟର ଜେଟ୍‌ରେ ଉଡ଼ାଣ କରିଛନ୍ତି।

# ରାଫାଲରେ ରାଷ୍ଟ୍ରପତି



ଅମ୍ବାଲା,୨୯।୧୦

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ରାଫାଲ ଯୁଦ୍ଧବିମାନରେ ଉଡ଼ାଣ ଭରି ଇତିହାସ ରଚିଛନ୍ତି। ହରିୟାଣାର ଅମ୍ବାଲାସ୍ଥିତ ଭାରତୀୟ ବାୟୁସେନା (ଆଇଏଏଫ୍) ଷ୍ଟେଶନ୍‌ରୁ ଫାଇଟର ଜେଟ୍‌ରେ ଏହି ଯାତ୍ରାର ଅନୁଭୂତି ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ରାଷ୍ଟ୍ରପତି କହିଛନ୍ତି।

ରାଷ୍ଟ୍ରପତି ମୁର୍ମୁ ୨୦୨୩ ଏପ୍ରିଲରେ ଆସାମର ତେଜପୁରରେ ସୁଖୋଇ ଏମ୍‌କେଆଇରେ ଉଡ଼ାଣ କରିଥିଲେ। ଏବେ ସେ ରାଫାଲ ଯୁଦ୍ଧବିମାନରେ ଉଡ଼ାଣ କରିବା ସହ ଦୁଇଟି ଫାଇଟର ଜେଟ୍‌ରେ ଯାତ୍ରା କରିବାରେ ପ୍ରଥମ ରାଷ୍ଟ୍ରପତି ଭାବେ ଇତିହାସ ସୃଷ୍ଟି କରିଛନ୍ତି। ସଦ୍ୟ ଉଡ଼ାଣ ବେଳେ ୩ ସେନାର ସୁପ୍ରିମ କମାଣ୍ଡର ମୁର୍ମୁ ଜି-ସୁଟ୍ ଓ ସ୍ପୋର୍ଟି ସନ୍‌ଗ୍ଲାସ୍ ପିନ୍ଧିଥିଲେ। ପୂର୍ବାହ୍ନ ୧୧ଟା ୨୭ରେ ଫ୍ରାନ୍ସ ନିର୍ମିତ ରାଫାଲ ଫାଇଟର ଜେଟ୍‌ର ଚାଳକ ଗ୍ରୁପ୍ କ୍ୟାପ୍‌ଟେନ୍ ଅମିତ୍ ଗେହାନି ଏହାକୁ ୩୦ ମିନିଟ୍ ମଧ୍ୟରେ ୨୦୦ କି.ମି. ପର୍ଯ୍ୟନ୍ତ ଉଡ଼ାଇଥିଲେ। ଯୁଦ୍ଧବିମାନଟିର ବେଗ ଘଣ୍ଟା ପ୍ରତି ୭୦୦ କି.ମି. ରହିଥିଲା। ଏହା ସମୁଦ୍ର ପତ୍ତନଠାରୁ ୧,୫୦୦ ଫୁଟ୍ ଉଚ୍ଚତାକୁ ଉଡ଼ାଣ କରିଥିଲା।

# ତାଲିବାନ୍‌କୁ ଗୁମ୍ଫାକୁ ପଠାଇଦେବୁ: ପାକ୍ ପ୍ରତିରକ୍ଷା ମନ୍ତ୍ରୀ


ଖ୍ୱାଜା ଆସିଫ୍

ଇସ୍‌ଲାମାବାଦ,୨୯।୧୦(ପି.ଟି.)

ଆଫ୍‌ଗାନିସ୍ତାନର ତାଲିବାନ୍ ଭବିଷ୍ୟତରେ ପାକିସ୍ତାନ ଉପରେ ଆକ୍ରମଣ କଲେ ଏହାକୁ ସମୂଳେ ନାଶ କରି ଗୁମ୍ଫାକୁ ପଠାଇ ଦିଆଯିବ ବୋଲି ବୁଧବାର ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଧମକ ଦେଇଛନ୍ତି। ପାକିସ୍ତାନ ଓ ଆଫ୍‌ଗାନିସ୍ତାନ ମଧ୍ୟରେ ଇସ୍ତାନବୁଲରେ ୪ ଦିନ ଧରି ଚାଲିଥିବା ଶାନ୍ତି ଆଲୋଚନା ବିଫଳହେବା ପରେ ଆସିଫ୍ ସୋସିଆଲ ମିଡିଆରେ ଏଭଳି ଚେତାବନୀ ଦେଇଛନ୍ତି। ଆଫ୍‌ଗାନିସ୍ତାନ ଭୂଖଣ୍ଡକୁ ପାକିସ୍ତାନ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ବ୍ୟବହାରକୁ ତାଲିବାନ୍ ରୋକିବା ଉଚିତ ବୋଲି ସେ କହିଛନ୍ତି।

# ପ୍ରତି ପରିବାରରୁ ଜଣକୁ ଚାକିରି ପ୍ରତିଶ୍ରୁତି

## ମହାମେଣ୍ଟର ନିର୍ବାଚନୀ ଇସ୍ତାହାର

ପାଟନା ,୨୯।୧୦

ବିହାର ବିଧାନସଭା ନିର୍ବାଚନ ପାଇଁ ବିରୋଧୀ ମହାମେଣ୍ଟ ପକ୍ଷରୁ ମଙ୍ଗଳବାର ଇସ୍ତାହାର ପ୍ରକାଶ ପାଇଛି। ତେଜସ୍ୱୀ ପ୍ରଣ (ତେଜସ୍ୱୀଙ୍କ ପ୍ରତିଜ୍ଞା) ନାମରେ ଏହି ଇସ୍ତାହାରରେ ବହୁ ଲୋକାଭିମୁଖୀ ପ୍ରତିଶ୍ରୁତି ଦିଆଯାଇଛି। ସେଥିରେ ରହିଛି ପ୍ରତି ପରିବାରରୁ ଜଣକୁ ସରକାରୀ ଚାକିରି, ମହିଳାଙ୍କୁ ମାସିକ ୨,୫୦୦ ଟଙ୍କା ଭତ୍ତା, ପ୍ରତି ପରିବାରକୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଇତ୍ୟାଦି। ଇଣ୍ଡିଆ ବ୍ଲକ୍‌ର ଏହି ସଂକଳ୍ପ ପତ୍ରରେ


ତେଜସ୍ୱୀ ଯାଦବ ଇସ୍ତାହାର ପୁସ୍ତିକା ଦେଖାଉଛନ୍ତି।

ସ୍ଲୋଗାନ ଲେଖାଯାଇଛି 'ସମ୍ପୂର୍ଣ୍ଣ ବିହାର କା ସମ୍ପୂର୍ଣ୍ଣ ପରିବର୍ତ୍ତନ-ତେଜସ୍ୱୀ ପ୍ରତିଜ୍ଞା, ତେଜସ୍ୱୀ ପ୍ରଣ'। ଇସ୍ତାହାରରେ ନିଯୁକ୍ତିକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ମହାମେଣ୍ଟ କ୍ଷମତାକୁ ଆସିଲେ ସରକାର ଗଢ଼ିବାର ୨୦ ଦିନ ମଧ୍ୟରେ ପ୍ରତି ପରିବାରରୁ ଜଣକୁ ସରକାରୀ ଚାକିରି ସୁନିଶ୍ଚିତ କରାଇବା ପାଇଁ ଆଇନ ଆଣିବ। ସେହିପରି ୨୦ ମାସ ମଧ୍ୟରେ ନିଯୁକ୍ତି ବଣ୍ଟନ ପ୍ରକ୍ରିୟା ଆରମ୍ଭ ହେବ। ସମସ୍ତ ଠିକା ଏବଂ ଆଉଟ୍‌ସୋର୍ସିଂ କର୍ମଚାରୀକୁ ନିୟମିତ କରାଯିବା ସହ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ମାସିକ ୩୦ ହଜାର ଟଙ୍କା ବେତନରେ ସ୍ଥାୟୀ ନିଯୁକ୍ତି ଦିଆଯିବ।

# କାନାଡାରେ ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା

ଅଟ୍ଟାୱା, ୨୯।୧୦(ପି.ଟି.)

କାନାଡାର ବ୍ରିଟିଶ୍ କଲମ୍ବିଆରେ ଜଣେ ୬୮ ବର୍ଷୀୟ ଭାରତୀୟ ବଂଶୋଦ୍ଭବଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଦର୍ଶନ ସହସି ଅବ୍ବୋଟ୍ସଫୋର୍ଡ ସହରସ୍ଥିତ ନିଜ ଘର ବାହାରେ ଥିବାବେଳେ ତାଙ୍କୁ ଟାର୍ଗେଟକରି ଗୁଳି କରାଯାଇଥିଲା। ପୋଲିସ ତାଙ୍କୁ ଗୁଳିବିଦ୍ଧ ଅବସ୍ଥାରେ କାର୍‌ରେ ଠାବ କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ୧୦୪ ପାଲେଷ୍ଟିନୀୟ ମୃତ

ଦେଇର ଅଲ୍-ବଲାହ, ୨୯।୧୦

ଇସ୍ରାଏଲୀ ସେନାର ରାତିଅଧିଆ ଏୟାରଷ୍ଟ୍ରାଇକ୍‌ରେ ଗାଜାରେ ୪୬ ଶିଶୁଙ୍କ ସମେତ ୧୦୪ ଜଣଙ୍କ ମୃତ୍ୟୁ ଘଟିଛି। ଏହା ପରେ ଯୁଦ୍ଧବିରତି ପୁଣି ଫେରିଥିବା ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ କହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ଅକ୍ଟୋବର ୧୦ରେ ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଅସ୍ତ୍ରବିରତି ହୋଇଥିଲା। ତେବେ ସୀମାନ୍ତରେ ହମାସ୍ ଆକ୍ରମଣରେ ଜଣେ ଇସ୍ରାଏଲୀ ସୈନ୍ୟ ନିହତ ହୋଇଥିଲେ, ଯିଏକି ଆମେରିକାର ମଧ୍ୟ ନାଗରିକ ଥିଲେ। ପରବର୍ତ୍ତୀ ସମୟରେ ଉଭୟ ପକ୍ଷ ପରସ୍ପର ଉପରେ ଯୁଦ୍ଧବିରତି ଉଲ୍ଲଂଘନ ନେଇ ଦୋଷ ଦେଇଥିଲେ। ଇସ୍ରାଏଲ୍


ଇସ୍ରାଏଲ୍ ଆକ୍ରମଣରେ ଗାଜାସ୍ଥିତ ବୁରେଇଜ୍ ଶିବିର ବିଧ୍ୱସ୍ତ ହୋଇଯାଇଥିବାବେଳେ ପିଲାମାନେ ସେଠାରୁ ଆସବାବପତ୍ର ଠୁଳ କରୁଛନ୍ତି।

ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗାଜା ଉପରେ ପୁଣି ଆକ୍ରମଣ ପାଇଁ ମଙ୍ଗଳବାର ନିଜ ସେନାକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଏସିଆ ଗସ୍ତରେ ଥିବା ଟ୍ରମ୍ପ୍ ଏହି ଏୟାରଷ୍ଟ୍ରାଇକ୍‌କୁ ସମର୍ଥନକରି ଯଥାର୍ଥ ବୋଲି କହିଛନ୍ତି।

# ବିବେକଙ୍କ ବଦାନ୍ୟତା


ବିବେକ ଓବରୟ

ମୁମ୍ବାଇ

ବଲିଉଡ୍ ଅଭିନେତା ବିବେକ ଓବରୟ ନିଜ ଅଭିନୟ ମାଧ୍ୟମରେ ତ ହୃଦୟ ଜିତିଛନ୍ତି। କିନ୍ତୁ ଏବେ ସେ ଏକ ମହାନ୍ ଉଦ୍ଦେଶ୍ୟ ପାଇଁ ଚର୍ଚ୍ଚାରେ ଅଛନ୍ତି। ନିତେଶ ତିୱାରୀଙ୍କ ବହୁ ପ୍ରତୀକ୍ଷିତ 'ରାମାୟଣ' ଫିଲ୍ମରେ ଅଭିନୟ ପାଇଁ ଯେଉଁ ପାରିଶ୍ରମିକ ମିଳିବ ତାକୁ ସେ ଦାନ ଭାବେ ଦେଇଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏକ ସାକ୍ଷାତ୍‌କାରରେ ବିବେକ କହିଛନ୍ତି, ସେ 'ରାମାୟଣ' ଅଭିନୟରୁ କୌଣସି ଟଙ୍କା ଚାହାନ୍ତି ନାହିଁ ଏବଂ ଏହି ଅର୍ଥକୁ ଏକ ଭଲ ଉଦ୍ଦେଶ୍ୟ ପାଇଁ ଦାନ କରିବାକୁ ଚାହାନ୍ତି। କ୍ୟାନ୍‌ସର ରୋଗ ସହ ଲଢୁଥିବା ପିଲାଙ୍କ ପାଇଁ ଏହି ଅର୍ଥ ଖର୍ଚ୍ଚହେବ। ଏନେଇ ସେ ପ୍ରଯୋଜକ ନମିତ ମାଲହୋତ୍ରାଙ୍କୁ ମଧ୍ୟ ଜଣାଇଦେଇଥିଲେ।

ଏହି ଫିଲ୍ମରେ ରଣବୀର କପୁର, ସନ୍ନି ଦେଓଲ, 'କେଜିଏଫ' ଷ୍ଟାର ଯଶ୍ ଏବଂ ସାଇ ପଲ୍ଲବୀଙ୍କ ଭଳି କଳାକାରମାନେ ଅଛନ୍ତି। ବିବେକ 'ରାମାୟଣ'ରେ ବିଭୀଷଣଙ୍କ ଭୂମିକାରେ ଅଭିନୟ କରିବେ। ନୀତେଶ ତିୱାରୀ 'ରାମାୟଣ'କୁ ଦୁଇଟି ଭାଗରେ ୨୦୨୬ ଏବଂ ୨୦୨୭ ଦୀପାବଳିରେ ମୁକ୍ତିଲାଭ କରିବେ। ରଣବୀର ରାମ ଭୂମିକାରେ, ସାଇ ପଲ୍ଲବୀ ସୀତା ଭୂମିକାରେ, ଯଶ୍ ରାବଣ ଭୂମିକାରେ ଏବଂ ସନ୍ନି ହନୁମାନ ଭୂମିକାରେ ନଜର ଆସିବେ।




# ଯୁକ୍ତ ୨ ଏକ୍ସ-ରେଗୁଲାର ଫର୍ମ ପୂରଣ ଅବଧି ବୃଦ୍ଧି

ଭୁବନେଶ୍ୱର,୨୯।୧୦(ସୁଚିସ୍ମିତା ସାହୁ)

୨୦୨୬ରେ ହେବାକୁଥିବା ଯୁକ୍ତ ୨ ପରୀକ୍ଷା ପାଇଁ ଫର୍ମ ପୂରଣ ଅବଧିକୁ ବୃଦ୍ଧି କରାଯାଇଛି। ବାତ୍ୟା 'ମୋନ୍ଥା' ଲାଗି ଫର୍ମପୂରଣ ବାଧାପ୍ରାପ୍ତ ହୋଇଥିବାରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମର କେବଳ ଏକ୍ସ-ରେଗୁଲାର ଛାତ୍ରୀଛାତ୍ରଙ୍କୁ ଏହି ସୁଯୋଗ ଦିଆଯାଇଛି। ପୂର୍ବରୁ ଏକ୍ସ-ରେଗୁଲାର ଛାତ୍ରୀଛାତ୍ରଙ୍କ ଫର୍ମ ପୂରଣର ଶେଷ ତାରିଖ ଅକ୍ଟୋବର ୨୫ ଧାର୍ଯ୍ୟ କରାଯାଇଥିବା ବେଳେ ଏବେ ଏହାକୁ ନଭେମ୍ବର ୩ ଯାଏ ବୃଦ୍ଧି କରାଯାଇଛି। ସେହିପରି ଅକ୍ଟୋବର ୨୭ ପର୍ଯ୍ୟନ୍ତ ଟଙ୍କା ପଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏବେ ଏହାକୁ ନଭେମ୍ବର ୩ ଯାଏ ବୃଦ୍ଧି କରାଯାଇଛି। କଲେଜ କର୍ତ୍ତୃପକ୍ଷଙ୍କ ନିବେଦନ ପରେ ସିଏଚ୍‌ଏସ୍‌ଇ ଏଭଳି ନିଷ୍ପତ୍ତି ନେଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସିଏଚ୍‌ଏସ୍‌ଇ ଅଧୀନରେ ଥିବା ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଓ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଚିଠି ଲେଖି ଜଣାଇଛନ୍ତି।

ଫର୍ମ ପୂରଣ ନିମନ୍ତେ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ୬୦୦ ଟଙ୍କା ସହିତ ମାଇଗ୍ରେଶନ ସାର୍ଟିଫିକେଟ ପାଇଁ ୧୦୦ ଟଙ୍କା ଏବଂ ପାସ୍ ସାର୍ଟିଫିକେଟ ଲାଗି ୧୦୦ ଟଙ୍କା ପୈଠ କରିବାକୁ ପଡ଼ିବ। ଏହାସହ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ନିଜ ବିଷୟ ଅନୁଯାୟୀ ପ୍ରୋଜେକ୍ଟ ୱାର୍କ/ପ୍ରାକ୍ଟିକାଲ ପରୀକ୍ଷା/ଇଭାଲ୍ୟୁଏଶନ କିମ୍ବା ଇଣ୍ଟରନାଲ ପରୀକ୍ଷା ପାଇଁ ପ୍ରତି ପେପର ପିଛା ୪୦ ଟଙ୍କା ଲେଖାଏ ଦାଖଲ କରିବାକୁ ପଡ଼ିବ। ଯେଉଁ ପରୀକ୍ଷାର୍ଥୀମାନେ ବିଳମ୍ବରେ ଫର୍ମ ପୂରଣ କରିବେ, ସେମାନଙ୍କୁ ଅତିରିକ୍ତ ଦେୟ ବା ଫାଇନ୍ ଦେବାକୁ ପଡ଼ିବ। ଫର୍ମ ପୂରଣ ପାଇଁ ଦିଆଯାଇଥିବା ନିର୍ଦ୍ଧାରିତ ତାରିଖ ପରେ ଅର୍ଥାତ୍ ନଭେମ୍ବର ୧୦ରୁ ୧୪ ମଧ୍ୟରେ ଫର୍ମ ପୂରଣ କଲେ ୨୦୦ ଟଙ୍କା ଫାଇନ୍ ଦେବାକୁ ପଡ଼ିବ। ଯଦି ଏହି ସମୟରେ ପରୀକ୍ଷାର୍ଥୀମାନେ ଫର୍ମ ପୂରଣ କରିପାରିବେ ନାହିଁ, ତେବେ ସେମାନେ ନଭେମ୍ବର ୧୭ରୁ ୧୯ ଭିତରେ ଫର୍ମ ପୂରଣ କରିବା ପାଇଁ ପରିଷଦ ପକ୍ଷରୁ ସୁଯୋଗ ଦିଆଯିବ। କିନ୍ତୁ ଏଥିନିମନ୍ତେ ଅତିରିକ୍ତ ଦେୟ ୬୦୦ ଟଙ୍କା ପଇଠ କରିବାକୁ ହେବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ରେଗୁଲାର ପରୀକ୍ଷାର୍ଥୀଙ୍କ ଫର୍ମ ପୂରଣ ଓ ଅନ୍ୟାନ୍ୟ ପ୍ରକ୍ରିୟାରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ।

# ଗଜପତି ଜିଲ୍ଲାରେ ଭୂସ୍ଖଳନ: ରାସ୍ତା ଅବରୋଧ, ଯାତାୟାତ ଠପ୍

ପାରଳାଖେମୁଣ୍ଡି,୨୯।୧୦ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲ୍ଲା ରାୟଗଡ ବ୍ଲକ ଏସ. କରାଡସିଂ ପଞ୍ଚାୟତର ବୋଣ୍ଡା ଗ୍ରାମରେ ଭୂସ୍ଖଳନ ଘଟିଛି। ଫଳରେ ବୋଣ୍ଡା, ଖିଲିଗଣ୍ଡା, କୁଡ଼ିଙ୍ଗି, ଉପରସାଙ୍କୁରଡ଼ା ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଗତ ୪ଦିନ ହେଲା ଲଗାଣ ବର୍ଷା ଯୋଗୁ ବ୍ଲକର ବିଭିନ୍ନ ସ୍ଥାନରେ ମାଟି ଅତଡା ଧସିବା ସହ ଭୂସ୍ଖଳନ ଘଟିଥିବା ଜଣାପଡିଛି। ଘଟଣା ସ୍ଥଳରେ ଏନ୍‌ଡିଆରଏଫ ଓ ଓଡ୍ରାଫ ଟିମ୍ ପହଞ୍ଚି ଯାତାୟାତ ସ୍ୱାଭାବିକ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ବାତ୍ୟା 'ମୋନ୍ଥା' ଦୁର୍ବଳ ହୋଇଥିଲେ ମଧ୍ୟ ଅନେକ ସ୍ଥାନରେ ଲଗାଣ ବର୍ଷା ଜାରି ରହିଥିବାରୁ ଜିଲାର ବିଭିନ୍ନ ସ୍ଥାନରେ ମାଟି ଧସିବା ସହ ଭୂସ୍ଖଳନ ପରିସ୍ଥିତି ସୃଷ୍ଟି ହୋଇଛି।


ଭୂସ୍ଖଳନ ଯୋଗୁ ଯୋଗୁ ପାହାଡରୁ ଧସିଥିବା ମାଟି।

# ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ

## ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ବାଲେଶ୍ୱର, ୨୯।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ବୁଧବାର ଶିଶୁମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି। ଶିଶୁଭବନସ୍ଥିତ ଆଇସିୟୁରେ ଚିକିତ୍ସା ଅବହେଳାରୁ ଚିକିତ୍ସାଧୀନ ୩ ମାସର ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ମେଡିକାଲ ଫାଣ୍ଡି ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ମୃତ ଶିଶୁପୁତ୍ର ହେଲେ ଜଳେଶ୍ୱର ଥାନା ଜମାଲପୁର ଅଞ୍ଚଳର ମା' ପବିତ୍ରା ଓ ବାପା ଶମ୍ଭୁନାଥ ରାଉଳଙ୍କ ପୁଅ ଅଭିଜିତ୍।

ମଙ୍ଗଳବାର ଅଭିଜିତ୍‌ର ଦେହ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଶିଶୁ ଭବନ ଆଇସିୟୁରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଅପରାହ୍ନ ୧ଟା ୩୦ରେ ଶିଶୁର ମୃତ୍ୟୁ ହୋଇଥିଲା। ଚିକିତ୍ସାରେ ଅବହେଳା ଯୋଗୁ ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ଅଭିଯୋଗ କରି ପରିବାର ଲୋକେ ଓ ସମ୍ପର୍କୀୟ ଚିକିତ୍ସାଳୟ ପରିସରରେ ପାଟିତୁଣ୍ଡ କରିଥିଲେ। ଏ ସମ୍ପର୍କରେ ପରିବାର ପକ୍ଷରୁ ଟାଉନଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।


ଚିକିତ୍ସାଳୟ ପରିସରରେ ଉତ୍ତେଜନା।

# ପିନ୍ ଗିଳିଦେବାରୁ ଛାତ୍ରଙ୍କ ମୃତ୍ୟୁ

## ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଅଭିଯୋଗ ଆଣିଲେ ବାପା

ଫୁଲବାଣୀ,୨୯।୧୦ (ରାକେଶ କୁମାର ରାଉତ)

ଫୁଲବାଣୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଜଣେ ୭ମ ଶ୍ରେଣୀ ଛାତ୍ର ନୋଟିସ୍ ବୋର୍ଡରେ ଲାଗିଥିବା ପିନ୍ ଗିଳି ଦେବାରୁ ତାଙ୍କର ମୃତ୍ୟୁ ହୋଇଛି। ଛାତ୍ର ଜଣଙ୍କ ହେଲେ ତୁଷାର ମିଶ୍ର। ପୁଅର ମୃତ୍ୟୁ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ପ୍ରିନ୍ସିପାଲ ଦାୟୀ ବୋଲି ତୁଷାରଙ୍କ ବାପା କାଳୀପ୍ରସାଦ ମିଶ୍ର ଅଭିଯୋଗ କରିଛନ୍ତି।

ତୁଷାରଙ୍କ ଘର ଦାରିଙ୍ଗବାଡ଼ିରେ। ସେ ମାମୁଘର ଫୁଲବାଣୀ କଣ୍ଟ୍ରାକ୍ଟରପଡ଼ାରେ ରହି ଆଦର୍ଶ ବିଦ୍ୟାଳୟରେ ପଢୁଥିଲେ। ଗତ ୧୫ ତାରିଖରେ ତୁଷାର ସ୍କୁଲ ଯାଇଥିଲେ। ସ୍କୁଲ ନୋଟିସ ବୋର୍ଡରୁ ଏକ ପିନ୍ ଆଣି ସେ ପାଟିରେ ଧରିଥିବା ବେଳେ ଅସାବଧାନତାବଶତଃ ତାହାକୁ ଗିଳି ଦେଇଥିଲେ। ଏ ସମ୍ପର୍କରେ ତୁଷାର ଏବଂ ତାଙ୍କର କେତେଜଣ ସାଙ୍ଗ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ପ୍ରିନ୍ସିପାଲଙ୍କୁ ଜଣାଇଥିଲେ। ହେଲେ ସେମାନେ ଏହାକୁ ଗୁରୁତ୍ୱ ନ ଦେଇ ପାଣି ପିଇଦେ ଚାଲିଯିବ ବୋଲି କହିଥିଲେ। ଘରକୁ ଆସିବା ବାଟରେ ତୁଷାର ନିଃଶ୍ୱାସ ନେବାରେ ଅସୁବିଧା ଅନୁଭବ କରିଥିଲେ। ଅଜାଙ୍କୁ ସେ ଏହି ଘଟଣା କହିବାରୁ ତୁରନ୍ତ ତାଙ୍କୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ରେଫର କରି ଦିଆଯାଇଥିଲା। ବ୍ରହ୍ମପୁର ମେଡିକାଲରେ ଡାକ୍ତର ପରୀକ୍ଷା କରିବାରୁ ପିନ୍‌ଟି ଫୁସ୍‌ଫୁସ ପାଖରେ ଅଟକି ଥିବା ଜଣାପଡିଥିଲା। ସେଠାରୁ ତୁଷାରଙ୍କୁ କଟକ ଶିଶୁଭବନ ପଠାଇ ଦିଆଯାଇଥିଲା।



ଡାକ୍ତର ଅସ୍ତ୍ରୋପଚାର କରି ପିନ୍‌ଟି କାଢ଼ିଥିଲେ। ଚିକିତ୍ସାରେ ବିଳମ୍ବ ହୋଇଥିବାରୁ ତୁଷାର ପ୍ରଥମେ ପକ୍ଷାଘାତର ଶିକାର ହୋଇ କୋମାକୁ ଚାଲି ଯାଇଥିଲେ। ଡାକ୍ତରମାନଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଗତ ୨୬ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଅ ପିନ୍ ଖାଇ ଦେଲା ପରେ ଶିକ୍ଷକମାନଙ୍କୁ ଜଣାଇଥିଲା। ହେଲେ ଏହାକୁ କେହି ଗୁରୁତ୍ୱର ସହ ନେଇ ନ ଥିଲେ। ତେଣୁ ମୋ ପୁଅ ଚାଲିଗଲା। ସରକାର ଏ ଦିଗରେ କଡ଼ା ପଦକ୍ଷେପ ନେଇ ତୁରନ୍ତ ସେମାନଙ୍କୁ ବହିଷ୍କାର କରନ୍ତୁ ବୋଲି ତୁଷାରଙ୍କ ବାପା କାଳୀପ୍ରସାଦ କହିଛନ୍ତି।

# ପ୍ରତିଜବାବ ଦାଖଲ ପାଇଁ ସମୟ ନେଲା ଜିନ୍ଦଲ

## ରୋଇଡ଼ା-୧ ଲୁହାପଥର ଖଣି କାର୍ଯ୍ୟାଦେଶ ପ୍ରତ୍ୟାହାର ବିରୋଧରେ ମାମଲା

### ୧୦ରେ ପରବର୍ତ୍ତୀ ଶୁଣାଣି

କଟକ,୨୯।୧୦(କାର୍ତ୍ତିକ ସାହୁ)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ା-୧ ଲୁହାପଥର ଖଣିରେ ଜଙ୍ଗଲ ଆଇନର ଉଲ୍ଲଂଘନ ଅଭିଯୋଗରେ ବନ ବିଭାଗ ଦ୍ୱାରା ଏହାର କାର୍ଯ୍ୟାଦେଶ ପ୍ରତ୍ୟାହୃତ କରାଯିବା ଘଟଣାରେ ଜିନ୍ଦଲ ଷ୍ଟିଲ ଲିମିଟେଡ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ହାଇକୋର୍ଟ ବିଚାରପତି ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ମଙ୍ଗଳବାର ମାମଲାର ପ୍ରାଥମିକ ଶୁଣାଣି କରିଛନ୍ତି। ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଜରିଆରେ ଜବାବ ଦାଖଲ କରାଯାଇଥିବାବେଳେ ଆବେଦନକାରୀ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍(ଜେଏସ୍‌ପିଏଲ୍) ହାଇକୋର୍ଟରେ ପ୍ରତିଜବାବ ଦାଖଲ କରିବା ପାଇଁ କିଛି ସମୟ ଲୋଡ଼ିଛି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ନଭେମ୍ବର ୧୦ ତାରିଖ ଅପରାହ୍ନ ୨ଟାକୁ ଧାର୍ଯ୍ୟ ହୋଇଛି।

ସୂଚନା ଅନୁସାରେ, କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ା-୧ ଲୁହାପଥର ଖଣିରେ ଜଙ୍ଗଲ ଆଇନ ଉଲ୍ଲଂଘନ କରିଥିବା ଅଭିଯୋଗରେ ଜେଏସ୍‌ପିଏଲ୍ କମ୍ପାନୀର ଖଣି କାର୍ଯ୍ୟାଦେଶ ବନ ବିଭାଗ ପ୍ରତ୍ୟାହାର କରିଛି। ବନବିଭାଗ ଗତ ୨୨ ତାରିଖରେ ଏନେଇ ଏକ ମାମଲା ରୁଜୁ କରିବା ସହ ଜିନ୍ଦଲର ୨ଟି ଗାଡ଼ି ମଧ୍ୟ ଜବତ କରିଛି। ୨୦୨୫ ନିଲାମ ପ୍ରକ୍ରିୟାରେ ରୋଇଡ଼ା-୧ ଲୁହାପଥର ଖଣି ଜିନ୍ଦଲ କମ୍ପାନୀ ହାତକୁ ଯାଇଥିଲା। ପ୍ରକ୍ରିୟା ଅନୁଯାୟୀ ପୂର୍ବ ଲିଜ୍‌ଧାରୀଙ୍କ ଦ୍ୱାରା ଧାରଣ ସମସ୍ତ ଅଧିକାର ଏବଂ ବୈଧାନିକ ମଞ୍ଜୁରୀ ଅନୁଯାୟୀ କାର୍ଯ୍ୟ ଜାରି ରଖିବା ପାଇଁ ଜିନ୍ଦଲକୁ ଅନୁମିତ ମିଳିଥିଲା। ୨୦୨୫ ନିଲାମ ପ୍ରକ୍ରିୟା ପୂର୍ବରୁ ଏହି ଖଣି ବଡ଼ବିଲସ୍ଥିତ ମିଡ୍ ଇଷ୍ଟ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ଅଧୀନରେ ଥିଲା। ଏହି କମ୍ପାନୀ ମଧ୍ୟ ସେତେବେଳେ ବୈଧାନିକ ସରକାରୀ ଅନୁମୋଦନରେ କିଛି ସର୍ତ୍ତକୁ ଖିଲାପ କରିଥିଲା। ଏଥିସହ ଉକ୍ତ କମ୍ପାନୀ ସେତେବେଳେ ସିଦ୍ଧମଠ ଜଙ୍ଗଲ ଦେଇ ଯାଇଥିବା ଏକ ରାସ୍ତା ବ୍ୟବହାର କରୁଥିଲା। ଜିନ୍ଦଲ ନିଲାମରେ ଖଣି ପାଇବା ପରେ ସିଦ୍ଧମଠ ଜଙ୍ଗଲ ଦେଇ ଯାଇଥିବା ସେହି ରାସ୍ତାକୁ ବ୍ୟବହାର କରୁଛି। ଯଦିଓ ପୂର୍ବରୁ ଏହା ଅଣ ଜଙ୍ଗଲରେ ରୂପାନ୍ତରିତ ପାଇଁ ଡାଇଭର୍ସନ ପ୍ରସ୍ତାବ ଦାଖଲ କରାଯାଇଥିଲା। ଏଥିରେ ସର୍ତ୍ତାବଳୀ ପାଳନ ହୋଇ ନ ଥିବାରୁ ଜଙ୍ଗଲ ଅନୁମୋଦନ ମିଳି ନ ଥିଲା। କିନ୍ତୁ ଜିନ୍ଦଲ ରୋଇଡ଼ା ଜଙ୍ଗଲ ଜମି ଡାଇଭର୍ସନ ଲାଗି ପୂର୍ବ ଅନୁମୋଦନ ନ ନେଇ ଖଣିଜ ପରିବହନ ପାଇଁ ଉକ୍ତ ରାସ୍ତାକୁ ବ୍ୟବହାର କରି ଆସୁଥିଲା, ଯାହାକି ଆବଶ୍ୟକ ଅନୁମତି ବିନା ରାସ୍ତା ବ୍ୟବହାର ଜଙ୍ଗଲ ସଂରକ୍ଷଣ ଆଇନ ଏବଂ ଓଡ଼ିଶା ଜଙ୍ଗଲ ଆଇନର ସ୍ପଷ୍ଟ ଉଲ୍ଲଂଘନ ବୋଲି ବନ ବିଭାଗ ଦର୍ଶାଇଛି। ଏନେଇ ବନ ବିଭାଗ ପକ୍ଷରୁ ଜିନ୍ଦଲର ସ୍ଥାନୀୟ ଅଧିକାରୀଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି। ବନ ବିଭାଗର ଏଭଳି କାର୍ଯ୍ୟକୁ ନେଇ ଜେଏସ୍‌ପିଏଲ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି।

ଜେଏସ୍‌ପିଏଲ୍ ପକ୍ଷରୁ ଆଗତ ମାମଲାରେ ରାଜ୍ୟ ସରକାର, ଓଡ଼ିଶା ମାଇନ୍ସ ଆଣ୍ଡ ଜିଓଲୋଜିର ନିର୍ଦ୍ଦେଶକ, ରାଜ୍ୟ ଇସ୍ପାତ ଓ ଖଣି ବିଭାଗ, କେନ୍ଦୁଝର ଡିଏଫ୍‌ଓ, କେନ୍ଦୁଝର ଜିଲାପାଳ, ବଡ଼ବିଲ ରେଞ୍ଜ ଅଫିସରଙ୍କୁ ପକ୍ଷଭୁକ୍ତ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ନାୟକ ଓ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ ପରିଜା ମାମଲା ପରିଚାଳନା କରୁଛନ୍ତି।

# ଲୌହ ପଥର ଖଣିରେ ଖଣି ବିଭାଗର ଯାଞ୍ଚ


ଜିଭିପିଆର୍ ସଂସ୍ଥାର ଲୌହ ପଥର ଖଣି।

ଟେନ୍‌ସା, ୨୯।୧୦ (ସମୀର କୁମାର ପାଢୀ)

ସୁନ୍ଦରଗଡ଼ ଜିଲା କୋଇଡା ମାଇନିଂ ସେକ୍ଟର ଅନ୍ତର୍ଗତ ନୂଆଗାଁରେ ଥିବା ଜିଭିପିଆର୍ ସଂସ୍ଥାର ଲୌହ ପଥର ଖଣିରେ ବୁଧବାର ଖଣିବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି। କୋଇଡା ଖଣି ବିଭାଗର ୩ଜଣ ଅଧିକାରୀ ଖଣି ନିକଟରେ ପହଞ୍ଚି ଯାଞ୍ଚ କରିଥିଲେ। ପୂର୍ବାହ୍ନ ୧୧ଟାରେ ଖଣିରେ ପହଞ୍ଚି ଗଚ୍ଛିତ ରହିଥିବା ଲୌହ ପଥର ବା ଚାଟା (ଷ୍ଟାକ)ଗୁଡିକୁ ୧ଘଣ୍ଟା ପର୍ଯ୍ୟନ୍ତ ଯାଞ୍ଚ କରିବା ପରେ ଫେରି ଯାଇଥିଲେ। ଗତ କିଛି ଦିନ ତଳେ ଜିଭିପିଆର୍ ସଂସ୍ଥା ନୂଆଗାଁ ଲୌହ ଖଣିକୁ ଅକ୍ସନରେ ପାଇଥିଲା। ନିମ୍ନମାନର ଲୌହପଥର ପରିବହନ ଲାଗି ଅନୁମତି ପାଇ ଉଚ୍ଚମାନର ଲୌହ ଖଣିଜ ପଥର ପରିବହନ କରୁଥିବା ନେଇ ଖଣି ବିଭାଗରେ ଅଭିଯୋଗ ହେବା ପରେ ଯାଞ୍ଚ କରାଯାଇଥିଲା। ଏ ନେଇ କୋଇଡା ଖଣି ବିଭାଗର ଉପନିର୍ଦ୍ଦେଶକ ଅସୀତ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗ ପାଇବା ପରେ ୩ଜଣ ଅଫିସରଙ୍କୁ ଜିଭିପିଆର୍ ଖଣି ଖନନ କରୁଥିବା ସ୍ଥାନକୁ ଯାଞ୍ଚ ପାଇଁ ପଠାଇଥିଲୁ। ସେମିତି କିଛି ଅନିୟମିତତା ହୋଇନାହିଁ ବୋଲି ପ୍ରକାଶ କରିଥିଲେ।

# ରାଜ୍ୟ ସମବାୟ ବ୍ୟାଙ୍କକୁ ୨୦ହଜାର ଜରିମାନା

## ଅବସରପ୍ରାପ୍ତଙ୍କୁ ଗ୍ରାଚ୍ୟୁଇଟି ପ୍ରଦାନରେ ଚଞ୍ଚକତା

ଭୁବନେଶ୍ୱର,୨୯।୧୦ (ରବିନାରାୟଣ ଜେନା)

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ(ଓଏସ୍‌ସିବି) ଓ ତାହାର ଅଧିବକ୍ତାଙ୍କ ଆଚରଣକୁ ନେଇ ଓଡ଼ିଶା ହାଇକୋର୍ଟ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଣେ କର୍ମଚାରୀଙ୍କୁ ସରକାରୀ ପ୍ରାପ୍ୟ(ଗ୍ରାଚ୍ୟୁଇଟି) ପ୍ରଦାନରେ ଅହେତୁକ ବିଳମ୍ବ ଏବଂ କୋର୍ଟଙ୍କ ସମୟ ଅପଚୟକୁ ନେଇ ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ଓଏସ୍‌ସିବିକୁ ଭର୍ତ୍ସନା କରାଯାଇଛି। ଏହାସହିତ ୬ ସପ୍ତାହ ମଧ୍ୟରେ ୨୦ ହଜାର ଟଙ୍କାର ଜରିମାନା ରାଶିକୁ ସଂପୃକ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଗତ ମଙ୍ଗଳବାର ମାନଗୋବିନ୍ଦ ବାରିକ ନାମକ ଜଣେ କର୍ମଚାରୀଙ୍କ ମାମଲାର ଶୁଣାଣିକରି ବିଚାରପତି ସଞ୍ଜୟ କୁମାର ମିଶ୍ର ଏହି ରାୟ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ଜଣାଯାଇଛି ଯେ, ମାନଗୋବିନ୍ଦ ଅବସର ନେଲାପରେ ବି ତାଙ୍କ ଗ୍ରାଚ୍ୟୁଇଟି ରାଶି ଦୀର୍ଘଦିନ ଧରି ପ୍ରଦାନ କରାଯାଇ ନ ଥିଲା। ଏଥିପାଇଁ ତାଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଆଇନ ସହ ଲଢ଼ିବାକୁ ପଡ଼ିଥିଲା। ବିଚାରପତି ମାମଲାର ଶୁଣାଣିବେଳେ କହିଛନ୍ତି, ବ୍ୟାଙ୍କ ପକ୍ଷରୁ ଅଧିବକ୍ତା ଅଦାଲତ ସମ୍ମୁଖରେ ଭୁଲ୍ ବିବୃତି ଦେଇଥିଲେ ଓ ପୂର୍ବର ସମାନ ମାମଲାର ରାୟଗୁଡ଼ିକୁ ମଧ୍ୟ ଲୁଚାଇ ରଖିଥିଲେ। ହାଇକୋର୍ଟ ଏହାକୁ ପେସାଗତ ଅନୀତି ଭାବେ ବିବେଚନା କରିବା ସହିତ ଏପରି ଆଚରଣ ଅଧିବକ୍ତାଙ୍କ ସତ୍ୟନିଷ୍ଠା ଓ ଅଦାଲତର ଭରସାକୁ ହାନି କରେ ବୋଲି ଟିପ୍ପଣୀ ଦେଇଛନ୍ତି। ଅଦାଲତକୁ ଭ୍ରମିତ କରିବା କିମ୍ବା ତଥ୍ୟ ଲୁଚାଇ ରଖିବା ଗୁରୁତର ଅପରାଧ। ତେଣୁ ହାଇକୋର୍ଟ ରିଟ୍ ପିଟିଶନକୁ ଖାରଜ କରିବା ସହିତ ଓଏସ୍‌ସିବି ଉପରେ ୨୦,୦୦୦ ଟଙ୍କାର ଆର୍ଥିକ ଦଣ୍ଡ ପ୍ରଦାନ କରିଛନ୍ତି। ଏହି ଅର୍ଥକୁ ୬ ସପ୍ତାହ ମଧ୍ୟରେ ଅବସରପ୍ରାପ୍ତ ମାନଗୋବିନ୍ଦଙ୍କୁ ପ୍ରଦାନ କରିବାକୁ ବିଚାରପତି ଆଦେଶରେ ଦର୍ଶାଇଛନ୍ତି।

# ନିଶା ମାଙ୍କଡ଼ିଆଙ୍କ ଅନାହାର ମୃତ୍ୟୁ ଏକ କଳଙ୍କିତ ଅଧ୍ୟାୟ: କଂଗ୍ରେସ

ଭୁବନେଶ୍ୱର,୨୯।୧୦ (ରବିନାରାୟଣ ଜେନା)

ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳରେ ଘଟିଥିବା ନିଶା ମାଙ୍କଡ଼ିଆଙ୍କ ଅନାହାର ମୃତ୍ୟୁ ରାଜ୍ୟ ସରକାରଙ୍କ ପାଇଁ ଏକ କଳଙ୍କିତ ଅଧ୍ୟାୟ ବୋଲି କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି। ବୁଧବାର କଂଗ୍ରେସ ଭବନରେ ବିଧାୟକ ଦାସ ଖବରଦାତା ସମ୍ମିଳନୀରେ କହିଛନ୍ତି, ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଏକ ତଥ୍ୟ ଅନୁଧ୍ୟାନ କମିଟି ଉକ୍ତ ଅଞ୍ଚଳକୁ ଗସ୍ତ କରିଥିଲା। ଉକ୍ତ କମିଟିର ସଦସ୍ୟ ଭାବେ ମୁଁ ମଧ୍ୟ ଅନାହାର ମୃତ୍ୟୁ ସ୍ଥଳକୁ ଯାଇ ସମସ୍ତ ତଥ୍ୟ ଅନୁଧ୍ୟାନ କରିଥିଲୁ। ନିଶା ମାଙ୍କଡ଼ିଆକୁ ଚାଉଳ ମିଳୁ ନ ଥିଲା। ବାସୋପଯୋଗୀ ଘର ଖଣ୍ଡିଏ ନ ଥିବାରୁ ସେ ପଲିଥିନ ତଳେ ରହୁଥିଲେ। ସମ୍ପର୍କୀୟଙ୍କ କିଛି ଖାଦ୍ୟରେ ସେ ଜୀବନ ବିତାଉଥିଲେ। ରୋଗଗ୍ରସ୍ତ ହୋଇ ସେ ଅନାହାରରେ ମୃତ୍ୟୁବରଣ କରିଛନ୍ତି। ସେ ପୁଣି କହିଛନ୍ତି, କଂଗ୍ରେସ ସରକାର ଥିବା ବେଳେ ଅନାହାର ମୃତ୍ୟୁକୁ ରୋକିବା ପାଇଁ ଏମ୍‌ଜିଏନ୍‌ଆର୍‌ଜିଏସ୍ ଯୋଜନା ଆରମ୍ଭ ହୋଇଥିଲା ଏବଂ ଏହାର ସୁଫଳ ମଧ୍ୟ ମିଳିଥିଲା। କିନ୍ତୁ ଏବର ସରକାର ବିଭିନ୍ନ ଆଳ ଦେଖାଇ ଉକ୍ତ ଯୋଜନାକୁ ଯେତେ ଟଙ୍କା ଦେବା କଥା ଦେଉନାହାନ୍ତି।

ଦାସ କହିଛନ୍ତି ଯେ, ଆଦିବାସୀଙ୍କ କଲ୍ୟାଣ ନିମିତ୍ତ ଅନେକ ଯୋଜନା ଅଛି। ହେଲେ ହିତାଧିକାରୀଙ୍କ ପାଖରେ ତାହା ପହଞ୍ଚିପାରୁନାହିଁ କିମ୍ବା ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ। ପୂର୍ବରୁ ସୁକିନ୍ଦା ଅଞ୍ଚଳରେ ସୁଭଦ୍ରା ମାଙ୍କଡ଼ିଆ ନାମ୍ନୀ ଜଣେ ଆଦିବାସୀ ମହିଳାଙ୍କ ଅନାହାରରେ ମୃତ୍ୟୁ ଘଟିଥିବାବେଳେ ଏବେ ନିଶା ମାଙ୍କଡ଼ିଆଙ୍କ ମୃତ୍ୟୁ ସରକାରଙ୍କ ଅସଲ ମୁଖା ଖୋଲିଦେଇଛି। ଅନାହାରଜନିତ ମୃତ୍ୟୁକୁ ସରକାର ହାଲୁକା ଭାବେ ଗ୍ରହଣ ନ କରି ଆଦିବାସୀଙ୍କ ସୁବିଧା ସୁଯୋଗ ପ୍ରତି ଯତ୍ନବାନ୍ ହେବା ପାଇଁ ବିଧାୟକ ଦାସ ଦାବି କରିଛନ୍ତି। ଏହି ସମ୍ମିଳନୀରେ ପିସିସି ମୁଖପାତ୍ର ହିମାଂଶୁ ଲେଙ୍କା ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ବିଧାୟକ ଅଶୋକ ଦାସ ଓ ଅନ୍ୟ ନେତୃବୃନ୍ଦ।

# ଖୁବ୍‌ଶୀଘ୍ର କ୍ଷୟକ୍ଷତି ଆକଳନ ଓ ସହାୟତା ବଣ୍ଟନ: ରାଜସ୍ୱମନ୍ତ୍ରୀ

ଭୁବନେଶ୍ୱର,୨୯।୧୦ (ରବିନାରାୟଣ ଜେନା)

- ୩୩ ବ୍ଲକ୍, ୧୧ ସହରାଞ୍ଚଳ ପ୍ରଭାବିତ
- ବାତ୍ୟା ପରବର୍ତ୍ତୀ ସମୀକ୍ଷା ବୈଠକ

ବାତ୍ୟା ମୋନ୍ଥା ପ୍ରଭାବରେ ୩୩ଟି ବ୍ଲକ୍ ଓ ୧୧ଟି ସହରାଞ୍ଚଳ ପ୍ରଭାବିତ ହୋଇଛି। ୩୬୨ ସ୍ଥାନରେ ୧୮ ହଜାର ୭୬୨ ଜଣଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି। ଗୁରୁବାରଠାରୁ କ୍ଷୟକ୍ଷତି ଆକଳନ ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ବୁଧବାର ବାତ୍ୟା କ୍ଷୟକ୍ଷତି ସମୀକ୍ଷା ପରେ ମନ୍ତ୍ରୀ ପୂଜାରୀ ଗଣମାଧ୍ୟମକୁ କହିଛନ୍ତି, ବାତ୍ୟା ଯୋଗୁ କ୍ଷତି ହୋଇଥିବା ଶସ୍ୟର ଠିକ୍ ଭାବେ ଅଧିକାରୀ ଆକଳନ କରିବେ। ୭୨ ଘଣ୍ଟାରେ ରିପୋର୍ଟ ଦେବାକୁ କୁହାଯାଇଛି। ଅଧିକ ସରକାରୀ କର୍ମଚାରୀ ଆବଶ୍ୟକ ହେଲେ ଅନ୍ୟ ଜିଲାରୁ ଅଣାଯିବ। ବହୁ ସ୍ଥାନରେ ଘରର କାନ୍ଥ ଭାଙ୍ଗିଛି, ସେମାନଙ୍କୁ ପଲିଥିନ ଯୋଗାଇ ଦିଆଯାଇଛି। ଘର କ୍ଷତି ହୋଇଥିଲେ ଆକଳନ ପରେ କ୍ଷତିପୂରଣ ଦିଆଯିବ। ଆକଳନ ବେଳେ ଅଧିକାରୀମାନେ ବ୍ୟାଙ୍କଖାତା, ଆକାଉଣ୍ଟ ନମ୍ବର ସଂଗ୍ରହ କରିବାକୁ କୁହାଯାଇଛି। ଯାହାଫଳରେ ଅନ୍‌ଲାଇନ୍ ଜରିଆରେ ତୁରନ୍ତ କ୍ଷତିପୂରଣ ସହାୟତା ଦିଆଯାଇପାରିବ।

ମନ୍ତ୍ରୀ ଆହୁରି କହିଥିଲେ, ଆସନ୍ତା ୩୧ ତାରିଖ ଯାଏ ସତର୍କ ରହିବାକୁ ପଡ଼ିବ। ଗୁରୁବାର ମଧ୍ୟ କିଛି ସ୍ଥାନରେ ବର୍ଷାହେବାର ସମ୍ଭାବନା ରହିଛି। ଗଜପତିର ଗୋଷାଣୀ ବ୍ଲକ୍‌ରେ ସର୍ବାଧିକ ୧୫୦ ମିଲିମିଟର ବର୍ଷା ହୋଇଛି। ଅନ୍ୟ ୫୬ଟି ବ୍ଲକ୍‌ରେ ୫୦ରୁ ୧୦୦ ମି.ମି. ବର୍ଷା ହୋଇଛି। ବାତ୍ୟା ମୁକାବିଲା ନିମନ୍ତେ ୧୬୧ଟି ଟିମ୍ ନିୟୋଜିତ ହୋଇଥିଲା। ୨୧୬୪ଟି ବାତ୍ୟା ଆଶ୍ରୟସ୍ଥଳକୁ ୧୯ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଏଥିସହ ୨୧୮୯ ଗର୍ଭବତୀଙ୍କୁ ସ୍ଥାନାନ୍ତର କରାଯାଇଥିଲା। ନୀରବଚ୍ଛିନ୍ନ ବିଦ୍ୟୁତ୍ ସେବା ଆହ୍ୱାନ ଥିଲା। ଅଧିକାଂଶ ସ୍ଥାନରେ ଭାଙ୍ଗିପଡ଼ିଥିବା ଗଛ କଟାଯାଇ ରାସ୍ତା ସଫା କରାଯାଇଛି। ୨୯ ଅକ୍ଟୋବର ଆଜିର ଦିନରେ ୧୯୯୯ ମସିହାରେ ମହାବାତ୍ୟା ଆସିଥିଲା। ଆଇଏମ୍‌ଡିର ପୂର୍ବ ଆକଳନ ଅନୁଯାୟୀ ବାତ୍ୟା ମୋନ୍ଥା ୨୯ ତାରିଖରେ ହେବାର ଥିଲା। ସମ୍ଭାବ୍ୟ ବାତ୍ୟାରୁ ଓଡ଼ିଶା ରକ୍ଷା ପାଇଯାଇଛି। ବାତ୍ୟା ଦିଗ ପରିବର୍ତ୍ତନ କରି ଓଡ଼ିଶା ସୀମା ଛୁଇଁ ଝାଡ଼ଖଣ୍ଡ ଚାଲିଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ପୂଜାରୀ ପୁଣି କହିଛନ୍ତି, ରାଜ୍ୟ ସରକାର ବାତ୍ୟା ପୂର୍ବରୁ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷାକରି ପ୍ରାକ୍ ପ୍ରସ୍ତୁତି କରିଥିଲେ। ମୋନ୍ଥା ପରିଚାଳନା ପାଇଁ ୩୩ଟି ଓଡ୍ରାଫ୍ ଦଳ, ୫ଟି ଏନ୍‌ଡିଆର୍‌ଏଫ୍, ୧୩୩ଟି ଅଗ୍ନିଶମ ବାହିନୀକୁ ମିଶାଇ ମୋଟ ୧୬୧ଟି ଦଳ ନିୟୋଜିତ ହୋଇଥିଲେ। ୨୧୬୪ଟି ବାତ୍ୟା/ବନ୍ୟା ଆଶ୍ରୟସ୍ଥଳକୁ ଚିହ୍ନଟ କରାଯାଇ ୧୮,୭୩୨ ଜଣ ଲୋକଙ୍କୁ ନିରାପଦ ଭାବେ ସ୍ଥାନାନ୍ତର କରାଯାଇଥିବାବେଳେ ସେମାନଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ଏହାସହିତ ୨୧୯୮ ଜଣ ଆସନ୍ନ ପ୍ରସବାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ଓ ମା'ଗୃହକୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଥିଲା। ବାତ୍ୟା ପ୍ରଭାବ ଆଶଙ୍କା ଥିବା ଅଞ୍ଚଳରେ ୬୦ ଡାକ୍ତରୀଦଳକୁ ନିୟୋଜିତ କରାଯାଇଥିବାବେଳେ ପ୍ରାଣୀସମ୍ପଦର ସୁରକ୍ଷା ପାଇଁ ୩୫ଟି ପଶୁଚିକିତ୍ସା ଦଳ ନିୟୋଜିତ ହୋଇଥିଲେ।



ଖବରଦାତା ସମ୍ମିଳନୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ସଚିବ ଦେଓରଞ୍ଜନ କୁମାର ସିଂ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବାର୍ଷିକ ଗୋଷ୍ଠାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ବାଲିଅନ୍ତା ବ୍ଲକ ଭୁବନପୁର ଗ୍ରାମର ଶ୍ରୀ ଲକ୍ଷ୍ମୀ ନୃସିଂହ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ନବୀନ ବରଣ ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମା' ପଞ୍ଚବଟୀ ତାରିଣୀଙ୍କ ୨୩ ତମ ବାର୍ଷିକ ଜନ୍ମୋତ୍ସବ ପାଳନ ଉପଲକ୍ଷେ କଳସ ଯାତ୍ରା ଓ ଅଙ୍କୁରରୋପଣ, ସ୍ଥାନ: ବାଲିଅନ୍ତାସ୍ଥିତ ମା' ଙ୍କ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- ସଂସ୍କୃତିଚର୍ଚ୍ଚା ପକ୍ଷରୁ ୮୮ତମ ସଂସ୍କୃତିଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ସନ୍ଧ୍ୟା ୫ଟା ୩୦।
- ୨୮ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନର ପ୍ରସଙ୍ଗ ରାବଣ ବଧ ଓ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ, ସ୍ଥାନ: ବାଲିଅନ୍ତାସ୍ଥିତ ଶ୍ରୀନିକୁଞ୍ଜ ବିହାରୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## କଟକ
- ଏଆଇଡିଏସଓ ସର୍ବଭାରତୀୟ ସ୍ତରୀୟ ନେତୃବୃନ୍ଦଙ୍କ ଦ୍ୱାରା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଗୋପବନ୍ଧୁ ବାଗ, ବକ୍ସିବଜାର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଆଇଡିଏସଓ ସର୍ବଭାରତୀୟ ପରିଷଦ ପକ୍ଷରୁ ଛାତ୍ର ସମାବେଶ, ସ୍ଥାନ: କଳା ବିକାଶ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସାଇ ତ୍ରିନାଥ ନୀଳଚକ୍ର ଯୋଗ ସମିତି ଆନୁକୂଲ୍ୟରେ ବିଶ୍ୱଶାନ୍ତି ଗୀତା ଜ୍ଞାନଯଜ୍ଞ, ସ୍ଥାନ: ଶ୍ରୀଚୈତନ୍ୟ ମଠ, ରାୟ ରାମାନନ୍ଦ ଉଦ୍ୟାନ, ସମୟ: ଅପରାହ୍ନ ୫ଟା।

## ପୁରୀ
- ନିମାପଡ଼ା ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ, ସୁରଭି –୨୦୨୫, ସ୍ଥାନ: ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ମିନି ମାରାଥନ୍, ସ୍ଥାନ: ମଥାନୀ ବାଇପାସ୍, ବସ୍ତା, ସମୟ: ସକାଳ ୬ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ପ୍ରାଣୀ ଚିକିତ୍ସାଳୟ ପଡ଼ିଆ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଜଗଦ୍ଧାତ୍ରୀ ପୂଜା ଓ ଗ୍ରାମୀଣ ମେଳା, ସ୍ଥାନ: ସାତଗୋହଳିଆ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଷ୍ଟେଶନ କ୍ଲବ ସଭାଗୃହ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜଗଦ୍ଧାତ୍ରୀ ପୂଜୋତ୍ସବ ଓ ସ୍ଥାନୀୟ ମେଳା, ସ୍ଥାନ: ବାଗରୁଖୀ ହାଇସ୍କୁଲ ଖେଳ ପଡ଼ିଆ, ଭୋଗରାଇ, ସମୟ: ଅପରାହ୍ନ ୧ଟା।
- ବାର୍ଷିକ ଭାଗବତ କଥାମୃତ ପ୍ରବଚନ ସଭା ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ନୀଳବାଡି ଶୀତଳା ମଣ୍ଡପ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ଏକାଦଶ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିମୁଳିଆ ଫାଷ୍ଟ ଫୁଡ୍ ମାର୍କେଟ, ବାଲିଆପାଳ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ଚକ୍ଷୁ ଚିକିତ୍ସା ଶିବିର , ସ୍ଥାନ : ମରୈଗାଁ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ଟା
- ଭଜନ ମଣ୍ଡଳୀ ତରଫରୁ ଭଜନ ସମ୍ମିଳନୀ ଏବଂ ନାମ ସଂକୀର୍ତ୍ତନ : ହାଟଡିହୀ ତହସିଲ ସାମ୍ନା , ହାଟଡିହୀ, ସମୟ : ସନ୍ଧ୍ୟା ୬ଟା

## ମୟୂରଭଞ୍ଜ
- ଜଗଧାତ୍ରୀ ପୂଜା ଲାଗି ଘଟଉତ୍ତୋଳନ,ସ୍ଥାନ: ଭଞ୍ଜପୁର, ବାରିପଦା,ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର
- ଗୌରୀଆମ୍ମା ଯାତ୍ରାରେ ମଞ୍ଚସ୍ଥ ହେବ ନାଟକ, ସ୍ଥାନ: ଲାଞ୍ଜିପଲ୍ଲୀ ରେଡିକା ସାହି, ସମୟ: ରାତି ୮ଟା।

## କନ୍ଧମାଳ
- ବିଶ୍ୱ ସଞ୍ଚୟ ଦିବସ ପାଳନ, ସ୍ଥାନ: ଫୁଲବାଣୀ ବ୍ଲକ ସଭାଗୃହ, ସମୟ: ସକାଳ ୯ଟା ୩୦।

## ଗଜପତି
- ଆଇନ ଓ ପୂର୍ତ୍ତମନ୍ତ୍ରୀଙ୍କ ସମୀକ୍ଷା, ସ୍ଥାନ: ପାରଳାଖେମୁଣ୍ଡିସ୍ଥିତ ସର୍କିଟ ହାଉସ୍, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ
- ଗୋପାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ରନ୍ତଲେଇ ଶ୍ରୀଗୋପାଳ ଗୋଶାଳା, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର
- ପିସି ଓ ପିଏନ୍‌ଡିଟି ଉପରେ ଜିଲାସ୍ତରୀୟ ଉପଦେଷ୍ଟା ସମିତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷା ଉପରେ ମାସିକିଆ ଜିଲାସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କେନ୍ଦ୍ରାପଡ଼ା
- ଶ୍ରୀ ସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନ:ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡା ସହର, ସମୟ:ପ୍ରାତଃ ୫ଟା ।
- ସାଇବର ଅପରାଧ ସମ୍ପର୍କରେ ଜିଲା ପୋଲିସର ସଚେତନତା ରଥ ଉଦ୍‌ଘାଟନ, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୧ଟା ।

## ଯାଜପୁର
- ଧର୍ମଶାଳା ଗୋମାତା ସେବା ସଙ୍ଗଠନ ଜାରକା ଶାଖା ପକ୍ଷରୁ ଗୋମାତା ପୂଜା, ସ୍ଥାନ: ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ ସକାଳ: ୯ଟା।

## ନୟାଗଡ଼
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣର ଅଷ୍ଟମ ଦିବସରେ ସୂର୍ଯ୍ୟପୂଜା ଓ ନଗର କୀର୍ତ୍ତନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ପ୍ରାତଃ ୫ଟା ।
- ଜୀବନଜ୍ୟୋତି ପରିଷଦ ଦ୍ୱାରା ଗୋଷ୍ଠାଷ୍ଟମୀ ମହୋତ୍ସବ, ସ୍ଥାନ: ନୂଆଗାଁ ବ୍ଲକ ଜଗନ୍ନାଥପ୍ରସାଦ ଗୋଶାଳା, ସମୟ: ପ୍ରାତଃ ୫ଟାରୁ ପୂର୍ବାହ୍ନ ୧୦ଟା।
- ପଞ୍ଚଦଶ ଭାଗବତ ପାରାୟଣ, ସ୍ଥାନ: ନୟାଗଡ ବେଗୁନିଆପାଟଣା ଗୋପୀନାଥ ଜୀଉଙ୍କ ମନ୍ଦିର, ସମୟ: ସକାଳ ୭ଟା।
- ସପ୍ତାଙ୍ଗ କାର୍ଯ୍ୟକ୍ରମର ୨ୟ ଦିବସ, ସ୍ଥାନ, ଖଣ୍ଡପଡା ବ୍ଲକ ମୁଣ୍ଡିଆ ହନୁମାନ ପୀଠ, ମର୍ଦ୍ଦରାଜପୁର, ସମୟ: ସକାଳ ୮ଟା ।
- ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ, ମର୍ଦ୍ଦରାଜପୁର, ସମୟ:ସକାଳ ୯ଟା ।
- ଗୋଷ୍ଠାଷ୍ଟମୀ ପର୍ବ, ସ୍ଥାନ: କଣ୍ଟିଲୋ ରାଧାମୋହନ ଜୀଉ ମଠ, ସମୟ: ଅପରାହ୍ନ ୪ଟା ।
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣରେ କଥାଯଜ୍ଞର ଅଷ୍ଟମ ଦିବସରେ ପ୍ରବଚନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ସନ୍ଧ୍ୟା ୬ଟା ।

## ନବରଙ୍ଗପୁର
- ନୋଡାଲସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା, ସ୍ଥାନ: ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଘରୋଇ ହିଂସାରୁ ସୁରକ୍ଷା ସମ୍ପର୍କିତ ଜିଲାସ୍ତରୀୟ ତାଲିମ୍, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଗୋ ଅଷ୍ଟମୀ ପୂଜା, ସ୍ଥାନ: ଉମରକୋଟ ବ୍ଲକ ଏକମ୍ବା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ଆନ୍ତଜିଲା କ୍ରିକେଟ ଟୁର୍ନାମେଣ୍ଟ ନେଇ ବୈଠକ, ସ୍ଥାନ: କୋରାପୁଟ ବାର ଆସୋସିଏସନ ସଭାଗୃହ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ପରବ ପ୍ରସ୍ତୁତି ବୈଠକ, ସ୍ଥାନ: ଲକ୍ଷ୍ମୀପୁର ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଏକ ଭାରତ ଆତ୍ମନିର୍ଭରଶୀଳ ଭାରତ କାର୍ଯ୍ୟକ୍ରମ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ ଟା।

## ସମ୍ବଲପୁର
- ଜିଲା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : ବାମରା ବ୍ଲକ ଗୋବିନ୍ଦପୁର, ସମୟ : ପୂର୍ବାହ୍ନ ୧୧ଟା।
- ଜିଲା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : କବରିବାହାଲ ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା।
- ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱିତୀୟ ସମ୍ବଲପୁର ଅନ୍ତର୍ଜାତୀୟ ଟ୍ରେଡ ଫେୟାର, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୨ଟା ୩୦ରୁ ରାତି ୧୦ଟା।
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ପ୍ରବଚନ, ସ୍ଥାନ : କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ : ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା।
- ସମ୍ବଲପୁର ରେଳ ମଣ୍ଡଳ ଆୟୋଜନରେ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ରେଳବାଇ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।
- ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ଲିଟିଲ ମିସ, ମାଷ୍ଟର, ମିସ ଟିନ ଓ ମାଷ୍ଟର ଟିନ–୨୫ର ପ୍ରସ୍ତୁତି ବୈଠକ, ସ୍ଥାନ: ଜଗନ୍ନାଥ କଲୋନୀସ୍ଥିତ କାର୍ଯ୍ୟାଳୟ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ଲୋଇସିଂହା ବ୍ଲକ କଳାକାର ସଂଘ ସମାବେଶ, ସ୍ଥାନ: କଲ୍ୟାଣ ମଣ୍ଡପ,ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- କାହାଣୀ ଲିଖନ ପ୍ରତିଯୋଗିତା, ସ୍ଥାନ: ସେକ୍ଟର–୧୪ ଡିପିଏସ୍ ସ୍କୁଲ, ସମୟ: ସକାଳ ୮ଟା।
- ନୃତ୍ୟ ଅନୁରାଗ ପକ୍ଷରୁ ନାଟ୍ୟ କର୍ମଶାଳା, ସ୍ଥାନ: ସେକ୍ଟର–୨୦ ଏକତା କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- ମା' ଇନ୍ଦିରା ମହିଳା ସମିତି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ହୋଟେଲ ସୋଲେସ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଶ୍ରୀ ଶ୍ରୀ ସୁରଭି ଯଜ୍ଞ ଓ ଗୋପାଷ୍ଟମୀ ମହୋତ୍ସବ,ସ୍ଥାନ: ଆନନ୍ଦକୁଞ୍ଜ ଆଶ୍ରମ, ଭୁନ୍ଦୁବାହାଲ, ଗାଇସିଲେଟ,ସମୟ: ସକାଳ ୯ଟା।
- ପୁରାତନ ଛାତ୍ରୀଛାତ୍ରଙ୍କ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ,ସମୟ:ସନ୍ଧ୍ୟା ୬ଟା।
- ନାଟକ ଜୀବନ ତାକର୍, ସ୍ୱାଧୀନତା ଆମର୍ (ମାଧୋ ସିଂ) ମଞ୍ଚସ୍ଥ,ସ୍ଥାନ:ସମଲେଶ୍ୱରୀ ମଣ୍ଡପ, ତଳିପଡ଼ା, ବରଗଡ଼,ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ସାଇବର ଅପରାଧ ଉପରେ କର୍ମଶାଳା, ସ୍ଥାନ:ଭବାନୀପାଟଣା ସ୍ଥିତ ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୧ଟା।
- ମା' ମାଣିକେଶ୍ୱରୀଙ୍କ ବିଶ୍ୱ ବିଦ୍ୟାଳୟରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ସ୍ଥିତ ମା' ମାଣିକେଶ୍ୱରୀଙ୍କ ବିଶ୍ୱ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର, ସ୍ଥାନ: ଟାଉନ ହଲ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦୁର୍ନୀତି ନିବାରଣ ସପ୍ତାହ ପାଳନ, ସ୍ଥାନ: ରୁଣ୍ଡିମହୁଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, କଣ୍ଟାମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ଶିଶୁ ଉତ୍ସବ ମହକ–୨୦୨୫, ସ୍ଥାନ: ଦେବଗଡ଼ସ୍ଥିତ ସେଣ୍ଟର୍ ଫର୍ କଲଚର୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟେ ଷଷ୍ଠ ଦିବସ, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦକ୍ଷତା ବିକାଶ ତାଲିମ ଶିବିର, ସ୍ଥାନ: ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ସନ୍ତୁଳନ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଅଲେଖ ମହିମା ଅଷ୍ଟପ୍ରହର ଭଜନ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ବିନିକା ମହିମା ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଦିବସ ଅବସରରେ ଏକତା ପାଇଁ ଗଣଦୌଡ, ସ୍ଥାନ: ସୁବର୍ଣ୍ଣପୁର ରୟାଲ ପଡିଆରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୬ଟା ୩୦।
- ବଜରଙ୍ଗ ଦଳ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଶିଶୁ ଓ ପ୍ରସୂତି ମା' ବିଭାଗ ପରିସର, ସମୟ: ସକାଳ ୯ଟା୩୦।
- ତରଭା ବ୍ଲକ ପୁଆର ପ୍ରସିଦ୍ଧ କଳାସୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ପୁଆ ବନ୍ଧ ନିକଟସ୍ଥ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ହଠାତ୍ ସକାଳୁ ସକାଳୁ ବିଗିଡ଼ିଯାଇଥିବା ସ୍ୱାସ୍ଥ୍ୟ ଓ ପୂର୍ବ ଶତ୍ରୁତା ସମ୍ପର୍କରେ ଚିନ୍ତା କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବାରେ କୌଣସି ଅସୁବିଧା ହେବ ନାହିଁ। ଅଭାବ ଦୂରେଇବା କ୍ଷେତ୍ରରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ଭ୍ରାତୃ ସମ୍ପର୍କ, ବନ୍ଧୁପ୍ରୀତି, ଅର୍ଥପ୍ରାପ୍ତି , ଯାତ୍ରା ଓ ଆଲୋଚନା ବାଧାପ୍ରାପ୍ତ ହେବ।

**ବୃଷ** ଅନ୍ୟମାନଙ୍କୁ ମନେଇ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ଚେଷ୍ଟା କରିବେ। କିନ୍ତୁ କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ କଥା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହେବାର ଆଶା ରହିଛି। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ପଡ଼ିପାରେ।

**ମିଥୁନ** ଆଜି ଯେମିତି ଯାହା ଆଶା କରୁଛନ୍ତି ସେହିପରି ପାଇବାରେ ଅସୁବିଧା ରହିବ ନାହିଁ। ଦୀର୍ଘଦିନରୁ ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା, ଯାତ୍ରା ପାଇଁ ଦିନଟି ଭଲ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହ କିମ୍ବା ମନାନ୍ତର ଘଟିପାରେ। ଟିକିଏ ଟିକିଏ କଥାରେ ବିରକ୍ତ ହେଲେ ପାରିବାରିକ ସମସ୍ୟା ବଢ଼ିଯାଇପାରେ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇବାର ଆଶା ରହିଛି।

**ସିଂହ** ପୂର୍ବର କଳହକୁ ନେଇ ଆତ୍ମୀୟ ଓ ପଡ଼ୋଶୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। ବିଭିନ୍ନ ପ୍ରତିବନ୍ଧକଜନିତ ବିଳମ୍ବରେ କାମ ସମ୍ପନ୍ନ ହେବାରୁ ମନସ୍ତାପ କରିପାରନ୍ତି। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରିବ। ଆଶା କରୁଥିବା ଦିଗରୁ କିଛି ପାଇବା ପଛରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷ ସାହାଯ୍ୟ ରହିବ।

**କନ୍ୟା** ଦିନଟି ବହୁତ ଭଲ ମାତ୍ର କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିବ। ସାମାଜିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ ଓ ସାହାଯ୍ୟ ସହଯୋଗ ପାଇପାରନ୍ତି। ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ ପଛରେ ସମାଲୋଚନା କରିପାରନ୍ତି।

**ତୁଳା** କେତେକ କଥାରେ ମନ ଚାହୁଁ ନ ଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ଚଳିବାକୁ ପଡ଼ିବ। ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ଅତ୍ୟଧିକ ପରିଶ୍ରମଜନିତ ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଗବେଷଣାରୁ ପ୍ରଶଂସିତ ହେବାର ଆଶା ରହିଛି।

**ବିଛା** କର୍ମକ୍ଷେତ୍ରରେ ମିତ୍ର ବନ୍ଧୁମାନଙ୍କ ଦ୍ୱାରା ଅର୍ଥ ଓ ସମ୍ମାନ ଲାଭ କରିବେ। ଅଟକି ରହିଥିବା କାମରେ ଅଳ୍ପ ସମୟ ଅପେକ୍ଷା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସକାଳୁ ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ହୋଇଯିବ।

**ଧନୁ** ଆଜିର ପ୍ରତ୍ୟୁଷ ଯାତ୍ରାରେ ବନ୍ଧୁମିଳନ ସାଙ୍ଗକୁ ମୂଲ୍ୟବାନ ଦ୍ରବ୍ୟ ପ୍ରାପ୍ତିର ସମ୍ଭାବନା ରହିଛି। ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କ ସହ ମିଶି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଦ୍ୱାରା ସୁଫଳ ମିଳିବ। ଅତିରିକ୍ତ ଭ୍ରମଣ ହେତୁ କ୍ଲାନ୍ତି ଅନୁଭବ କରିପାରନ୍ତି। ଭାବପ୍ରବଣତାର ବଶବର୍ତ୍ତୀ ହୋଇ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରନ୍ତି।

**ମକର** ଆଜିର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଦ୍ୱାରା ଗୁରୁତ୍ୱପୂର୍ଣ୍ଣ କାମ ହାସଲ କରିବେ। ବାଣିଜ୍ୟ କ୍ଷେତ୍ରରେ ଯୁକ୍ତିତର୍କ କାରଣରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଅନ୍ୟମାନଙ୍କ ସହଯୋଗ ଅଭାବରୁ କର୍ମକ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇ ପାରେ।

**କୁମ୍ଭ** ପରିବାରରେ ଅଭାବ ଅସୁବିଧା ଅସ୍ଥିରତାର ମୁଖ୍ୟ କାରଣ ହୋଇପାରେ। ପଡ଼ୋଶୀଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ ସେମାନଙ୍କ ଭୁଲ୍ ଧାରଣକୁ ବଦଳାଇ ପାରିବେ ନାହିଁ। ପାରିବାରିକ, ବ୍ୟବସାୟିକ, ସାମାଜିକ, ନୂଆ ଯୋଜନାରୁ ଖୁସି ରହିବେ। ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି ।

**ମୀନ** ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବା କ୍ଷେତ୍ରରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ବାଣିଜ୍ୟ, ପରିବହନ, ନିର୍ମାଣ ଓ ସଭାସମିତିରେ ସଫଳତା ହାସଲ କରିବେ। ପରୋକ୍ଷ ଶତ୍ରୁତା ବିଚଳିତ କରିପାରେ ତଥାପି ଅନ୍ୟର ସେବା କରି ଖୁସି ରହିବେ।

ଆଜି ଅକ୍ଟୋବର ୩୦ ତାରିଖ, ବିଶ୍ୱ ମିତବ୍ୟୟିତା ଦିବସ, ଜଗମୋହନ ଭୋଗ, ଭାଗବତ ସପ୍ତାହ ଆରମ୍ଭ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, କାର୍ତ୍ତିକ ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ ଗୁରୁବାର, ରାଶିନକ୍ଷତ୍ର–ଶ୍ରବଣା/ମକର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫।୨୫ ଗତେ ଘ.୦୭।୧୧ ମଧ୍ୟେ, ଘ.୦୬।୦୦ ଗତେ ଘ.୦୯।୨୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨।୫୫ ଗତେ ଘ.୦୨।୨୦ ମଧ୍ୟେ ରାହୁ କାଳ।

# ବନ୍ଧୁକ ସହ ୭୨ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୨୯।୧୦(ଦୁର୍ଯ୍ୟୋଧନ ପାତ୍ର)** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦୁଇଟି ସ୍ଥାନରେ ବୁଧବାର ୭୨ ଜଣ ମାଓବାଦୀ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ର ବିଜାପୁର ଜିଲା ପୋଲିସ ନିକଟରେ ଦକ୍ଷିଣ ବସ୍ତର ଡିଭିଜନର ୫୧ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୯ଜଣ ମହିଳା ଓ ୪୨ ଜଣ ପୁରୁଷ ମାଓବାଦୀ ରହିଛନ୍ତି। ସେହିପରି କାଙ୍କେର ଜିଲା ପୋଲିସ ନିକଟରେ ମଧ ୨୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ତେବେ ଏହି ସମସ୍ତ ମାଓବାଦୀ ଜଙ୍ଗଲ ଛାଡି ସହରମୁହାଁ ହେଉଥିବା ବେଳେ ସମସ୍ତେ ବନ୍ଧୁକ ସହ ଆତ୍ମସମର୍ପଣକରି ଅସ୍ତ୍ର ତ୍ୟାଗ କରିଥିବା କହିଛନ୍ତି। ମାଓବାଦୀ ସଂଗଠନ ଦିନକୁ ଦିନ ଭୁଶୁଡିବାରେ ଲାଗିଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ବିଜାପୁର ପୋଲିସ ନିକଟରେ ମୋଟ ୪୬୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ୧୩୮ ଜଣ ମାଓବାଦୀ ପୋଲିସ ଗୁଳିରେ ନିହତ ହୋଇଛନ୍ତି। ସେହିପରି ୪୮୫ ଜଣ ମାଓବାଦୀଙ୍କୁ ପୋଲିସ ଗିରଫ କରିଥିବା ବିଜାପୁର ଏସ୍‌ପି. ସୂଚନା ଦେଇଛନ୍ତି।


ବିଜାପୁର ଜିଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଓଷକା କଡ଼ି**
**ମନେ ପଡୁଥିବ ଘଡ଼ିକି ଘଡ଼ି।**

ସମବୟସ୍କା ଦୁଇ ତରୁଣୀ ପରସ୍ପର ମଧ୍ୟରେ ମିତ୍ରତା ଗଢ଼ିବାକୁ ଯାଇ ଓଷକା ବସିଥାନ୍ତି। ଏହା ସଙ୍ଗାତ, ସହୀ ଓ ମିତର ଅନ୍ୟରୂପ ହୋଇଥାଏ। ଏହି ଭାବରେ ଦୁହେଁ ପରସ୍ପରକୁ ସ୍ମରଣ କରିଥାନ୍ତି। ଦୁଇ ବାନ୍ଧବୀଙ୍କ ମଧ୍ୟରେ ବନ୍ଧୁତାକୁ ବାନ୍ଧି ରଖିବା ନେଇ ଦୃଢ଼ ପ୍ରତିଶ୍ରୁତି ଦିଆଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଧ ଖାଇଗଲା ପାଣି କଖାରୁ,**
**ଗେଧ ଖାଇଗଲା ପାନ**
**ଭୁଆଁ ଖାଇଗଲା କୋଡ଼ି କୋଦାଳ,**
**କାଉ ନେଇଗଲା କାନ।**

ଅବିଶ୍ୱସନୀୟ ଘଟଣା ବେଳେବେଳେ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ। ସତର୍କତାରେ ଯିଏ ଯାହା ମାରିନିଏ, ଅସତର୍କ ରହିଲେ ନିଜର କିଛି ହରାଇବାକୁ ପଡ଼େ, ଯାହାକି ଜୀବଜନ୍ତୁଙ୍କ ଛଳରେ ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:


ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ନେତା ଏପଟସେପଟ,...

ପୂର୍ବତନ ମନ୍ତ୍ରୀ ତଥା ବରଗଡ ଜିଲା ଅତାବିରା ଅଞ୍ଚଳର ନାରୀ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ନେଇ ମଧ ଭୋଟର ଦ୍ୱନ୍ଦ୍ୱରେ ରହିଛନ୍ତି। ସ୍ନେହାଙ୍ଗିନୀ ଅତାବିରା ଅଞ୍ଚଳରେ ଲୋକପ୍ରିୟ ନେତ୍ରୀ ହୋଇଥିଲେ ମଧ ନୂଆପଡା ନିର୍ବାଚନମଣ୍ଡଳୀରେ ତାଙ୍କର ସେପରି ଲୋକପ୍ରିୟତା ନାହିଁ। ତାଙ୍କୁ ବାହାର ଜିଲାର ପ୍ରାର୍ଥୀ ବୋଲି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀମାନେ ଟାର୍ଗେଟ କରୁଥିବାରୁ ନିର୍ବାଚନ ପ୍ରଚାରବେଳେ ବିଜେଡି ନେତା ଓ କର୍ମୀମାନେ ଅଡୁଆର ସମ୍ମୁଖୀନ ହେଉଛନ୍ତି। ଲୋକେ ଶଙ୍ଖଚିହ୍ନକୁ ଆଦର କରୁଥିଲେ ମଧ ଦଳୀୟ ପ୍ରାର୍ଥୀ ବଦଳକୁ ନେଇ ଅଡୁଆ ଦେଖାଦେଇଛି। ବିଶେଷକରି ଗ୍ରାମୀଣ ଅଞ୍ଚଳରେ ବିଜେଡିର ଚିହ୍ନ ଠିକ୍ ଥିଲେ ମଧ ପ୍ରାର୍ଥୀତ୍ୱକୁ ନେଇ ଅଡୁଆ ବଢ଼ିଛି। ବୁଧବାର ସ୍ନେହାଙ୍ଗିନୀ ନିର୍ବାଚନ ମଣ୍ଡଳୀର ସୁନାବେଡା ଅଞ୍ଚଳରେ ଗାଁକୁ ଗାଁ ଯାଇ ଭୋଟ ପ୍ରଚାର କରିଥିଲେ। କିଛି ଗାଁରେ ଭୋଟରମାନେ ଯେଉଁଭଳି ଶଙ୍ଖଚିହ୍ନକୁ ନେଇ ଆଗ୍ରହ ଦେଖାଇଥିଲେ ପ୍ରାର୍ଥୀଙ୍କୁ ଦେଖିବା ପରେ ନକାରାତ୍ମକ ମନ୍ତବ୍ୟ ଦେଉଥିବା ଶୁଣିବାକୁ ମିଳିଛି।

ଅନ୍ୟପଟେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଘାସିରାମ ମାଝି ୨୦୨୪ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ 'ଫୁଟ୍‌ବଲ ଖେଳାଳି' ଚିହ୍ନରେ ନିର୍ବାଚନ ଲଢ଼ି ୫୦ ହଜାରରୁ ଉର୍ଦ୍ଧ୍ୱ ଭୋଟ ପାଇଥିଲେ। ସେତେବେଳେ ଘାସିରାମଙ୍କ ସମର୍ଥକମାନେ କଂଗ୍ରେସର ଟିକେଟ ବଣ୍ଟନ ନୀତିକୁ ଜୋରଦାର ସମାଲୋଚନା କରି ତାଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ପରାମର୍ଶ ଦେଇଥିଲେ। ଘାସିରାମ ମଧ ସମର୍ଥକଙ୍କ କଥା ମାନି ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ଶକ୍ତି ପ୍ରଦର୍ଶନ କରିଥିଲେ। ତେବେ ଗତ ନିର୍ବାଚନର ପ୍ରାୟ ୧୭ ମାସ ପରେ ଏବେ ଘାସିରାମ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ଚିହ୍ନ ବି ବଦଳି ଯାଇ ହାତଚିହ୍ନ ହୋଇଯାଇଛି। ତାଙ୍କର ସବୁଠୁ ବେଶୀ ସମର୍ଥକ ଆଦିବାସୀ ସମ୍ପ୍ରଦାୟର ରହିଛନ୍ତି ବୋଲି କୁହାଯାଉଛି। ସେ ଏବେ କଂଗ୍ରେସ ପ୍ରାର୍ଥୀ ହୋଇଥିବାରୁ ଭୋଟର ଏବଂ ତାଙ୍କ ସମର୍ଥକମାନେ ଏହାକୁ କିପରି ଗ୍ରହଣ କରିବେ ତାହା ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି। ନୂଆପଡା ନିର୍ବାଚନ ମଣ୍ଡଳୀର ଭୋଟରମାନେ ତିନି ପ୍ରମୁଖ ଦଳର ପ୍ରାର୍ଥୀ ଏପଟସେପଟକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ସେମାନଙ୍କ ଦଳୀୟ ନିର୍ବାଚନ ଚିହ୍ନ ମଧ ଅଡୁଆ ବଢ଼ାଇଛି। ଅନେକଙ୍କ ନିର୍ବାଚନୀ ପ୍ରଚାର ସଭାରେ ଏହି ଆଭାସ ମିଳିଲାଣି। ଚଳିତ ଉପନିର୍ବାଚନରେ ନେତାମାନେ ନିଜ ସ୍ୱାର୍ଥ ପାଇଁ ଏପଟସେପଟ ହୋଇଥିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରାର୍ଥୀମାନଙ୍କ ଏପଟସେପଟ ହେବା ଏବଂ ସେମାନଙ୍କ ଦଳୀୟ ଚିହ୍ନ ବଦଳିଯିବା ଏଠାକାର ଭୋଟରମାନଙ୍କୁ ଯେ ଅଡୁଆରେ ପକାଇବ ଏହା ଜଳ ଜଳ ଦେଖାଗଲାଣି।

## କମ୍ପାନୀ ମିଥ୍ୟାରେ ...

ପ୍ରଦାନ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି ଯେ, ଡିଙ୍କିଆ, ନୂଆଗାଁ, ଗଡ଼କୁଞ୍ଜାଙ୍ଗ, ବାଲିତୁଠ, ବାମଦେଇପୁର, ଛତୁଆ ପଞ୍ଚାୟତରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲି. ବେଆଇନ ନିର୍ମାଣ କାର୍ଯ୍ୟ କରୁଛି। ସେଠାରେ ଦଶନ୍ଧି ଦଶନ୍ଧି ଧରି ଚାଷ ଉପରେ ନିର୍ଭର କରୁଥିବା ଏହିସବୁ ଗ୍ରାମବାସୀଙ୍କ କ୍ଷେତ ଉଜୁଡ଼ିଯାଇଛି। ଜୀବନଜୀବିକା ଦୁର୍ବିସହ ହୋଇପଡୁଛି। କମ୍ପାନୀ ପକ୍ଷରୁ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳି ନ ଥିବାବେଳେ ଥଇଥାନ ନୀତି ପାଳନ ହୋଇନାହିଁ। ଯେଉଁମାନେ କମ୍ପାନୀର ଏଭଳି ବେଆଇନ କାର୍ଯ୍ୟକୁ ଶାନ୍ତିପୂର୍ଣ୍ଣ ଭାବେ ବିରୋଧ କରୁଛନ୍ତି, ସେମାନଙ୍କ ନାଁରେ ମିଥ୍ୟା ମାମଲା ରୁଜୁ କରାଯିବା ସହ ଅପରାଧୀ ସଜାଇ ଦିଆଯାଉଛି, ଯଦ୍ୱାରା ଲୋକଙ୍କ ମୌଳିକ ଅଧିକାର ୧୯(୧)(ଏ) ଏବଂ ୧୯(୧)(ବି) କ୍ଷୁଣ୍ଣ ହେଉଛି।

ପିନାକୀ ପୁଣି ଅଭିଯୋଗରେ ଦର୍ଶାଇଛନ୍ତି, କମ୍ପାନୀ ସରକାରଙ୍କୁ କହିଛି ଯେ ଗୋଟିଏ ବି ଗଛ ସେ ଅଞ୍ଚଳରୁ କଟାଯାଇନାହିଁ। କିନ୍ତୁ ବାସ୍ତବରେ ଉକ୍ତ ଅଞ୍ଚଳରୁ ୧୦ ଲକ୍ଷ ଗଛ କଟାଯାଇଛି। ଏଥିପାଇଁ ବନ୍ୟପ୍ରାଣୀମାନେ ବାସଚ୍ୟୁତ୍ ହୋଇପଡ଼ିଛନ୍ତି, ଯାହା ବନ୍ୟପ୍ରାଣୀ ସୁରକ୍ଷା ଆଇନ–୧୯୭୨ର ଖୋଲାଖୋଲି ଉଲ୍ଲଂଘନ। ଏହାବାଦ୍ କମ୍ପାନୀ କର୍ତ୍ତୃପକ୍ଷ କିଭଳି ବିଭିନ୍ନ ପ୍ରକାର ମିଥ୍ୟା ତଥ୍ୟ ସରକାରଙ୍କୁ ଦେଇ ନିର୍ମାଣ କାର୍ଯ୍ୟ କରୁଛି ସେ ସମ୍ପର୍କରେ ପିନାକୀ ଟିକିନିଖି ଦର୍ଶାଇଛନ୍ତି।

## ବେଆଇନ ଉତ୍ତୋଳନ ...

ବୋଲି କହିଥିଲେ। ସତ୍ୟାଗ୍ରହରେ ପୂର୍ବତନ ସରପଞ୍ଚ ଗୋପାଳ ସେଠୀ, ସତ୍ୟବ୍ରତ ଜେନା, ଆଲୋକ ବେହେରା, ବିଜୟ ସାହୁ, ସୁଲି ଜେନା, ଅହଲ୍ୟା ସାହୁ, ରିତାଞ୍ଜଳି ସାହୁ, କ୍ଷୀରୋଦ ସାହୁ, ନୀଳମଣି ଜେନା, ନରହରି ଜେନାଙ୍କ ସମେତ ୩ଶହରୁ ଅଧିକ ସତ୍ୟଗ୍ରହୀ ସାମିଲ ହୋଇଥିଲେ। ଉପଜିଲାପାଳ ନୀଳମାଧବ ସୁନା ସତ୍ୟାଗ୍ରହୀଙ୍କ ସହ ଆଲୋଚନା କରିଥିଲେ ମଧ ନିଷ୍କର୍ଷ ବାହାରିପାରିନାହିଁ।

## ଓଡ଼ିଶା ସରକାରଙ୍କ ...

ନିର୍ଦ୍ଦେଶ ଦେବା ସହ ଅନେକ ରାୟ ପ୍ରକାଶ କରିଛନ୍ତି। ତେବେ ଖଣି ଖନନକାରୀ ସଂସ୍ଥାଗୁଡ଼ିକ ଟାଳଟୁଳ ନୀତି ଆପଣାଇଥିବା ସମ୍ପର୍କରେ ରାଜ୍ୟ ସରକାର ନିକଟରେ ଏନେଇ ଦାଖଲ କରିଥିବା ଷ୍ଟାଟସ୍ ରିପୋର୍ଟରୁ ପ୍ରଘଟ ହୋଇଛି। ୨୦୧୭ ଡିସେମ୍ବର ୩୧ ସୁଦ୍ଧା ୨,୭୪୫ କୋଟି ଟଙ୍କାର ବକେୟା (ସୁଧକୁ ବାଦ୍ ଦେଇ) ପଇଠ ହୋଇଯିବା ଉଚିତ ଥିଲା। ସୁଧକୁ ମିଶାଇଲେ ଏହା ପ୍ରାୟ ଦୁଇଗୁଣା ହୋଇଯିବ ବୋଲି ପ୍ରଶାନ୍ତ ଭୂଷଣ କହିଥିଲେ। ଅନ୍ୟପକ୍ଷେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଓ ଅନ୍ୟମାନଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଆଡଭୋକେଟ ଜେନେରାଲ ଖଣ୍ଡପୀଠଙ୍କୁ ସମୟ ମାଗିଛନ୍ତି। ଯାହା ଆଇନଗତ ପଦକ୍ଷେପ ନିଆଯିବା ଆବଶ୍ୟକ, ସେସବୁ ନିଆଯିବ ବୋଲି ଏଜି କହିଛନ୍ତି। ତେବେ ଖିଲାପକାରୀଙ୍କଠାରୁ ବକେୟା ଆଦାୟ ନେଇ ବ୍ୟକ୍ତିଗତ ଭାବେ ଏଜି ଉପଯୁକ୍ତ ପଦକ୍ଷେପ ନେବେ ବୋଲି କହିଥିବା ଖଣ୍ଡପୀଠ ପ୍ରକାଶ କରିଛନ୍ତି। ଓଡ଼ିଶା ସରକାର ଖିଲାପକାରୀ ଲିଜ୍‌ଧାରୀଙ୍କଠାରୁ ବକେୟା ଆଦାୟ ନେଇ ଯେଉଁ ପଦ୍ଧତି ଆପଣାଇଛନ୍ତି ତାକୁ ନେଇ ଆମେ ଅସନ୍ତୁଷ୍ଟ ବୋଲି ଖଣ୍ଡପୀଠ କହିଛନ୍ତି। ଏହା ଉପରେ ଡିସେମ୍ବର ୧ ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ପାଇଁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ସମୟ ଦେଇଛନ୍ତି। ଏହି ପ୍ରସଙ୍ଗରେ ୮ ସପ୍ତାହ ପରେ ଅର୍ଥାତ୍ ଡିସେମ୍ବର ୩ରେ ପରବର୍ତ୍ତୀ ଶୁଣାଣି କରାଯିବ।

# ମହିଳା ମତଦାତାଙ୍କ ଉପରେ ୩ ଦଳର ନଜର

## ନୂଆପଡ଼ା ଉପନିର୍ବାଚନ

### ପୁରୁଷଙ୍କଠୁ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ

ନୂଆପଡ଼ା,୨୯।୧୦ (ପୀତାମ୍ବର ସାହୁ)

ନୂଆପଡ଼ା ଉପନିର୍ବାଚନ ପାଖେଇ ଆସୁଥିବାବେଳେ ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ପ୍ରଚାରକୁ ଜୋରଦାର କରିଦେଲେଣି। ଏବେ ଏଠାରେ ମନ୍ତ୍ରୀ, ବିଧାୟକ, ଏମ୍‌ପି ଓ ବିଭିନ୍ନ ଦଳର ହେଭିୱେଟ ନେତା ଡେରା ପକାଇ ପ୍ରଚାରରେ ଲାଗି ପଡିଛନ୍ତି। ଚଳିତ ଉପନିର୍ବାଚନରେ ୩୫୮ଟି ବୁଥ୍‌ରେ ସମୁଦାୟ ୨ଲକ୍ଷ ୫୩ ହଜାର ୬୪୪ ଜଣ ମତଦାତା ମତ ସାବ୍ୟସ୍ତ କରିବେ। ସେଥିମଧ୍ୟରୁ ୧ଲକ୍ଷ ୨୪ ହଜାର ୧୦୮ ଜଣ ପୁରୁଷ, ୧ଲକ୍ଷ ୨୯ ହଜାର ୪୯୫ ଜଣ ମହିଳା ଓ ୨୧ ଜଣ ତୃତୀୟଲିଙ୍ଗୀ ମତଦାତା ଅଛନ୍ତି। ନୂଆପଡ଼ା ଏନ୍‌ଏସିରେ ୧୩ ହଜାର ୮୨୮ ଜଣ ମତଦାତାଙ୍କ ମଧ୍ୟରୁ ୬ ହଜାର ୭୦୩ ଜଣ ପୁରୁଷ ଓ ୭ ହଜାର ୧୨୪ ଜଣ ମହିଳା ଭୋଟର ଅଛନ୍ତି। ଏଠାରେ ଜଣେ ତୃତୀୟଲିଙ୍ଗୀ ମତଦାତା ଅଛନ୍ତି। ସେହିପରି ଖରିଆର ରୋଡ ଏନ୍‌ଏସିରେ ୭ ହଜାର ୩୮୩ ଜଣ ପୁରୁଷ, ୮ ହଜାର ୩ ଜଣ ମହିଳା ଓ ଜଣେ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ନୂଆପଡ଼ା ବ୍ଲକରେ ୩୧ ପଞ୍ଚାୟତ ଓ ୩ ଜିଲା ପରିଷଦ ଜୋନ ରହିଥିବା ବେଳେ ୫୩ ହଜାର ୫୧୮ ଜଣ ପୁରୁଷ, ୫୫ ହଜାର ୩୮ ଜଣ ମହିଳା ଓ ୧୩ ଜଣ ତୃତୀୟ ଲିଙ୍ଗୀ ମତଦାତା ରହିଛନ୍ତି। ସେହିପରି କୋମନା ବ୍ଲକରେ ୩୨ ଗ୍ରାମ ପଞ୍ଚାୟତ, ୩ ଜିଲା ପରିଷଦ ଜୋନ ରହିଥିବା ବେଳେ ୫୬ ହଜାର ୫୦୪ ଜଣ ପୁରୁଷ, ୫୮ ହଜାର ୯୮୦ ଜଣ ମହିଳା ଓ ୬ ଜଣ ତୃତୀୟ ଲିଙ୍ଗୀ ମତଦାତା ରହିଛନ୍ତି। ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବ୍ଲକ ଓ ଏନ୍‌ଏସି ସବୁଠି ମହିଳା ଭୋଟରଙ୍କ ସଂଖ୍ୟା ପୁରୁଷ ଭୋଟରଙ୍କଠୁ ଅଧିକ ଅଛନ୍ତି। ତେଣୁ ଚଳିତ ଉପନିର୍ବାଚନରେ ମହିଳା ଭୋଟର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଆକଳନ କରାଯାଉଛି। ମହିଳା ଭୋଟରଙ୍କୁ ଆକୃଷ୍ଟ କରି ନିଜ ସପକ୍ଷକୁ ଆଣିବା ପାଇଁ ତିନି ପ୍ରମୁଖ ଦଳ ଜୋରଦାର ପ୍ରୟାସ କରୁଛନ୍ତି। ତିନିପ୍ରମୁଖ ଦଳ ପକ୍ଷରୁ ଭିନ୍ନ ଭିନ୍ନ ସ୍ଥାନରେ ମହିଳା ସମାବେଶ କରାଯାଉଛି। ଭାଜପା ସୁଭଦ୍ରା ଯୋଜନା ଉପରେ ଫୋକସ କରୁଥିବା ବେଳେ ବିଜେଡ଼ି ସରକାରରେ ଥିବା ସମୟରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ମିଶନ ଶକ୍ତି ଗଠନ କରି ମହିଳାଙ୍କୁ ଆତ୍ମ ନିର୍ଭରଶୀଳ କରିଥିବା କହି ପ୍ରଚାର କରୁଛି। ଏହା ସହିତ ବିଜେଡି ମହିଳା ଭୋଟରଙ୍କୁ ହାତେଇବା ପାଇଁ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ କରି ମହିଳା କାର୍ଡ ଖେଳିଛି। ସେହିପରି କଂଗ୍ରେସ ମହିଳାଙ୍କୁ ସବୁବେଳେ ଗୁରୁତ୍ୱ ଦେଇ ଆସୁଥିବା କହି ପ୍ରଚାର ଚଳାଇଛି।

# ମାଲବାହୀ ଟ୍ରେନ୍‌ର ୧୦ ବଗି ଲାଇନଚ୍ୟୁତ

## ରାଉରକେଲା-ରାଞ୍ଚି ରୁଟ୍‌ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ

ରାଉରକେଲା,୨୯।୧୦ (ସଙ୍ଗୀତା ଜେନା)



ବୁଧବାର ସକାଳେ ରାଉରକେଲା-ରାଞ୍ଚି ମୁଖ୍ୟ ରେଳ ଲାଇନ୍‌ରେ ଏକ ମାଲବାହୀ ଟ୍ରେନ୍‌ର ବଗିଗୁଡିକ ଲାଇନ୍‌ଚ୍ୟୁତ ହୋଇଛି।

ରାଉରକେଲା-ରାଞ୍ଚି ମୁଖ୍ୟ ରେଳ ଲାଇନରେ ବୁଧବାର ସକାଳେ ଏକ ମାଲବାହୀ ଟ୍ରେନ୍‌ର ପ୍ରାୟ ୧୦ଟି ବଗି ଲାଇନଚ୍ୟୁତ ହୋଇଛି। ଫଳରେ ଉକ୍ତ ମାର୍ଗରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏକାଧିକ ଟ୍ରେନ ବାତିଲ ଯୋଗୁ ରାଉରକେଲା ଷ୍ଟେଶନରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅପରପକ୍ଷେ ହାଟିଆ ଓ ବନ୍ଧମୁଣ୍ଡା ରେଲୱେ ରିଲିଫ୍ ଏବଂ ଉଦ୍ଧାରକାରୀ ଦଳକୁ ତୁରନ୍ତ ଘଟଣାସ୍ଥଳକୁ ପଠାଯାଇଛି। ଏହି ଦୁର୍ଘଟଣାରେ ସେଭଳି ବଡ଼ଧରଣର କ୍ଷୟକ୍ଷତି ହୋଇ ନ ଥିବାବେଳେ ରେଲୱେ ପକ୍ଷରୁ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନ ୧୦ଟାରେ ବନ୍ଧମୁଣ୍ଡାରୁ ହାଟିଆ ଯାଉଥିବା ଏକ ବିଏସ୍‌ସିଏସ୍ ମାଲବାହୀ ଟ୍ରେନ୍‌ର ୧୦ଟି ବଗି ବାନୋ ଓ କନରୱା ଷ୍ଟେଶନ ମଧ୍ୟରେ ଲାଇନଚ୍ୟୁତ ହୋଇଥିଲା। ଦୁର୍ଘଟଣା ଏତେ ଅଧିକ ଥିଲା ଯେ, ଏଥିରେ ୨ଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଓଭରହେଡ୍ ତାର କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ଅପ୍ ଓ ଡାଉନ୍ ଲାଇନ୍‌ରେ ରେଳସେବା ବ୍ୟାହତ ହୋଇଥିଲା। ସୂଚନା ପାଇ ରେଲୱେ ସୁରକ୍ଷା ବାହିନୀ, ବାନୋ ପୋଲିସ ଷ୍ଟେଶନ ଅଧିକାରୀ ଏବଂ ରେଳ ବୈଷୟିକ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣା ସମୟରେ ପୁରୀ-ହାଟିଆ ତପସ୍ୱିନୀ ଏକ୍ସପ୍ରେସକୁ ଟାଟି ରେଳ ଷ୍ଟେଶନରେ ଅଟକାଯାଇ ରୁଟ୍ ପରିବର୍ତ୍ତନ କରାଯାଇଥିଲା। ସେହିପରି ଅନ୍ୟ ଏକାଧିକ ଟ୍ରେନର ରୁଟ୍ ପରିବର୍ତ୍ତନ କରାଯାଇଛି। ଚକ୍ରଧରପୁର ରେଳ ଡିଭିଜନରେ ଅନେକ ଟ୍ରେନକୁ ବାତିଲ ମଧ୍ୟ କରାଯାଇଛି। ହାଟିଆରୁ ପୁରୀ ଯାଉଥିବା ତପସ୍ୱିନୀ ଏକ୍ସପ୍ରେସ (ଉଭୟ ଅପ୍ ଆଣ୍ଡ ଡାଉନ୍) ବୁଧବାର ପାଇଁ ବାତିଲ କରାଯାଇଛି। ସମ୍ବଲପୁରା-ଗୋରଖପୁର ଦେଇ ମୁରି ଅଭିମୁଖେ ଟ୍ରେନ୍‌ର ରୁଟ୍ ପରିବର୍ତ୍ତନ କରାଯାଇଛି। ବିଶାଖାପାଟଣା-ବନାରସ ଏବଂ ବନାରସ-ବିଶାଖାପାଟଣା ରୁଟ୍‌ରେ ଟ୍ରେନଗୁଡ଼ିକୁ ମଧ୍ୟ ଅପରାହ୍ନ ସାଢ଼େ ୩ଟାରେ ମୁରି ଓ ଚକ୍ରଧରପୁର ଷ୍ଟେଶନ ଦେଇ ଛଡାଯାଇଛି। ଯଥାଶୀଘ୍ର ଅପ୍ ଏବଂ ଡାଉନ ଲାଇନ୍‌ରେ ରେଳ ଚଳାଚଳ ସ୍ୱାଭାବିକ କରାଯିବ। ସେହିପରି କ୍ଷତିଗ୍ରସ୍ତ ଟ୍ରାକ୍‌ଗୁଡ଼ିକର ଯାଞ୍ଚ କରାଯାଉଛି ଏବଂ ଶୀଘ୍ର ଯାତାୟାତ ପୁନଃ ସ୍ଥାପିତ କରିବା ପାଇଁ ପ୍ରୟାସ କରାଯାଉଛି ବୋଲି ରେଲୱେ ସୂତ୍ରରୁ ସୂଚନା ମିଳିଛି।

# କଂଗ୍ରେସ କାର୍ଯ୍ୟାଳୟରେ ପଶିଲା ପୋଲିସ



ଦଳୀୟ କର୍ମୀ ଓ ପୋଲିସ କଥା କଟାକଟି ହେଉଛନ୍ତି।

ନୂଆପଡ଼ା,୨୯।୧୦ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନକୁ ନେଇ ସ୍ଥାନୀୟ ଖୁଣ୍ଟିଆ ଭବନରେ କଂଗ୍ରେସ ପକ୍ଷରୁ କାର୍ଯ୍ୟାଳୟ ଖୋଲାଯାଇଛି। ବୁଧବାର ପୂର୍ବାହ୍ନରେ ଏହି କାର୍ଯ୍ୟାଳୟରେ ଦଳ ପକ୍ଷରୁ ଖବରଦାତା ସମ୍ମିଳନୀ ଚାଲିଥିଲା। ଏହି ସମୟରେ କଂଗ୍ରେସ ପକ୍ଷରୁ ଟଙ୍କା ବଣ୍ଟାଯାଉଛି ବୋଲି ଖବର ପାଇ ପୋଲିସ କାର୍ଯ୍ୟାଳୟ ଭିତରକୁ ପଶିଥିଲା। ସେ ସମୟରେ କଂଗ୍ରେସ ମୁଖପାତ୍ର ଓ ଅନ୍ୟ କର୍ମକର୍ତ୍ତା ପୋଲିସକୁ ପ୍ରଶ୍ନ କରିଥିଲେ। ଏଠାରେ ଖବରଦାତା ସମ୍ମିଳନୀ ଚାଲିଛି, ଆପଣ କାହିଁକି ଆସିଲେ ବୋଲି ପଚାରିଥିଲେ। ପୋଲିସ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ଟଙ୍କା ବଣ୍ଟାଯାଉଛି ବୋଲି ଅଭିଯୋଗ ପାଇ ତଦନ୍ତରେ ଆସିଥିଲୁ ବୋଲି କହିଥିଲା। ଏହାକୁ ନେଇ କାର୍ଯ୍ୟାଳୟ ବାହାରେ ପୋଲିସ ଓ ଦଳୀୟ କର୍ମୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ପୋଲିସ କାର୍ଯ୍ୟାଳୟ ଛାଡି ଚାଲିଯାଇଥିଲା।

# ଡ. ପବିତ୍ର ସାମଲ ଆଇନ ବିଭାଗ ସଚିବ ନିଯୁକ୍ତ

ଭୁବନେଶ୍ୱର,୨୯।୧୦ (ରବିନାରାୟଣ ଜେନା)

ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ମଙ୍ଗଳବାର ରାଜ୍ୟ ଆଇନ ବିଭାଗ ସଚିବଙ୍କ ସହ ଅନ୍ୟ ଅଧିକାରୀଙ୍କ ବଦଳି ନିର୍ଦ୍ଦେଶନାମା ଜାରି ହୋଇଛି। ହାଇକୋର୍ଟଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ଡ. ପବିତ୍ର ମୋହନ ସାମଲଙ୍କୁ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଅଶାନ୍ତ କୁମାର ଦାସଙ୍କୁ ଗଞ୍ଜାମର ବ୍ରହ୍ମପୁରସ୍ଥିତ ଜିଲା ସେସନ୍ସ ଜଜ୍ ଭାବେ ନିଯୁକ୍ତ କରାଯାଇଥିବାବେଳେ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ଜଗତ୍‌ସିଂହପୁର ଜିଲା ସେସନ୍ସ ଜଜ୍ ଭାବେ ଅବସ୍ଥାପିତ କରାଯାଇଛି।

# ନନ୍ଦନକାନନରେ ଆଖିବୁଜିଲା ୪ ମାସର କୁଟୁରା

ବାରଙ୍ଗ,୨୯।୧୦(ଲିଙ୍ଗରାଜ ରାଉତ)

ପ୍ରାଣୀଉଦ୍ୟାନ ନନ୍ଦନକାନନରେ ୪ ମାସର ମାଈ କୁଟୁରାର ବୁଧବାର ମୃତ୍ୟୁ ଘଟିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଏହାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପ୍ରାଣୀଉଦ୍ୟାନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ନନ୍ଦନକାନନର କୁଟୁରା ଖୁଆଡ଼ରେ ରହୁଥିବା ଏହି ମାଈ କୁଟୁରାଟି କିଛିଦିନ ହେବ ଅସୁସ୍ଥ ହୋଇପଡ଼ିଥିଲା। ଖୁଆଡରେ ନିୟୋଜିତ ଥିବା କର୍ମଚାରୀ ଏହା ଦେଖି କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଖବରପାଇ କର୍ତ୍ତୃପକ୍ଷ ମଙ୍ଗଳବାର କୁଟୁରାକୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ଆଣିଥିଲେ। କୁଟୁରାଟିର ପେଟ ତଳ ନାଭି ପାଖରେ କ୍ଷତ ହୋଇଥିବା ଜାଣିବାକୁ ପାଇଥିଲେ। ପରେ ଡାକ୍ତର ତାର ସ୍ୱାସ୍ଥ୍ୟାବସ୍ଥା ଦେଖି ଇଞ୍ଜେକସନ ଓ ସାଲାଇନ ଲଗାଇଥିଲେ। ବୁଧବାର ସକାଳେ ଡାକ୍ତରଖାନା ଖୋଲିବା ପରେ କୁଟୁରାଟି ମରିପଡ଼ିଥିବା ଜଣାପଡିଥିଲା। ସେହିପରି ଆଉ ଗୋଟିଏ ସାରସ ପକ୍ଷୀ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି। ତେବେ ଅସୁସ୍ଥ ସାରସ ପକ୍ଷୀ ସୁସ୍ଥ ହୋଇ ଖୁଆଡକୁ ଫେରିବ ନା କୁଟୁରା ପରି ଆଖିବୁଜିବ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପକ୍ଷୀକୁ ଚିକିତ୍ସକ ଚିକିତ୍ସା ଜାରି ରଖିଥିବା ଜଣାପଡିଛି।

# ମହୁମାଛି ଆକ୍ରମଣରେ ଜଣେ ମୃତ, ୨ ଗୁରୁତର



ମହୁମାଛି ଆକ୍ରମଣରେ ଗୁରୁତର ମାର୍କଣ୍ଡ ଓ ରାଜା।

ଚମ୍ପୁଆ,୨୯।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ବୁଧବାର ମହୁମାଛି ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଛି। ଏଥିସହ ୨ ଗୁରୁତର ହୋଇଛନ୍ତି। ମୃତକ ହେଲେ ରାମଚନ୍ଦ୍ରପୁର ଗ୍ରାମର ମଝିସାହିର ନିରାଶ ମୁଣ୍ଡା (୭୦)। ଗୁରୁତ୍ୱର ଦ୍ୱୟ ମାର୍କଣ୍ଡ ମୁଣ୍ଡା (୫୦), ରାଜା ମୁଣ୍ଡା(୧୪)। ଉଭୟଙ୍କୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁସାରେ, ନିରାଶ, ମାର୍କଣ୍ଡ, ରାଜାଙ୍କ ସମେତ ଗ୍ରମାର ଫୁଲମତି ମୁଣ୍ଡା ଓ ଅନ୍ୟ ଜଣେ ମହିଳା ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ। ଛେଳି ଚରାଇବା ସମୟରେ ବଣୁଆ ମହୁମାଛି ପ୍ରଥମେ ରାଜାଙ୍କୁ ଆକ୍ରମଣ କରିଥିଲେ। ପରେ ମାର୍କଣ୍ଡ ମୁଣ୍ଡାଙ୍କୁ ଆକ୍ରମଣ କରିବାରୁ ସମସ୍ତେ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଦୌଡ଼ି ପଳାଇବା ସମୟରେ ନିରାଶ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ସେଠାରେ ଉପସ୍ଥିତ ଲୋକେ ତୁରନ୍ତ ୩ ଜଣଙ୍କୁ ଚମ୍ପୁଆ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ନିରାଶଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ ରାଜା ଓ ମାର୍କଣ୍ଡଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି।

# ୬୦ ସ୍ଥାନରେ ଗଛ କାଟି ସଫା କଲା ଅଗ୍ନିଶମ ଟିମ୍





## ବାତ୍ୟା 'ମୋନ୍ଥା' ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ଜାରି

ଭୁବନେଶ୍ୱର,୨୯।୧୦ (ସତ୍ୟଜିତ ରାଉତ)

ବାତ୍ୟା 'ମୋନ୍ଥା' ଦ୍ୱାରା ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲା ଅଧିକ ପ୍ରଭାବିତ ହୋଇଛି। ସେସବୁ ଜିଲାରେ ଅଗ୍ନିଶମ ସେବା ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ତେବେ ଏଯାଏ ଅଗ୍ନିଶମ ବାହିନୀ ମୋଟ ୬୦ ସ୍ଥାନରେ ଗଛ କାଟି ରାସ୍ତା ସଫା କରିଥିବାବେଳେ ଅନ୍ୟାନ୍ୟ ଉଦ୍ଧାର କାର୍ଯ୍ୟ କରାଯାଉଥିବା ବୁଧବାର ସୂଚନା ଦିଆଯାଇଛି। ଗଜପତି ଜିଲାର ଗୁମ୍ମା ବ୍ଲକ ଅନ୍ତର୍ଗତ ରୁଙ୍ଗୁରୁଙ୍ଗୁବାଠାରେ ଏକ ଗଛ ଉପୁଡ଼ିପଡ଼ିବାରୁ ଜଣେ ବ୍ୟକ୍ତିଙ୍କ ଗୁହାଳ କ୍ଷତିଗ୍ରସ୍ତ ହୋଇଥିଲା। ସେଥିରେ ଥିବା ଦୁଇଟି ଗାଇ ଗୁରୁତର ଆହତ ହୋଇଥିଲେ। ଗୁମ୍ମା ଅଗ୍ନିଶମ କେନ୍ଦ୍ରର ଏକ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତ ଗାଇକୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନାନ୍ତର କରିଥିଲେ। ଅନ୍ୟ ଏକ ଘଟଣାରେ ଗଜପତି ଜିଲା ମୁନିସିଂ ହାଇସ୍କୁଲ ନିକଟରେ ଏକ ବିରାଟ ଗଛ ଉପୁଡ଼ି ପଡ଼ିବାରୁ ରାସ୍ତା ଅବରୋଧ ହୋଇଥିଲା। ଗୁମ୍ମା ଅଗ୍ନିଶମ ଟିମ୍ ଗଛ କାଟି ରାସ୍ତା ସଫା କରିବାରୁ ଯାତାୟାତ ସ୍ୱାଭାବିକ ହୋଇଥିଲା। ସେପଟେ କୋରାପୁଟ ଜିଲା ନନ୍ଦପୁର ଅଗ୍ନିଶମ ଟିମ୍ ଭଣ୍ଡାରୀସାହିସ୍ଥିତ ଏକ ଘର ଛାତ ଉପରେ ପଡ଼ିଥିବା ବଡ଼ ଗଛକୁ ସଫା କରିବାରୁ ବଡ଼ ଦୁର୍ଘଟଣାରୁ ପରିବାର ବର୍ତ୍ତି ଯାଇଥିବା ସୂଚନା ଦିଆଯାଇଛି। ଗଜପତି ଜିଲାରେ ସର୍ବାଧିକ ୧୬ ସ୍ଥାନ ଓ ଗଞ୍ଜାମ ଜିଲାର ୯ଟି ଅଞ୍ଚଳରେ ଗଛ କଟାଯାଇ ରାସ୍ତା ସଫା କରାଯାଇଛି। ସେହିପରି କୋରାପୁଟ ଜିଲାରେ ୧୪ଟି ଘଟଣାରେ ଉଦ୍ଧାର କାର୍ଯ୍ୟ କରାଯାଇଛି। ରାୟଗଡା ଜିଲାରେ ୭ଟି ସ୍ଥାନ, କନ୍ଧମାଳରେ ୩ , ମାଲକାନଗିରିରେ ୨, ବଲାଙ୍ଗୀରରେ ୨ଟି ସ୍ଥାନରେ ଗଛ ହଟାଯାଇଛି। ସେହିପରି ମୟୂରଭଞ୍ଜର କପ୍ତିପଦାର ପେଡ଼ାଗଡ଼ି, କଟକ ଏବଂ କେନ୍ଦୁଝରର ଚମ୍ପୁଆ ନୋଡାଲ୍ ଗାର୍ଲ୍ସ ହାଇସ୍କୁଲ୍ ଅଞ୍ଚଳରେ ପଡ଼ିଥିବା ଗଛ ହଟାଯାଇଛି। ଅନ୍ୟପକ୍ଷରେ ଗଞ୍ଜାମ ଜିଲାରେ ୪ଟି ଏବଂ ପୁରୀ ଜିଲାରେ ୪ଟି ସ୍ଥାନରେ ଜଳ ନିଷ୍କାସନ କରାଯାଇଛି। ଗଜପତି ଜିଲା ରାମଗିରି ଓ ଗର୍ଭାରେ ୨ଟି ଭୂସ୍ଖଳନ ଘଟଣା ଏବଂ କୋରାପୁଟ ଜିଲାର ବରିପୁର ଘାଟିରେ ଗୋଟିଏ ଭୂସ୍ଖଳନ ଘଟଣାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏନେଇ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ଭୁବନେଶ୍ୱରରେ ୨୪ ଘଣ୍ଟିଆ ରାଜ୍ୟ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି। ଆମେ ବିପର୍ଯ୍ୟୟ ପରର ସ୍ଥିତିକୁ ପୂର୍ବବସ୍ଥାକୁ ଫେରିଆଣିବାକୁ ଚେଷ୍ଟା କରୁଛୁ ବୋଲି ଡିଜି କହିଛନ୍ତି।

# ସ୍କୁଟି ଡିକି ଭାଙ୍ଗି ୧୦ ଲକ୍ଷ ଲୁଟ୍

ମଙ୍ଗୁଳି-ଜଗତପୁର, ୨୯।୧୦ (ମାନସ ସାମଲ)

କଟକ ଜିଲା ଟାଙ୍ଗୀ ଅଞ୍ଚଳରେ ଦିନ ଦିପ୍ରହରରେ ୪ଜଣ ଦୁର୍ବୃତ୍ତ ସ୍କୁଟି ଡିକି ଭାଙ୍ଗି ୧୦ ଲକ୍ଷ ଟଙ୍କା ଲୁଟ କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ବୁଧବାର ଅପରାହ୍ନରେ ଟାଙ୍ଗୀ ଥାନା ଅଧୀନ ନପଙ୍ଗ ପଞ୍ଚାୟତ କୋରକୋର ଗ୍ରାମର ରବୀନ୍ଦ୍ର ତ୍ରିପାଠୀ ଟାଙ୍ଗୀସ୍ଥିତ ଡ୍ରିମ୍‌ସ ଛକ ନିକଟସ୍ଥ ଏକ ବ୍ୟାଙ୍କରୁ ୧୦ଲକ୍ଷ ଟଙ୍କା ଉଠାଇ ସ୍କୁଟି ଡିକିରେ ରଖିଥିଲେ। ପରେ ସେ ଆସି ଘର ସମ୍ମୁଖରେ ସ୍କୁଟିକୁ ଛିଡା କରିଥିଲେ। ଏହି ସମୟରେ ରବୀନ୍ଦ୍ରଙ୍କ ମୋବାଇଲକୁ ଏକ ଫୋନ କଲ ଆସିଥିଲା। ରବୀନ୍ଦ୍ର ମୋବାଇଲରେ କଥାହୋଇ ଅନ୍ୟ ମନସ୍କରେ ଡିକିରୁ ଟଙ୍କା ବାହାର ନ କରି ଘର ଭିତରକୁ ଚାଲି ଯାଇଥିଲେ। ହଠାତ୍ ଦୁଇଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚିଥିଲେ। ସ୍କୁଟି ଡିକି ଭାଙ୍ଗି ଟଙ୍କା ନେଇ ବାଇକ୍‌ରେ ଫେରାର ହୋଇଯାଇଥିଲେ। ରବୀନ୍ଦ୍ର ତୁରନ୍ତ ଏ ସମ୍ପର୍କରେ ଟାଙ୍ଗୀ ଥାନାକୁ ଖବର ଦେବା ପରେ ଟାଙ୍ଗୀ ଥାନା ଅଧିକାରୀମାନେ ବ୍ୟାଙ୍କର ଲାଗିଥିବା ସିସିଟିଭି ଯାଞ୍ଚ କରୁଛି।

# ୧୨ ମାମଲାର ଶୁଣାଣି କଲେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା

ଅନୁଗୋଳ,୨୯।୧୦(ମାନସ ବିଶ୍ୱାଳ)

ଅନୁଗୋଳ ସର୍କିଟ ହାଉସ ସମ୍ମିଳନୀ କକ୍ଷଠାରେ ବୁଧବାର ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି କ୍ୟାମ୍ପ କୋର୍ଟରେ ୩୧ଟି ମାମଲାରେ ପକ୍ଷମାନଙ୍କୁ ଉପସ୍ଥିତ ହେବା ନିମନ୍ତେ ନୋଟିସ ଜାରି କରାଯାଇଥିଲା। ସେଥିରୁ ୧୨ଟି ମାମଲାର ଶୁଣାଣି କରାଯାଇଥିଲା। ୨ଟି ମାମଲାର ଆପୋଷ ସମାଧାନ କରାଯାଇଥିଲା। ଗୋଟିଏ ମାମଲାକୁ ତଦନ୍ତ ନିମନ୍ତେ ଢେଙ୍କାନାଳ ଏସ୍‌ପିଙ୍କ ନିକଟକୁ, ୪ ମାମଲାକୁ ଅନୁଗୋଳ ଓ ଢେଙ୍କାନାଳର ଜିଲା ସୁରକ୍ଷା ଅଧିକାରୀଙ୍କ ନିକଟକୁ, ୨ଟି ମାମଲା ଜିଲା ଆଇନ ସେବା ପ୍ରାଧିକରଣ ନିକଟକୁ ପଠାଯାଇଥିବା ବେଳେ ୩ଟି ମାମଲାରେ ପୁନଃ ନୋଟିସ କରାଯିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ଗୋଟିଏ ମାମଲାର





କ୍ୟାମ୍ପ କୋର୍ଟରେ ମହିଳା କମିଶନ ଅଧ୍ୟକ୍ଷା ମାମଲାର ଶୁଣାଣି କରୁଛନ୍ତି।

ତଦନ୍ତ ନିମନ୍ତେ କାମାକ୍ଷାନଗରକୁ ପଠାଯିବାକୁ ସ୍ଥିର କରାଯାଇଥିଲା। ଏହି ଅବସରରେ ୨ଟି ନୂତନ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଉକ୍ତ କ୍ୟାମ୍ପ କୋର୍ଟରେ ପ୍ରିୟଦର୍ଶନୀ ଆଚାର୍ଯ୍ୟ, ବନ୍ଦନା ମହାନ୍ତି, ଅରବିନ୍ଦ ପଟ୍ଟନାୟକ, ଦିବାକର ବିଶ୍ୱାଳ, ଚିତ୍ତରଞ୍ଜନ ସାହୁ, ରାମଚନ୍ଦ୍ର ବେହେରା ଉପସ୍ଥିତ ରହି ସହାୟତା କରିଥିଲେ। ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ମାୟାଧର ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଜିଲା ସୁରକ୍ଷା ଅଧିକାରୀ ଦୌପଦୀ ମାରାଣ୍ଡି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଜିତ ଧଳ ଉପସ୍ଥିତ ରହି ସହାୟତା କରିଥିଲେ। କମିଶନ ଅଧ୍ୟକ୍ଷା ସର୍କିଟ ହାଉସଠାରେ ପହଞ୍ଚିବା ପରେ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ଆସନ୍ତାକାଲିକୁ ଜୟ କରନ୍ତୁ

## ବିଶ୍ୱ ସଞ୍ଚୟ ଦିବସ



ଟଙ୍କା ସଞ୍ଚୟର ଗୁରୁତ୍ୱ ବିଷୟରେ ସଚେତନ କରାଇବା ଲାଗି ପାଳିତ ହୋଇଆସୁଛି ବିଶ୍ୱ ସଞ୍ଚୟ(ବଚତ୍) ଦିବସ। ଏହି ଦିବସ ଆମ ଦେଶରେ ଅକ୍ଟୋବର ୩୦ ଏବଂ ବିଶ୍ୱ ସ୍ତରରେ ଅକ୍ଟୋବର ୩୧ରେ ପାଳନ କରାଯାଏ। ଟଙ୍କା ଘରେ ରଖିବା ପରିବର୍ତ୍ତେ ବ୍ୟାଙ୍କରେ ସଞ୍ଚୟ କରିବାର ଧାରଣା ବିଷୟରେ ସୂଚନା ଦେବା ନିମନ୍ତେ 'ବିଶ୍ୱ ସଞ୍ଚୟ ଦିବସ' ୧୯୨୪ ମସିହାରେ ପ୍ରଥମେ ଇଟାଲୀରେ ଆରମ୍ଭ ହୋଇଥିଲା। ଏହାର ସୂତ୍ରଧର ଥିଲେ ଇଟାଲୀୟ ପ୍ରଫେସର ଫିଲିପୋ ରବିଜା। ଚଳିତବର୍ଷ ଏହି ଦିବସଲାଗି ବିଷୟବସ୍ତୁ ରହିଛି 'ଆପଣଙ୍କର ଆସନ୍ତାକାଲିକୁ ଜୟ କରନ୍ତୁ'। ଯାହା ବିଶ୍ୱ ସଞ୍ଚୟ ଏବଂ ଖୁଚୁରା ବ୍ୟାଙ୍କିଂ ପ୍ରତିଷ୍ଠାନ (ଡବ୍ଲ୍ୟୁଏସ୍‌ବିଆଇ) ଦ୍ୱାରା ଆରମ୍ଭ କରାଯାଇଛି। ଏଥି ସହ ଜଡିତ ଏକ ଅଭିଯାନ 'ଏହା ଏକ ସଞ୍ଚୟ ଆକାଉଣ୍ଟ ନୁହେଁ' ବାର୍ତ୍ତା ବହନ କରେ। ଏହି ଅଭିଯାନର ଲକ୍ଷ୍ୟ ହେଉଛି ଲୋକେ ସଞ୍ଚୟକୁ କେବଳ ବ୍ୟାଙ୍କରେ ଟଙ୍କା ରଖିବା ଅପେକ୍ଷା ଅଧିକ କିଛି ଦେଖାଇ ଦୃଷ୍ଟିକୋଣକୁ ପରିବର୍ତ୍ତନ କରିବା। ଏହା ସୂଚିତ କରେ ଯେ, ସଞ୍ଚୟ କିପରି ବ୍ୟକ୍ତି, ପରିବାର ଏବଂ ସମ୍ପ୍ରଦାୟ ସକାଶେ ଆର୍ଥିକ ସ୍ଥିରତା, ସୁରକ୍ଷା ଏବଂ ଏକ ସ୍ଥିର ଭବିଷ୍ୟତ ଗଠନ କରିବାରେ ସାହାଯ୍ୟ କରେ। ଏଥିସହିତ ଆସନ୍ତା କାଲିକୁ ସୁରକ୍ଷିତ କରିବା ପାଇଁ ଆଜି ପ୍ରସ୍ତୁତ ହେବାର ଧାରଣାକୁ ପ୍ରୋତ୍ସାହିତ କରେ।

କେତେ ହଜାର ଟଙ୍କା ନଷ୍ଟ ହୋଇଗଲେ ଲୋକେ ଖୁବ୍ ବ୍ୟସ୍ତ ହୋଇ ପଡନ୍ତି। କିନ୍ତୁ ସତ୍ୟରେ ଉପନୀତ ହେବା ଲାଗି ଉଦ୍ଦିଷ୍ଟ ଥିବା ଚେତନା ଓ ଶକ୍ତିର ମହାତରଙ୍ଗ ସବୁ ନଷ୍ଟ ହୋଇଗଲେ ଲୋକଙ୍କୁ ବାଧେ ନାହିଁ। -ଶ୍ରୀମା



# ସନ୍ଥଙ୍କ ରହସ୍ୟମୟ ମୃତ୍ୟୁ



ଦେବଦତ୍ତ ପଟ୍ଟନାୟକ

ଦ୍ୱାଦଶ ଶତାବ୍ଦୀରେ ଗୁଜରାଟ ଓ ମହାରାଷ୍ଟ୍ରରେ ଚକ୍ରଧର ସ୍ୱାମୀ ନାମକ ଜଣେ ବ୍ୟକ୍ତି ଥିଲେ। ସେ କୃଷ୍ଣଙ୍କ ଭକ୍ତି ବାଣୀ ପ୍ରଚାର କରୁଥିଲେ। ତାଙ୍କ କୃଷ୍ଣ ଭକ୍ତିରେ ରାଧାଙ୍କୁ ସେ ସମିଲକରି ନ ଥିଲେ। ତାଙ୍କ ଭକ୍ତି ଥିଲା ଅଦ୍ୱୈତ ଅର୍ଥାତ୍ ପରମେଶ୍ୱର କୃଷ୍ଣ ହିଁ ଏକ। ଏହି ଭକ୍ତି ପବିତ୍ରତା ଓ ବ୍ରହ୍ମଚର୍ଯ୍ୟ ଉପରେ ଆଧାରିତ ଥିଲା। ତେବେ ଜଣେ ଉଚ୍ଚ ଖ୍ୟାତିସମ୍ପନ୍ନ ପଣ୍ଡିତଙ୍କ ମତରେ, ସେ ସ୍ଥାନୀୟ ବ୍ରାହ୍ମଣ ସମୁଦାୟଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ ଏବଂ ଏମାନଙ୍କ ପ୍ରଭାବରେ ଯାଦବ ରାଜା ତାଙ୍କ ମୁଣ୍ଡ କାଟ ପାଇଁ ସୈନ୍ୟମାନଙ୍କୁ ପଠାଇଲେ। ଚକ୍ରଧର ସ୍ୱାମୀ କୌଣସି ପ୍ରକାରେ ସେହି ଆକ୍ରମଣରୁ ନିଜ ଜୀବନ ରକ୍ଷା କରିବା ପାଇଁ ସକ୍ଷମ ହୋଇଥିଲେ। ମୁଣ୍ଡଠାରୁ ଅଲଗା ହୋଇଥିବା ତାଙ୍କ ଶରୀର ପୁଣି ମୁଣ୍ଡକୁ ଉଠାଇ ଆଣି ତାଙ୍କ ବେକରେ ଲଗାଇଦେଇଥିଲେ। ସେ ପୁନର୍ଜୀବନ ପ୍ରାପ୍ତ ହୋଇ ଜଣେ ଯୋଗୀ ହେବା ପାଇଁ ହିମାଳୟ ଅଭିମୁଖ୍ୟେ ଯାତ୍ରା କରିଥିଲେ। ଏହିପରି ଭାବେ ଭକ୍ତି ମାର୍ଗର ସନ୍ନ୍ୟାସୀଙ୍କ ସହ ଲଢ଼େଇ ଭାରତର ବିଭିନ୍ନ ପ୍ରାନ୍ତରେ ଦେଖିବାକୁ ମିଳେ।

ପଞ୍ଚଦଶ ଶତାବ୍ଦୀର ସନ୍ଥ ଚୈତନ୍ୟ ମହାପ୍ରଭୁଙ୍କ ଜନ୍ମସ୍ଥାନ ପଶ୍ଚିମବଙ୍ଗ। ଓଡ଼ିଶାର ପୁରୀରେ ତାଙ୍କର ବହୁ ଭକ୍ତ ଥିଲେ। ସେ ସର୍ବସାଧାରଣ ସ୍ଥାନରେ ନାମ ଓ ଭକ୍ତି ସଙ୍ଗୀତ ଗାନ କରୁଥିଲେ। ତାଙ୍କର ଭକ୍ତି ମାର୍ଗକୁ ସ୍ଥାନୀୟ ପୂଜକମାନେ ସହଜରେ ଗ୍ରହଣ କରିପାରୁ ନ ଥିଲେ, ଯେଉଁମାନେ ସାଖ୍ୟ ଭାବ (ବନ୍ଧୁତ୍ୱ) ମାର୍ଗରେ ଦେବତ୍ୱ ପ୍ରାପ୍ତି ହୋଇଥାଏ ବୋଲି ଭାବୁଥିଲେ। କୁହାଯାଏ, ଚୈତନ୍ୟ ମହାପ୍ରଭୁ ଜଗନ୍ନାଥଙ୍କ ସହ ନିମଗ୍ନ ହୋଇଯାଇଥିଲେ। ତେବେ ଅନେକ ଶତାବ୍ଦୀ ପରେ ତାଙ୍କ ଉପରେ ଲିଖିତ ଜୀବନୀ ଚରିତରେ ଅନେକ ପ୍ରକାର କଥା ଉଲ୍ଲେଖ ରହିଛି। ଅନେକେ ଦାବି କରନ୍ତି, ସେ ସମୁଦ୍ର ମଧ୍ୟକୁ ଚାଲିଯାଇ ଅଦୃଶ୍ୟ ହୋଇଯାଇଥିଲେ। ଆଉ କେହି ଦର୍ଶାଇଛନ୍ତି, ତାଙ୍କ ମନ୍ଦିର ବାହାରେ ଦେଖିବାକୁ ମିଳିଥିଲା। ଏପରିକି ଏକ ଲେଖାରେ କୁହାଯାଇଛି, ତାଙ୍କୁ ସ୍ଥାନୀୟ ବ୍ରାହ୍ମଣମାନେ ଆକ୍ରମଣ କରିଥିଲେ। କିନ୍ତୁ ଏହିସବୁ ଲେଖା ବା ସିଦ୍ଧାନ୍ତଗୁଡ଼ିକର କୌଣସି ପ୍ରମାଣ ନାହିଁ। କିନ୍ତୁ ଚୈତନ୍ୟ ମହାପ୍ରଭୁଙ୍କ ମୃତ୍ୟୁ ଅଦ୍ୟାବଧି ରହସ୍ୟମୟ ତଥା କଳ୍ପନାର ଉତ୍ସ ହୋଇ ରହିଯାଇଛି।

ମରାଠୀ ସନ୍ଥ ତୁକାରାମ ପଣ୍ଡରପୁରଙ୍କ ପାଇଁ ତାଙ୍କ ଭକ୍ତି ସଙ୍ଗୀତ ସକାଶେ ବିଖ୍ୟାତ। ମହାରାଷ୍ଟ୍ରରେ କୃଷ୍ଣଙ୍କ ସ୍ଥାନୀୟ ରୂପ ହେଉଛି ପଣ୍ଡରପୁର। ସେ ସଶରୀରରେ ବୈକୁଣ୍ଠ ଯାଇଛନ୍ତି ବୋଲି କୁହାଯାଏ। ଏଭଳି ଧାରଣାକୁ ଅନେକ ଲେଖା ଏବଂ ଚଳଚ୍ଚିତ୍ରରେ ମଧ୍ୟ ଦର୍ଶାଯାଇଛି।



ସ୍ଥାନୀୟ ଭାଷାରେ ରଚିତ ତାଙ୍କ କାବ୍ୟକୁ ଭୌତିକ ସୁଖକୁ ଭୁଲ୍ ବୁଝୁଥିବା ଶୁଦ୍ଧାଚାରୀବାଦୀମାନେ ବିରୋଧ କରିଥିଲେ। ସେମାନେ ବିଶ୍ୱାସ କରୁଥିଲେ, ଭଗବାନ୍‌ଙ୍କ କଥା କେବଳ ସଂସ୍କୃତରେ ଉପସ୍ଥାପିତ ହେବା ଉଚିତ। ଏହି କଥାକୁ ବିଚାରକୁ ନେଲେ ତାଙ୍କର ଏହା ଏକ ପ୍ରାକୃତିକ ନା ହିଂସାତ୍ମକ ମୃତ୍ୟୁ, ତାହାକୁ ନେଇ ପ୍ରଶ୍ନ ଉଠେ।

ରାଜପୁତ ରାଜକୁମାରୀ ମୀରାବାଈ ସବୁ ସ୍ଥାନରେ ବୁଲି ବୁଲି ଭକ୍ତିସଙ୍ଗୀତ ଗାନ କରୁଥିଲେ ଏବଂ ତାଙ୍କ ରାଜପୁତ ପରିବାର ସହଜରେ ଏହାକୁ ଗ୍ରହଣ କରିପାରୁ ନ ଥିଲେ। କୁହାଯାଇଛି, ସେ ଦ୍ୱାରକାରେ ପ୍ରଭୁ କୃଷ୍ଣଙ୍କ ମୂର୍ତ୍ତିରେ ଲୀନ ହୋଇଯାଇଥିଲେ। ଏଥିରୁ କ'ଣ ବୁଝାପଡୁଛି? ଏହା ଅନର କିଲିଂ ବା ସମ୍ମାନ ପାଇଁ ମୃତ୍ୟୁ ହୋଇପାରେ ବୋଲି ନାରୀବାଦୀମାନେ ଦାବି କରନ୍ତି। କିନ୍ତୁ ଭକ୍ତିମାର୍ଗୀମାନେ ସୂଚିତ କରନ୍ତି,ଏହା ଏକ ଆଧ୍ୟାତ୍ମିକ, ଅଲୌକିକି ତଥା ଚମତ୍କାର ଘଟଣା ଥିଲା। ତାମିଲନାଡୁରେ ଅଷ୍ଟମ ଓ ନବମ ଶତାବ୍ଦୀରେ ନାୟନାର ସନ୍ଥ ନନ୍ଦନାର ସକ୍ରିୟ ଥିଲେ। ସେ ଥିଲେ ନୀଚବର୍ଗର ଏବଂ ଜଣେ ଶିବଭକ୍ତ। ସେ ଶିବ ସ୍ତୁତି ଗାନ କରୁଥିଲେ ଏବଂ ଶିବ ମନ୍ଦିରରେ ପ୍ରବେଶ କରିବାକୁ ଚାହୁଁଥିଲେ। ନିଜକୁ ଅଗ୍ନିରେ ଶୁଦ୍ଧକଲେ ମନ୍ଦିରରେ ପ୍ରବେଶ କରିପାରିବେ ବୋଲି ତାଙ୍କୁ କୁହାଯାଇଥିଲା ଏବଂ ସେ ତାହା କରିଥିଲେ। ନିଆଁରେ ଝାସ ଦେଇ ବଞ୍ଚିବାର ଏହା ଏକ କାଳ୍ପନିକ କଥା ନା ତାଙ୍କ ଜାତି ପରିବର୍ତ୍ତନ ସମ୍ପର୍କିତ ରୀତିନୀତିର ଏକ ବର୍ଣ୍ଣନା କିମ୍ବା ଉଚ୍ଚଜାତିର କ୍ଷେତ୍ରକୁ ଗ୍ରହଣ କରିବାର ବିଷୟ, ତାହାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ରଢ଼ିବାଦକୁ ଯେଉଁ ସନ୍ଥମାନେ ବିରୋଧ କରିଥିଲେ ସେମାନଙ୍କର ମୃତ୍ୟୁ ରହସ୍ୟଜନକ ଭାବେ ଘଟିଛି କିମ୍ବା ନିଜେ ସମାଧି ନେଇଥିବା (ଜ୍ଞାନଦେବ ଯୁବାବସ୍ଥାରେ ନିଜେ ସମାଧି ନେଇଛନ୍ତି) କଥା କୁହାଯାଇଛି, ଯାହାକୁ ନେଇ ପ୍ରଶ୍ନ ଉଠୁଛି। ଏହିସବୁ କାହାଣୀରେ ସେସମୟର ପ୍ରାୟୋଜିତ କିଛି ବାଧବାଧକତାକୁ ସୂଚିତ କରିବାକୁ ଚେଷ୍ଟା କରାଯାଇଛି କି?

ଏପରିକି ଏବେ ମଧ୍ୟ ଧର୍ମରେ ପ୍ରାଧାନ୍ୟ ବଢ଼ାଇବା ପାଇଁ ବିଭିନ୍ନ ଧର୍ମୀୟ ବିଚାର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଜାରି ରହିଛି। ସନାତନୀ ସାତ୍ତ୍ୱିକ ଧର୍ମ ଏବେ ନିଜକୁ ଶ୍ରେଷ୍ଠ ବୋଲି ଦର୍ଶାଇବାକୁ ଚେଷ୍ଟା କରୁଛି, ଏପରିକ ଅନେକ ସମୟରେ ସରକାରୀ ସହଯୋଗରେ ଏହା କରାଯାଉଛି। ଇତିହାସରେ ପ୍ରଥମ ଥର ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ମହାକାବ୍ୟର କାହାଣୀ, ଭକ୍ତି କାବ୍ୟ କିମ୍ବା ବେଦାନ୍ତ ଦର୍ଶନ ବଦଳରେ ମନୁସ୍ମୃତି ମାଧ୍ୟମରେ ହିନ୍ଦୁଧର୍ମ ସମ୍ପର୍କରେ ଶିକ୍ଷା ଦିଆଯାଉଛି। ବୈଷ୍ଣବ ଗ୍ରନ୍ଥ ଭଗବଦ୍ ଗୀତା ହିନ୍ଦୁଧର୍ମର ସବୁଠୁ ପବିତ୍ର ଗ୍ରନ୍ଥ ବୋଲି ଆମକୁ କୁହାଯାଉଛି, ଯାହା ଅଦ୍ୱୈତ ଧର୍ମର ପବିତ୍ର ଗ୍ରନ୍ଥର ସିଦ୍ଧାନ୍ତକୁ ପରିହାସ କରେ। କିନ୍ତୁ ଶ୍ରୀରଙ୍ଗମର ବୈଷ୍ଣବ ବ୍ରାହ୍ମଣମାନେ ବିଷ୍ଣୁ ପୁରାଣକୁ ସ୍ୱୀକାର କରନ୍ତି ଏବଂ ଗରୁଡ଼କୁ ପୂଜା କରୁଥିବାବେଳେ ଉଡୁପିର ମହାଦେବ ବ୍ରାହ୍ମଣମାନେ ଭାଗବତ ପୁରାଣକୁ ଗ୍ରହଣ କରନ୍ତି ଓ ହନୁମାନଙ୍କୁ ପୂଜା କରିଥାନ୍ତି। ଗୁଜରାଟର ପୁଷ୍ଟିମାର୍ଗୀମାନେ ଏକ ହିନ୍ଦୁଧର୍ମକୁ ଅନୁସରଣ କରିଥାନ୍ତି ଯାହା ସେହି ରାଜ୍ୟରେ ଜଣାଶୁଣା ସ୍ୱାମୀନାରାୟଣମାର୍ଗୀଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ। ହିନ୍ଦୁଧର୍ମ କେବେ ବି ଏକ ରୂପରେ ପରିପ୍ରକାଶ ହୋଇନାହିଁ। ତେବେ ଭକ୍ତି ଇତିହାସରୁ ଜଣାପଡ଼େ, ଯେ, ହିନ୍ଦୁଧର୍ମର ବିକଳ୍ପ ବିଚାରଗୁଡ଼ିକୁ ଧ୍ୱଂସ କରାଯାଇଛି ଏବଂ ଧର୍ମରେ ଥିବା ଉଚ୍ଚବର୍ଗର ବ୍ୟକ୍ତିମାନେ ସେମାନଙ୍କ ମାର୍ଗକୁ ଅନୁସରଣ କରିବା ପାଇଁ ବାଧ କରିଛନ୍ତି।

ଏହା କେବଳ ହିନ୍ଦୁଧର୍ମରେ ସୀମିତ ନାହିଁ। ରୋମ୍‌ରେ କ୍ୟାଥ୍‌ଲିକମାନେ ପୋପ୍‌ଙ୍କୁ ଅନୁସରଣ କରନ୍ତି। ରଢ଼ିବାଦୀ ଖ୍ରୀଷ୍ଟିଆନମାନେ ରୁଷିଆ ଓ ଗ୍ରୀସ୍‌ର ନେତାମାନଙ୍କୁ ଅନୁସରଣ କରନ୍ତି। ପ୍ରୋଟେଷ୍ଟାଣ୍ଟଙ୍କର ନିଜସ୍ୱ ଚର୍ଚ୍ଚ ଅଛି। କେତେକ ଚର୍ଚ୍ଚରେ ଧର୍ମଯାଜକଙ୍କୁ ବିବାହ କରିବା ପାଇଁ ଅନୁମତି ରହିଛି। କେତେକଙ୍କ ସମଲିଙ୍ଗୀ ବିବାହ ପାଇଁ ଅନୁମତି ଦିଆଯାଏ। ଇସ୍‌ଲାମ ସମ୍ପୂର୍ଣ୍ଣ ଭାବେ ବିରୋଧୀ ବିଚାରରେ ପରିପୂର୍ଣ୍ଣ। ଶିୟା, ସୁନ୍ନି ଏବଂ ସୁଫିମାନେ ଅନେକ ବିଷୟରେ ଏକମତ ନୁହନ୍ତି, ଯେଉଁଥିପାଇଁ ହିଂସକ ଲଢ଼େଇ ଜାରି ରହିଛି। ବୌଦ୍ଧଧର୍ମାବଲମ୍ବୀଙ୍କ ବିଚାରକୁ ନେଇ ସବୁବେଳେ ଝଗଡ଼ା ଦେଖିବାକୁ ମିଳେ। ଏପରିକି ମୌର୍ଯ୍ୟ ସମ୍ରାଟ ଅଶୋକ ସେମାନଙ୍କ ସହ ଏକମତ ହୋଇପାରି ନ ଥିଲେ।

ଧର୍ମ କହିଲେ ଆଧ୍ୟାତ୍ମିକତାକୁ ବୁଝାଏ ଏବଂ ଆମକୁ ଉଚ୍ଚସ୍ତରକୁ ନେଇଯାଏ। କିନ୍ତୁ ଏହାକୁ ଏକ ରାଜନୈତିକ ସାଧନ ଭାବେ ଦେଖିଲେ ତାହା ଶେଷ ହୋଇଯାଏ। ଏଠାରେ ସ୍ୱାଧୀନ ଚିନ୍ତାଶୀଳ ବ୍ୟକ୍ତିମାନେ ସବୁଠୁ ଭୟଭୀତ ରହିଛନ୍ତି। ଭକ୍ତି ହିନ୍ଦୁ ସନ୍ଥମାନେ ସହସୀ ଭାବେ ପ୍ରତିକୂଳ ପରିସ୍ଥିତିକୁ ସାମ୍ନାକରି ନିଜସ୍ୱ ପଥରେ ଆଗକୁ ବଢ଼ିଛନ୍ତି । ହେଲେ ହିନ୍ଦୁଧର୍ମରେ ଥିବା ପୁରୋଧାମାନେ ସେମାନଙ୍କୁ ସେହି ଦୃଷ୍ଟିରେ ନ ଦେଖିନାହାନ୍ତି।

-devduttofficial@gmail.com

## ଏଇ ଭାରତରେ

ଚେନ୍ନାଇର ମୟାବତୀଙ୍କ ବୟସ ଏବେ ୨୬, ହେଲେ ତାଙ୍କ କାର୍ଯ୍ୟ ଅତ୍ୟନ୍ତ ପ୍ରେରଣାଦାୟକ। ସେ ଷ୍ଟେଶନରେ ବହି ପଢ଼ିବା ଲାଗି ଲୋକଙ୍କୁ ସହଯୋଗ କରୁଛନ୍ତି। ବିଶେଷକରି ସେ ଏମ୍‌ଜିଆର ଚେନ୍ନାଇ ସେଣ୍ଟ୍ରାଲ ଏବଂ ତାମ୍ବାରାମ ରେଲୱେ ଷ୍ଟେଶନରେ ବୁକ୍ ଭେଣ୍ଡିଂ ମେଶିନ ବସାଇଛନ୍ତି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ସନ୍‌ସେଟ୍ ହ୍ୟୁଜ୍' ମାଧ୍ୟମରେ ସେ ଏହି କାର୍ଯ୍ୟ କରୁଛନ୍ତି। ମୟାବତୀ ବ୍ୟାଙ୍କିଂ ଛାଡ଼ି ଏଥିରେ ସମୟ ଦେଇଛନ୍ତି। ଏହାଦ୍ୱାରା ଟ୍ରେନ୍‌ଯାତ୍ରା ସମୟରେ ସେ ଲୋକମାନଙ୍କୁ ବିଭିନ୍ନ ବହି ପଢ଼ି ଆନନ୍ଦ ଉଠାଇବାରେ ସାହାଯ୍ୟ କରୁଛନ୍ତି। ୫୦ରୁ ଊର୍ଦ୍ଧ୍ୱ ଶୀର୍ଷକ ପିଲାଙ୍କ କଲରିଂ ବହିଠାରୁ ଆରମ୍ଭକରି ଆକ୍ଟିଭିଟି ବୁକ୍ସ ସହିତ ବିଭିନ୍ନ ଗଳ୍ପ ଓ ବାସ୍ତବ ବିଷୟଆଧାରିତ ବହି ସମ୍ପର୍କରେ ଅନ୍‌ଲାଇନ୍ ଚୟନର ବ୍ୟବସ୍ଥା ରହିଛି ଏହି ମେଶିନରେ। ପ୍ରତି ବହିର ଦାମ୍ ୩୦୦ ଟଙ୍କାରୁ କମ୍ ରହିଛି। ପ୍ରତ୍ୟେକସ୍ତରରେ ମେଶିନ ୟୁଜରଙ୍କୁ ମାର୍ଗଦର୍ଶନ କରୁଛି ଏବଂ ବହି ବିତରଣରେ ବିଫଳ ହେଲେ ସେନ୍‌ସର ତୁରନ୍ତ ସମାଧାନ କରି ମୂଲ୍ୟ ଫେରାଇ ଦେଉଛି କିମ୍ବା ତା' ବଦଳରେ ଅନ୍ୟ ବହି ଦେବାରେ ସହଯୋଗ କରୁଛି। ଏହି ଦୁଇ ଷ୍ଟେଶନରେ ଲୋକେ ବହି ପଢ଼ିବାରେ ବେଶି ଆଗ୍ରହ ପ୍ରକାଶ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ DHARITRI

### ୩୦ ଅକ୍ଟୋବର ୧୯୭୬

- ସମ୍ବିଧାନର ପ୍ରସ୍ତାବନାରେ ସମାଜବାଦ, ଧର୍ମ ନିରପେକ୍ଷତା ଓ ଜାତୀୟ ସଂହତି ବା ଅଖଣ୍ଡତା ସଂକ୍ରାନ୍ତରେ ସ୍ୱଷ୍ଟତର ଉଲ୍ଲେଖନ ସମ୍ବଳିତ ବ୍ୟବସ୍ଥା ସହିତ ୫୯ ଦଫା ସମ୍ବଳିତ ସମ୍ବିଧାନ ସଂଶୋଧନ ବିଲ୍‌ର ୫ଟି ଦଫା ଗୃହୀତ ହୋଇଯାଇଛି।
- ଗଙ୍ଗା ନଦୀର ଜଳ ଭାରତ ଓ ବାଂଲାଦେଶର ଜାତୀୟ ସମ୍ପତ୍ତି ବୋଲି ବାଂଲାଦେଶର ଘୋଷଣାକୁ ଭାରତୀୟ ପ୍ରତିନିଧି ବୀରଭଦ୍ର ସିଂହ ଦୃଢ଼ ଭାବରେ ଜାତିସଂଘରେ ଖଣ୍ଡନ କରିଛନ୍ତି।

## su | do | ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | 7 | |
| | | | 1 | 3 | 4 | | | |
| | | | | | 5 | | 4 | 8 |
| 1 | | | | | 8 | | 6 | 4 |
| 3 | | | | 4 | | | | 9 |
| 6 | | | 5 | | 1 | | | |
| | | | | | | 8 | | 1 |
| | 7 | | | | | | | |
| | | 1 | 9 | | | | 5 | 2 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 1 | 9 | 5 | 3 | 2 | 4 | 8 |
| 3 | 2 | 9 | 7 | 4 | 8 | 6 | 5 | 1 |
| 5 | 8 | 4 | 1 | 6 | 2 | 9 | 7 | 3 |
| 8 | 9 | 3 | 2 | 1 | 4 | 5 | 6 | 7 |
| 2 | 4 | 5 | 3 | 7 | 6 | 1 | 8 | 9 |
| 6 | 1 | 7 | 8 | 9 | 5 | 3 | 2 | 4 |
| 4 | 7 | 2 | 5 | 3 | 9 | 8 | 1 | 6 |
| 9 | 5 | 6 | 4 | 8 | 1 | 7 | 3 | 2 |
| 1 | 3 | 8 | 6 | 2 | 7 | 4 | 9 | 5 |

ଗତକାଲିର ଉତ୍ତର

# ଗଣତନ୍ତ୍ରରେ ଅନୁପ୍ରବେଶକାରୀ



ବ୍ରଜମୋହନ ମିଶ୍ର

ଭରସା ସହ ଆସ୍ଥା ପ୍ରକଟ କରି ଗଣତନ୍ତ୍ରକୁ ଆପଣେଇ ନିଆଯାଇଥିଲା। ଯେଉଁ ମହାନ୍ ନେତୃବୃନ୍ଦ ଏପରି ଶାସନ ପଦ୍ଧତିର ବ୍ୟବସ୍ଥା କରିଥିଲେ ସେମାନେ କେବେ ନଥିଲେ ଅଜ୍ଞ ଓ ଅଶିଷ୍ଟ। ପକ୍ଷାନ୍ତରେ ସେମାନେ ଥିଲେ ଏବର ଶତକଡ଼ା ଅନେଶତ ଭାଗ ନେତାଙ୍କଠାରୁ ଲକ୍ଷ ଲକ୍ଷ ଗୁଣରେ ବିଜ୍ଞ, ଶିଷ୍ଟ, ଶାଳୀନ ଏବଂ ସର୍ବୋପରି ଦେଶପ୍ରେମୀ। ସତରେ ସେଇ ଊର୍ଦ୍ଧ୍ୱଚେତାମାନେ ଭାରତମାତାଙ୍କ ପ୍ରକୃତ ସନ୍ତାନ। ଜଣେ ପୀଡ଼ିତା, ଅସୁସ୍ଥ ମା'କୁ ରୋଗମୁକ୍ତ କରାଇ ତାକୁ ତାର ପୂର୍ବର ସ୍ୱାସ୍ଥ୍ୟ ଲାଭ କରାଇବା ଥିଲା ଏଇ ଦାୟବଦ୍ଧ, ଅସଂଗ୍ରହଣଶୀଳ, ହୃଦୟବାନ୍, ମର୍ଯ୍ୟାଦାବନ୍ତମାନଙ୍କର ସାଧନା ପଥ। ଏମାନେ ସତରେ ପଣ୍ଡିତଥିଲେ ବୋଲି ଭାରତରୁ ସକଳ ବୈଷମ୍ୟ ହଟିବାକୁ ଯଥାସାଧ୍ୟ ପ୍ରୟାସ କରୁଥିଲେ। ହୋଇପାରେ, ରକ୍ତ ମାଂସର ମଣିଷ ଭାବେ ସେମାନଙ୍କର କିଛିନା କିଛି ତ୍ରୁଟି ରହୁଥିଲା। ସେ ହୁଅନ୍ତୁ ଜବାହରଲାଲ, ଅବା ସର୍ଦ୍ଦାର ପଟେଲ ଅବା ଆବୁଲକାଲାମ ଆଜାଦ ଅବା ହରେକୃଷ୍ଣ ମହତାବ କି ନବକୃଷ୍ଣ ଚୌଧୁରୀ, କିନ୍ତୁ ସେ ତ୍ରୁଟି ତୁଳନାରେ ସେମାନଙ୍କ ଅକପଟ ଦେଶପ୍ରାଣତା ଯଥେଷ୍ଟ ଅଧିକ ଥିଲା, ଏହା ଜଣେ ସମଦର୍ଶୀ ଅବଶ୍ୟ ସ୍ୱୀକାର କରିବେ। ତେଣୁ ସେମାନେ ଶାସନ କଲାବେଳେ ତାହା ବହୁମାତ୍ରାରେ ଗଣାଭିମୁଖୀ ହୋଇଥିଲା। ଅଧିକନ୍ତୁ ସେମାନେ ଏତେ ସତର୍କ ଥିଲେ ଯେ ଶାସକ ହିସାବରେ ସେମାନେ ସ୍ୱକୀୟ ସଫଳତାଗୁଡ଼ାକ ନ ଉଦ୍‌ଗାରି ଏ ଶାସନରେ କେଉଁଠି କ'ଣ ଜଖମ ରହିଗଲା, ସେ ସମ୍ପର୍କରେ ଆଲୋଚନା କରୁଥିଲେ ଓ ସର୍ବସାଧାରଣରେ ସ୍ୱୀକାର କରୁଥିଲେ। ଶାସନଗତ କୌଣସି ବିଫଳତା ପାଇଁ ପଦପଦବୀ ମଧ୍ୟ ତ୍ୟାଗ କରୁଥିଲେ (ଯଥା-ଲାଲ୍‌ବାହାଦୁର ଶାସ୍ତ୍ରୀ ଓ କାମରାଜପ୍ଲାନରେ କତିମୟ ମୁଖ୍ୟମନ୍ତ୍ରୀ)। ଏହା ଫଳରେ ସେମାନଙ୍କ ବ୍ୟକ୍ତିଗତ ମର୍ଯ୍ୟାଦାବୋଧ ଯେମିତି ପ୍ରକାଶ ପାଉଥିଲା ସେମିତି ମଧ୍ୟ ଜନସାଧାରଣଙ୍କ ଆସ୍ଥାର ଭାଜନ ହେଉଥିଲେ ସେମାନେ। ଏ ବ୍ୟକ୍ତିମାନେ ଏକ ନିର୍ଦ୍ଦିଷ୍ଟ ଦଳର ହୋଇଥିଲେ ମଧ୍ୟ ପୂର୍ଣ୍ଣଭାବରେ ଦଳୁଆ ହୋଇ ନଥିଲେ କାରଣ ଏମାନେ ଜୀବନକୁ ଆଦୌ ମହୋତ୍ସବମୟ କରିବାରେ ମାତାଲ ହେଉ ନ ଥିଲେ। ଫଳରେ ଏହି ସହୃଦୟମାନଙ୍କର ଗୋଡ଼ ଯେପରି ଦୃଢ଼ଥିଲା, ସେହିପରି ଅବିଚଳିତ ଥିଲା ସେମାନଙ୍କର ବୁଦ୍ଧିମତ୍ତା ଓ ହୃଦୟଭାବ। ହେଲେ ଏହି ଗଣତାନ୍ତ୍ରିକମାନେ ଅଧିକ ଦିନ ତିଷ୍ଠିଲେ ନାହିଁ ଅବା ସେମାନଙ୍କୁ ତିଷ୍ଠିବାକୁ ଦିଆଗଲା ନାହିଁ। ଗୋଟାଏ ଥିସିସର, ଆଣ୍ଟିଥିସିସ ପରି ଚେର ଲାଗି ଆସୁଥିବା ଗଣତନ୍ତ୍ରରେ ଚେର ଉପଡ଼ା ଅପକର୍ମ ଆରମ୍ଭ ହୋଇଗଲା ଏବଂ ତା ମୂଳରେ ରହିଲେ ଅଲାଜୁକ ଅନୁପ୍ରବେଶକାରୀ ଗୋଠ, ଯେଉଁମାନେ ଭୂମିପାଇଁ ତପସ୍ୟା କରିବା ବଦଳରେ କଲେ ବିଚିତ୍ର ତାଣ୍ଡବ। ଯାହା କଲେ ଭୂମି ଅଧିକାର କରିହେବ, ତାହା ଯେତେ ନିର୍ଲଜ୍ଜକର ହେଉ ପଛକେ, ତାହା କରିବାକୁ ଟିକେ ମାତ୍ର ଲଜ୍ଜାବୋଧ କଲେ ନାହିଁ। ଗଣତନ୍ତ୍ରରେ ଏଇ ଛିନ୍ନମୂଳମାନଙ୍କୁ ଅନୁପ୍ରବେଶକାରୀ କହିବାର କାରଣ ଏମାନେ ଏ ଶୁଦ୍ଧଶାସନ ରାଜ୍ୟକୁ ଜବରଦସ୍ତ ପଶି ଆସିଲେ। ଫଳରେ ବାହାରିପଡ଼ିଲେ ସେମାନଙ୍କ ଶିଷ୍ୟ, ପ୍ରଶିଷ୍ୟ ଇତ୍ୟାଦି ରକ୍ତବୀର୍ଯ୍ୟମାନେ। ଏମାନଙ୍କ ବିନାଶ କେହି କଲେ ନାହିଁ, କାରଣ ଯେ ଏହା କରିପାରିଥାନ୍ତେ, ସେମାନେ ଯାଦୁରେ ବଶୀଭୂତ ହୋଇଗଲେ। ସେ ଯାଦୁଥିଲା ପ୍ରଲୋଭନର ମଧୁରାକର୍ଷଣ - ସେମାନଙ୍କ ପାଇଯିବାର ଲାଳସାଗ୍ନିକୁ ଚରିତାର୍ଥ କରୁଥିବା ଘିଅ।



ଏଇ ଅନୁପ୍ରବେଶକାରୀ ଅକାଣ୍ଡିଆମାନେ ଦେଶରେ ସେମାନଙ୍କ ଆଧିପତ୍ୟ ବିସ୍ତାର କରି ଆପଣାକୁ ସମସ୍ତଙ୍କ ଉପରେ ସବାର କରିବାରେ ଗଳଦ୍‌ଘର୍ମ ହେଲେ। ସେମାନଙ୍କର ଏତାଦୃଶ ଷଡ଼ଯନ୍ତ୍ରକୁ ସଫଳ କରିବାରେ ସହାୟକ ହେଲେ ଜନତାର ସେବା କରିବାକୁ ନିଯୁକ୍ତ ହୋଇଥିବା କର୍ମଚାରୀଗୋଷ୍ଠୀ। ସେମାନେ ମନେ କଲେ ସେମାନଙ୍କ ମୁନିବ ଜନତା ନୁହନ୍ତି, ହେଉଛନ୍ତି ନେତା, ଯେଉଁମାନଙ୍କ ସହ ଚିରନ୍ତନ ହନିମୁନ କଲେ ସେମାନେ ଉଭୟ ହନି ଏବଂ ମୁନ୍‌କୁ ପାଇବେ। ସଂସାରରେ ରହି ଆକାଶଟାକୁ ମଧ ଅଧିକାର କରିପାରିବେ, ଯାହା ସେମାନେ କରିପାରିବେ ନାହିଁ ଜନତା ପଟ ନେଲେ। କାରଣ ଜନତା ପ୍ରକୃତରେ ଶକ୍ତିହୀନ, ଧନହୀନ, ମାନହୀନ, କାଣ୍ଡଜ୍ଞାନହୀନ ଓ ନିଶ୍ଚେତନାର ଆଉ ଏକ ଆଶ୍ଚର୍ଯ୍ୟ ଅବତାର। ଏପରିକି ଏହି କାଗଜ ବାଘ(ଜନତା) ଭୋଟ ବେଳେ ମଧ୍ୟ ଗଭୀରଭାବେ ଅଚେତନ ହୋଇ ଯାଆନ୍ତି, କାରଣ ଏମାନେ ଫଷ୍ଟସଙ୍କ ପରି ଆପଣାର ବିବେକକୁ ସଇତାନଙ୍କୁ ବିକ୍ରି କରି ଦେଇଥାଆନ୍ତି। ଅତଏବ ଏହି ନାମକୁମାତ୍ର ଶକ୍ତିଶାଳୀ ଶାର୍ଦ୍ଦୁଳମାନେ ଭାରି ନିଃଶକ୍ତ ହୋଇଯାଆନ୍ତି ଗଣତନ୍ତ୍ରରେ ଅନୁପ୍ରବେଶକାରୀ ବ୍ରହ୍ମରାକ୍ଷସମାନଙ୍କ ଚାତୁର୍ଯ୍ୟ-ହଣ୍ଟର ମାଡ଼ ଖାଇ। ଆଉ ଏକ ବିଡ଼ମ୍ବନାର ବ୍ୟାପାର, ଏହି ଅନୁପ୍ରବେଶକାରୀମାନେ ଗଣତନ୍ତ୍ରକୁ ଛାଡ଼ି ଆଉସବୁ ତନ୍ତ୍ରରେ ପାରଙ୍ଗମ ହୋଇଥିବାରୁ ଏମାନେ ସତରେ କାଢୁଆ, ସତରେ ବଳୁଆ, ସତରେ ପ୍ରୀତିଆ, ସତରେ ରସିଆ, ସତରେ ଚୁଟିଆ, ସତରେ କାଦୁଆ । ତେଣୁ ସତରେ ବୋଧହୀନ ବୁଦ୍ଧିଆ । ଭଗବାନ ନାମକ ସେହି ପରମରହସ୍ୟଙ୍କୁ ହୁଏତ ତପସ୍ୟା କରି କେହି ବୁଝିପାରେ, ନିଜର କରିପାରେ କିନ୍ତୁ ଏଇ ଅନୁପ୍ରବେଶକାରୀମାନଙ୍କୁ ସେ ଶତଚେଷ୍ଟା କଲେ ବି ବୁଝିପାରିବ ନାହିଁ, ଧରିପାରିବ ନାହିଁ କାରଣ ''ବଡ଼ମାୟାବୀ ଜୀବ ଏ ନୁହେଁ କାହାରି।''

ଏଇ ମାତୃହରଣକାରୀ ଅନୁପ୍ରବେଶକାରୀଙ୍କୁ ଭାରତ ଆଉ ସହିପାରୁନାହିଁ। କବି ଦୀନକୃଷ୍ଣ ରସକଲ୍ଲୋଳରେ କହିଥିଲେ କିପରି କଂସ ପ୍ରତାପରେ ଅତିଷ୍ଠ ହୋଇ ଧରଣୀ ବ୍ରହ୍ମାଙ୍କ ଆଗରେ ତା' ଦୁଃଖର ପ୍ରତିଧାନ ପାଇଁ ପ୍ରାର୍ଥନା କରିଥିଲା। ଆଜିର ଦିନରେ ଆମେ ଆମ ମାତାଙ୍କୁ କେଉଁ କଳ୍ପିତ ବ୍ରହ୍ମାଙ୍କ ନିକଟକୁ ପଠାଇବା ନାହିଁ। ଆମେ ଅବଶ୍ୟ ଜାଗ୍ରତ ହେବା, ବିପ୍ଳବ କରିବା। ଏଇ ଅଶିଷ୍ଟ ଅନୁପ୍ରବେଶକାରୀମାନଙ୍କ କବଳରୁ ମାତାଙ୍କୁ ରକ୍ଷା କରିବା ପାଇଁ ପ୍ରଥମେ ଅହିଂସା ପନ୍ଥା ଅବଲମ୍ବନ କରିବା। ଏହି ଖ୍ରୀଷ୍ଟମାର୍ଗ ବିଫଳ ହେଲେ କୃଷ୍ଣମାର୍ଗ ଧରିବାକୁ କଦାଚ ବିମୁଖ ହେବା ନାହିଁ। ତେଣୁ ଆମକୁ ସଂଗ୍ରାମୀ ହେବାକୁ ହେବ।

ଭଦ୍ରକ, ମୋ: ୮୦୧୮୦୮୭୮୩୧

# ପୋଷ୍ୟ ପ୍ରାଣୀ ଓ ମାନସିକ ପୀଡ଼ା



ଡା. ସମ୍ରାଟ କର

୧୯୭୭ ମସିହାରେ ବିଶିଷ୍ଟ ମନୋବିଜ୍ଞାନୀ ଲିଓ କେ ବୁଷ୍ଟାର୍ଡ ଏବଂ ମାଇକେଲ ଜିଜ ମ୍ୟାକୁଲକ ଆମେରିକାର ଓରିଗନ ରାଜ୍ୟର ପୋର୍ଟଲାଣ୍ଡ ସହରରେ ପ୍ରତିଷ୍ଠା କରିଥିଲେ ଡେଲା ସୋସାଇଟି, ଯାହାର ଉଦ୍ଦେଶ୍ୟ ହେଲା ପୋଷ୍ୟ ପ୍ରାଣୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସେମାନଙ୍କ ସାହାଯ୍ୟରେ ମାନସିକ ଭାରସାମ୍ୟହୀନ ରୋଗୀଙ୍କୁ ଆରୋଗ୍ୟ କରାଇବା। ବିଂଶ ଶତାବ୍ଦୀରେ ଏହାଥିଲା ଡିମେନସିଆ ବା ସ୍ମୃତିହୀନ, ଆଲଜିମରସ ଭଳି ମାନସିକ ରୋଗ ଆକ୍ରାନ୍ତ ବୟସ୍କ ବ୍ୟକ୍ତି, ପୋଷ୍ଟ ଟ୍ରମାଟିକ ଷ୍ଟ୍ରେସ ଡିସ୍‌ଅର୍ଡର, ଗୁରୁତର ଆଘାତପ୍ରାପ୍ତିର ପରବର୍ତ୍ତୀ ଅବସ୍ଥାରେ ମାନସିକ ଚାପବୃଦ୍ଧି ଜଡ଼ିତ ବ୍ୟାଧିରେ ଆକ୍ରାନ୍ତ ଏବଂ ଅବସରପ୍ରାପ୍ତ ସୈନିକ ଓ ଅଟିଜମ୍ ଆକ୍ରାନ୍ତ ଶିଶୁଙ୍କଠାରେ ମନୋରୋଗ ଉପଶମର ଅନ୍ୟତମ ବୃହତ୍ ପ୍ରତିଷ୍ଠାନ। ଯାହାକି ୨୦୧୨ରେ ପୋଷ୍ୟ ସାଥୀ ବା ପେଟ୍ ପାର୍ଟନର୍ସ ଭାବେ ନୂଆ ନାମରେ ନାମିତ ହୋଇଥିଲା। ତେବେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଖ୍ୟାତ ଗବେଷକ କୋଲେଙ୍କ ମତ ଅନୁଯାୟୀ, ମାନସିକ, ଶାରୀରିକ ଏପରି କି ମନୋ ସାମାଜିକ ଅବସ୍ଥାର ଉପଶମ ଓ ଉନ୍ନତି ବିଧାନ ପାଇଁ ପୋଷ୍ୟଭିତ୍ତିକ ଥେରାପି ଚିକିତ୍ସା ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ପରିଚିତ । ଆମେ ଦେଖିଛେ ବିରାଡି ହୁଅନ୍ତୁ ବା କୁକୁର, ଗୋରୁ ଗାଈଙ୍କଠାରୁ ପକ୍ଷୀ, ଘୋଡ଼ା ହୁଅନ୍ତୁ ବା ଠେକୁଆ ଏପରିକି ଡଲ୍‌ଫିନଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷିତ କରି ସେମାନଙ୍କୁ ମାନସିକ ପୀଡିତଙ୍କ ଶାରୀରିକ ସୁସ୍ଥତା ଓ ଆନନ୍ଦ ପ୍ରଦାନ କରିବା ପାଇଁ ପ୍ରୋତ୍ସାହନ ଦିଆଯାଉଛି। ଏହି ମର୍ମରେ ଓୟେସ୍କ ଜର୍ନାଲ ଅଫ୍ ନର୍ସିଂ ରିସର୍ଚ୍ଚ ପତ୍ରିକାରେ ଉଲ୍ଲେଖ ରହିଛି ଯେ ମାନସିକ ରୋଗାକ୍ରାନ୍ତ ହୁଅନ୍ତୁ ବା ପୀଡ଼ିତ, ସେମାନଙ୍କର ପୁନର୍ବାସ କେନ୍ଦ୍ରରେ ରହିଥିବା ଆକ୍ୱାରିୟମର ରଙ୍ଗିନ ମାଛ ହେଉ ବା ଡଲ୍‌ଫିନର ଆନନ୍ଦମୟ ସନ୍ତରଣ ଦୃଶ୍ୟ ସେମାନଙ୍କୁ ଉଲ୍ଲସିତ ଓ ଆନନ୍ଦିତ କରିଥାଏ। ସମ୍ପ୍ରତି ଆମେରିକା ବ୍ୟତୀତ ନେଦରଲାଣ୍ଡ, ସୁଇଜରଲାଣ୍ଡ ଓ ବେଲଜିୟମରେ ପ୍ରାଣୀଙ୍କ ସହିତ ଆଲିଙ୍ଗନଜନିତ ଚିକିତ୍ସା ପଦ୍ଧତିକୁ ପ୍ରୋତ୍ସାହିତ କରାଯାଉଛି ।

ଭାରତ ମଧ୍ୟ ଏ କ୍ଷେତ୍ରରେ ପଛୁଆ ନାହିଁ। ଏହି ପ୍ରଚେଷ୍ଟା ମଧ୍ୟ ଆରମ୍ଭ ହୋଇଗଲାଣି। ପ୍ରଶିକ୍ଷିତ ପୋଷ୍ୟଜନ୍ତୁମାନଙ୍କ ସାହାଯ୍ୟରେ ମାନସିକ ସ୍ୱାସ୍ଥ୍ୟ ପୁନରୁଦ୍ଧାର ପରି ସେବା ପ୍ରଚଳନ ପାଇଁ କାର୍ଯ୍ୟରତ ରହିଛି ଆନିମଲ ଆଞ୍ଜେଲସ ଫାଉଣ୍ଡେଶନ ଓ ମାନିବ ଫାଉଣ୍ଡେଶନ, ମୁମ୍ବାଇ, ଓୟେରାଭିଲେ, ବେଙ୍ଗାଲୁରୁ ଏବଂ ଫାର ବଲ ଷ୍ଟୋରି, ଦିଲ୍ଲୀ। ପ୍ରଥମ ଓ ଚତୁର୍ଥ କେନ୍ଦ୍ରରେ ପୋଷ୍ୟପ୍ରାଣୀ କୁକୁର, ଦ୍ୱିତୀୟ କେନ୍ଦ୍ରରେ ବିରାଡ଼ି ଏବଂ ତୃତୀୟ କେନ୍ଦ୍ରରେ ପୋଷ୍ୟ ହେଉଛି ଘୋଡ଼ା। ଜର୍ନାଲ ଅଫ୍ ସାଇକୋସୋମାଟିକ ରିସର୍ଚ୍ଚ ପତ୍ରିକାରେ ୨୦୦୦ରେ ପ୍ରକାଶିତ ଗବେଷଣା ନିବନ୍ଧରେ ମନୋବିଜ୍ଞାନୀ ଜେ.ଏସ୍. ଓଡେଣ୍ଡାଲ ଉଲ୍ଲେଖ କରିଛନ୍ତି, ମାନସିକ ରୋଗୀ ଏବଂ ପୋଷ୍ୟମାନଙ୍କ ଶାରୀରିକ ସାକ୍ଷାତରେ ସେମାନଙ୍କ ଉଭୟଙ୍କ ଦେହରେ ନିଉରୋକେମିକାଲ କ୍ଷରଣରେ ତାତ୍ପର୍ଯ୍ୟପୂର୍ଣ୍ଣ ପରିବର୍ତ୍ତନ ସଂଘଟିତ ହୋଇଥାଏ, ଯାହା ସେମାନଙ୍କ ମଧ୍ୟରେ ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନରେ ସହାୟକ ଏବଂ ରୋଗୀର ରୋଗମୁକ୍ତିରେ ଅତ୍ୟନ୍ତ ଫଳପ୍ରଦ। ଆମେରିକାନ ହାର୍ଟ ଆସୋସିଏଶନର ତଥ୍ୟ ଅନୁଯାୟୀ ପୋଷ୍ୟପ୍ରାଣୀଭିତ୍ତିକ ଚିକିତ୍ସା ମଧ୍ୟ ଫଳପ୍ରଦ ହୋଇଥାଏ। ରିପୋର୍ଟ ଅନୁଯାୟୀ ପୋଷ୍ୟପ୍ରାଣୀଙ୍କ ସହ ସୁମଧୁର ଆଳାପ ବା ସମୟ ଅତିବାହିତ କରିବା ଦ୍ୱାରା ରକ୍ତରେ ଆଡ୍ରେଲିନ ହରମୋନର ମାତ୍ରା ୧୭ ଶତାଂଶ କମିଯାଉଛି, ହୃତ୍‌ପିଣ୍ଡସ୍ଥିତ ବାମ ଅଳିନ୍ଦର ରକ୍ତଚାପ ଦଶ ଶତାଂଶ ପ୍ରଶମିତ ହୋଇଯାଉଛି, ଯାହାଦ୍ୱାରା ହୃଦ୍‌ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ ରୋଗଜନିତ ଉଦ୍‌ବେଗ ୨୪ ଶତାଂଶ ହ୍ରାସ ଘଟୁଛି। ଏହି ମର୍ମରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ତଥ୍ୟ ଅନୁଯାୟୀ, ଦେଢ଼ଶହ ମିନିଟର ହାଲୁକା ଶାରୀରିକ ପରିଶ୍ରମ ଦ୍ୱାରା ଜଣେ ଯେଉଁ ସ୍ୱାସ୍ଥ୍ୟଗତ ଫାଇଦା ବା ଉପଶମ ପାଇଥାଏ ତାହା ଦିନକୁ ଦୁଇଥର ନିଜ ପୋଷା କୁକୁର ସହ ପ୍ରଶସ୍ତ ଜାଗାରେ ଚଲାବୁଲା କଲେ ସମାନ ଫଳପ୍ରଦ ମିଳିଥାଏ। ଆପଣ ଅନୁଭବ କରୁଥିବେ ପୋଷ୍ୟ ପ୍ରାଣୀମାନେ ବାସ୍ତବିକ କେବଳ ମାନସିକ ପୀଡ଼ିତଙ୍କ ପାଇଁ ନୁହେଁ, ବରଂ ସାମଗ୍ରିକ ଭାବେ ଜଣଙ୍କ ଜୀବନକୁ ଆନନ୍ଦମୟ କରି ଗଢ଼ି ତୋଳିବାରେ ଯେଉଁ ଅତୁଟ ଅମାପ ଓ ନିଃସ୍ୱାର୍ଥପର ସେବା ସହଯୋଗ, ଭଲପାଇବା ଦେଇଥାଏ ତାହା ସ୍ମରଣୀୟ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ୍, କଟକ**
**ମୋ: ୯୧୩୨୪୩୩୩୩୩**

## ପାଠକ ଶ୍ରେଷ୍ଠ ବିଚାରକ

### ଉଦ୍ୟାନ ଫ୍ରେଶ୍ ଆଉଟ୍‌ଲେଟ୍ ବନ୍ଦ

ମହାଶୟ,

ଭୁବନେଶ୍ୱର ବାସିନ୍ଦାଙ୍କୁ ସୁଲଭ ମୂଲ୍ୟରେ ତଟକା ପନିପରିବା ଯୋଗାଇ ଦେବାକୁ ରାଜ୍ୟ ସରକାର ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟ ମାଧ୍ୟମରେ ସମ୍ପୂର୍ଣ୍ଣ ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ ୧୨ ଗୋଟି ଉଦ୍ୟାନ ଫ୍ରେଶ୍ ଆଉଟ୍‌ଲେଟ୍ ଖୋଲିଥିଲେ । ଲୋକମାନେ ଖୁବ୍ ଖୁସିର ସହ ସେଠାରୁ ସବୁଜ ତଟକା ପନିପରିବା କିଣି ଆଣୁଥିଲେ । କିନ୍ତୁ ଦୁଃଖର ବିଷୟ ଏହି ଯେ ଏବେ ୧୧ ଗୋଟି ଉଦ୍ୟାନ ଫ୍ରେଶ୍ ଆଉଟ୍‌ଲେଟ୍ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି । ତାହାର ପ୍ରକୃତ ସତ୍ୟାସତ୍ୟ କେହି କହିପାରୁ ନାହାନ୍ତି। ଏଥିରେ ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟର ଅପାରଗତା ଓ ଅବହେଳା ସମ୍ପୂର୍ଣ୍ଣ ରୂପେ ପଦାରେ ପଡ଼ିଯାଇଛି। ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟ ପକ୍ଷରୁ ଭୁବନେଶ୍ୱର ସହରର ଆଖପାଖ ଅଞ୍ଚଳରୁ କିଛି ଗାଁକୁ ପୋଷ୍ୟ ଭାବେ ଗ୍ରହଣ କରି ସେହିସବୁ ଗାଁରେ ଆନ୍ତରିକତାର ସହ ଲୋକମାନଙ୍କ ସହ ବିଭିନ୍ନ ପ୍ରକାରର ଆଲୋଚନା କରି ସେମାନଙ୍କୁ ପରାମର୍ଶ ଦେଇ ପନିପରିବା ଚାଷ ପାଇଁ ଉତ୍ସାହିତ କରାଇ ପାରିଲେ ଚାଷୀ ତଥା ଖାଉଟି ଉପକୃତ ହୋଇ ପାରିବେ । ଫଳରେ ଭୁବନେଶ୍ୱରର ଆଖପାଖ ଅଞ୍ଚଳରେ ଥିବା ଗାଁଗୁଡ଼ିକରୁ ପ୍ରଚୁର ପରିମାଣରେ ଆଳୁ, ଦେଶୀ ଆଳୁ, ଟମାଟୋ, ମୂଳା, ବିନ୍ସ, କୋବି, ବାଇଗଣ, ଲଙ୍କା, ପିଆଜ, ସାରୁ, କଖାରୁ, ଲାଉ ଇତ୍ୟାଦି ଉତ୍ପାଦନ ହୋଇପାରିବ । ଯାହାକୁ ଚାଷୀମାନେ ଭୁବନେଶ୍ୱରର ଚାହିଦା ମେଣ୍ଟାଇ ଅନ୍ୟ ଜିଲା ଓ ରାଜ୍ୟ ବାହାରକୁ ମଧ୍ୟ ପଠାଇ ପାରିବେ ଓ ସେମାନଙ୍କ ରୋଜଗାର ପନ୍ଥାର ଉନ୍ନତି ହେବ । ଉଦ୍ୟାନ ବିଭାଗ ଯଦି ଏହିପରି ପୋଷ୍ୟଗ୍ରାମ ଯୋଜନା କରନ୍ତି ତେବେ ଯେଉଁ ୧୧ ଗୋଟି ଉଦ୍ୟାନ ଫ୍ରେଶ୍ ଆଉଟ୍‌ଲେଟ୍ ଯଥେଷ୍ଟ ପରିମାଣର ପନିପରିବା ଅଭାବରୁ ବନ୍ଦ ହୋଇଯାଇଛି ପୁଣି ସେଗୁଡିକ ଖୋଲାଯାଇ ପାରନ୍ତା।

**-ଡ. ଲକ୍ଷ୍ମୀ ନାରାୟଣ କର, ସୂର୍ଯ୍ୟନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜୀବନ-କଳାରେ ସେ ଯେ ଶ୍ରେଷ୍ଠ ମୋ କଳାପ
ଯଉବନ-ସଙ୍ଗତେ ଆଦିମ ସେ ଆଳାପ
ପ୍ରାଣସମ ତାକୁ ମୋର ଦେୟ ଶେଷ ଶ୍ରଦ୍ଧା
କଣ୍ଟକିତ ଜୀବନେ ସେ ସୁକୁମାର ଗୋଲାପ ।

-(ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଜିଲା ରକ୍ତ ଭଣ୍ଡାରରେ ରକ୍ତ ଅଭାବ

## ଗୁରୁତର ରୋଗୀଙ୍କୁ ମିଳୁନି

## ୧୨୮ ୟୁନିଟ୍ ରକ୍ତ ଜିଲା ପାଇଁ ପର୍ଯ୍ୟାପ୍ତ ନୁହେଁ

ବାରିପଦା,୨୯।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରକ୍ତ ବିନା ଜୀବନ ଅସମ୍ଭବ। ରକ୍ତ ଦାନ କରି ଜୀବନ ବଞ୍ଚାନ୍ତୁ। ରକ୍ତର ଗୋଟିଏ ବୁନ୍ଦା କାହାରି ଜୀବନର ଜୀବନରେଖା ବଦଳାଇପାରେ। ଏଭଳି ବାର୍ତ୍ତା ନେଇ ସାରା ଜିଲାରେ ରକ୍ତଦାନ ଶିବିର ଆୟୋଜନ କରାଯାଉଥିଲେ ମଧ୍ୟ ମୟୂରଭଞ୍ଜ ଜିଲାରେ ରକ୍ତର ଅଭାବ ଦେଖାଦେଇଛି। ଫଳରେ ରକ୍ତର ଆବଶ୍ୟକତା ପୂରଣ ହୋଇପାରୁ ନ ଥିବାରୁ ରୋଗୀଙ୍କ ଜୀବନ ଦୁର୍ବିସହ ହୋଇ ପଡ଼ୁଛି। ଏପରିକି ଗୁରୁତର ରୋଗୀଙ୍କ ଅସ୍ତ୍ରୋପଚାରରେ ବାଧା ଉପୁଜୁଥିବା ବେଳେ ଥାଲାସାମିଆ ରୋଗୀଙ୍କ ଚିନ୍ତା ବଢ଼ିଛି।

ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲା ମୁଖ୍ୟାଳୟରେ ଅବସ୍ଥିତ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ପରିଲକ୍ଷିତ ହୋଇଛି। ଜନସଂଖ୍ୟା ବୃଦ୍ଧି ତୁଳନାରେ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଫଳରେ ରକ୍ତର ଆବଶ୍ୟକତା ବଢୁଥିବାରୁ ଆବଶ୍ୟକ ତୁଳନାରେ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ସଂଖ୍ୟା ହ୍ରାସ ପାଇବା ପ୍ରମୁଖ ସମସ୍ୟା ଭାବେ ଦେଖାଯାଉଛି। ରାସଗୋବିନ୍ଦପୁର ବ୍ଲକ୍ ଅଧୀନ ଗାଁଅରିଆ ଅଞ୍ଚଳର ଗୁରୁତର ରୋଗୀ ମୁରଲୀ ବେହେରାଙ୍କ ଅସ୍ତ୍ରୋପଚାର ପାଇଁ ୪ ୟୁନିଟ ରକ୍ତର ଆବଶ୍ୟକତା ରହିଥିଲା। ତାଙ୍କ ଶରୀରରେ ଥିବା ରକ୍ତରେ ପ୍ଲେଟଲେଟ କମ୍ ଥିବାରୁ ଅସ୍ତ୍ରୋପଚାର ଅଟକି ଯାଇଥିଲା। ଯାହାକୁ ନେଇ ଜିଲାର ଦୁଇ ଖବରଦାତା ରଞ୍ଜନ କୁମାର ଦାଶ ଓ ଦୋଳଗୋବିନ୍ଦ ବାରିକ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରକ୍ତ ଭଣ୍ଡାରରୁ ପ୍ରତିବଦଳ ରକ୍ତ ସମ୍ପୃକ୍ତ ରୋଗୀଙ୍କୁ ଦିଆଯିବା ପରେ ଅସ୍ତ୍ରୋପଚାର ସମ୍ଭବ ହୋଇଥିଲା। ସେହିପରି ବାରିପଦା ସହର ୱାର୍ଡ ନଂ.୧୫ ବାଘଡ଼ାରୋଡ଼ର ରାମନନ୍ଦ ଗୋସ୍ୱାମୀ କହନ୍ତି, ତାଙ୍କ ମାଆଙ୍କ ପାଇଁ ରକ୍ତର ଆବଶ୍ୟକତା ଥିବା ବେଳେ ରକ୍ତ ଭଣ୍ଡାରରୁ ରକ୍ତ ମିଳିପାରିଲା ନାହିଁ। ବହୁତ କଷ୍ଟରେ ଜଣେ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ରକ୍ତ ପ୍ରତିବଦଳରେ ଗୋଟିଏ ୟୁନିଟ ରକ୍ତ ମିଳିଥିଲା। ଗାଁ ଗଣ୍ଡାରୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟମାନେ ରକ୍ତ ପାଇଁ ବହୁ ହଇରାଣ ହରକତ ହେଉଛନ୍ତି। ସେହିପରି ଭାମ ସାଁସଦା କହନ୍ତି, ମାଆଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ରକ୍ତର ଅଭାବ ଥିବା ନେଇ ଡାକ୍ତର ପରାମର୍ଶ ଦେଇଥିଲେ। ତେବେ ରକ୍ତ ଭଣ୍ଡାରରେ ବି ପଜିଟିଭ୍ ରକ୍ତର ଅଭାବ ରହିଥିବାରୁ ନିଜେ ରକ୍ତଦାନ କରି ପ୍ରତିବଦଳରେ ଗୋଟିଏ ରକ୍ତ ନେଇ ମାଆଙ୍କୁ ଦେଇଛି। ତେବେ ବାରିପଦା ରକ୍ତ ଭଣ୍ଡାର ପକ୍ଷରୁ ରକ୍ତର ଅଭାବ ଦୂର କରିବା ପାଇଁ ବିଭିନ୍ନ ସଙ୍ଗଠନ ଜରିଆରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରି ରକ୍ତ ସଂଗ୍ରହ କରୁଛନ୍ତି। ସେହିପରି ରକ୍ତ ଭଣ୍ଡାରକୁ ମିଳିଥିବା ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଭ୍ୟାନ ଜରିଆରେ ରକ୍ତ ସଂଗ୍ରହ କରାଯାଉଛି। ବିଭିନ୍ନ ସଙ୍ଗଠନକୁ ଛାଡିଦେଲେ ଅନେକ ସ୍ୱେଚ୍ଛାକୃତ ରକ୍ତଦାତା ନିୟମିତ ବ୍ୟବଧାନରେ ରକ୍ତଦାନ କରୁଥିଲେ ହେଁ ରକ୍ତର ଅଭାବ ଦେଖାଦେଉଛି। ମିଳିଥିବା ତଥ୍ୟ ଅନୁସାରେ, ୨୦୨୨ରେ ୯୦ଟି ରକ୍ତଦାନ ଶିବିର ଓ ୪୬୩୪ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ମାଧ୍ୟମରେ ମୋଟ ୧୦,୫୭୭ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ସେଥି ମଧ୍ୟରୁ ୪୨୭ଟି ସଂକ୍ରମିତ ରହିଥିବା ବେଳେ ୧୦,୪୩୮ ରୋଗୀ ଓ ୫,୯୪୩ ଜଣଙ୍କୁ ବଦଳ ରକ୍ତଦାନ କରାଯାଇଛି । ସେହିପରି ୨୦୨୩ରେ ୧୦୮ଟି ରକ୍ତଦାନ ଶିବିର ଓ ୬୮୫୧ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଜରିଆରେ ମୋଟ ୧୨,୪୩୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ସେଥି ମଧ୍ୟରୁ ୩୭୦ଟି ସଂକ୍ରମିତ ରକ୍ତ ରହିଥିବା ବେଳେ ୧୧,୯୨୪ଜଣ ରୋଗୀ ଓ ୫,୫୮୮ଜଣଙ୍କୁ ବଦଳ ରକ୍ତଦାନ କରାଯାଇଛି। ୨୦୨୪ରେ ୯୨ଟି ରକ୍ତଦାନ ଶିବିର, ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରତିବଦଳ ରକ୍ତଦାତାଙ୍କୁ ମିଶାଇ ମୋଟ ୧୩,୮୭୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ସେଥିମଧ୍ୟରୁ ୨୭୧ଟି ସଂକ୍ରମିତ ରକ୍ତ ରହିଥିବା ବେଳେ ୧୩,୦୫୮ ଜଣ ରୋଗୀଙ୍କୁ ରକ୍ତଦାନ କରାଯାଇଛି। ସେହିପରି ଚଳିତ ବର୍ଷ ୨୦୨୫ରେ ଅଦ୍ୟାବଧି ୧୦୭ଟି ରକ୍ତଦାନ ଶିବିର, ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରତିବଦଳ ରକ୍ତଦାତାଙ୍କୁ ମିଶାଇ ୧୨,୫୦୪ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ସେଥି ମଧ୍ୟରୁ ୧୮୫ଟି ସଂକ୍ରମିତ ରକ୍ତ ରହିଥିବା ବେଳେ ୧୨,୬୯୫ ୟୁନିଟ ରକ୍ତ ରୋଗୀଙ୍କୁ ପ୍ରଦାନ କରାଯାଇଛି।



ବାରିପଦା ରକ୍ତ କେନ୍ଦ୍ର।

ରକ୍ତ ଭଣ୍ଡାର ଦାୟିତ୍ୱରେ ଥିବା ଡା.ସୌମ୍ୟ ରଞ୍ଜନ ନାୟକଙ୍କୁ ପଚାରିବାରୁ ସାରା ରାଜ୍ୟରେ ରକ୍ତର ଅଭାବ ଦେଖାଦେଇଛି। ରକ୍ତ ଭଣ୍ଡାରରେ ମାତ୍ର ୧୨୮ୟୁନିଟ ରକ୍ତ ରହିଛି। ଯାହାକି ଜରୁରୀ ସମୟରେ ପ୍ରତିବଦଳ ଭାବେ ରକ୍ତ ଦିଆଯାଉପାରିବ ବୋଲି କହିଛନ୍ତି। ତେବେ ପ୍ରତି ବର୍ଷ ୨୦ ପ୍ରତିଶତ ରକ୍ତର ଅଭାବ ଦେଖାଦେଉଛି। ବାରିପଦା ରକ୍ତ ଭଣ୍ଡାରରେ ରକ୍ତର ପ୍ରକ୍ରିୟା କରଣ ୟୁନିଟ ରହିଥିବାରୁ ଶତପ୍ରତିଶତ ପିଆରବିସି, ପ୍ଲାଜ୍ମା ଓ ପ୍ଲେଟଲେଟ ପୃଥକୀକରଣ ବ୍ୟବସ୍ଥା କରାଯାଉଛି। ଏହି ସବୁ ରକ୍ତର ଆବଶ୍ୟକତା ପାଇଁ ପଡ଼ୋଶୀ ଜିଲା ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଅଞ୍ଚଳରୁ ବହୁ ଲୋକ ରକ୍ତ ନେବାକୁ ଆସୁଛନ୍ତି। ରକ୍ତର ଆବଶ୍ୟକତା ବୃଦ୍ଧି ପାଉଥିବା ବେଳେ ଯୋଗାଣ ବ୍ୟବସ୍ଥା କମିବାରେ ଲାଗିଛି। ତେବେ ୪ଟି ନେଗେଟିଭ ବର୍ଗ ଯଥା–ଏ ଗ୍ରୁପ, ବି ଗ୍ରୁପ ଏବଂ ଏବି ଗ୍ରୁପର ରକ୍ତ ଆଦୌ ନ ଥିବାରୁ ରୋଗୀଙ୍କ ପାଇଁ ସମସ୍ୟା ଦ୍ୱିଗୁଣିତ ହୋଇପଡ଼ିଛି। ଜିଲାରେ ରକ୍ତର ଅଭାବ ପୂରଣ କରିବା ପାଇଁ ପ୍ରତି ଗାଁରୁ ସହର ପର୍ଯ୍ୟନ୍ତ ରକ୍ତଦାନ କରିବା ଜରୁରୀ ହୋଇପଡ଼ିଛି। ରାଜନେତାଙ୍କଠାରୁ ଆରମ୍ଭ କରି ବିଭିନ୍ନ ସଙ୍ଗଠନ ପକ୍ଷରୁ ବ୍ୟାପକ ଭାବେ ରକ୍ତଦାନ ଶିବିର ଜରିଆରେ ସ୍ୱେଚ୍ଛାକୃତ ରକ୍ତଦାତାମାନେ ରକ୍ତଦାନ କରିପାରିଲେ ଏହାର ଅଭାବ ଦୂର ହୋଇପାରିବ। ରକ୍ତଦାନ ଭଳି ମହତ କାର୍ଯ୍ୟ କରିବା ସହିତ ରୋଗୀଙ୍କୁ ନୂଆ ଜୀବନ ଦେବାର ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

# ଧାରଣାରେ ବସିଲେ ଗ୍ରାମବାସୀ

## ଗାଁ ନିକଟରେ ବର୍ଜ୍ୟବସ୍ତୁ ପରିଚାଳନାକୁ ବିରୋଧ

କରଞ୍ଜିଆ,୨୯।୧୦(କବିତା ମହାନ୍ତ)

କରଞ୍ଜିଆ ଠାରୁ ୩ କି.ମି ଦୂର ବଡ଼ଦେଉଳି ପଞ୍ଚାୟତ ଅନ୍ତର୍ଗତ ଶରଧା ଗ୍ରାମରେ ଖୋଲା ଯାଉଥିବା ମାଇକ୍ରୋ କମ୍ପୋଷ୍ଟ ପିଟକୁ ଗ୍ରାମବାସୀ ବିରୋଧ କରିଛନ୍ତି। ବୁଧବାର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସି ପିଟ ଖୋଲାକୁ ବିରୋଧ କରିଥିଲେ। ଓକିଲ ସଂଘର ସଭାପତି ମଦନ ମହନ ମହାନ୍ତଙ୍କ ସହିତ ଗ୍ରାମର ମଞ୍ଜୁଲତା ମାଟିଆ, କବିତା ମାଟିଆ, ବିଳାସୀ ମାଟିଆ, ରେବତୀ ନାୟକ, ସୁକାନ୍ତି ବେହେରା, ଲଳିତା ମହାନ୍ତ, ଝଗଡୁ ମାଟିଆ, ସୁଶାନ୍ତ ମାଟିଆ, ରମେଶ ମହାନ୍ତ, ଯୋଗେଶ୍ୱର ମହାନ୍ତନ୍ଙ୍କ ନେତୃତ୍ୱରେ ଗ୍ରାମବାସୀ ଧାରଣା ଦେଇଥିଲେ। ପରେ ଉପଜିଲାପାଳ କସ୍ତୁରୀ ପଣ୍ଡାଙ୍କ ସହିତ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ହେଲା, ଶରଧା ଗ୍ରାମବାସୀ ପୁରୁଷ ପୁରୁଷ ଧରି ଉକ୍ତ ସରକାରୀ ଜମିକୁ ବ୍ୟବହାର କରି ଆସୁଛନ୍ତି। ବର୍ଜ୍ୟବସ୍ତୁ ଗ୍ରାମ ନିକଟରେ ପରିଚାଳନା କରାଗଲେ ଏହା ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିବ ଓ ପରିବେଶ ଦୂଷିତ ହେବ। ଏଣୁ ଉକ୍ତ ପିଟକୁ ଅନ୍ୟତ୍ର ଉଠାଇ ନେବା ପାଇଁ ଦାବି କରିଛନ୍ତି।

# ମୁଣ୍ଡାରୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦାବି

ବାରିପଦା,୨୯।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୁଣ୍ଡାରୀ ଜନଜାତିର ଲୋକଙ୍କର ଦୀର୍ଘ ବର୍ଷର ଦାବି ସତ୍ତ୍ୱେ କେନ୍ଦ୍ର ସରକାର ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚିରେ ସାମିଲ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଜିଲାପଳଙ୍କ ଜରିଆରେ ମୁଣ୍ଡାରୀ ସମାଜ ସାଂୱାର ଜାମଡା ତରଫରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ଏବଂ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଓଡ଼ିଶା, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟ ସରକାରମାନେ ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ପାଇଁ କେନ୍ଦ୍ରକୁ ସୁପାରିଶ କରିଥିଲେ। ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ହାସଲ ନିମନ୍ତେ ମୁଣ୍ଡାରୀ ସମାଜ ସାଂୱାର ଜାମଡାର ସଭାପତି ନନ୍ଦଲାଲ ସିଂଙ୍କ ନେତୃତ୍ୱରେ ଉପସଭାପତି ଜେନା ପ୍ରସାଦ ସିଂ, କୋଷାଧ୍ୟକ୍ଷ ବନ୍ଦୀରାମ ସିଂ, ସହ କୋଷାଧ୍ୟକ୍ଷ ରୋହିଦାସ ସିଂ, ଆଇନଜୀବୀ ସୁରେନ୍ଦ୍ର ସିଂ, ଶୁକ୍ରା ସିଂ, ଓମସାର ସଭାପତି ମଙ୍ଗଲ ସିଂ ପ୍ରମୁଖ ଉପସ୍ଥିତ ରହି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ମୁଣ୍ଡାରୀ ସମାଜ ସାଂୱାର ଜାମଡାର ପକ୍ଷରୁ କଡା ଚେତାବନୀ ଦିଆଯାଇଛି।

# ଚୋରି ସ୍କୁଟି ଜବତ କଲା ପୋଲିସ

ଠାକୁରମୁଣ୍ଡା,୨୯।୧୦(ତାରାକାନ୍ତ ପଟ୍ଟନାୟକ)– ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ନିହାଣଗଣ୍ଡି ଗ୍ରାମରୁ ଗତ ୨୭ ତାରିଖ ରାତିରେ ଚୋରି ହୋଇଥିବା ସ୍କୁଟିକୁ ଠାକୁରମୁଣ୍ଡା ଥାନା ପୋଲିସ ଜବତ କରିଛି। ଏଥିରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନିହାଣଗଣ୍ଡି ଗ୍ରାମର ଦିବାକର ଦାସ। ସୂଚନା ଅନୁଯାୟୀ, ନିହାଣଗଣ୍ଡି ଗ୍ରାମର ସବିତା ଜେନା ସୋମବାର ରାତିରେ ଘରେ ଶୋଇଥିବା ବେଳେ ଚୋର ଘରପାଚେରି ଡେଇଁ ଚାବି ଭଙ୍ଗି ସ୍କୁଟି ଚୋରି କରି ନେଇଥିଲେ। ଏନେଇ ସବିତା ମଙ୍ଗଳବାର ଠାକୁରମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରିଣୀ ସାବିତ୍ରୀ ଦଲେଇ ତଦନ୍ତ ଚଳାଇ ଚୋରି ସ୍କୁଟି ଜବତ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ. ୧୨୪/୨୦୨୫) ରୁଜୁ ହୋଇଛି।

# ମୋନ୍ଥା ପ୍ରଭାବରେ ଧାନ ନଷ୍ଟ ଆଶଙ୍କା

ଗୋପବନ୍ଧୁ ନଗର,୨୯।୧୦(ଶାନ୍ତନୁ କୁମାର ମଡୁଆଳ)– ବାତ୍ୟା ମୋନ୍ଥା ପ୍ରଭାବରେ ଗତ ୨ ଦିନ ଧରି ଲାଗି ରହିଥିବା ଲଗାଣ ବର୍ଷାରେ ଗୋପବନ୍ଧୁ ନଗର ବ୍ଲକରେ ଧାନ ଓ ପନି ପରିବା ଫସଲ ଉପରେ ସିଧା ସଳଖ ପ୍ରଭାବ ପଡିଛି। ଅଧିକ ବର୍ଷା ଯୋଗୁଁ ଅପରିପକ୍ୱ ଧାନଗଛ କ୍ଷେତରେ ଶୋଇପଡ଼ିଛି। ଯଦିଓ କିଛି ଜମି ପାଣି ଆବଶ୍ୟକ କରୁଥିଲା ଆଉ କିଛି ଜମିରେ ଅଧିକ ପାଣି ଯୋଗୁ ଧାନ ନଷ୍ଟ ଆଶଙ୍କା ଦେଖାଦେଇଛି। ଉକ୍ତ ବ୍ଲକ ଅଧୀନ ୧୩ ପଞ୍ଚାୟତର ପ୍ରାୟ ୧୧୪୫ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ତେବେ ଏହି କ୍ଷୟକ୍ଷତିର ଆକଳନ କରି ଚାଷୀଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ଦାବି ହୋଇଛି।

# ଦେଶୀ ମଦ, ମହୁଲ ପୋଚ ଜବତ

ବେତନଟୀ, ୨୯।୧୦(ଧରଣୀଧର ମହାନ୍ତି): ମୟୂରଭଞ୍ଜ ଜିଲା ଅବକାରୀ ସୁପେରିଣ୍ଟେଣ୍ଡେଣ୍ଟ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ଅବକାରୀ ବିଭାଗ, ବାରିପଦା ଅବକାରୀ ମୋବାଇଲ ଟିମ, ଖୁଣ୍ଟା ଓ ଉଦଳା ଅବକାରୀ ଟିମ ମିଳିତ ଭାବେ ଚଢ଼ାଉ କରି ଦେଶୀ ମଦ ଓ ମହୁଲ ପୋଚ ଜବତ କରିଛି। ବଡ଼ସାହି ଅସ୍ତୁଝରଣ, କମଳା ଶୋଳ ଅଞ୍ଚଳରୁ ୯୨୦୦ କେଜି ମହୁଲ ପୋଚ, ଦେଶୀ ମଦ ୮୪୦ ଲିଟର ଜବତ କରାଯିବା ସହ ମଦ ତିଆରି ସାମଗ୍ରୀ ନଷ୍ଟ କରାଯାଇଛି। ବେତନଟୀ ଅବକାରୀ ଇନ୍ସପେକ୍ଟର ପ୍ରଦୀପ କୁମାର ବେହେରା, ଇନ୍ସପେକ୍ଟର ସଞ୍ଜୟ କୁମାର କାଣ୍ଡି, ଉଦଳା ଓଆଇସି ସୂର୍ଯ୍ୟକାନ୍ତ ମଲ୍ଲିକଙ୍କ ସମେତ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ।

# ବିପଦ ସାଜିଛି ଗଭୀର ଖାଲ


ଖୋଳାଯାଇଥିବା ଖାଲ।

ବେତନଟୀ,୨୯।୧୦ (ଧରଣୀଧର ମହାନ୍ତି)

ରୂପ୍‌ସାରୁ ବାଙ୍ଗିରିପୋଷୀ ରେଳଲାଇନ ମଧ୍ୟରେ ବେତନଟୀ ଷ୍ଟେଶନଠାରୁ ମାତ୍ର ଦୁଇ କିମି ଦୂରରେ ଯୁଗଳ ରେଳ ପ୍ଲାଟଫର୍ମ ରହିଛି। ଏହି ପ୍ଲାଟଫର୍ମ ନିକଟରେ ରେଳ ପରିସୀମାରେ ୧୦ ଫୁଟ ଗଭୀରର ଖାଲ ଖୋଳାଯାଇଛି। ଯାହାର ଲମ୍ବ ୧୫ ଫୁଟ ଓ ଓସାର ୧୦ ଫୁଟ ହେବ ବୋଲି ଜଣାଯାଇଛି। ସ୍ଥାନୀୟ ଗ୍ରାମବାସୀଙ୍କ କହିବା ଅନୁସାରେ ଜଣେ ରେଲୱେ ଠିକାଦାରଙ୍କର ଲୋକ ପ୍ରାୟ ୬ ଦିନ ପୂର୍ବରୁ ଏହି ଖାଲ ଖୋଳିଥିବା ବେଳେ ତାହା ମଧ୍ୟରେ ବିଭିନ୍ନ ଗୃହପାଳିତ ପ୍ରାଣୀ, ଜୀବଜନ୍ତୁ ଓ ମଣିଷ ନ ପଡିବା ପାଇଁ ଅସ୍ଥାୟୀ ସୁରକ୍ଷା ବାଡ଼ ଦିଆଯାଇନାହିଁ। ବିପଜ୍ଜନକ ଅବସ୍ଥାରେ ଖାଲ ଖୋଳି ପକାଇ ଦେଇଥିବା ବେଳେ ନିକଟରେ ଜନବସତି ଥିବା ବ୍ରହ୍ମପୁରା ଗ୍ରାମ ଅଙ୍ଗନୱାଡିର କୁନି କୁନି ପିଲା, ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମଧ୍ୟ ରହିଛନ୍ତି। ଯୁଗଳ ରେଳ ଷ୍ଟପେଜକୁ ଯିବା ପାଇଁ ସେଠାରେ ରାସ୍ତା ସହିତ ଗ୍ରାମ ସଡ଼କ ମଧ୍ୟ ରହିଛି। ସଡ଼କ ପାର୍ଶ୍ୱରେ ଏହି ବିପଜ୍ଜନକ ଖାଲ ଖୋଳା ଯାଇଥିବା ବେଳେ ଲଘୁଚାପ ଜନିତ ବର୍ଷା ଯୋଗୁ ଖାଲରେ ପାଣି ଭର୍ତ୍ତି ହୋଇଥିବାରୁ ଯେକୌଣସି ସମୟରେ ସେଥିରେ ପଡି ପାଣିରେ ବୁଡି ଜୀବନ ଯିବାର ସମ୍ଭାବନା ରହିଛି। ସ୍ଥାନୀୟ ଗ୍ରାମବାସୀ ଉକ୍ତ ଠିକାଦାରଙ୍କ ଲୋକଙ୍କୁ ଚିହ୍ନିଥିବା ବେଳେ ତାଙ୍କୁ ଏସମ୍ପର୍କରେ ଜଣାଇଥିଲେ। ସେ କୌଣସି ଉତ୍ତର ନ ଦେଇ ପଳାଇ ଯାଇଥିଲେ। ଏସମ୍ପର୍କରେ ଠିକ ଖବର ଗ୍ରାମବାସୀଙ୍କ ପାଖରେ ନ ଥିବାରୁ ସେମାନେ କୌଣସି ଅଧିକାରୀଙ୍କୁ ଅଭିଯୋଗ କରିନାହାନ୍ତି। ଏଥିପାଇଁ ସ୍ଥାନୀୟ ରେଲୱେ ଷ୍ଟେଶନ ମାଷ୍ଟର ଓ ଦାୟିତ୍ୱରେ ଥିବା ରେଳ ବିଭାଗର ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି।

# ଗାଁରେ ପଶିଲା ଭାଲୁ

## ଆକ୍ରମଣରେ ଜଣେ ଗୁରୁତର

ଉଦଳା,୨୯।୧୦
(ସନ୍ତୋଷ କୁମାର ବାଛିନୀ)

କପ୍ତିପଦା ବନାଞ୍ଚଳ ଅଧୀନ ଡିହିରାକୁଳ ଗ୍ରାମରେ ଭାଲୁ ଆତଙ୍କ ଦେଖାଦେଇଛି। ବୁଧବାର ଭୋର ୫ଟା ସମୟରେ ଗ୍ରାମ ଭିତରକୁ ଏକ ଭାଲୁ ପଶି ଆସିଥିଲା ଏହି ସମୟରେ ଗ୍ରାମର ସୋମନାଥ ପ୍ରଧାନ ଶୌଚ ନିମନ୍ତେ ଯାଉଥିଲାବେଳେ ଭାଲୁଟି ତାଙ୍କୁ ଆକ୍ରମଣ କରିଥିଲା। ଭାଲୁ ସୋମନାଥଙ୍କ ହାତ ଏବଂ ଛାତିକୁ ଆକ୍ରମଣ କରିଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଛନ୍ତି। ଅନ୍ୟପଟେ ଭାଲୁଟି ଗ୍ରାମ ଭିତରେ ବୁଲିବା ସହିତ ଜନବସତି ପାଖରେ ଥିବା ଏକ ବୁଦାରେ ପଶି ଯାଇଥିଲା। ଖବର ପାଇ କପ୍ତିପଦା ବନାଞ୍ଚଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଭାଲୁଟିକୁ କାବୁ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ବୁଦାରେ ଭାଲୁଟି ଲୁଚି ରହିଥିବାରୁ ଗ୍ରାମବାସୀ ଉକ୍ତ ରାସ୍ତାରେ ଯିବା ଆସିବା କରୁ ନ ଥିବା ଏବଂ ଭୟଭୀତ ଅବସ୍ଥାରେ ରହିଥିବା କହିଛନ୍ତି ଗ୍ରାମର ଶତ୍ରୁଘନ ସାହୁ, ଭାଗବତ ବେହେରା, ଅଶୋକ କୁମାର ହାତୀ। ରେଞ୍ଜର ଅଚ୍ୟୁତାନନ୍ଦ ଦାସଙ୍କୁ ପଚାରିବାରୁ ଭାଲୁଟି ସକାଳ ସମୟରେ ଗ୍ରାମରେ ପଶିଥିବା ବେଳେ ତାକୁ କେତେଜଣ ଯୁବକ ପଥର ମାରିବାରୁ ସେ ଗ୍ରାମ ନିକଟ ବୁଦାରେ ପଶି ପରେ ପାଖ ଜଙ୍ଗଲକୁ ଚାଲିଯାଇଛି। ତେଣୁ କେହି ଭୟଭୀତ ହେବାର ଆବଶ୍ୟକ ନାହିଁ ବୋଲି କହିଛନ୍ତି।

# ମୋନ୍ଥା ପ୍ରଭାବରେ ତୁହାକୁ ତୁହା ବର୍ଷା

## ଜନଜୀବନ ଅସ୍ତବ୍ୟସ୍ତ

ବାରିପଦା,୨୯।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାତ୍ୟା ମୋନ୍ଥାର ପ୍ରଭାବରେ ମୟୂରଭଞ୍ଜ ଜିଲାରେ ତୁହାକୁ ତୁହା ବର୍ଷା ଲାଗି ରହିଛି। ପାଚିଲା ଧାନ କ୍ଷେତ ନଷ୍ଟ ହେବା ଅଶଙ୍କାରେ ଚାଷୀ ହତାଶ ହୋଇପଡ଼ିଛନ୍ତି। ଜିଲାରେ ସର୍ବାଧିକ ଉଦଳା ବ୍ଲକରେ ୧୦୫ମିମି ବର୍ଷା ହୋଇଥିବା ବେଳେ କୁସୁମୀ ଓ ଶୁକ୍ଲି ବ୍ଲକରେ ଆଦୌ ବର୍ଷା ହୋଇ ନ ଥିବା ପାଣିପାଗ ବିଭାଗ ପକ୍ଷରୁ ଜଣାପଡ଼ିଛି। ଅନେକ ବ୍ଲକରେ ଖୁବ କମ ପରିମାଣ ବର୍ଷା ହୋଇଛି ।

ଶାମାଖୁଣ୍ଟା ବ୍ଲକ୍‌ରେ ୩୧ମିମି, ବଡ଼ସାହିରେ ୪୪ମିମି, ବେତନଟୀ ଓ କପ୍ତିପଦାରେ ୮୫ ମିମି, ମୋରଡ଼ାରେ ୨୧ମିମି, ରାସଗୋବିନ୍ଦପୁରରେ ୩୦ମିମି, କୁଳିଅଣାରେ ୧୩ମିମି, ସାରସକଣାରେ ୩୦ମିମି, ଶୁଳିଆପଦାରେ ୧୭ମିମି, ବାଙ୍ଗିରିପୋଷିରେ ୨୨ମିମି, ବାରିପଦାରେ ୨୫.୧ମିମି, ଖୁଣ୍ଟାରେ ୬୬ମିମି, ଜିଵିନଗରରେ ୭୧ମିମି, ବିଶୋଇରେ ୪୪ମିମି, ବିଜାତଳାରେ ୧୨ମିମି, ରାଇରଙ୍ଗପୁରରେ ୧୧ମିମି, ଜାମଦାରେ ୨ମିମି, ବହଳଦାରେ ୧.୬ମିମି, ତିରିଂରେ ୧୮.୬ ମିମି, କରଞ୍ଜିଆରେ ୭ମିମି, ଠାକୁରମୁଣ୍ଡାରେ ୨୭ମିମି, ରରୁଆଁ ବ୍ଲକରେ ୧.୨ମିମି ଓ ଯଶିପୁରରେ ୧୭.୨ମିମି ବର୍ଷା ରେକର୍ଡ କରାଯାଇଛି। ଜିଲାରେ ମୋଟ ୭୮୬.୭ମିମି ବର୍ଷା ହୋଇଥିବା ବେଳେ ବର୍ଷାର ଅନୁପାତ ୩୦.୨୬ ରହିଛି। ବୁଧବାର ଦିନତମାମ ମେଘୁଆ ପାଗ ରହିଥିବା ବେଳେ ଝିପିଝିପି ବର୍ଷା ଯୋଗୁ ଜନଜୀବନ ବ୍ୟାହତ ହୋଇଛି। ବର୍ଷା ଯୋଗୁ ବାରିପଦା ସହରରେ ଜନଗହଳି କମ୍ ଦେଖାଦେଇଛି। ସେହିପରି ଶିମିଳିପାଳ ଅଭୟାରଣ୍ୟରେ ବୁଧବାର ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ମଧ୍ୟରେ ବରେହିପାଣି ରେଞ୍ଜରେ ୧୧.୪୩ମିମି, ନଆଁଣାରେ ୫୫.୬ମିମି, ଠାକୁରମୁଣ୍ଡାରେ ୧.୨୭ମିମି, କବାଟଘାଇରେ ୪.୩୧୮ମିମି, କେନ୍ଦୁମୁଣ୍ଡିରେ ୨.୫୪ମିମି, ପୋଡ଼ାଡିହାରେ ୧୬.୭୬୪ମିମି, ଭଞ୍ଜବସାରେ ୧୨.୭ମିମି, ଉପର ବାରହାକାମୁଡ଼ାରେ ୨.୪ମିମି, ଡୋଭରେ ୧୦.୧ମିମି, ସାତକୋଶିଆରେ ୧୨.୭ମିମି, ଚହଲାରେ ୯.୪ମିମି, ବାରିପଦାରେ ୩୦.୦୬୮ମିମି, କୁଳିପାଳରେ ୩୧.୭୫ମିମି, ପିଠାବଟାରେ ୩୫.୫୬ମିମି, ଡୁକୁରାରେ ୧୨.୪୪୬ମିମି, ବଡଗାଁରେ ୫୯.୧୮୨ମିମି ଓ ଜେନାବିଲରେ ୪.୩୧୮ମିମି ବର୍ଷା ହୋଇଥିବା ବନ ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି। ବର୍ଷା ଛାଡିବା ପରେ କ୍ଷୟକ୍ଷତିର ଆକଳନ କରାଯାଇ ଏସଆରସିଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ କହିଛନ୍ତି।

**TPNODL**

**TP Northern Odisha Distribution Limited**
(A Tata Power & Odisha Govt. Joint Venture)
Regd. Off: Corp. Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

**NOTICE INVITING TENDER (NIT) 30th October, 2025**

**TP Northern Odisha Distribution Limited** invites tender from eligible bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500001080 | Rate Contract for Supply of HT & LT Studs |
| 2 | TPNODL/OT/2025-26/2500001076 | Rate Contract for Supply of Transformer Oil |

* MSMEs registered in the State of Odisha shall pay tender fee of Rs. 1,000/- including GST.
* * EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.

**Chief- Contracts & MM**

# ୧୨ ତହସିଲରେ ଖୋଲିବ ସବ୍‌ରେଜିଷ୍ଟ୍ରାର ଅଫିସ୍

ବାରିପଦା,୨୯।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଜମିବାଡି ସଂକ୍ରାନ୍ତୀୟ ସମସ୍ୟାର ସମାଧାନ ପାଇଁ ମୟୂରଭଞ୍ଜ ଜିଲାରେ ସବ ରେଜିଷ୍ଟ୍ରାର ଅଫିସ ଖୋଲିବାକୁ ନେଇ ବିଭାଗୀୟ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ନଭେମ୍ବର ୧ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସ ଜରିଆରେ ଜିଲାର ୧୨ଟି ତହସିଲରେ ୧୨ଟି ସବ୍ ରେଜିଷ୍ଟ୍ରାର ଅଫିସକୁ ଉଦ୍‌ଘାଟନ କରିବେ। ଏହାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଜିଲାର ୨୬ଟି ତହସିଲ ମଧ୍ୟରୁ ୯ଟି ସବ ରେଜିଷ୍ଟ୍ରାର ଅଫିସ ରହିଥିବା ବେଳେ ନୂତନ ଭାବେ ୧୨ଟି ଖୋଲାଯିବ। ସେଗୁଡ଼ିକ ହେଲା ରରୁଆଁ, ଶୁକ୍ଲି, ଠାକୁରମୁଣ୍ଡା, ମୋରଡ଼ା, ବିଜାତଳା, ବିଶୋଇ, କୁସୁମୀ, ଜାମଦା, ତିରିଂ, ଶାମାଖୁଣ୍ଟା, ସାରସକଣା ଓ ଶୁଳିଆପଦା। ଏହି ତହସିଲଗୁଡ଼ିକରେ ନଭେମ୍ବର ୧ଠାରୁ ରେଜିଷ୍ଟ୍ରାର ଅଫିସ କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି। ଜନସାଧାରଣ ଇ-ରେଜିଷ୍ଟ୍ରେଶନ ମାଧ୍ୟମରେ ନିଜର କାର୍ଯ୍ୟ କରିପାରିବେ। ପରବର୍ତ୍ତୀ ସମୟରେ ନୂତନ ୫ଟି ସବ୍ ରେଜିଷ୍ଟ୍ରାର ଅଫିସ ଖୋଲିବ ବୋଲି ଜଣାପଡ଼ିଛି। ଏହା ଦ୍ୱାରା ସ୍ଥାନୀୟ ତହସିଲ ଅଞ୍ଚଳର ଜନସାଧାରଣ ବେଶ ଉପକୃତ ହୋଇପାରିବେ। ରାଜସ୍ୱ ସମ୍ପର୍କିତ ସମସ୍ୟା ଦୂର ହେବା ସହ ଜମିବାଡି କିଣାବିକା, ଦାନ, ଲିଜ୍, ବନ୍ଧକ ଆଦି କାର୍ଯ୍ୟ ସୁରୁଖୁରୁରେ ହୋଇପାରିବ। ଏହା ସହିତ ଦଲିଲ ପ୍ରସ୍ତୁତ ସମୟରେ ଷ୍ଟାମ୍ପ ଡ୍ୟୁଟି ଓ ଫି ଆଦାୟ ହେବା ସହିତ ଜମି ସମ୍ପର୍କିତ ବ୍ୟାଙ୍କରେ ବନ୍ଧକ ଥିବା ତଥ୍ୟ ଜଣାପଡ଼ିବ। ଜମିର ପ୍ରତିଲିପି ପ୍ରଦାନ ଓ ରେକର୍ଡ ଯାଞ୍ଚ ହେବା ସହ ଦଲିଲର ପ୍ରକାର ନିର୍ଦ୍ଧାରଣ ଓ ଷ୍ଟାମ୍ପ ଡ୍ୟୁଟିର ମୂଲ୍ୟାଙ୍କନ କରାଯାଇ ପାରିବ । ବିବାହ ରେଜିଷ୍ଟ୍ରେଶନଠାରୁ ଆରମ୍ଭ କରି ଇ-ରେଜିଷ୍ଟ୍ରେଶନ ମାଧ୍ୟମରେ ସମସ୍ତ କାର୍ଯ୍ୟ ସହଜରେ ହୋଇପାରିବ। ତେବେ ଖୁବ୍ ଶୀଘ୍ର ବାକି ରହିଥିବା ତହସିଲଗୁଡ଼ିକରେ ସବ୍ ରେଜିଷ୍ଟ୍ରାର ଅଫିସ ଖୋଲିବା ନେଇ ପ୍ରକ୍ରିୟା ଜାରି ରହିଛି।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ,
ଭୁବନେଶ୍ୱର – 751 001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ଷ୍ଟାଫ କ୍ୱାଟର୍ସ, ବରମୁଣ୍ଡା, ଭୁବନେଶ୍ୱରରେ ବ୍ଲକ ଏ, ବି, ସି, ଡି, ଇ, ଏଫ୍ (ତୃତୀୟ ଶ୍ରେଣୀ), ଜି, ଏଚ୍, ଆଇ, ଜେ, କେ, ଏଲ୍ (ଚତୁର୍ଥ ଶ୍ରେଣୀ) ଏବଂ ସାଧାରଣ କ୍ଷେତ୍ର (ସିକ୍ୟୁରିଟି ଗାର୍ଡ ବୁଥ୍, ପମ୍ପ ରୁମ, କମ୍ୟୁନିଟି ସେଣ୍ଟର)ର ବାହ୍ୟ ମରାମତି ଏବଂ ପୁନ: ପେଣ୍ଟିଂ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ** ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ନଭେମ୍ବର 17, 2025 ଅପରାହ୍ନ 05:00 ଟା ଅଟେ ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ତିହିଡ଼ି,୨୯।୧୦(ସଞ୍ଜିତ ବଳ)

ତିହିଡି଼ ବ୍ଲକ ପୀରହାଟ ଥାନା ଅଧୀନ ହରସିଂହପୁର ଗ୍ରାମର ଜଣେ ଯୁବକଙ୍କର ବୁଧବାର ଅପରାହ୍ନ ୪ଟା ବେଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ଗଣେଶ ରାମ ଦାସ (୩୦)। ଗଣେଶ ପୀରହାଟ ବଜାରରେ ଥିବା ତାଙ୍କ ଦୋକାନରେ ବିଦ୍ୟୁତ୍ ତାର ସଜାଡୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ତିହିଡି଼ ଡାକ୍ତରଖାନା ଓ ପରେ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ବଜ୍ରପାତରେ ୨ ଗୁରୁତର

ବାସୁଦେବପୁର,୨୯।୧୦
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ବାଲିମେଦ ପଞ୍ଚାୟତ କାଳୀଦାସପୁର ଗ୍ରାମରେ ମଙ୍ଗଳବାର ରାତି ପ୍ରାୟ ୧୦ଟା ବେଳେ ବଜ୍ରପାତ ଯୋଗୁ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସନ୍ଧ୍ୟାରାଣୀ ନାୟକ(୨୩) ଓ ଶୁଭମ ମାଝୀ (୧୬)। ମଙ୍ଗଳବାର ରାତିରେ ବର୍ଷା ସମୟରେ ବଜ୍ରପାତ ଯୋଗୁ ଉଭୟ ଆହତ ହେବା ସହ ସଂଜ୍ଞାହୀନ ହୋଇପଡ଼ିଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ଅଣାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ ଭଦ୍ରକ ପଠାଇ ଦିଆଯାଇଛି। ଭାଜପା ଜିଲା ଉପସଭାପତି ଉଦୟ ନାରାୟଣ ମଲିକ ରାତିରେ ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

### ୨ ଗୋରୁ ବୋଝେଇ ଗାଡ଼ି ଜବତ

ଭଦ୍ରକ,୨୯।୧୦(ସନାତନ ରାଉତ)

ଭଦ୍ରକ ପୁରୁଣାବଜାର ଅଞ୍ଚଳର ୨ଟି ସ୍ଥାନରୁ ୨ଟି ଗୋରୁ ବୋଝେଇ ଗାଡ଼ି ଜବତ ହେବା ସହ ୧୯ ଗୋରୁ ଉଦ୍ଧାର ହୋଇଛନ୍ତି। ସୂଚନା ମୁତାବକ, ଭଦ୍ରକ ପୌରପାଳିକା ପୁରୁଣାବଜାର ଥାନା ଅଧୀନ ନଙ୍ଗାମହଲାରୁ ଗୋଟିଏ ଗାଡ଼ିରୁ ୫ଟି ଗୋରୁ ଓ ଛଡ଼ାକମହଲାରୁ ଗୋଟିଏ ଟାଟାଏସରୁ୧୪ଟି ଗୋରୁ ଉଦ୍ଧାର କରାଯାଇଛି। ଗୋରକ୍ଷକମାନେ ୨ଟି ଗାଡ଼ିକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲପର୍ ଫେରାର ହୋଇଯାଇଥିଲେ। ପୁରୁଣାବଜାର ପୋଲିସ ପହଞ୍ଚି ଗାଡ଼ି ୨ଟିକୁ ଜବତ କରି ଥାନାକୁ ଆଣିଥିବା ବେଳେ ଉଦ୍ଧାର କରାଯାଇଥିବା ଗୋରୁଙ୍କୁ ବାଲେଶ୍ୱର ଜିଲା ମଇତାପୁର ଗୋଶାଳାରେ ଛାଡ଼ି ଦେଇଥିବା ସୂଚନା ମିଳିଛି।

## ସରିଲା ଚରମ୍ପା କାଳୀପୂଜା

# ମେଲାଣି ନେଲେ ମା'

ଭଦ୍ରକ,୨୯।୧୦(ସନାତନ ରାଉତ)

ଭଦ୍ରକ ଚରମ୍ପାଠାରେ ଦୀପାବଳିଠାରୁ ୯ଦିନ ଧରି ଚାଲିଥିବା ଓଡ଼ିଶା ପ୍ରସିଦ୍ଧ କାଳୀପୂଜା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଝିପିଝିପି ବର୍ଷାରେ ଓଦା ହୋଇ ଭାବମୟ ପରିବେଶରେ ସକାଳ ୧୧ଟାରୁ ଭସାଣି ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା। ଚରମ୍ପାର ସମସ୍ତ ୮ ଟି ପୂଜା ମଣ୍ଡପର ମେଢ଼ ରେଳ ଷ୍ଟେଶନ ନିକଟରେ ଏକାଠି ହେବା ପରେ ସମସ୍ତ ପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟଙ୍କ ନେତୃତ୍ୱରେ ଭସାଣି ଆରମ୍ଭ ହୋଇଥିଲା। ବିଭିନ୍ନ ପାରମ୍ପରିକ ବାଦ୍ୟନୃତ୍ୟ ସହ ଅଘୋରି ନୃତ୍ୟ ଶୋଭାଯାତ୍ରାରେ ବଜାର ପରିକ୍ରମା ପରେ ଡଗରାସାହି କେନାଲରେ ବିସର୍ଜନ କରାଯାଇଛି।

ପ୍ରକାଶ ଯେ, ଦୀର୍ଘ ୯ ଦିନ ଧରି ଚରମ୍ପା ଅଞ୍ଚଳ ଲୋକ ଗହଳି ସାଙ୍ଗକୁ ଅପେରା ପାର୍ଟି ପୂଜା ମାହୋଲ ସରଗରମ ଥିଲା। ଭସାଣି ପରେ ବଜାର ଅଞ୍ଚଳ ଶାନ୍ତ ପଡ଼ିଯାଇଛି। ପୂଜାକୁ ନେଇ ଚରମ୍ପା ତଥା ସମ୍ପୂର୍ଣ୍ଣ ଜିଲାରେ ଲାଗି ରହିଥିବା ଉତ୍ସାହର ଅନ୍ତ ଘଟିଛି।



ମା' କାଳୀଙ୍କୁ ଭସାଣି ପାଇଁ ନିଆଯାଉଛି।

ପୁଣି ଆସନ୍ତା ବର୍ଷକୁ ମା'ଙ୍କ ଆବାହନ ପାଇଁ ଅପେକ୍ଷା କରିବାକୁ ପଡ଼ିବ ବୋଲି କୋହଭରା କଣ୍ଠରେ ପୂଜା କମିଟିର କର୍ମକର୍ତ୍ତାମାନେ କହିଛନ୍ତି। ସେହିପରି ରାଜଘାଟ ପୋଲ ପୂଜା ମଣ୍ଡପରେ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ସାଳନ୍ଦୀ ଘାଟରେ ମା'ଙ୍କୁ ବିସର୍ଜନ ଦିଆଯାଇଛି। ଭସାଣି ଶୋଭାଯାତ୍ରାରେ ଶୃଙ୍ଖଳା ରକ୍ଷା ପାଇଁ ଭଦ୍ରକ ଏସ୍‌ପିଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ରହିଥିଲେ।

## ଶିଶୁ ଶ୍ରମିକ ପ୍ରଥା ବନ୍ଦ ପାଇଁ ଜିଲାସ୍ତରୀୟ କର୍ମଶାଳା

ଭଦ୍ରକ,୨୯।୧୦(ସନାତନ ରାଉତ)

ସୋସାଇଟି ଫର୍ ୱିକର କମ୍ୟୁନିଟିର ପ୍ରତିଷ୍ଠାତା ସଦସ୍ୟ ତଥା କ୍ୟାମ୍ପେନ୍ ଏଗେନେଷ୍ଟ ଚାଇଲ୍ଡ ଲେବର (ସିଏସିଏଲ୍) ଓଡ଼ିଶା ପୂର୍ବତନ ଜିଲା ଆବାହକ ସଲାମ୍ ଭାଇଙ୍କ ସଭାପତିତ୍ୱରେ ଜିଲାସ୍ତରୀୟ ଶିଶୁ ଶ୍ରମିକ ନିରୋଧ ମଞ୍ଚର ପୁର୍ନଗଠନ ବୈଠକ ବାଇପାସ୍ଥିତ ଆସିଆନା କନ୍‌ଫେରେନ୍ସ ହଲ୍‌ରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସିଏସିଏଲ୍‌ର କ୍ଷେତ୍ରୀୟ ଆବାହକ ହୃଷିକେଶ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭଦ୍ରକ ଜିଲାର ୧୫ଟି ସାମାଜିକ ଅନୁଷ୍ଠାନ ଆଲୋଚନାରେ ଭାଗ ନେଇ ଶିଶୁ ଶ୍ରମିକ ପ୍ରଥାକୁ ଲୋପ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ବିଦ୍ୟାଳୟରେ ୬୦୩୨ ଶିଶୁ ଅଧାରୁ ପାଠ ଛାଡ଼ିଥିବା, ବିଦ୍ୟାଳୟମାନଙ୍କ ଅଭିଯୋଗ ବକ୍ସର ସ୍ଥାପନା, କିଶୋରୀମାନଙ୍କୁ ଦକ୍ଷତା କୌଶଳ ତାଲିମ ପ୍ରଦାନ, ପ୍ରତିଷ୍ଠାନମାନଙ୍କରେ ଶିଶୁ ଶ୍ରମିକ ନ ରଖିବା ପାଇଁ ସଚେତନ କରିବା, ଘରୋଇ କାର୍ଯ୍ୟରେ ଶିଶୁମାନଙ୍କୁ ଶ୍ରମଜନିତ କାର୍ଯ୍ୟରେ ନ ଲଗାଇବା, ବାଳିକାମାନଙ୍କ ପାଇଁ ବିଦ୍ୟାଳୟରେ ଶୌଚାଳୟ ସ୍ଥାପନ କରିବା ଉପରେ ଆଲୋଚନା ହୋଇଥିଲା। ଶୁଭମ୍ ସଙ୍ଗଠନର ସମ୍ପାଦକ ନରେନ୍ଦ୍ର ସାମଲଙ୍କୁ ଧାମନଗର ବ୍ଲକ, ପ୍ରଗତି ଯୁବକ ସଂଘର ସମ୍ପାଦକ ଦେବବ୍ରତ ଦାସଙ୍କୁ ଚାନ୍ଦବାଲି ବ୍ଲକ ଏବଂ ଦିଶାର ସମ୍ପାଦକ ସେକ୍ ମହମ୍ମଦ୍ ନିଆଜ୍‌ଙ୍କୁ ଭଦ୍ରକ ବ୍ଲକର ସହ ଆବାହକ ଭାବେ ଦାୟିତ୍ୱ ଦିଆଗଲା ବୋଲି ସିଏସିଏଲ୍‌ର ଭଦ୍ରକ ଜିଲା ଆବାହକ ସୋଫିଆ ସେକ ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ ଦାସ, ହ୍ୟୁମାନ୍ ରାଇଟ୍‌ସ୍ ଫାଉଣ୍ଡେସନର ସଭାପତି ସଂଗ୍ରାମ କେଶରୀ ମହାନ୍ତି, ସାଥୀର ସମ୍ପାଦକ ଇମ୍‌ତିହାଜ୍ କମାଲ୍ ଖାନ୍, ମୁସ୍‌ଲିମ୍ ସମାଜର ସଙ୍ଗଠନ ସଭାପତି ଜହିର ଖାନ୍, ବିଏସ୍‌ଏସ୍ ସଭାପତି ପ୍ରକାଶ କୁମାର ସ୍ୱାଇଁ, ସଲିଡେଟେରୀ ଅନୁଷ୍ଠାନର ସମ୍ପାଦକ ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ।


ଅନୁଷ୍ଠିତ କର୍ମଶାଳା।

# କାର୍ଯ୍ୟାନୁଷ୍ଠାନ ନ ହେଲେ ଧାରଣା


ଗ୍ରାମବାସୀ ଚିକିତ୍ସାଳୟ ଅଧିକାରିଣୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

- ଚାରିଗାଁ ଆୟୁର୍ବେଦିକ ଚିକିତ୍ସାଳୟ
- ଦମ୍ପତିଙ୍କ ନିଯୁକ୍ତିକୁ ବିରୋଧ କଲେ ଗ୍ରାମବାସୀ

ଆଗରପଡ଼ା,୨୯।୧୦(ସୁଶାନ୍ତ ଦାଶ)

ବନ୍ତ ବ୍ଲକ ଚାରିଗାଁଠାରେ ଏକ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ରହିଛି। ଚାରିଗାଁ ପଞ୍ଚାୟତବାସୀଙ୍କ ସମେତ ଆଖପାଖ ପଞ୍ଚାୟତର ଶତାଧିକ ରୋଗୀ ପ୍ରତିଦିନ ଏଠାରେ ଚିକିତ୍ସିତ ହୋଇଥାନ୍ତି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ବିନା ବିଜ୍ଞାପନରେ ରାତ୍ରୀ ଜଗୁଆଳି ଓ ପିଅନ ଭାବେ ଏକ ଦମ୍ପତିଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରାତ୍ରୀ ଜଗୁଆଳି ଭାବେ ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ନାଁରେ ଥାନାରେ ବିଭିନ୍ନ ପ୍ରକାରର ମାମଲା ରହିଛି। ଏଥିସହ ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ ଏଠାରେ ପିଅନ ଭାବେ ନିଯୁକ୍ତି ମିଳିଛି। ଏନେଇ ଗ୍ରାମର ଶତାଧିକ ମହିଳାଙ୍କ ସମେତ ପୂର୍ବତନ ସରପଞ୍ଚ ବନମାଳୀ ବେହେରା ପ୍ରମୁଖ ଚିକିତ୍ସାଳୟ ଅଧିକାରିଣୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୧୩ ତାରିଖରେ ବନ୍ତ ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏନେଇ ମଧ୍ୟ ଅଭିଯୋଗ କରାଯାଇଥିଲା। ଜିଲାପାଳ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲା ଆୟୁର୍ବେଦିକ ଅଧିକାରୀଙ୍କୁ କହିଛନ୍ତି। କିନ୍ତୁ ବିଭାଗ ପକ୍ଷରୁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେଣୁ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଉକ୍ତ ଚିକିତ୍ସାଳୟ ସାମ୍ନାରେ ଧାରଣା ଦିଆଯିବ ବୋଲି ଅଭିଯୋଗକାରୀମାନେ ଚେତାବନୀ ଦେଇଛନ୍ତି। ଅଭିଯୋଗକୁ ନେଇ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ଉକ୍ତ ପଦବୀ ସର୍ଭିସ ପ୍ରୋଭାଇଡରଙ୍କ ଦ୍ୱାରା ଚୟନ କରାଯାଇଥିବାରୁ ଆମ ଭୂମିକା ଚୟନ ପ୍ରକ୍ରିୟାରେ କିଛି ନ ଥିବା ସେ ପ୍ରକାଶ କରିଥିଲେ।

## ବିଭାନ ଗଙ୍ଗାଧର ଗୋଶାଳାରେ ଗୋଷ୍ଠାଷ୍ଟମୀ

ବାସୁଦେବପୁର,୨୯।୧୦
(କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ସାନକୃଷ୍ଣପୁର ପଞ୍ଚାୟତର ଗଦି ଗ୍ରାମରେ ୨୦୨୪ରେ ଗଢ଼ି ଉଠିଥିବା ବିଭାନ ଗଙ୍ଗାଧର ଗୋଶାଳାରେ ବୁଧବାର ଗୋଷ୍ଠାଷ୍ଟମୀ ଅବସରରେ ଗୋ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଶାଳାରେ ଏବେ ୧୨୨ ଗୋସମ୍ପଦ ଥିବା ବେଳେ ବୃଷଭଙ୍କଠାରୁ ଆରମ୍ଭ କରି ଗୋମାତା, ଗୋବତ୍ସମାନଙ୍କୁ ସ୍ନାନ ଶୌଚ କରିବା ପରେ ଧୂପଦୀପ, ଚନ୍ଦନ ଦେଇ ପୂଜନ କରି ସମସ୍ତଙ୍କୁ ଫଳ ଆହାର ଦିଆଯାଇଥିଲା। ଏହି ପୂଜନ କାର୍ଯ୍ୟକୁ ପଣ୍ଡିତ ତଥା ସଂଗ୍ରାହକ ବିକାଶ କୁମାର ଶତପଥୀ ସମ୍ପାଦନ କରିବା ସହିତ ଦିବସର ତାତ୍ପର୍ଯ୍ୟ ଓ ଗୋ ସମ୍ପଦର ସୁରକ୍ଷା ପାଇଁ ମାର୍ଗଦର୍ଶନ କରାଇଥିଲେ। ପରେ ଶ୍ରୀମଦ୍ ଭଗବତ ଗୀତା ଗୋବଂଶଙ୍କୁ ଶ୍ରବଣ କରାଯାଇଥିଲା। ଗୋଷ୍ଠାଷ୍ଟମୀରେ ଭଗବାନ ଶ୍ରୀକୃଷ୍ଣ ପ୍ରଥମ କରି ଗୋବଂଶଙ୍କୁ ଚାରଣ ପାଇଁ ବ୍ରଜଧାମକୁ ନେଇଥିବାର ପୌରାଣିକ ଗାଥା ସମ୍ପର୍କରେ ବରିଷ୍ଠ ଶିକ୍ଷାବିତ ସଦାନନ୍ଦ ପାଣିଗ୍ରାହୀ, ନିର୍ମଳ କୁମାର ନନ୍ଦ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋଶାଳାର ପ୍ରତିଷ୍ଠାତା ତାପସ କୁମାର ଜେନା, ସଭାପତି ମନ୍ମଥ କୁମାର ନାୟକ, ସମ୍ପାଦକ ପ୍ରଶାନ୍ତ କୁମାର ମଲ୍ଲିକଙ୍କ ସମେତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

## ଗୋଷ୍ଠାଷ୍ଟମୀରେ ଗୋମାତାଙ୍କୁ ପୂଜାକଲେ ବିଧାୟକ

ଭଦ୍ରକ,୨୯।୧୦(ସନାତନ ରାଉତ)

ପବିତ୍ର ଗୋଷ୍ଠାଷ୍ଟମୀ ଅବସରରେ ବୁଧବାର ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଭଦ୍ରକ ଶନିମନ୍ଦିର ଛକ ନିକଟସ୍ଥ ଗୋପାଳଜୀ ଗୋଶାଳା ପରିସରରେ ଗୋମାତାଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ଗୋମାତା ମାନଙ୍କୁ ସିନ୍ଦୂର, ଚନ୍ଦନ ଲଗାଇ ପୂଜା କରିବା ସହ ନାଲି କପଡ଼ା ଓ ଫୁଲହାର ପିନ୍ଧାଇଥିଲେ। ସେମାନଙ୍କର ସେବା କରିବା ସହ ଖାଦ୍ୟ ଖୁଆଇ ଆଶିଷ ଲାଭ କରିଛନ୍ତି। ଗୋସେବା ସେବାର ସର୍ବୋଚ୍ଚ ରୂପ, ଗୋ ସୁରକ୍ଷା ଧର୍ମର ଜୀବନ୍ତ ପ୍ରତୀକ, ଗୋମାତାର ଆର୍ଶୀବାଦରେ ଜୀବନରେ ଶାନ୍ତି ସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି ବିଧାୟକ ଏହି ଅବସରରେ କହିଛନ୍ତି। ବିଧାୟକଙ୍କ ସହ ସେମାନଙ୍କର ସମର୍ଥକ ଓ ଶହୀଦ ଭଗତ ସେନାର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।


ବିଧାୟକ ଗୋମାତାଙ୍କୁ ଫଳ ଖୁଆଉଛନ୍ତି।

# ଗଛ ନ କାଟି ରାସ୍ତା ସମ୍ପ୍ରସାରଣ

## ଆନ୍ଦୋଳନ ଚେତାବନୀ ଦେଲେ ଗ୍ରାମବାସୀ

ଧୂଷୁରୀ,୨୯।୧୦(ଦୀପ୍ତି ରଞ୍ଜନ ନାୟକ)

ଆଖଣ୍ଡଳମଣି-ଭଦ୍ରକ ୩୫ନଂ. ରାଜ୍ୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଛି। ହେଲେ ସୁନ୍ଦରପୁର ନିକଟରେ ଏକ ଗଛ ନ କାଟି ପୂର୍ତ୍ତ ବିଭାଗ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ କରିଥିବାରୁ ସ୍ଥାନୀୟ ଅଧିବାସୀ ଏହାକୁ ବିରୋଧ କରିଛନ୍ତି। ପୂର୍ବରୁ ବନ ବିଭାଗ ସହାୟତାରେ ଠିକାଦାର ସମ୍ପ୍ରସାରଣ ଆଳରେ ବହୁ ଦାମୀ ଗଛ କାଟି ଦେଇଥିଲେ। ହେଲେ ଏଠାରେ ଗଛ ନ କାଟି ମାସେ ପରେ କଟାଯିବ କହି ଠିକାଦାର ଲୋକଙ୍କୁ ଭୂଆଁ ବୁଲାଇ ଥିବା ସ୍ଥାନୀୟ ଅଧିବାସୀ ସ୍ୱର ଉଠାଇଛନ୍ତି। ପ୍ରତିଶ୍ରୁତିକୁ ୪ ବର୍ଷ ବିତିଲାଣି । ପୁନଶ୍ଚ ଏହି ଅଞ୍ଚଳରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ୧ ମାସ ହେଲା ଚାଲୁ ରହିଲାଣି । ହେଲେ ଏହି ଗଛଟି କଟା ଯାଇ ପାରୁନାହିଁ । ଯେଉଁଠାରେ ଗଛ ରହିଛି ରାସ୍ତା ସଂକୀର୍ଣ୍ଣ ହେବା ସହ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି । କେବଳ ସେତିକି ନୁହେଁ ଗଛ ପଛ ପଟେ ରହିଛି ଏକ ନୟନଯୋରୀ। ତାହା ମଧ୍ୟ ରାସ୍ତା ପାଇଁ ବିପଦ ସାବ୍ୟସ୍ତ ହୋଇଛି।

ସେହିପରି ରାସ୍ତାକୁ ଲାଗି ରହିଥିବା ୧୧ କେଭି ତାର ଖୁଣ୍ଟି ସହ ଟ୍ରାନ୍ସଫର୍ମର ଲୋକଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହି ୩ ଗୋଟି ସମସ୍ୟାକୁ ନେଇ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଏବଂ ଡ୍ରେନେଜ ବିଭାଗର ଅଧିକାରୀଙ୍କୁ ଭେଟି ଗ୍ରାମବାସୀ ସମସ୍ୟାର ସମାଧାନ କରିବାକୁ ଦାବି ଜଣାଇ ଥିଲେ ବି କିଛି ସୁଫଳ ମିଳି ନ ଥିବା ସେମାନେ ଜଣାଇଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଭଦ୍ରକ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଓ ସମସ୍ତ ବିଷୟରେ ୧ ସପ୍ତାହ ତଳେ ଆଲୋଚନା କରିଥିଲେ ଓ ଜିଲାପାଳ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା କହିଛନ୍ତି ଗ୍ରାମର ସାମାଜିକ କର୍ମୀ ଉମାକାନ୍ତ ସାହୁ। ଯଦି ଗଛ କଟା ନ ଯାଇ, ନୟନଯୋରୀ ପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ ନ କରି, ତାରଖୁଣ୍ଟି ସହ ଟ୍ରାନ୍ସଫର୍ମର ଅନ୍ୟତ୍ର ସ୍ଥାନାନ୍ତର ନ କରି ଠିକାଦାର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ କରନ୍ତି ତେବେ ଏହାକୁ ବିରୋଧ କରାଯିବା ସହ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଏସ୍‌ଡିଓ ମହେଶ୍ୱର ସାହୁଙ୍କୁ ପଚାରିବାରୁ ଗଛ କଟାଯିବା ପାଇଁ ଡିଏଫ୍‌ଓଙ୍କୁ ଅବଗତ କରାଯାଇଛି। ସେ ଖୁବ୍‌ଶୀଘ୍ର ଗଛ କାଟି ସମସ୍ୟାର ସମାଧାନ କରିବେ। ଟ୍ରାନ୍ସଫର୍ମର ସ୍ଥାନାନ୍ତର ପାଇଁ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ଚାନ୍ଦବାଲି ତହସିଲଦାର ରାସ୍ତା ପାର୍ଶ୍ୱରେ ସରକାରୀ ଜାଗା ଚିହ୍ନଟ କଲେ ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି। ଏ ସମ୍ପର୍କରେ ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ରାସ୍ତା ସମ୍ପ୍ରସାରଣ ପ୍ରକିୟା ପାଇଁ ସହଯୋଗ କରାଯିବ ଓ ସରକାରୀ ଜାଗା ଚିହ୍ନଟ କରି ସମସ୍ୟା ଦୂର କରାଯିବ ବୋଲି କହିଛନ୍ତି।


୩୫ନଂ. ରାଜ୍ୟ ରାଜପଥର ଦୁଇ ପାର୍ଶ୍ୱରେ ଥିବା ଗଛ ଓ ଟ୍ରାନ୍ସଫର୍ମର।

# ଉର୍ସ ଉତ୍ସବରେ ଲକ୍ଷାଧିକ ଶ୍ରଦ୍ଧାଳୁ

ଧାମନଗର,୨୯।୧୦(ଦେବେନ୍ଦ୍ର ଆଢ଼ିଆ/ ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗରଠାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ବିଶ୍ୱପ୍ରସିଦ୍ଧ ଉର୍ସ ଉତ୍ସବ। ଲଘୁଚାପ ଜନିତ ତୁହାକୁ ତୁହା ବର୍ଷା ସତ୍ତ୍ୱେ ଧାମନଗର ଖାନକା ପରିସରରେ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ମଙ୍ଗଳବାର ଓ ବୁଧବାର ଦୁଇଦିନଧରି ପାଳିତ ହେଉଥିବା ହଜରତ ମୁଜାହିଦ-ଏ-ମିଲତ ଆଲହାଜ ଶାହା ମହମ୍ମଦ ହବିବର ରହେମାନଙ୍କ ୪୬ ତମ ଉର୍ଷ ଉତ୍ସବରେ କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତବର୍ଷର ବିଭିନ୍ନ କୋଣ ଅନୁକୋଣରୁ ଶ୍ରଦ୍ଧାଳୁ ଆସି ପହଞ୍ଚିଛନ୍ତି।

ମୁସଲିମ ସମ୍ପ୍ରଦାୟର ଏହି ବିଶ୍ୱ ପ୍ରସିଦ୍ଧ ଉର୍ସ ଉତ୍ସବରେ ଲକ୍ଷାଧିକ ଭକ୍ତଙ୍କ ସମାବେଶକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଉର୍ସ କମିଟି ପକ୍ଷରୁ ବିଭିନ୍ନ ସ୍ଥାନରେ ୭୫୦ ଜଣ ସ୍ୱେଚ୍ଛାସେବୀଙ୍କୁ ମୃତୟନ କରାଯାଇଛି। ରାଜ୍ୟବାହାରୁ ଅନେକ ବ୍ୟବସାୟୀ ନିଜ ନିଜ ପସରା ଖୋଲିଛନ୍ତି। ଉତ୍ସବକୁ ନାଗପୁର, ମହାରାଷ୍ଟ୍ର, ହାୱଡା ଓ ଆଲ୍ଲାହାବାଦରୁ ଅନେକ ବ୍ୟବସାୟୀ ଆସି ହୋଟେଲ ଖୋଲିଛନ୍ତି। ଟିକିଆପଡା ହାୱଡାର ଜଣେ ବ୍ୟକ୍ତି ଦୀର୍ଘ ବର୍ଷ ହେଲା ଉର୍ସ ଉତ୍ସବକୁ ମାଇକ୍ ଯୋଗାଇ ଆସୁଛନ୍ତି। ଅନେକ ଭକ୍ତ ମୁମ୍ବାଇ, ଜାମସେଦପୁର, ଉତ୍ତର ପ୍ରଦେଶ, ଆଲ୍ଲାହାବାଦ, ବିହାର, କଲିକତା ଆଦି ଅଞ୍ଚଳରୁ ଆସି ଦାନଧର୍ମ କରିବା ସହ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ ତୁଲାଉଛନ୍ତି।

ବୁଧବାର ଭୋର ୪ଟାରୁ ପୀରବାବାଙ୍କ ଗୁସଲ ସରିଫ ବା ସ୍ନାନ କରାଯାଇଥିଲା। ସକାଳ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଦର ପୋସି କରାଯାଇଥିବାବେଳେ ପୀର ବାବାଙ୍କ ଦର୍ଶନ ପାଇଁ ମଜାର ଖୋଲା ରହିଥିଲା। ଏହି ସମୟରେ ଅନେକ ହଜାର ଭକ୍ତ ଓ ଶ୍ରଦ୍ଧାଳୁ ପୀର ବାବାଙ୍କ ଆସ୍ଥାନରେ ଚାଦର ଚଢ଼ାଇ ଆଶୀର୍ବାଦ ଭିକ୍ଷା କରିଥିଲେ। ଅପରାହ୍ନ ୪ଟାରୁ ୫ଟା୧୫ ପର୍ଯ୍ୟନ୍ତ ଖାନକାସରିଫ ପରିସରରେ କୁଲ ସରିଫ ବା ସମୂହ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ସମବେତ ଶ୍ରଦ୍ଧାଳୁମାନଙ୍କୁ ଖାନକାସରିଫର ମତୱଲି ସାଜାଦା ନସିନ ଅଲହାଜ ସୟଦ ଗୋଲାମ ମହମ୍ମଦ ହବିବି ନମାଜପାଠ କରାଇବାସହ ଧର୍ମୀୟ ଉଦ୍‌ବୋଧନ ଦେଇଥିଲେ। ରାତ୍ରି ୮ଟାରୁ ଭୋର ୪ଟା ୩୦ ପର୍ଯ୍ୟନ୍ତ ମୌଲାନା (ଧର୍ମଗୁରୁ)ମାନଙ୍କ ଦ୍ୱାରା ଧର୍ମୀୟ ପ୍ରବଚନ ଅନୁଷ୍ଠିତ ହୋଇଥିଲା।

ଉତ୍ସବରେ ଭଦ୍ରକ ଜିଲାପାଳ ଦିଲ୍ଲୀପ କୁମାର ରାଉତରାୟ, ଏସପି ମନୋଜ କୁମାର ରାଉତ ପ୍ରମୁଖ ବିଭିନ୍ନ ସମୟରେ ଉର୍ସ ଉତ୍ସବ ସ୍ଥଳରେ ରହି ଆଇନ ଶୃଙ୍ଖଳା ପରିସ୍ଥିତି ଓ ଟ୍ରାଫିକ ସମସ୍ୟା ଅନୁଧ୍ୟାନ କରିଥିଲେ। ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ବିଡିଓ ବନବିହାରି ଦିଣ୍ଡା, ଧାମନଗର ଆଇଆଇସି ରଞ୍ଜନ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ଆଇନ ଶୃଙ୍ଖଳା ତଦାରଖ କରିଥିଲେ। ଉତ୍ସବରେ ଅନେକ ରାଜନେତା,ବରିଷ୍ଠ ସରକାରୀ ପଦାଧିକାରୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ପୀର ବାବାଙ୍କ ଦର୍ଶନ କରିଥିଲେ।

ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବିଜେଡି ନେତା ଡା. ସଞ୍ଜୟ କୁମାର ଦାସ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା ପୀରବାବାଙ୍କ ଦର୍ଶନ କରିଛନ୍ତି। ଉର୍ସ କମିଟିର ସମ୍ପାଦକ ଆଲହାଜ ମହମ୍ମଦ ଇସ୍ରାଇ ହବିବି, ଉପସଭାପତି ସୟିଦ ମୁସ୍ତଫା ରଜା ହବିବି, ସୟିଦ ହସନେନ ରଜା ହବିବି, ସହସମ୍ପାଦକ ଅବଦୂର ରହେମାନ ହବିବି, ବରିଷ୍ଠ ସଦସ୍ୟ ହାଜି ଏମଡି ଫଜଲେ ବାରି, ସେକ ଗୋଲାମ ଅଲ୍ଲୀ, ଏମ୍‌ଡି ତାହେର ମହମ୍ମଦ, ସେକ ମୁହିଉଦ୍ଦିନଙ୍କ ସମେତ କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଉର୍ସ ଉତ୍ସବ ଅବସରରେ ସମବେତ ଶ୍ରଦ୍ଧାଳୁ।

## 'ମୋନ୍ଥା' ପ୍ରଭାବରେ ଲଗାଣ ବର୍ଷା

# ଖରିଫ୍ ଧାନ କ୍ଷତି ଆଶଙ୍କା

## କ୍ଷେତ୍ର ପରିଦର୍ଶନ କଲେ କୃଷି ଅଧିକାରୀ

ବାଲେଶ୍ୱର, ୨୯।୧୦(ବାଞ୍ଛାନିଧି ଦେ)

ବାତ୍ୟା 'ମୋନ୍ଥା' ପ୍ରଭାବରେ ବାଲେଶ୍ୱର ଜିଲାରେ ଦୁଇଦିନ ଧରି ଲଗାଣ ବର୍ଷା ଜାରି ରହିଛି। ତୁହାକୁ ତୁହା ବର୍ଷା ହେଉଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଖରିଫ୍ ଧାନ ଫସଲ କ୍ଷତି ଆଶଙ୍କାରେ ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅଧା ପାଚିଲା ଧାନ କ୍ଷେତରେ ବର୍ଷା ପାଣି ଲହଡ଼ି ମାରୁଥିବା ବେଳେ କେଣ୍ଡା ବାହାରୁଥିବା ଧାନ ଗଛ ଶୋଇଯାଇଥିବା ଦେଖିବାକୁ ମିଳିଛି। ରାଜ୍ୟ କୃଷି ବିଭାଗର ନିର୍ଦ୍ଦେଶକ୍ରମେ ବୁଧବାର ଜିଲା ମୁଖ୍ୟ କୃଷି ଅଧିକାରୀ ତୁଷାରକାନ୍ତି ତୁଙ୍ଗ ବିଭାଗୀୟ ଅଧିକାରୀଙ୍କ ସହ ସଦର ବ୍ଲକ ଅଧୀନ ରାଇସୁଆଁ ଓ ଓଡ଼ଙ୍ଗୀ ପଞ୍ଚାୟତର କ୍ଷେତ୍ର ପରିଦର୍ଶନ କରିଛନ୍ତି। ବର୍ଷା ପାଣିରେ କିଛି ଧାନ ଗଛ ଶୋଇଯାଇଥିବା, ଅଧା ପାଚିଲା ଧାନ କ୍ଷେତ, ଥୋଡ଼ ବାହାରୁଥିବା ଧାନ ଗଛ ଆଦି ବୁଲି ଦେଖିଥିଲେ। ଚାଷ କ୍ଷେତରେ ରୋଗ ପୋକ ନିୟନ୍ତ୍ରଣରେ ରହିଛି। ଏଯାବତ୍ ଖରିଫ ଫସଲରେ


କୃଷି ଅଧିକାରୀ ଓ ଟିମ୍ ପକ୍ଷରୁ କ୍ଷେତ୍ର ପରିଦର୍ଶନ।

ସେଭଳି କ୍ଷତି ହୋଇ ନ ଥିବା ସେ କହିଛନ୍ତି। ସଦର ବ୍ଲକ କୃଷି ଅଧିକାରୀ ଅଳକା ସାହୁ, ଭିଏଡବ୍ଲ୍ୟୁ ରାଜୀବ କୁମାର ପାତ୍ରଙ୍କ ସମେତ ସହକାରୀ କୃଷି ଅଧିକାରୀ, କୃଷକ ସାଥୀ ଓ ଚାଷୀ କ୍ଷୀତିଶ କୁମାର ଜେନା, ଅସିତ କୁମାର ସେନାପତି ଓ ସତ୍ୟରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୨ଦିନ ଧରି ବାଲେଶ୍ୱର ଜିଲାରେ ମୋଟ୍ ୧୦୬୯ମି.ମି. ବର୍ଷା ହୋଇଥିବା ରେକର୍ଡ ହୋଇଛି। ମଙ୍ଗଳବାର ସକାଳ ୮ଟାରୁ ବୁଧବାର ସକାଳ ୮ଟା ପର୍ଯ୍ୟନ୍ତ ୭୬୮ମି.ମି. ବର୍ଷା ହୋଇଥିବା ବେଳେ ବୁଧବାର ୩୦୧ ମି.ମି. ବର୍ଷା ହୋଇଛି। ମଙ୍ଗଳବାର ନୀଳଗିରି ବ୍ଲକରେ ସର୍ବାଧିକ ୯୪ମି.ମି., ଔପଦାରେ ୭୯ମି.ମି., ସୋରରେ ୭୭ମି.ମି., ରେମୁଣାରେ ୭୧ମି.ମି., ଭୋଗରାଇରେ ୬୫ମି.ମି., ବାଲେଶ୍ୱର ସଦରରେ ୬୪ମି.ମି., ବାଲିଆପାଳରେ ୬୨ମି.ମି., ବାହାନଗାରେ ୬୦ମି.ମି., ଜଳେଶ୍ୱରରେ ୫୧ମି.ମି., ସିମୁଳିଆରେ ୫୦ମି.ମି., ବସ୍ତାରେ ୪୮ମି.ମି., ଖଇରାରେ ସର୍ବନିମ୍ନ ୪୭ମି.ମି. ବର୍ଷା ରେକର୍ଡ଼ ହୋଇଛି। ସେହିପରି ବୁଧବାର ବାଲେଶ୍ୱର ସଦରରେ ସର୍ବାଧିକ ୪୮ମି.ମି. ବର୍ଷା ରେକର୍ଡ଼ ହୋଇଥିବା ବେଳ ଜଳେଶ୍ୱର ଓ ବାଲିଆପାଳରେ ଆଦୌ ବର୍ଷା ହୋଇ ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଜିଲାରେ ପ୍ରବାହିତ ବୁଢ଼ାବଳଙ୍ଗ, ଜଳକା ଓ ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ସେଭଳି ବୃଦ୍ଧି ପାଇ ନ ଥିବା ଦେଖିବାକୁ ମିଳିଛି।

# ୨୬ ଖିଲାପକାରୀଙ୍କଠାରୁ ଜରିମାନା ଆଦାୟ


ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଏକ ଦୋକାନରେ ଚଢ଼ାଉ କରାଯାଉଛି।

## 'ତମାଖୁ ମୁକ୍ତ ଯୁବ କାର୍ଯ୍ୟକ୍ରମ'

ବାଲେଶ୍ୱର, ୨୯।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାରେ 'ତମାଖୁମୁକ୍ତ ଯୁବ କାର୍ଯ୍ୟକ୍ରମ'କୁ ତ୍ୱରାନ୍ୱିତ କରାଯାଇଛି। ବୁଧବାର ଦୁଇଟି ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଛି। ଡ୍ରଗସ୍ ଇନ୍ସପେକ୍ଟର ଜୟଶ୍ରୀ ପାତ୍ର ଓ ମୁକ୍ତିନନ୍ଦା ଶତପଥୀଙ୍କ ନେତୃତ୍ୱରେ ଅବକାରୀ ଓ ପୋଲିସ ବିଭାଗର ଦୁଇଟି ଟିମ୍ ବାଲେଶ୍ୱର ଷ୍ଟେଶନ ଛକ ଓ ରୂପସା ବଜାର ଅଞ୍ଚଳରେ ଚଢ଼ାଉ କରିଥିଲା। ବେଆଇନ ତମାଖୁ ବିକ୍ରୟ କରୁଥିବା ୨୬ ଖିଲାପକାରୀ ବ୍ୟବସାୟୀଙ୍କଠାରୁ ୪ହଜାର ୮ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

ସୂଚନା ଯେ, ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ କିଶୋର ଓ ଯୁବ ବର୍ଗଙ୍କୁ ତମାଖୁସେବନରୁ ନିବୃତ୍ତ କରିବା ପାଇଁ ଗତ ୧୭ତାରିଖରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ 'ତମାଖୁ ମୁକ୍ତ ଯୁବ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସଭାପତିତ୍ୱ କରିଥିଲେ। ସଭାରେ ଭେଷଜ ନିୟନ୍ତ୍ରଣ, ଖାଦ୍ୟ ସୁରକ୍ଷା, ଅବକାରୀ ଓ ପୋଲିସ ବିଭାଗଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ତମାଖୁ ସାମଗ୍ରୀ ବିକ୍ରି ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିନା ଅନୁମତିରେ ଚାଲୁଥିବା ଦୋକାନ ଉପରେ ଚଢ଼ାଉ କରି ଜରିମାନା ଆଦାୟ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା।

# ଗୋପାଳପୁର ନୂତନ ବ୍ଲକ ଗଠନ ପାଇଁ ପ୍ରସ୍ତୁତି ବୈଠକ

ବାହାନଗା, ୨୯।୧୦(ଅରୂପ କୁମାର ଦାସ)

ବାହାନଗା ବ୍ଲକର ଗୋପାଳପୁରଠାରେ ନୂତନ ବ୍ଲକ ଗଠନ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଗୋପାଳପୁର ଆଞ୍ଚଳିକ ମହୋତ୍ସବ ପଡିଆ ଅଫିସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଗବାନ ଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ବସନ୍ତ କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ। ରାଜ୍ୟ ସରକାରଙ୍କ ନୂତନ ପଞ୍ଚାୟତ ପୁନର୍ଗଠନ, ଜିଲା ପୁନର୍ଗଠନ, ସବ୍‌ଡିଭିଜନ ପୁର୍ନଗଠନ ୨୦୨୭ ଶେଷ ସୁଦ୍ଧା କରାଯିବାର ନିଷ୍ପତ୍ତି ନେଇଥିଲେ। ୨୦୨୯ ସୁଦ୍ଧା ବ୍ଲକ ପୁର୍ନଗଠନ କରାଯିବାର ନିଷ୍ପତ୍ତି ନିଆଯାଇଛି। ସେହି ଅନୁଯାୟୀ ଗୋପାଳପୁରକୁ ନୂତନ ବ୍ଲକ ଗଠନ ପାଇଁ ଏକ ବୈଠକ ବସିଥିଲା। ସମ୍ଭାବ୍ୟ ନୂତନ ବ୍ଲକ ଗଠନର ରୂପରେଖ ପ୍ରସ୍ତୁତି କିଭଳି ହେବ, ବ୍ଲକ ଗଠନ ନିମନ୍ତେ ଏକ କମିଟି ଗଠନ ନିମନ୍ତେ ପ୍ରସ୍ତାବ ଅଭଣା ପଞ୍ଚାୟତର ମହିତି କୁମାର ବେହେରା, ତାଳକୁରୁନିଆ ପଞ୍ଚାୟତ ସମିତିସଭ୍ୟ ଗାୟତ୍ରୀ ଯେନା, ପାଣ୍ଡାଶୁଣି ସରପଞ୍ଚ ପରୀକ୍ଷିତ ମାଝି, ଗୋପାଳପୁର ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି, ବ୍ଲକ ଉପାଧ୍ୟକ୍ଷା ବାସନ୍ତୀ ପତି, ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ବିଦ୍ୟାଧର ପାଣିଗ୍ରାହୀ, ପ୍ରଭାକର ମିଶ୍ର, ଅଜୟ କୁମାର ପଣ୍ଡା, ସୀତାକାନ୍ତ ତ୍ରିପାଠୀ, ଶଙ୍କର୍ଷଣ ଶିଅଳ, ବରିପଦା ସରପଞ୍ଚ ସୂର୍ଯ୍ୟକାନ୍ତ ମାଝୀ, ସମିତିସଭ୍ୟ ସୁଧାକର ଆଚାର୍ଯ୍ୟ, ଅନିରୁଦ୍ଧ ବାରିକ, କଲ୍ୟାଣୀ ସରପଞ୍ଚ ସତ୍ୟନାରାୟଣ ଦାଶ, କରୁଣାକର ଶଙ୍ଖୁଆ, ଯଦୁନାଥ ମିଶ୍ର ପ୍ରମୁଖ ଉପସ୍ଥିତ ହୋଇ ନୂତନ ବ୍ଲକ ଗଠନର ରୂପରେଖ ଓ ସରକାରଙ୍କ ଗାଇଡଲାଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପରେ ଏକ ସମନ୍ୱୟ କମିଟି ଗଠନ କରାଯାଇଥିଲା। ଏହି କମିଟି ଦ୍ୱାରା ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ସହିତ ଆଲୋଚନା କରିବା ସହିତ କିପରି ନୂତନ ବ୍ଲକ ଗଠନର କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ କମିଟିକୁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ପଛରୁ ଠେଲିଲେ ବି ଷ୍ଟାର୍ଟ ହେଉନି

## ଦରକାର ବେଳେ କାମରେ ଆସୁନି ଖଇରା ଥାନା ଗାଡ଼ି

ଖଇରା, ୨୯।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନାରେ ଚୋରି, ଡକାୟତି ଓ ନିଶାଦ୍ରବ୍ୟ ଧରା ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଉର୍ଦ୍ଦିଷ୍ଟ ଗାଡି ଠିକ୍ ସମୟରେ କାମରେ ଆସୁନି। ଏଭଳିକି କର୍ମଚାରୀମାନେ ପଛରୁ ଧକ୍କା ଦେଲେ ବି ଷ୍ଟାର୍ଟ କରିବା ସମ୍ଭବ ହେଉନି। ଏଭଳି ଏକ ପଛରୁ ଗାଡି ପେଲା ଭିଡିଓ ବୁଧବାର ଭାଇରାଲ ହେବା ପରେ ଏହାକୁ ବହୁ ମାତ୍ରାରେ ଟ୍ରୋଲ କରାଯାଉଥବା ପରିଲକ୍ଷିତ ହୋଇଛି । ଚୋର ଓ ଡକାୟତମାନେ କଣ ଗାଡି ଯିବା ପର୍ଯ୍ୟନ୍ତ ଅପେକ୍ଷା କରିବେ କି ବୋଲି କିଛି ଲୋକ ମନ୍ତବ୍ୟ ଦେଉଛନ୍ତି । ବୁଧବାର ପୂର୍ବାହ୍ନରେ ମୃତ୍ୟୁବରଣ କରିଥିବା ଖବରଦାତାଙ୍କ ଶବ ବ୍ୟବଚ୍ଛେଦ ପାଇଁ ଆବଶ୍ୟକ ଚିଠି ନେଇ ସୋର ଯିବା ପାଇଁ କର୍ମଚାରୀଙ୍କୁ ଯଥାଶୀଘ୍ର ଗାଡିରେ ଯିବାର ଥିଲା। ହେଲେ ୧ଘଣ୍ଟା ଧରି ପେଲାଠେଲା ପରେ ଗାଡି ଷ୍ଟାର୍ଟ ହୋଇ ନ ଥିଲା । ବାଧ ହୋଇ ଥାନା କର୍ମଚାରୀମାନେ ଝଡବର୍ଷାରେ ରିପୋର୍ଟ ଧରି ବାଇକରେ ସୋର ଯାଇଥିଲେ। ଏ ସମ୍ପର୍କରେ ନୀଳଗିରି ଏସ୍‌ଡିପିଓ ପ୍ରମୋଦ ମଲ୍ଲିକଙ୍କୁ ଯୋଗାଯୋଗ କରିବାରେ ମରାମତି ପାଇଁ ଖଇରା ଥାନାରେ କୌଣସି ଫଣ୍ଡ ନାହିଁ । ଅର୍ଥ ବ୍ୟବସ୍ଥା ପାଇଁ ଏସ୍‌ପିଙ୍କୁ ଅବଗତ କରାଯାଇଛି।



ଖଇରା ଥାନା ଆଗରେ ଗାଡିପେଲା ଦୃଶ୍ୟ।

# ଏକାଧିକ ଚୋରି ଘଟଣାରେ ୩ ଗିରଫ

## ଦିନରେ ଫେରି, ରାତିରେ ଚୋରି

ନୀଳଗିରି, ୨୯।୧୦(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଅଞ୍ଚଳରୁ ଲୁଟ୍ ଘଟଣାରେ ଭୁବନେଶ୍ୱରର ଏକ ବସ୍ତିରୁ ଧରାପଡିଛନ୍ତି ଏକାଧିକ ଚୋରି ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତ। ଏବେ ବି ମୁଖ୍ୟ ଅଭିଯୁକ୍ତ ଫେରାର ଅଛନ୍ତି। ଏନେଇ ପୋଲିସ ତଦନ୍ତ ଜାରି ରଖିଛି। ଅଭିଯୁକ୍ତମାନେ ପଶ୍ଚିମବଙ୍ଗରୁ ଆସି ବିଭିନ୍ନ ଅଞ୍ଚଳରେ ଫେରିବାଲା, ରାଜମିସ୍ତ୍ରୀ କାମ ଦିନରେ କରୁଥିବା ବେଳେ ରାତିରେ ସମୟ ସୁଯୋଗ ଦେଖି ଘରେ କେହି ନ ଥିବା ବେଳେ କଳାକନା ବୁଲାଇ ଦିଅନ୍ତି।

ନୀଳଗିରି ଥାନା ଅଧୀନ ପୋଡ଼ାଶୂଳ, ଘାଟଘରସାହି ସହ ଗତ ୬ ମାସ ମଧ୍ୟରେ ବିଭିନ୍ନ ଗ୍ରାମରେ ଚୋରି ହେଉଥିବା ନେଇ ନୀଳଗିରି ଥାନାରେ ଅଭିଯୋଗ ହେଇଥିଲା। ଏପରିକି ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ୍ ଦଳ ଖୋଳତାଡ଼ କରିଥିଲେ ହେଁ ଚୋରମାନଙ୍କ ସନ୍ଧାନ ପାଇ ନ ଥିଲେ। ନୀଳଗିରି ଥାନା ଆଇଆଇସି ଗୋବର୍ଦ୍ଧନ ନାୟକ ଗୁରୁତ୍ୱର ସହ ନେଇ ତଦନ୍ତ କରିଥିଲେ। ବିଭିନ୍ନ ଦିଗକୁ ଗୁରୁତ୍ୱ ଦେଇ ଏହି ଚୋରି ଘଟଣା ଫେରିବାଲାଙ୍କ କାର୍ଯ୍ୟ ବୋଲି ଜାଣିବାକୁ ପାଇଥିଲେ। ପାଖାପାଖି ଅଞ୍ଚଳରେ ପଶ୍ଚିମବଙ୍ଗର ରାଜମିସ୍ତ୍ରୀ କାମ କରୁଥିଲେ। ସେ ଦିଗରେ ଦୃଷ୍ଟି ଦେଇ ମୋବାଇଲ ଟ୍ରାକ୍ କରି ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳର ଏକ ବସ୍ତିରେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ହାପିକନଗରର ସିପୁରୁଲ ସେକ୍ ଓ ଜେୱେରୁଲ୍ ସେକ୍, ମାଝିପରା ଗ୍ରାମର ଲାଏକ୍ ସେକ୍‌ଙ୍କୁ ଗିରଫ କରାଯାଇଛି। ନୀଳଗିରି ଥାନାରେ ମାମଲା (ନଂ. ୩୬୪/୨୫, ୧୯୩/୨୫) ହୋଇଛି।

# ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ସୋର, ୨୯।୧୦(ଜନ୍ମେଜୟ ମିଶ୍ର)

ସୋର ଥାନା କାରୁଣି ଗ୍ରାମର ୧୯ ବର୍ଷୀୟ ଯୁବକ ରଶ୍ମିରଞ୍ଜନ ମଳିକ ବୁଧବାର ଅପରାହ୍ନରେ ଘର ନିକଟରେ ଥିବା ପୋଖରୀକୁ ମାଛ ଧରିବାକୁ ଯାଇ ମୃତ୍ୟୁବରଣ କରିଛନ୍ତି। ସେଠାରେ ଗୋଡ଼ ଖସିଯିବାରୁ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଆଇନ ସଚେତନତା ଶିବିର



ଶିବିରରେ ଅତିଥିଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର।

ବାଲେଶ୍ୱର, ୨୯।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଇନ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଖ୍ରୀଷ୍ଟିଆନ୍ ହାଇସ୍କୁଲ ପରିସରରେ ଜିଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲା ଆଇନସେବା ପ୍ରାଧିକରଣର ସଚିବ ସୁମନ ଜେନା ଅଧ୍ୟକ୍ଷତା କରି ଶିଶୁ ବିବାହ ନିରୋଧ ଆଇନ୍, ପୋକ୍‌ସୋ ଆଇନ୍ ଏବଂ ଓଡ଼ିଶା ପୀଡ଼ିତା କ୍ଷତିପୂରଣ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ବାଲେଶ୍ୱର ଜିଲା ଚିଫ୍ ଲିଗାଲ୍ ଏଡ୍ ଡିଫେନ୍ସ କାଉନସେଲ୍ ନଟଗୋପାଳ ପଣ୍ଡା, ଜିଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ ଶତୃଘ୍ନ ମଲ୍ଲିକ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଅନ୍ୟାନ୍ୟ ଶିକ୍ଷୟତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଆଖିବୁଜିଲେ ଖବରଦାତା

ଖଇରା, ୨୯।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର କାର୍ଯ୍ୟରତ ଖବରଦାତା କିଶୋର ବେହେରା (୪୫) କିଡନୀ ରୋଗରେ ଆଖିବୁଜିଛନ୍ତି । ସେ ଗତ ୪ବର୍ଷ ଧରି କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ସୋରରେ ଡାଇଲିସିସ୍ ଚାଲିଥିବା ବେଳେ ହୃଦ୍‌ଘାତରେ ପ୍ରାଣବାୟୁ ଉଡିଯାଇଥିଲା। ଖବରପାଇ ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ପହଞ୍ଚି ଶେଷଦର୍ଶନ କରିଥିଲେ। ବିଧାୟକ ପଦ୍ମଲୋଚନ ପଣ୍ଡା, ବିଜେଡି ନେତା ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସାମାଜିକ କର୍ମୀ ଶଶିକୁମାର ସାହୁ, ପୂର୍ବତନ ରାଜ୍ୟ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି । ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁରେ ଖଇରା ସାମ୍ବାଦିକ ସଂଘ ତରଫରୁ ବୁଧବାର ଶୋକସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଉପଦେଷ୍ଟା ଅନାମ ଚରଣ ପଣ୍ଡା, ସଭାପତି ଉତ୍କଳବନ୍ଧୁ ପଣ୍ଡା, ଉପସଭାପତି ତପୋଧନ ବାରିକ, ସମ୍ପାଦକ ବଳରାମ ଲେଙ୍କା, କୋଷାଧ୍ୟକ୍ଷ ଧନଞ୍ଜୟ ପଣ୍ଡା, କୈଳାସ ଚନ୍ଦ୍ର ଦାସ, ସଞ୍ଜୟ କୁମାର ବେହେରା, ଉମେଶ ଜେନା, ମନୋଜ କୁମାର ପ୍ରଧାନ, ଛାୟାକାନ୍ତ ମହାନ୍ତି, ନିଶିକାନ୍ତ ମହାନ୍ତି, ବିସ୍ମୟ ବେହେରା ପ୍ରମୁଖ ଯୋଗଦେଇ ଖବରଦାତା ବେହେରାଙ୍କ ଗଣମାଧ୍ୟମ ଜଗତ ପ୍ରତି ଥିବା ନିଷ୍ଠା, କର୍ତ୍ତବ୍ୟବୋଧତା, ସଚ୍ଚୋଟପଣିଆ ଉପରେ ଆଲୋକପାତ କରିଥିଲେ।


କିଶୋର ବେହେରା

# ତହସିଲ ଓ ଖଣି ବିଭାଗର ଚଢାଉ: ବିପୁଳ ପଥର ଜବତ

ସୋର, ୨୯।୧୦(ଜନ୍ମେଜୟ ମିଶ୍ର)

ସୋର ତହସିଲ ଓ ବାଲେଶ୍ୱର ଖଣି ବିଭାଗ ପକ୍ଷରୁ ଖଞ୍ଜାମାହାଲ ପଥର ଖାଦାନରେ ଚଢାଉ କରାଯାଇ ଜବତ ପଥରକୁ ନିଲାମ ଡକାଯାଇଥିବା ଜଣାପଡିଛି। ବୁଧବାର ଅପରାହ୍ନରେ ବାଗୁଡି ପଥର ଖାଦାନରେ ବେଆଇନ ବ୍ଲାଷ୍ଟିଂ ହୋଇଥିବା ଖବର ପାଇ ସୋର ତହସିଲଦାର ଦୈତାରୀ ମଲ୍ଲିକ ଓ ବାଲେଶ୍ୱର ଖଣି ବିଭାଗ ତରଫରୁ ଖାଦାନରେ ଚଢାଉ କରିଥିଲେ। ୬୦ ନମ୍ବର କ୍ୱାରୀରୁ ବିପୁଳ ପଥର ଜବତ କରି ଏହାକୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ନିଲାମ ଡକାଯାଇଥିଲା। ୩ଲକ୍ଷ ୭୫ ହଜାରରେ ଜବତ ପଥରକୁ ନିଲାମ କରାଯାଇଥିଲା।

# ୩ ମହିଳାଙ୍କ ସମେତ ୬ ଗିରଫ

## ଅବକାରୀ ମୋବାଇଲ ଟିମ୍ ଚଢାଉ

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ), ୨୯।୧୦

ବାଲେଶ୍ୱର ଅବକାରୀ ମୋବାଇଲ ସ୍କ୍ୱାଡ୍, ବାଲିଆପାଳ ଓ ଜଳେଶ୍ୱର ଅବକାରୀ ଥାନା ପକ୍ଷରୁ ବୁଧବାର ମିଳିତ ଭାବେ ବାଲିଆପାଳ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇଛି। ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ ହୋଇଥିବା ବେଳେ ୩ ମହିଳାଙ୍କ ସମେତ ୬ ଜଣ ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବାଲିଆପାଳ ଅଞ୍ଚଳର ମହିଳା ନିରୂପମା ମଣ୍ଡଳ, ଜମ୍ବୀରାଇର ପଦ୍ମାବତୀ ବିଶ୍ୱାଳ ଓ ଜୟନ୍ତୀ ବିଶ୍ୱାଳ, ନାରାୟଣପୁରର ଭୀମଚରଣ ଦାସ ଓ ଅଜୟ ଦାସ, ଜମ୍ବୀରାଇର ଭରତ ଦଳେଇ। ସେମାନଙ୍କଠାରୁ ୧୦୨ ଲିଟର ଦେଶୀ ମଦ ଏବଂ ୪୦.୬୮୦ ଲିଟର ବିୟର ଓ ୫୩.୦୫୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଜବତ ମଦର ମୂଲ୍ୟ ୧ଲକ୍ଷ ୨୦ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।


ଜବତ ମଦ ସହ ଗିରଫ ଅଭିଯୁକ୍ତ।

ସୂଚନା ଅନୁସାରେ ଦୀର୍ଘ ଦିନ ଧରି ବାଲିଆପାଳ ଥାନା ଅଞ୍ଚଳରେ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ କାରବାର ହୋଇଆସୁଛି। ଏନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ବୁଧବାର ପୂର୍ବାହ୍ନରେ ମୋବାଇଲ ଟିମ୍ ଆଇଆଇସି ହରିହର ସିଂଙ୍କ ନେତୃତ୍ୱରେ ଏସ୍‌ଆଇ ଭବେଶ ଦାସ, ଜଗନ୍ନାଥ ଭିତିରିଆ, ଏଏସ୍‌ଆଇ ଲମ୍ବୋଦର ମାହାନ୍ତ ପ୍ରମୁଖ ସଦଳବଳେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ। ଏ ସମ୍ପର୍କରେ ୩ଟି ପୃଥକ୍ ମାମଲା ରୁଜୁ ହୋଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଜଳେଶ୍ୱର, ୨୯।୧୦(ନବୀନ ସାହୁ)

ଜଳେଶ୍ୱର ଥାନା ପଶ୍ଚିମବାର୍ଡ଼ ପଞ୍ଚାୟତ ଦେବକୁମାର ଗ୍ରାମର ବାପି ଦଣ୍ଡପାଟଙ୍କ ସ୍ତ୍ରୀ ସୀମା ଦଣ୍ଡପାଟ (୨୮)ଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକେ ଜଳେଶ୍ୱର ପୋଲିସ୍‌କୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଛି। ବାପି ଦଣ୍ଡ ପାଟ ହାଇଦ୍ରାବାଦରେ ରହି କାର୍ଯ୍ୟ କରନ୍ତି। ସୀମା ଓ ବାପିଙ୍କର ଦୁଇ ପୁଅ ଅଛନ୍ତି। ବୁଧବାର ମଧ୍ୟାହ୍ନରେ ପିଲା ଦ୍ୱୟ ବାହାରେ ଖେଳୁଥିବା ବେଳେ ଘରକୁ ଆସି ମା'କୁ ଡାକିଥିଲେ। ମାତ୍ର ମା' ଆଉ କବାଟ ଖୋଲି ନ ଥିଲେ। ପରେ ସୀମାଙ୍କ ଶାଶୁ, ଶ୍ୱଶୁର ଆସି କବାଟ ଭାଙ୍ଗି ସୀମା ଝୁଲୁଥିବା ଅବସ୍ଥାରେ ଦେଖିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇନାହିଁ।

# ପ୍ରତିଟି ମିନିଟ୍ ଗୁରୁତ୍ୱପୂର୍ଣ୍ଣ

## ବିଶ୍ୱ ଷ୍ଟ୍ରୋକ୍ ଦିବସ

ବାଲେଶ୍ୱର, ୨୯।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବୁଧବାର ବିଶ୍ୱ ଷ୍ଟ୍ରୋକ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଚଳିତବର୍ଷ ବିଶ୍ୱ ଷ୍ଟ୍ରୋକ୍ ଦିବସର ଥିମ୍ ଥିଲା ପ୍ରତିଟି ମିନିଟ୍ ଗୁରୁତ୍ୱପୂର୍ଣ୍ଣ (ଏଭ୍ରି ମିନିଟ୍ କାଉଣ୍ଟସ୍)।

ଜିଲା ମୁଖ୍ୟଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଭାତ କୁମାର ବେହେରା ଏଥିରେ ସଭାପତିତ୍ୱ କରି ଲୋକେ ସଚେତନ ହେଲେ ଷ୍ଟ୍ରୋକ୍‌କୁ ପ୍ରତିରୋଧ କରାଯାଇପାରିବ ବୋଲି କହିଥିଲେ। ବରିଷ୍ଠ ଡା. ଅମୂଲ୍ୟ ଦାସ ଯୋଗଦେଇ ଖାଦ୍ୟରେ ଲୁଣ, ତେଲ ଓ ଚିନି (ଏସ୍-ଓ-ଏସ୍) ଅଳ୍ପ ବ୍ୟବହାର କଲେ ଷ୍ଟ୍ରୋକ୍ ହ୍ରାସ ପାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ସଞ୍ଜୀବ ପ୍ରଧାନ, ଡା. ପ୍ରଦୀପ କର ଓ ଡା. ରାମଚନ୍ଦ୍ର କିସ୍କୁ ମଞ୍ଚାସୀନ ହୋଇ ଷ୍ଟ୍ରୋକ୍ ସମ୍ପର୍କିତ ସଚେତନତା ଓ ପ୍ରତିରୋଧ ଉପାୟ ଉପରେ ଆଲୋକପାତ କରିଥିଲେ। ଷ୍ଟ୍ରୋକ୍ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଡା. ଅରୂପ ଅଭିଷେକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭାରପ୍ରାପ୍ତ ଅତିରିକ୍ତ ଜିଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ସଭାରେ ବିଭିନ୍ନ ଉପକେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।



ସଚେତନତା ସଭାରେ ସିଡିଏମ୍‌ଓଙ୍କ ସହ ଅନ୍ୟମାନେ।

# ୨୮ ହେକ୍ଟର ଜମିରେ ହେଲାଣି ଚାରାରୋପଣ

## କେନ୍ଦୁଝରରେ କଫି ଚାଷକୁ ନେଇ ନୂଆ ସମ୍ଭାବନା

କେନ୍ଦୁଝର,୨୯।୧୦(ଦୀପକ ମିଶ୍ର)

କୋରାପୁଟ କଫି ପରେ ଏବେ କେନ୍ଦୁଝର କଫିକୁ ନେଇ ବେଶ୍ ଚର୍ଚ୍ଚା ଆରମ୍ଭ ହୋଇଛି। କେନ୍ଦୁଝରରେ ଗତ କିଛି ବର୍ଷ ହେଲା କଫିଚାଷ ଆରମ୍ଭ ହୋଇଛି। ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର କଫି ଚାଷ ପାଇଁ ଆଗ୍ରହ ଦେଖାଉଥିବା ବେଳେ କଫି ମିଶନରେ ହୋଇଥିବା ଚାଷକୁ ଜିଲାଗସ୍ତ ସମୟରେ ବୁଲି ଦେଖିଥିଲେ। ଫଳରେ କେନ୍ଦୁଝର କଫିକୁ ନେଇ ଏବେ ନୂଆ ସମ୍ଭାବନା ସୃଷ୍ଟି ହୋଇଛି।

ପ୍ରକାଶ ଯେ, ବାଂଶପାଳ ବ୍ଲକ୍‌ର ପାହାଡ଼ିଆ ଅଞ୍ଚଳ ସମୁଦ୍ର ପତ୍ତନଠାରୁ ୬୦୦ମିଟର ଉଚ୍ଚତାରେ ଥିବାରୁ କଫିଚାଷ ପାଇଁ ଅନୁକୂଳ। ଏହି ଅଞ୍ଚଳରେ ଥଣ୍ଡା ଜଳବାୟୁ ସହ ୧୫୩୪ ମିଲିମିଟର ବର୍ଷା ହେଉଥିବାରୁ କଫି ବୋର୍ଡ ଦ୍ୱାରା କଫି ଚାଷ ଆରମ୍ଭ ହୋଇଛି। ଜୈବିକ ପଦ୍ଧତିରେ କଫି ଚାଷ କରି ସ୍ଥାନୀୟ ଆଦିବାସୀଙ୍କୁ କର୍ମନିଯୁକ୍ତି ସୃଷ୍ଟି କରାଯାଇପାରିବ। ଓଡ଼ିଶାର କୋରାପୁଟ, କନ୍ଧମାଳ ପରେ ଗତବର୍ଷଠାରୁ କେନ୍ଦୁଝରରେ କଫି ଚାଷ ଆରମ୍ଭ ହୋଇଛି। ତରମାକାନ୍ତ, କୁଅଁର, ଗୋନାସିକା ଅଞ୍ଚଳରେ ଗତ ବର୍ଷ ୧୦ ହେକ୍ଟର ଏବଂ ଚଳିତ ବର୍ଷ ୧୮ହେକ୍ଟର ଜମିରେ କଫି ଚାରାରୋପଣ ସରିଛି। ସେହିପରି କଫି ଚାଷ ପାଇଁ ୮୦୦ ହେକ୍ଟର ଜମିରେ ଛାଇ ବୃକ୍ଷ ଯଥା ସିଲ୍‌ଭର ଓକ୍, ଆମ୍ବ, ଜାମୁକୋଳି ଚାରାରୋପଣ କରାଯାଇଛି। କଫିଚାଷ ପାଇଁ ସିଧାସଳଖ ସୂର୍ଯ୍ୟକିରଣ ନ ପଡିବା ପାଇଁ ଝଙ୍କାଳିଆ ଗଛ ତଳେ କଫି ଚାରାରୋପଣ କରାଯାଉଛି। ୪ ବର୍ଷରେ ଗଛଗୁଡିକରେ କଫି ଫଳ ଆସିବ। ଓଡ଼ିଶାରେ କେବଳ ଆରବିକା କଫି ଚାଷ ହେଉଛି। ୨୦୩୦ ସୁଦ୍ଧା ୪୦ ହଜାର ହେକ୍ଟରରେ କଫିଚାଷ କରି ୨୦, ୮୦୦ ଟନ କଫି ଉତ୍ପାଦନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।


ଆଦିବାସୀ ମହିଳା କଫି ଚାରା ରୋପଣ କରୁଛନ୍ତି।

ପୂର୍ବରୁ ଜିଲାର ତରମାକାନ୍ତଠାରେ ଉନ୍ନତମାନର ଚା' ଚାଷ ହେଉଥିବାବେଳେ କଫି ଚାଷ ମଧ୍ୟ ପରିଚୟ ସୃଷ୍ଟି କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ବାଂଶପାଳ ବ୍ଲକ୍ ଉପର କାଇପୁର ଗ୍ରାମରେ ୨୦୦୫ ରେ ପରୀକ୍ଷାମୂଳକ ଭାବେ ପ୍ରୀତମ କୁମାର ରାଠୋର ୧୩ ଏକର ଜମିରେ କୋରାପୁଟ କଫି ବୋର୍ଡରୁ ୮୦୦୦ କଫି ଚାରା ଲଗାଇ ସଫଳତା ହାସଲ କରିଥିଲେ। ବାଂଶପାଳ ବ୍ଲକ୍‌ର ୧୨ଟି ପଞ୍ଚାୟତରେ କଫି ଚାଷ ପାଇଁ ଭିତ୍ତିଭୂମି ସୁଦୃଢ଼ କରାଯାଉଥିବା ସହ କଫି ଚାରାରୋପଣ କରାଯାଉଛି। କୋରାପୁଟ କଫି ବୋର୍ଡର ବୈଜ୍ଞାନିକଙ୍କ ପରାମର୍ଶ ଅନୁସାରେ ରକ୍ଷଣାବେକ୍ଷଣ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ କଫି ଚାଷକୁ ଗୁରୁତ୍ୱାରୋପ କରିଛନ୍ତି। କଫି ଚାଷ ଦ୍ୱାରା ସ୍ଥାନୀୟ ଆଦିବାସୀଙ୍କୁ ସ୍ଥାୟୀ ଜୀବିକା ଦିଆଯାଇପାରିଛି। ମହାତ୍ମା ଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନାରେ ଅଦ୍ୟାବଧି ୬୦ହଜାର କର୍ମଦିବସ ସୃଷ୍ଟିହୋଇଛି। କଫି ଚାରାରୋପଣ ଏବଂ ଛାଇ ଚାରାରୋପଣ କାର୍ଯ୍ୟରେ ସ୍ଥାନୀୟ ଅଧିବାସୀ କାମ କରିବାକୁ ବେଶ୍ ଆଗ୍ରହ ଦେଖାଉଛନ୍ତି। ୫ ବର୍ଷରେ ଉତ୍ପାଦନ ୧୦ଗୁଣ ବଢ଼ାଇବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ୍‌ଡି କହିଛନ୍ତି।

# ମହିଳାଙ୍କ ଉପରେ ମାଡ଼ିଗଲା ଆଇରନ ବୋଝେଇ ଟ୍ରକ୍

## ସମ୍ପର୍କୀୟଙ୍କ ଶୁଦ୍ଧିକ୍ରିୟାରୁ ଫେରୁଥିଲେ

ପାଟଣା,୨୯।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବାଉଁଶୁଳୀ ଦେଇ ଯାଇଥିବା ଜାତୀୟ ରାଜପଥ ବାଉଁଶୁଳି ଛକ ନିକଟରେ ବୁଧବାର ପୂର୍ବାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଦମ୍ପତି ରାସ୍ତା ପାର ହେଉଥିବା ସମୟରେ ସ୍ତ୍ରୀଙ୍କ ଉପରେ ଏକ ୧୬ଚକିଆ ଆଇରନ ବୋଝାଇ ଟ୍ରକ୍ ମାଡ଼ିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତା ପାଟଣା ଥାନା ଟାଙ୍ଗରପଡ଼ା ଗ୍ରାମର କାର୍ତ୍ତିକ ମୁଣ୍ଡାଙ୍କ ସ୍ତ୍ରୀ ଭାସ୍କି (୫୫)।

ସୂଚନା ଅନୁଯାୟୀ, ସ୍ୱାମୀ, ସ୍ତ୍ରୀ ବାଉଁଶୁଳି ଗ୍ରାମରେ ଜଣେ ସମ୍ପର୍କୀୟଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେଇ ଫେରୁଥିଲେ। ବସ୍ ଧରିବାକୁ ରାସ୍ତା ପାର ସମୟରେ ଏକ ଆଇରନ ବୋଝେଇ ଟ୍ରକ୍ ଧକ୍କା ଦେଇ ଭାସ୍କିଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ତାଙ୍କ ଶରୀର ଖଣ୍ଡ ଖଣ୍ଡ ହୋଇ ରାସ୍ତାରେ ଛିଟିକି ପଡ଼ିଥିଲା। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ଦୀର୍ଘ ୧ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭର ଝାଡ଼ଖଣ୍ଡ ରାଜ୍ୟ ଜାମତୋଳା ଜିଲା କୁଣ୍ଡେଇ ଥାନା ଚୈନପୁର ଗାଁର ଗିରିଧାରୀ ଦାସ (୨୯) ଙ୍କୁ ପୋଲିସ ଅଟକ ରଖିଥିବା ବେଳେ ଟ୍ରକ୍‌କୁ ଜବତ କରି ତଦନ୍ତ କରୁଛି। ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ.୨୬୮/୨୫) ରୁଜୁ ହୋଇଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏସ୍‌ଆଇ କିଶୋର ପାତ୍ର କହିଛନ୍ତି।

# ଜିଲାସ୍ତରୀୟ ବିଶ୍ୱ ଷ୍ଟ୍ରୋକ୍ ଦିବସ

କେନ୍ଦୁଝର,୨୯।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ବୁଧବାର ପୂର୍ବାହ୍ଣରେ ଜିଲାସ୍ତରୀୟ ଷ୍ଟ୍ରୋକ୍ ଦିବସ ପାଳିତ ହୋଇଯାଇଛି। ଜିଲା ଚିକିତ୍ସା ଅଧିକାରୀ ଅଧିକ୍ଷକ ଡା. ପ୍ରଦୀପ କୁମାର ମିଶ୍ର ବୈଠକରେ ଅଧ୍ୟକ୍ଷତା କରି ଷ୍ଟ୍ରୋକ୍‌ର ମୁଖ୍ୟ କାରଣ ଓ ପ୍ରତିଷେଧକ ଉପରେ ଆଲୋକପାତ କରିଥିଲେ। ମଧୁମେହ ଓ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ଦ୍ୱାରା ଷ୍ଟ୍ରୋକ୍ ପ୍ରତିରୋଧ କରାଯାଇପାରିବ। ଏଥିରୁ ସୁରକ୍ଷିତ ରହିବା ପାଇଁ କମ ଲୁଣ, ଅଧିକ ତନ୍ତୁଯୁକ୍ତ ଓ କମ ଚର୍ବି ମୁକ୍ତ ଖାଦ୍ୟ ଉପରେ ଗୁରୁତ୍ୱ ଦେଇଥିଲେ। ଡାକ୍ତର ଲକ୍ଷ୍ମୀକାନ୍ତ ମହାନ୍ତ ଅତିରିକ୍ତ ଜନସ୍ୱାସ୍ଥ୍ୟ ପରିବାର କଲ୍ୟାଣ ନିୟମିତ ରକ୍ତଚାପ ଓ ମଧୁମେହର ପରୀକ୍ଷା, ଯୋଗ ପ୍ରାଣାୟାମ ଓ ବ୍ୟାୟାମ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପୁରୁଷୋତ୍ତମ ମହାନ୍ତ ଷ୍ଟ୍ରୋକ୍‌ର ଶୀଘ୍ର ଚିହ୍ନଟ ଓ ଉପଯୁକ୍ତ ଚିକିତ୍ସା କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସମସ୍ତ ସରକାରୀ ଡାକ୍ତରଖାନାରେ ସିଟି ସ୍କାନ, ଏମ୍‌ଆରଆଇ ଦ୍ୱାରା ଷ୍ଟ୍ରୋକ୍‌ର ଚିହ୍ନଟ ଓ ଚିକିତ୍ସା ସୁବିଧା ମାଗଣାରେ ଉପଲବ୍ଧ ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ସ୍ୱାସ୍ଥ୍ୟକର୍ମୀ, ଆଶା, ପାରାମେଡିକାଲ ସ୍ୱାସ୍ଥ୍ୟକର୍ମୀ, ମେଡିକାଲ ଷ୍ଟାଫ ଓ ବିଭାଗୀୟ ଅଧିକାରୀ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମକୁ ଜିଲା ଜନସ୍ୱାସ୍ଥ୍ୟ ସଂଚାର ଅଧିକାରୀ ଭରତ କୁମାର ସାହୁ ସଞ୍ଚାଳନ କରିଥିଲେ।

# ପ୍ରଭାବିତଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି

## କାରଖାନାର ମନମୁଖି କାର୍ଯ୍ୟକୁ ବିରୋଧ

କେନ୍ଦୁଝର,୨୯।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ହଳଦିଆଗୁଣାରେ ଥିବା ଏକ କାରଖାନାରେ ଅଣ ଓଡ଼ିଆ ନିଯୁକ୍ତି ଏବଂ କାରଖାନାର ମନମୁଖି କାର୍ଯ୍ୟ ବିରୋଧରେ ପ୍ରଭାବିତ ଗତ ୨୭ତାରିଖରୁ ଆନ୍ଦୋଳନ ଜାରି ରହିଛନ୍ତି। ମଜଦୁର ସଂଘ ସହଯୋଗରେ ଆନ୍ଦୋଳନ ଚାଲିଥିବା ବେଳେ ଜିଲା ଶ୍ରମ ବିଭାଗ ପକ୍ଷରୁ ବୁଧବାର ଏ ନେଇ ଆଲୋଚନା ଆରମ୍ଭ ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ୨୫ ବର୍ଷ ହେଲା ଉକ୍ତ ଅଞ୍ଚଳରେ କାରଖାନା ପ୍ରତିଷ୍ଠା ହୋଇ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ସହ ଅଞ୍ଚଳର ବିକାଶରେ ସହଯୋଗ କରୁଥିଲା। କିଛି ବର୍ଷ ହେଲା ଅଣ ଓଡ଼ିଆ ଲୋକଙ୍କୁ ନିଯୁକ୍ତି ଦେବା ସହ ସ୍ଥାନୀୟ ଅଞ୍ଚଳର ବିକାଶ ପ୍ରତି ଗୁରୁତ୍ୱ ନ ଦେବାରୁ ଅସନ୍ତୋଷ ଦେଇଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଜିଲା ପ୍ରଶାସନଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଦାବିପୂରଣ ନ ହେବାରୁ ସୋମବାରଠାରୁ ମୁଖ୍ୟ ଫାଟକ ସମ୍ମୁଖରେ କାରଖାନା ଆଗରେ ପ୍ରବାହିତ ଅଞ୍ଚଳବାସୀ ଶାନ୍ତିପୂର୍ଣ୍ଣଭାବେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କମ୍ପାନୀ ଗ୍ରାମଗୁଡ଼ିକୁ ରାସ୍ତା ନିର୍ମାଣ, ଚାଷୀଙ୍କୁ ସହାୟତା, ସ୍ଥାନୀୟ ଲୋକଙ୍କୁ ସ୍ଥାୟୀ ନିଯୁକ୍ତି, ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତ, ବାଙ୍କ ମାରୁଣୀ ଛକଠାରେ ଓଭର ହେଡ୍ କ୍ରସିଂ ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ଚାରାରୋପଣ ସମେତ ସିଏସ୍‌ଆର ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ଦାବିରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରଖିଛି। ତୁରନ୍ତ ଏହାର ପ୍ରତିକାର କରିବାକୁ ସେମାନେ ଦାବି କରିଛନ୍ତି।

# ଜାତୀୟ ଏକତା ଦିବସ ନିମନ୍ତେ ପ୍ରତିଯୋଗିତା


ପୋଲିସ ଅଧିକାରୀ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ଚମ୍ପୁଆ,୨୯।୧୦(ମହେଶ୍ୱର ଦାସ)

ଭାରତୀୟ ରାଜନୀତିର ଲୌହ ମାନବ ଭାବେ ପରିଚିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଜୟନ୍ତୀକୁ ଆସନ୍ତା ୩୧ ତାରିଖରେ ଜାତୀୟ ଏକତା ଦିବସ ଭାବେ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ଚମ୍ପୁଆ ପୋଲିସ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜାତୀୟ ଏକତା ସଚେତନତା ନିମନ୍ତେ ବୁଧବାର ଚମ୍ପୁଆ ବ୍ଲକ୍‌ର ସରକାରୀ ଓ ବେସରକାରୀ ବିଦ୍ୟାଳୟକୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଛି। ଚମ୍ପୁଆ ଏସ୍‌ଡିପିଓ ରଶ୍ମୀରଞ୍ଜନ ସାହୁ ଓ ଥାନାଧିକାରୀ ରମାକାନ୍ତ ମୁଦୁଲୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଜାତୀୟ ଏକତା ବିଷୟରେ ବକ୍ତୃତା ପ୍ରତିଯୋଗିତା, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଉପରେ ପୋଷ୍ଟର ଅଙ୍କନ ଓ ଜାତୀୟ ସଂହତି ଉପରେ ଅଭିଭାଷଣ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ଭାରତୀଙ୍କ ଉପସ୍ଥିତିରେ ହିନ୍ଦୀ ଓ ଇଂରାଜୀରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ପ୍ରଧାନ ଅଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ, ପୂର୍ବତନ ପ୍ରଧାନଶିକ୍ଷକ ଧରଣୀଧର ଦାସ, ସହକାରୀ ବ୍ଲକ୍ ଶିକ୍ଷାଧିକାରୀ ନରେନ୍ଦ୍ର କୁମାର ନାଏକଙ୍କ ଉପସ୍ଥିତିରେ ଓଡ଼ିଆ ଭାଷାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ନିଜସ୍ୱ ଅର୍ଥରେ ଶ୍ମଶାନ ଘାଟ ସଜାଡ଼ିଲେ



ବାଞ୍ଜୋ,୨୯।୧୦(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦର ଫକୀରପୁରଠାରେ ଅସ୍ଥାୟୀ ଶ୍ମଶାନ ଘାଟ ଅଞ୍ଚଳକୁ ସଜଡ଼ାଯାଇଛି। ସରକାରୀସ୍ତରରେ ଶ୍ମଶାନ ଘାଟ ନିର୍ମାଣ ଅଦ୍ୟାବଧି ସମ୍ଭବ ହୋଇନି। ତେଣୁ ଗ୍ରାମବାସୀଙ୍କ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୮ ଓ ୯ ନଂ. ୱାର୍ଡ଼ର କାଉନ୍‌ସିଲର ନିଜ ଉଦ୍ୟମରେ ବୈତରଣୀ ନଦୀପଠାରେ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ସଫା କରି ଅସ୍ଥାୟୀ ଶ୍ମଶାନ ଅଞ୍ଚଳକୁ ସଜାଡ଼ିବାକୁ ପ୍ରୟାସ କରିଛନ୍ତି।

ପ୍ରକାଶ ଯୋଗ୍ୟ, ୪ ଗୋଟି ୱାର୍ଡ଼କୁ ନେଇ ଗଠିତ ଫକୀରପୁର ଗ୍ରାମରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଗ୍ରାମରେ କୌଣସି ଶ୍ମଶାନ ଘାଟ ନ ଥିବାରୁ ଲୋକମାନେ ନଦୀକୂଳକୁ ସେମାନଙ୍କ ଶ୍ମଶାନ ଘାଟଭାବେ ବ୍ୟବହାର କରିଆସୁଛନ୍ତି। ଏପରିକି ବର୍ଷା ଦିନେ ଶବ ସତ୍କାର କରିବାକୁ ଗ୍ରାମବାସୀ ହଇରାଣ ହୋଇଥାଆନ୍ତି। ୪ ୱାର୍ଡ଼ର ଲୋକେ ବୈତରଣୀ ନଦୀ ପଠା ଉପରେ ନିର୍ଭର କରିଆସୁବାବେଳେ ନଦୀପଠାକୁ ଆସିବା ପାଇଁ ସମସ୍ୟା ସୃଷ୍ଟି ହୋଇଥାଏ। ସମସ୍ୟାକୁ ଦୃଷ୍ଟିରେ ରଖି ୮ନଂ. ୱାର୍ଡର କାଉନ୍‌ସିଲର ସୁରେନ୍ଦ୍ର କୁମାର ଦାସ ଓ ୯ ନଂ. ୱାର୍ଡର କାଉନ୍‌ସିଲର ସନତ କୁମାର କରଙ୍କ ମିଳିତ ଉଦ୍ୟମରେ ଫକୀରପୁର ଗ୍ରାମର ସପ୍ତାବଜା ବୈତରଣୀ ନଦୀ ପଠାରେ ଥିବା ଶ୍ମଶାନ ଘାଟ ଅଞ୍ଚଳକୁ ଜେସିବି ମେଶିନ ସହାୟତାରେ ସଜଡ଼ାଯାଇଛି। ଶବ ସତ୍କାର ପାଇଁ ଆସିଥିବା ଲୋକଙ୍କ ନିମନ୍ତେ ଅସ୍ଥାୟୀ ସେଡ ବ୍ୟବସ୍ଥା କରାଯିବାକୁ ଲକ୍ଷ ରଖାଯାଇଥିବା କାଉନ୍‌ସିଲର କହିଛନ୍ତି। ଘଟଣାକୁ ନେଇ ଫକୀରପୁରବାସୀ ଉଭୟ କାଉନ୍‌ସିଲରଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି।

# ୫ ବାଲି ବୋଝେଇ ଗାଡ଼ି ଜବତ



ହାଟଡ଼ିହୀ,୨୯।୧୦(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବୈତରଣୀ ନଦୀର ବିଭିନ୍ନସ୍ଥାନରୁ ବେଆଇନ ବାଲି ଉଠାଣ ଏବଂ ପରିବହନ ସମୟରେ ଖଣି ବିଭାଗ ଓ ପୋଲିସର ମିଳିତ ଚଢ଼ାଉ କରିଛି। ଚଢ଼ାଉ ସମୟରେ ୩ ହିଟାଚୀ, ୨ ହାଇୱା ଜବତ ହୋଇଥିବା ନେଇ ଖଣି ଅଧିକାରୀ ତାରିଣୀ ସିଂ କହିଛନ୍ତି।

ସୂଚନା ଅନୁସାରେ, ଡିମିରିଆ ଲିଜ୍ ଘାଟ ଏରିଆକୁ ଛାଡ଼ି ନିକଟବର୍ତ୍ତୀ ଏକ ସ୍ଥାନରୁ ବେଆଇନ ବାଲି ଉଠାଣ ଏବଂ ପରିବହନ ହେଉଥିଲା। ହିଟାଚି ଏବଂ ହାଇୱା ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଅଦ୍ୟାବଧି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ସେହିପରି ଲିଜ୍ ଘାଟ ବ୍ୟତୀତ ବାହାରିପୁର, ବୁଢ଼ୀକୁଦ ପରି ଅନ୍ୟ କେତକ ସ୍ଥାନରୁ ବେଆଇନ ବାଲି ଉଠାଣ ଏବଂ ପରିବହନ ହେଉଛି। ଅନ୍ୟ ପଟେ ଅତ୍ୟଧିକ ବାଲି ଉତ୍ତୋଳନ ଯୋଗୁ କେତକ ଲିଜଧାରୀଙ୍କୁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା କରାଯାଇଛି। ଜରିମାନା ସମ୍ପର୍କିତ ମାମଲା ହାଇକୋର୍ଟରେ ବିଚାରଧୀନ ଥିବାରୁ କେହି ପୈଠ କରିନାହାନ୍ତି। ସୂଚନାଯୋଗ୍ୟ, କରଗୋଳା ବାଲିଘାଟକୁ ନେଇ ଆନନ୍ଦପୁର ବିଧାୟକଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ଲୋକ, ବିଭିନ୍ନ ଅନୁଷ୍ଠାନ ବାଲି ସତ୍ୟାଗ୍ରହରେ ସାମିଲ ହୋଇ ବେଆଇନ ବାଲି ପରିବହନକୁ ବିରୋଧ କରୁଛନ୍ତି।

# 'ବିକଶିତ ଗାଁ-ବିକଶିତ ଓଡ଼ିଶା' କାର୍ଯ୍ୟ ବଣ୍ଟନକୁ ନେଇ ଅସନ୍ତୋଷ

## ପାଟଣା ପଞ୍ଚାୟତ ସମିତି ବୈଠକ

ପାଟଣା,୨୯।୧୦(ବୀର କିଶୋର ଦାଶ):

କେନ୍ଦୁଝର ଜିଲା ପାଟଣା ପଞ୍ଚାୟତ ସମିତି ନବମ ଅଧିବେଶନ ବୁଧବାର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତିର ବିଭିନ୍ନ ଅବ୍ୟବସ୍ଥା ନେଇ ସଦସ୍ୟମାନେ ଆଲୋଚନା କରିବା ସହ ବିଭିନ୍ନ ଯୋଜନାରେ ଅବ୍ୟବସ୍ଥାକୁ ନେଇ କଥା କଟାକଟି ଭଳି ପରିସ୍ଥିତ ହୋଇଥିଲା।

ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଏମ୍‌ପି ଅନନ୍ତ ନାୟକଙ୍କ ବ୍ଲକ୍ ପ୍ରତିନିଧି ପ୍ରହ୍ଲାଦ ପଲେଇ, ବିଡ଼ିଓ ମାନସ


ବୈଠକରେ ଯୋଗଦେଇଥିବା ଉପସ୍ଥିତ ଅତିଥିମାନେ।

ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ ନାୟକ, ସିଡିପିଓ କଳ୍ପନା ଦୋରା ପ୍ରମୁଖଙ୍କ ଉପସ୍ଥିତିରେ ବର୍ଷ ୨୦୨୫-୨୬ ପାଇଁ ବାର୍ଷିକ କାର୍ଯ୍ୟ ଖସଡ଼ା, ବିକଶିତ ଗାଁ-ବିକଶିତ ଓଡ଼ିଶା ଓ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ ଗୃହୀତ କରାଯାଇଥିଲା। ଡୁମୁରିଆ ସରପଞ୍ଚ ଗୌରହରି ନାଏକ ବିକଶିତ ଗାଁ-ବିକଶିତ ଓଡ଼ିଶା ଯୋଜନାର କାର୍ଯ୍ୟ ବଣ୍ଟନ ପ୍ରଣାଳୀକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଚେମେଣା ସମିତିସଭ୍ୟ ମନୋଜ ମହାନ୍ତଙ୍କ ସହ ଅନ୍ୟ ସଦସ୍ୟ ପୂର୍ତ୍ତ, ରେଶମ, ଶିଳ୍ପ, ଇରିଗେଶନ ବିଭାଗର ଅଧିକାରୀମାନେ ଅନୁପସ୍ଥିତ ରହିଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ଶୁକାନ୍ତି ନାଏକ, ବିଶ୍ୱନାଥ ନାୟକ, ସରପଞ୍ଚ ବିନତି ବାନାରା, ପାର୍ବତୀ ଦେହୁରୀ, ଭାମାମଣି ଦାସଙ୍କ ସହ ସମସ୍ତ ସମିତି ସଭ୍ୟ ଯୋଗଦେଇଥିଲେ।

# କାଳିତୀର୍ଥର ସ୍ମରଣିକା 'କାଳପଦ୍ମା' ଉନ୍ମୋଚିତ


ଅତିଥି ଓ କର୍ମକର୍ତ୍ତାମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

କେନ୍ଦୁଝର,୨୯।୧୦
(ଦୀପକ ମିଶ୍ର)

କେନ୍ଦୁଝର କାଳିତୀର୍ଥ ଚଳିତ ବର୍ଷ ମା' କାଳୀଙ୍କର ୮୫ବର୍ଷ ପୂଜା ପାଳନ କରୁଛି। ଏହି ଅବସରରେ ଅନୁଷ୍ଠାନର ଏକ ସ୍ମରଣିକା 'କାଳପଦ୍ମା' ମଙ୍ଗଳବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଯାଇଛି। କାଳୀତୀର୍ଥ ମଣ୍ଡପରେ ମା'କାଳୀଙ୍କ ପ୍ରତିମା ନିକଟରେ ପ୍ରଥମେ ସ୍ମରଣିକା ପୂଜା କରାଯାଇଥିଲା। ଏହି ପତ୍ରିକା ଉନ୍ମୋଚନ ଅବସରରେ କାଳୀତୀର୍ଥ କମିଟିର ସଭାପତି ରବୀନ୍ଦ୍ର କୁମାର ମିଶ୍ର, ସାଧାରଣ ସମ୍ପାଦକ ଦୀପକ ମିଶ୍ର, ଜିଲା କ୍ରୀଡ଼ା ସଂସ୍ଥାର ସମ୍ପାଦକ ତଥା କାଳିତୀର୍ଥର ସଦସ୍ୟ ଜନାର୍ଦ୍ଦନ ଦାଶ, ବରିଷ୍ଠ ସଦସ୍ୟ ସରୋଜ କୁମାର ରଣା ଖବରଦାତା ପ୍ରଦୀପ କୁମାର ମହାନ୍ତି, ନିତ୍ୟାନନ୍ଦ ଦାଶ, ଅଜୟ ମିଶ୍ର, ସୁଶାନ୍ତ ସାହୁ, ମନୋଜ ଶତପଥୀ, ଅଶୋକ ମିଶ୍ର, ଲୋକନାଥ କର, ଦୁର୍ଯ୍ୟୋଧନ ନାଏକ, ପ୍ରମୋଦ ନାଏକ, ଟେଲିଫୋନ ଏକ୍ସଚେଞ୍ଜ କାଳୀପୂଜା କମିଟିର ସଭାପତି ଜ୍ଞାନେନ୍ଦ୍ର ଜେନା, ସଂଗଠନ ସମ୍ପାଦକ ଜୟକୃଷ୍ଣ ପଣ୍ଡା, ମୁନା ରାଉତ, ବାପୁ ସାହୁ, ମନୋଜ ବାରିକ, ଅନୁପ ସାହୁ, ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଝର ଖବରର ସମ୍ପାଦକ, କାଳୀତୀର୍ଥର ସଦସ୍ୟ ଦେବୀଶଙ୍କର ଦାଶ ପତ୍ରିକାର ସମ୍ପାଦନା କରିଥିଲେ। କେନ୍ଦୁଝରର ସୁନାମ ଅର୍ଜନ କରିଥିବା ଲେଖିକା, ଲେଖକଙ୍କ ଲେଖା ଏଥିରେ ସ୍ମରଣିକାରେ ସ୍ଥାନ ପାଇଛି।

## ବାରୁଦ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

ଯୋଡ଼ା,୨୯।୧୦(ମାନସ ମହାନ୍ତି):
କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ କମାର ଯୋଡ଼ା ମେରିଅଟ ହୋଟେଲ ନିକଟରେ ଏକ ବାରୁଦ ବୋଝେଇ ଟ୍ରକ୍ ଅନ୍ୟ ଏକ ଟ୍ରକ୍ ସହ ଦୁର୍ଘଟଣାଗ୍ରସ୍ତ ହୋଇଛି। ଖଣିରେ ବ୍ୟବହାର ହେଉଥିବା ବାରୁଦ ବୋଝେଇ ଟ୍ରକ୍‌ଟି ଦୁର୍ଘଟଣା ଘଟାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଟ୍ରକ୍ (ନଂ. ଓଡି ୧୧ ଏନ୍ ୧୧୫୫) ରାସ୍ତା ତଳକୁ ଖସି ଯାଇଥିବା ବେଳେ ବାରୁଦ ବୋଝେଇ ଟ୍ରକ୍‌ଟି ଫେରାର ହୋଇଯାଇଛି। ବାରୁଦ ଭଳି ଏକ ସମ୍ବେଦନଶୀଳ ଗାଡ଼ି ହୋଇଥିବାରୁ ସାଧାରଣରେ ଜାତ ହୋଇଛି। ଯୋଡ଼ା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି, ବାରୁଦ ବୋଝେଇ ଗାଡ଼ି କୌଣସି ଗାଡ଼ି ସହ ଦୁର୍ଘଟଣା ହୋଇନାହିଁ। ଏକ ଡିଭାଇଡରରେ ବାଜିଥିବା କହିଥିଲେ। ଏଥି ସହିତ କୌଣସି ରିପୋର୍ଟ ହୋଇ ନ ଥିବା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ନିକଟରେ ସୁନ୍ଦରଗଡ଼ ଜିଲା କୋଇଡ଼ା, ବଣେଇ ଅଞ୍ଚଳରୁ ଚୋରା ବାରୁଦ କାରବାର ଆଲୋଡ଼ନ ସୃଷ୍ଟି କରିଥିଲା।

# ବଜାରରେ ଆଣ୍ଠୁଏ ପାଣି, ଯାତାୟାତ ପ୍ରଭାବିତ

## ଢେଙ୍କିକୋଟ୍‌ରେ ଲଗାଣ ବର୍ଷା

ଢେଙ୍କିକୋଟ,୨୯।୧୦
(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ବ୍ୟବସାୟିକ ବଜାର ଢେଙ୍କିକୋଟ ବାତ୍ୟା ମୋନ୍ଥା ଜନିତ ଲଗାଣ ବର୍ଷାରେ ଉବୁଟୁବୁ ହୋଇଛି। ଜାତୀୟ ରାଜପଥ ୨୦ ଏବଂ ଜାତୀୟ ରାଜପଥ ୨୨୦ ର ମିଳନସ୍ଥଳ ବଜାର ନିକଟରେ ଆଣ୍ଠୁଏ ଉପରେ ପାଣି ଜମା ହୋଇଛି। ଭାରୀଯାନ ଚଳାଚଳରେ ସୃଷ୍ଟି ହୋଇଥିବା ଖାଲରେ ବର୍ଷା ଜଳ ଜମି ରହି ଦୁର୍ଘଟଣାର କାରଣ ସାଜୁଛି।

ପ୍ରକାଶ ଯେ, ରାଜପଥର ସର୍ଭିସ ରୋଡ଼ରେ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡୁ ନ ଥିବାରୁ ଏହା ଦୀର୍ଘ ଦିନ ଧରି ଅବହେଳିତ ହୋଇପଡ଼ିଛି। ଭାରୀଯାନ ଚଳାଚଳରେ ସୃଷ୍ଟି ବିପର୍ଯ୍ୟସ୍ତ ରାସ୍ତା ଯୋଗୁ ୨ ଚକିଆ, ୪ ଚକିଆ, ଓ ପଥଚାରୀ ସମସ୍ୟା


ରାସ୍ତାରେ ଜମି ରହିଥିବା ପାଣି।

ଭୋଗୁଛନ୍ତି। ବିଦ୍ୟାଳୟକୁ ଯିବା ଆସିବା ସମୟରେ ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବଜାରର ମୁଖ୍ୟ ଛକ ଉଭୟ ପାର୍ଶ୍ୱରେ ଷ୍ଟ୍ରିଟ୍ ଲାଇଟ୍‌ର ବିଦ୍ୟୁତ୍ ତାର ମଧ୍ୟ ଭାରୀଯାନ ଦ୍ୱାରା କଟି ମାସ ମାସ ଧରି ଅନ୍ଧକାର ହେଉଛି। ଏବେ ଖାଲରେ ବର୍ଷା ପାଣି ଜମା ହୋଇଥିବାରୁ ଯାତାୟାତରେ ଅସୁବିଧା ହେଉଛି। ଏଠାରେ ତୁରନ୍ତ ଡ୍ରେନ୍ ବ୍ୟବସ୍ଥା, ସର୍ଭିସ ରୋଡ଼ କାମ ସାରିବାକୁ ଦାବି କରାଯାଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଢେଙ୍କିକୋଟ ବଣିକ ସଂଘ ସଭାପତି ରାଜକିଶୋର ସାହୁ ପ୍ରକାଶ କରିଛନ୍ତି।

# ୧୧୪ ପରୀକ୍ଷାର୍ଥୀଙ୍କୁ ସର୍ତ୍ତମୂଳକ ଜାମିନ

**ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ଘଟଣା**

ବ୍ରହ୍ମପୁର,୨୯।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ପୋଲିସ ସବ୍ ଇନ୍ସପେକ୍ଟର (ଏସ୍ଆଇ) ପରୀକ୍ଷା ଜାଲିଆତି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଥିବା ୧୧୪ଜଣ ପରୀକ୍ଷାର୍ଥୀ (ଚାକିରି ଆଶାୟୀ)ଙ୍କୁ ବୁଧବାର ସର୍ତ୍ତମୂଳକ ଜାମିନ ମିଳିଛି। ପ୍ରତ୍ୟେକ ୨ ଜଣ ଲେଖାଏ ଜାମିନଦାର ଓ ୫୦ ହଜାର ଟଙ୍କା ବେଲ ବଣ୍ଡ ଦେଇ ଜାମିନରେ ଯିବେ ବୋଲି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ ନିର୍ଦ୍ଦେଶ ଦେଇଛନ୍ତି। ଜାମିନ୍ ପାଇଥିବା ପରୀକ୍ଷା ଆଶାୟୀମାନେ ତଦନ୍ତକାରୀ ଅଧିକାରୀଙ୍କୁ ତଦନ୍ତରେ ସହଯୋଗ କରିବେ, ମାମଲାର ସାକ୍ଷୀମାନଙ୍କୁ ଧମକ ଦେବେ ନାହିଁ ଓ ଏଭଳି ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ରହିବେ ନାହିଁ ବୋଲି କୋର୍ଟ ସର୍ତ୍ତ ରଖିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ କାରଣକୁ ନେଇ ଜଜ୍ ୭ ଜଣ ଦଲାଲଙ୍କ ଜାମିନ ଖାରଜ କରିଦେଇଥିବା ଏପିପି ରଜତ କୁମାର ଦାଶ କହିଛନ୍ତି। କୋର୍ଟ ଓ ଜେଲ ବାହାରେ ଜାମିନ ପାଇଥିବା ପରୀକ୍ଷାର୍ଥୀଙ୍କ ପରିବାର ଲୋକଙ୍କ ଭିଡ଼ ଦେଖାଯାଇଥିଲା।

ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ଦ୍ୱାରା ଏସ୍ଆଇ ପରୀକ୍ଷା ହୋଇଥାନ୍ତା। ତେବେ ପରୀକ୍ଷା ପୂର୍ବରୁ ଗୁପ୍ତ ସୂଚନା ଆଧାରରେ ଏକ ବଡ଼ ଜାଲିଆତି ଧରାପଡ଼ିଥିଲା। ଗତ ସେପ୍ଟେମ୍ବର ୨୯ ତାରିଖ ରାତିରେ ବ୍ରହ୍ମପୁର ପୋଲିସ ଆନ୍ଧ୍ରପ୍ରଦେଶ ଯାଉଥିବା ୩ଟି ଏସି ସ୍ଲିପର୍ ବସ୍‌କୁ ପିଛା କରିଥିଲା। ବ୍ରହ୍ମପୁର ଏସ୍‌ପି ଡ଼ା . ସର୍ବଣା ବିବେକ ଏମ୍.ଙ୍କ ନେତୃତ୍ୱରେ ୩ଟି ଟିମ୍ ଶ୍ରୀକାକୁଲମରେ ପହଞ୍ଚି ବସ୍‌ଗୁଡିକ ସହ ସେଥିରେ ଥିବା ୧୧୭ ଜଣଙ୍କୁ ବ୍ରହ୍ମପୁର ନେଇ ଆସିଥିଲା। ଯାଞ୍ଚରୁ ଜଣାପଡ଼ିଥିଲା ଯେ, ୧୧୭ ଜଣଙ୍କ ମଧ୍ୟରୁ ୧୧୪ ଜଣ ଏସ୍ଆଇ ପରୀକ୍ଷା ପାଇଁ ଆବେଦନ କରିଥିଲେ। ପ୍ରଶ୍ନପତ୍ର ପାଇଁ ସେମାନେ ଭୁବନେଶ୍ୱରରୁ ବସ୍‌ରେ ଆନ୍ଧ୍ରପ୍ରଦେଶର ବିଜୟନଗରମ ଯାଉଥିଲେ। ସେଠାରେ ଗୁପ୍ତଭାବରେ ପ୍ରଶ୍ନପତ୍ର ପାଇବା ପରେ ଭୁବନେଶ୍ୱରକୁ ଫେରି ପରୀକ୍ଷାରେ ବସିବାକୁ ଯୋଜନା ଥିଲା। ପ୍ରତି ପ୍ରାର୍ଥୀ ୨୫ ଲକ୍ଷ ଟଙ୍କା ଦେବାକୁ ଚୁକ୍ତି କରିଥିଲେ। ପ୍ରଥମେ ୧୦ ଲକ୍ଷ ଏବଂ ଚାକିରି ନିଶ୍ଚିତ ହେଲେ ଆଉ ୧୫ ଲକ୍ଷ ଦେଇଥାନ୍ତେ। ତେବେ ତାହା ପୂର୍ବରୁ ପୋଲିସ ଉକ୍ତ ଜାଲିଆତିର ପର୍ଦ୍ଦାଫାଶ କରିଥିଲା। ପରେ ଉକ୍ତ ମାମଲା କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା।

# ୨୪ ଘଣ୍ଟାରେ ମାଲକାନଗିରି ଜିଲ୍ଲାରୁ ୧୭ କୋଟିର ଗଞ୍ଜେଇ ଜବତ

ମାଲକାନଗିରି,୨୯।୧୦(ଦୁର୍ଯ୍ୟୋଧନ ପାତ୍ର)



ଓର୍କେଲ ଥାନା ଅଞ୍ଚଳରୁ ଏକ କଣ୍ଟେନରରୁ ଗଞ୍ଜେଇ ଜବତ କରାଯାଉଛି।

ମାଲକାନଗିରି ଜିଲାର ୩ ଥାନା ଅଞ୍ଚଳରୁ ୨୪ ଘଣ୍ଟା ମଧ୍ୟରେ ୧୬୬୦ କିଲୋ ଗଞ୍ଜେଇ ଜବତ କରାଯାଇଛି। ମାଲକାନଗିରି ପୋଲିସ ଏଥିରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ବୁଧବାର ଗିରଫ କରିଛି। ମଙ୍ଗଳବାର ସନ୍ଧ୍ୟାରେ ଓର୍କେଲ ଥାନା ଅଞ୍ଚଳରୁ ଏକ କଣ୍ଟେନରରୁ ପୋଲିସ ୭୭୦ କେଜି ଗଞ୍ଜେଇ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଥିଲା। ସେହିପରି ବୁଧବାର ଚିତ୍ରକୋଣ୍ଡା ଥାନା ଅଞ୍ଚଳରୁ ୬୪୦ କେଜି ଏବଂ କାଲିମେଲା ଥାନା ଅଞ୍ଚଳରୁ ୨୫୦ କେଜି ଗଞ୍ଜେଇ ଜବତ କରିଛି। ଏହି ୩ଟି ସ୍ଥାନରୁ ମୋଟ ୧୬୬୦ କେଜି ଗଞ୍ଜେଇ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୭ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ମାଲକାନଗିରି ଜିଲାରେ ଗଞ୍ଜେଇ ଚାଷ ମୂଳପୋଛ କରାଯିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ଏସ୍‌ପି ସୂଚନା ଦେଇଛନ୍ତି।

# ଭିଜିଲାନ୍ସ ଜାଲରେ ଜିଏସ୍‌ଟି ଅଧିକାରୀ

ବଲାଙ୍ଗୀର/ ଟିଟିଲାଗଡ଼,୨୯।୧୦
(ବୀରେନ୍ଦ୍ର ଝାଙ୍କର/ଶରତ ମିଶ୍ର)


ଗିରଫ ଉମାକାନ୍ତ ମହାକୁର

ଟିଟିଲାଗଡ଼ ସିଟି ଆଣ୍ଡ ଜିଏସ୍‌ଟି ବିଭାଗ ଅଧିକାରୀ ଉମାକାନ୍ତ ମହାକୁର ଜଣେ ବ୍ୟବସାୟୀଙ୍କ ଠାରୁ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ପ୍ରକାଶ ଯେ, ବ୍ୟବସାୟୀ ରମେଶ ବସ୍ତିଆଙ୍କୁ ୨୩ ହଜାର ୬ ଶହ ଟଙ୍କା ଜରିମାନା କରାଯାଇଥିଲା। ଏହାକୁ କମାଇ ୭୫୦୦ ଟଙ୍କା କରିଦେବା ପାଇଁ ଅଧିକାରୀ ଜଣକ ୧୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଫଳରେ ରମେଶ ବଲାଙ୍ଗୀର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଅପରାହ୍ନରେ ମହାକୁର ସମ୍ପୃକ୍ତ ବ୍ୟବସାୟୀଙ୍କଠାରୁ ନିଜ କାର୍ଯ୍ୟାଳୟରେ ଲାଞ୍ଚ ଟଙ୍କା ଗ୍ରହଣ ସମୟରେ ଭିଜିଲାନ୍ସ ଅଧିକାରୀ ତାଙ୍କୁ କାବୁ କରିଥିଲେ। ଏନେଇ ଟିଟିଲାଗଡ଼ ସମେତ ଅଧିକାରୀଙ୍କ ବଲାଙ୍ଗୀର ଗାନ୍ଧୀନଗରସ୍ଥିତ ଘରେ ମଧ୍ୟ ଭିଜିଲାନ୍ସ ବିଭାଗର ଚଢ଼ାଉ ଜାରି ରହିଛି। ଏହି ଚଢାଉରେ ବଲାଙ୍ଗୀର, ସୋନପୁର ଓ ସମ୍ବଲପୁରର ଭିଜିଲାନ୍ସ ଟିମ୍ ସାମିଲ ହୋଇଛନ୍ତି।

# ପୂର୍ବତନ ସହକାରୀ ଡ୍ରଗ୍ସ କଣ୍ଟ୍ରୋଲରଙ୍କୁ ୨ ବର୍ଷ ଜେଲ, ଲକ୍ଷେ ଜରିମାନା

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

ଭୁବନେଶ୍ୱର,୨୯।୧୦(ସତ୍ୟଜିତ୍ ରାଉତ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୂର୍ବତନ ସହକାରୀ ଡ୍ରଗ୍ସ କଣ୍ଟ୍ରୋଲର ରଘୁନାଥ ମଲ୍ଲିକ ୨୧ ବର୍ଷ ପରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବୁଧବାର ଏହି ମାମଲାର ରାୟପ୍ରକାଶ କରିଛନ୍ତି। ଅଭିଯୁକ୍ତ ରଘୁନାଥଙ୍କୁ ୨ ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ତାଙ୍କୁ ଲକ୍ଷେ ଟଙ୍କା ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହି ଜରିମାନା ଅନାଦେୟ କ୍ଷେତ୍ରରେ ତାଙ୍କୁ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ସ୍ୱତନ୍ତ୍ର ବିଚାରପତି ଅସୀମ ଦଳବେହେରା ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତ ୨୦୦୩ ଜୁଲାଇ ୩ ଓ ୪ରେ ରଘୁନାଥଙ୍କ ଘର ଏବଂ ଅଫିସ୍ ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଥିଲା। ଏହି ସମୟରେ ତାଙ୍କ ଘରୁ ୬୬ ହଜାର ନଗଦ ଟଙ୍କା, ସୁନାଅଳଙ୍କାର, ମୂଲ୍ୟବାନ୍ ଆସବାବପତ୍ର ଏବଂ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଏନେଇ ୨୦୦୪ ମାର୍ଚ୍ଚ ୩୧ରେ ଭୁବନେଶ୍ୱର ଭିଜିଲାନ୍ସ ଥାନା ପକ୍ଷରୁ ରଘୁନାଥଙ୍କ ନାମରେ ମାମଲା (ନଂ.୮/୨୦୦୪) ରୁଜୁ କରାଯାଇଥିଲା। ପରେ ତଦନ୍ତ କରାଯାଇ ଏହି ମାମଲାର ଚାର୍ଜଶିଟ୍ ଦାଖଲ ହୋଇଥିଲା। ରଘୁନାଥ ୪୦ ଲକ୍ଷ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଚାର୍ଜଶିଟ୍‌ରେ ଉଲ୍ଲେଖ କରାଯାଇଥିଲା। ଶୁଣାଣି ବେଳେ ୪୬ଜଣ ସାକ୍ଷୀଙ୍କ ବୟାନ ଓ ୭୪ଟି ଦସ୍ତାବିଜ୍ ଆଧାରରେ କୋର୍ଟ ରାୟ ଶୁଣାଇଥିଲେ। ସ୍ୱତନ୍ତ୍ର ସରକାରୀ ଓକିଲ ଚନ୍ଦ୍ରକାନ୍ତ ଦାସ ଓ ଗିରିଜା ପଟ୍ଟନାୟକ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ। ତେବେ ଏହି ଦଣ୍ଡାଦେଶ ଆଧାରରେ ରଘୁନାଥଙ୍କ ପେନ୍‌ସନ୍ ବନ୍ଦ କରିବାକୁ ଭିଜିଲାନ୍ସ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି।

# ୫ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

**ନାବାଳିକାଙ୍କୁ ଗଣବଳାତ୍କାର, ଘରୁ ଡକାୟତି ମାମଲା**

ଫୁଲବାଣୀ,୨୯।୧୦(ରାକେଶ କୁମାର ରାଉତ)

ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଏବଂ ଘରୁ ଡକାୟତି ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଫୁଲବାଣୀ ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଏହି ମାମଲାର ବିଚାର କରି ୫ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୨୬ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ଜରିମାନା ଅନାଦାୟେ ଅଧିକ ୫ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ବିଚାରପତି ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ଗୋଛାପଡା ଥାନା ମୁସେଲିପାଙ୍ଗା ବୁଡୁମୁଖୀ ଗ୍ରାମର ଅଶୋକ ମୁଖୀ (୨୪), ଦାରିଙ୍ଗବାଡି ଥାନା ସିମନବାଡି ଗ୍ରାମର ସୁଶାନ୍ତ ନାୟକ(୨୯), କୃପାକର ମୁଖୀ (୪୭), ଜେରହ ନାୟକ(୩୩) ଓ ଯୋଶେଫ ରୂପମାଝି(୨୫)।

୨୦୨୪ ଏପ୍ରିଲ ୨୪ ତାରିଖ ରାତି ସାଢ଼େ ୯ଟାରେ ଅଭିଯୁକ୍ତମାନେ ମୁହଁରେ ମାସ୍କ ପିନ୍ଧି ନାବାଳିକାଙ୍କ ଘରକୁ ଯାଇ ଖାଇବାକୁ ମାଗିଥିଲେ। ଏହାପରେ ସେମାନେ ପିସ୍ତଲ, କାତି ଏବଂ ଅନ୍ୟ ମାରଣାସ୍ତ୍ର ଦେଖାଇ ତାଙ୍କ ଘରୁ ୫୦ ହଜାର ଟଙ୍କା, ସୁନାଚେନ, କାନଫୁଲ ଏବଂ ୩ଟି ମୋବାଇଲ ଫୋନ୍ ଲୁଟି ନେଇଥିଲେ। ଅଭିଯୁକ୍ତମାନେ ନିଜକୁ ମାଓବାଦୀ ପରିଚୟ ଦେଇ ନାବାଳିକାଙ୍କୁ ଘରୁ ଟାଣି ନେଇଥିଲେ। ଘରଠାରୁ ୫୦ ମିଟର ଦୂର ଏକ ପଡିଆରେ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ପୀଡ଼ିତା ଘରକୁ ଆସି ଘଟଣା ବିଷୟରେ କହିଥିଲେ। ପରଦିନ ନାବାଳିକାଙ୍କ ବାପା ଏ ନେଇ ଫିରିଙ୍ଗିଆ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୧୦୭/୨୪ରେ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରିଥିଲା। ପରେ ସେମାନଙ୍କ ଟିଆଇ ପରେଡ କରାଯାଇଥିଲା। ମାମଲାର ବିଚାର ବେଳେ ୧୮ ଜଣଙ୍କ ସାକ୍ଷ୍ୟପ୍ରମାଣ, ଡାକ୍ତରୀ ରିପୋର୍ଟ ଏବଂ ଟିଆଇ ପରେଡକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପୋକ୍‌ସୋ କୋର୍ଟ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

# ମହାରାଷ୍ଟ୍ର ସୋଲାପୁରରୁ ନାବାଳିକା ଉଦ୍ଧାର, ଯୁବକ ଗିରଫ

ରାଜନଗର,୨୯।୧୦(ଭାସ୍କର ରାଉତରାୟ

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ତାଲଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ଅପହୃତା ନାବାଳିକାଙ୍କୁ ମହାରାଷ୍ଟ୍ରର ସୋଲାପୁରରୁ ଉଦ୍ଧାର କରାଯିବା ସହିତ ଅପହରଣ କରିଥିବା ଯୁବକଙ୍କୁ ତାଲଚୁଆ ସାମୁଦ୍ରିକ ଥାନା ପୋଲିସ ଗିରଫ କରିଛି । ଗିରଫ ଯୁବକ ହେଲେ ବାଲେଶ୍ୱର ଅଞ୍ଚଳର ସୌରଭ ଦାସ। ସୂଚନାଯୋଗ୍ୟ, ତାଲଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଗତ ମେ ୨୪ ରେ ଅପହରଣ କରାଯାଇଥିଲା। ସୌରଭ ତାଙ୍କୁ ଅପହରଣ କରି ନେଇଥିବା ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା( ନଂ. ୫୯ /୨୫) ରୁଜୁ କରିଥିଲା। ସୌରଭ ଉକ୍ତ ନାବାଳିକାଙ୍କୁ ନେଇ ମହାରାଷ୍ଟ୍ର ସୋଲାପୁର ଅଞ୍ଚଳରେ ରଖିଥିଲେ। ପୋଲିସ ସୂଚନା ପାଇ ସେଠାରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଅପହରଣ କରିଥିବା ଯୁବକଙ୍କୁ ଗିରଫ କରିଥିଲା। ନାବାଳିକାଙ୍କୁ ତାଙ୍କ ମା' ଙ୍କୁ ଜିମା ଦିଆଯାଇଛି ।

# ସମ୍ପର୍କୀୟ ମାମୁଙ୍କୁ ୨୦ ବର୍ଷ ଜେଲ

**ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲା**

ଅନୁଗୋଳ,୨୯।୧୦(ଜ୍ୟୋତିରଞ୍ଜନ ସାହୁ)

ଏକ ନାବାଳିକା ଯୌନ ନିର୍ଯାତନା ମାମଲାରେ ଅନୁଗୋଳ ଜିଲା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ତଥା ଅତିରିକ୍ତ ଜିଲା ଦୌରାଜଜ୍ ବିରଞ୍ଚି ନାରାୟଣ ମିଶ୍ର ବୁଧବାର ରାୟ ପ୍ରକାଶ କରି ଅଭିଯୁକ୍ତ ଅନୁଗୋଳ ଟାଉନ ଥାନା ଅଞ୍ଚଳର ଟେଙ୍କାରୁ ଗୋଛାୟତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ତାଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ପୀଡିତା ନାବାଳିକାଙ୍କୁ ୭ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧୀକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ, ୨୦୨୪ ସେପ୍ଟେମ୍ବର ୧୦ରେ ନାବାଳିକା ଘରେ ଏକାକୀ ଥିବାବେଳେ ଅଭିଯୁକ୍ତ ତଥା ସମ୍ପର୍କୀୟ ମାମୁ ଟେଙ୍କାରୁ ତାଙ୍କୁ ଡାକି ନେଇ ଯୌନ ନିର୍ଯାତନା ଦେଇଥିଲେ। ସେପ୍ଟେମ୍ବର ୧୧ରେ ଅନୁଗୋଳ ଟାଉନ ଥାନାରେ ନାବାଳିକାଙ୍କ ବାପା ଏନେଇ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲ। ପି.ପି. ପ୍ରଦୀପ କୁମାର ଭୂତିଆ ମାମଲା ପରିଚାଳନା କରିଥିଲେ।

## Business

# ସ୍ଥାୟୀ ବାଣିଜ୍ୟ ବୃଦ୍ଧିରେ ଜଳପଥର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୨୯।୧୦(ଅନୁରାଧା ମହାରଣା)




ମୁମ୍ବାଇରେ ଚାଲିଥିବା ମାରିଟାଇମ ୱିକ୍ ୨୦୨୫ରେ ଓଡ଼ିଶା ସରକାର ସ୍ଥାୟୀ ଏବଂ ସମ୍ପୃକ୍ତ ପରିବହନ ବିକାଶର ଆଗାମୀ ଦୃଷ୍ଟିକୋଣ ପ୍ରଦର୍ଶନ କରିଛନ୍ତି। 'ନେଭିଗେଟିଂ ଗ୍ରୋଥ୍: ଇନ୍‌ଲାଣ୍ଡ ୱାଟରୱେଜ୍ ଇନ୍ ଦି ଫୋର୍ ଫ୍ରଣ୍ଟ ଅଫ୍ ଫ୍ୟୁଚର ଟ୍ରାନ୍ସପୋର୍ଟ ଆଣ୍ଡ ଲଜିଷ୍ଟିକ୍' ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣକରି ଗୃହ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଓଡ଼ିଶାର ଆଭ୍ୟନ୍ତରୀଣ ଏବଂ ଉପକୂଳ ଜଳପଥକୁ ସଂଯୋଗକୁ ସୁଦୃଢ଼ କରିବା ପାଇଁ ରାଜ୍ୟର ସକ୍ରିୟ ଉଦ୍ୟମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅଧିବେଶନରେ ଭାରତର ଆଭ୍ୟନ୍ତରୀଣ ଜଳପଥକୁ ଏକ ସ୍ୱଳ୍ପ ବ୍ୟୟ, ଦକ୍ଷ ଏବଂ ପରିବେଶ ପ୍ରତି ଉତ୍ତରଦାୟୀ ମାଲ ପରିବହନର ମାଧ୍ୟମ ଭାବେ ପୁନରୁଦ୍ଧାର ଏବଂ ଆଧୁନିକୀକରଣ ଉପରେ ବିଚାରବିମର୍ଶ କରାଯାଇଥିଲା। ଏହି ଆଲୋଚନାରେ ଉପକୂଳ-ଆଭ୍ୟନ୍ତରୀଣ ସଂଯୋଗ, ବହୁମୁଖୀ ସମନ୍ୱୟ, ଦୂରଗାମୀ ମାଲ ପରିବହନ ଏବଂ ବ୍ୟୟ ପ୍ରତିଦ୍ୱନ୍ଦ୍ୱିତା, ଆଭ୍ୟନ୍ତରୀଣ ଜଳ ପରିବହନ (ଆଇଡବ୍ଲ୍ୟୁଟି)କୁ ଭବିଷ୍ୟତର ଲଜିଷ୍ଟିକ୍ସ ଇକୋସିଷ୍ଟମର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବେ ସ୍ଥାନିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ନୀଳ ସାମୁଦ୍ରିକ ଭିତ୍ତିଭୂମିର ବିକାଶ ଏବଂ ବନ୍ଦର, ନଦୀ ଏବଂ ଶିଳ୍ପ ସମୂହକୁ ସଂଯୋଗ କରୁଥିବା ବହୁମୁଖୀ ଲଜିଷ୍ଟିକ୍ସ ହବ୍ ପ୍ରତିଷ୍ଠା ପାଇଁ ଓଡ଼ିଶାର ରଣନୈତିକ ରୋଡ୍‌ମ୍ୟାପ୍‌କୁ ପାଢ଼ୀ ରେଖାଙ୍କିତ କରିଥିଲେ। ଗତିଶୀଳ ଅର୍ଥବ୍ୟବସ୍ଥା ଏବଂ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ର ନୀତି ସହ ଯୋଡ଼ିହୋଇ ସରକାରୀ-ଘରୋଇ ଭାଗୀଦାରି, ସ୍ମାର୍ଟ ଲଜିଷ୍ଟିକ୍ସ ସମାଧାନ ଏବଂ ସବୁଜ ପରିବହନ ପଦକ୍ଷେପ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ପ୍ୟାନେଲ ଆଇଡବ୍ଲ୍ୟୁଟିରେ ଶିଳ୍ପ ଅଂଶଗ୍ରହଣକୁ ତ୍ୱରାନ୍ୱିତ କରିବା, ସୀମା ଶୁଳ୍କ ଏବଂ କାର୍ଗୋ ପରିଚାଳନା ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଏବଂ ଦକ୍ଷ ପରିଚାଳନା ପାଇଁ ମାନକୀକୃତ ଜାହାଜ ଡିଜାଇନକୁ ପ୍ରୋତ୍ସାହିତ କରିବା ପାଇଁ ନୀତି ଏବଂ ନିୟାମକ ସଂସ୍କାରକୁ ମଧ୍ୟ ଅନୁଧ୍ୟାନ କରିଥିଲା। 'ଜଳପଥ ଏବଂ ଗତିଶୀଳ ଅର୍ଥବ୍ୟବସ୍ଥାର ପୁନରୁଦ୍ଧାର ଉପରେ ଏକ ବିଷୟଗତ ବିଭାଗ ଅବ୍ୟବହୃତ ନଦୀ ମାର୍ଗଗୁଡ଼ିକର ପୁନରୁଦ୍ଧାର ଏବଂ ନଦୀ ପରିବହନରେ ବର୍ଜ୍ୟବସ୍ତୁରୁ-ମୂଲ୍ୟ ମଡେଲକୁ ସମନ୍ୱିତ କରିବାର ସୁଯୋଗ ଉପରେ ଆଲୋକପାତ କରିଥିଲା। ପ୍ୟାନେଲରେ ଅନ୍ୟମାନଙ୍କ ମଧ୍ୟରେ ଆଇଡବ୍ଲ୍ୟୁଏଆଇର ଅଧ୍ୟକ୍ଷ ସୁନୀଲ କୁମାର ସିଂହ, ଆଇସି ଆଡବ୍ଲ୍ୟୁଏଆଇର ଅଧ୍ୟକ୍ଷ ହ୍ୟାରି ଡିଲେଇଜର, ଜେଏସଡବ୍ଲ୍ୟୁ ଷ୍ଟିଲ ଲିମିଟେଡର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ପ୍ରଣବ ଝା, ଜେଏସଡବ୍ଲ୍ୟୁ ଷ୍ଟିଲ ଲିମିଟେଡ ଅଲଟ୍ରାଟେକ ପୋର୍ଟସେ ଆଣ୍ଡ ସିପିଂର ଏଭିପି ପ୍ରିୟରଞ୍ଜନ ବେହେରା, ଷ୍ଟାର ସିମେଣ୍ଟର ସିଓଓ ପ୍ରଦୀପ ପୁରୋହିତ, ରେନେସ ଲଜିଷ୍ଟିକ୍ସର ଭାରତର ଆଞ୍ଚଳିକ ସିଇଓ ବିବେକ ଆର୍ଯ୍ୟ ଏବଂ ଆସାମ ପେଟ୍ରୋକେମିକାଲ୍ସ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ରଜନୀଶ ଗୋଗୋଇ ଉପସ୍ଥିତ ଥିଲେ।

# ଏନ୍‌ଏମ୍‌ଡିସିର ଉତ୍ପାଦନ ଓ ରାଜସ୍ୱ ବୃଦ୍ଧି

ଭୁବନେଶ୍ୱର,୨୯।୧୦

ଏନ୍‌ଏମ୍‌ଡିସିର ଆର୍ଥିକ ବର୍ଷର ୨୦୨୫-୨୬ର ଦ୍ୱିତୀୟ ତ୍ରୈମାସିକ ରିପୋର୍ଟ ପ୍ରକାଶ ପାଇଛି। ଏଥିରୁ ମିଳିଥିବା ତଥ୍ୟ ଅନୁସାରେ ଏହିସମୟ ଅବଧି ମଧ୍ୟରେ କମ୍ପାନୀ ସର୍ବୋଚ୍ଚ ଉତ୍ପାଦନ ଏବଂ ବିକ୍ରୟ ପରିମାଣ ସହ ପ୍ରମୁଖ ବିତ୍ତୀୟ ସୂଚକଗୁଡ଼ିକରେ ଉଲ୍ଲେଖନୀୟ ବୃଦ୍ଧି ହାସଲ କରିଛି। ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଉତ୍ପାଦନ ୧୦.୨୧ ମିଲିୟନ ଟନ ରହିଛି, ଯାହା ପୂର୍ବ ବର୍ଷର ଏହି ଅବଧିରୁ ୨୩% ଅଧିକ ଏବଂ ବିକ୍ରୟ ୧୦.୭୨ ମିଲିୟନ ଟନ୍‌ରେ ପହଞ୍ଚିଛି, ଯାହା ବର୍ଷ ୨୦୨୫ର ଦ୍ୱିତୀୟ ତ୍ରୈମାସିକରୁ ୧୦% ଅଧିକ। ଏନ୍‌ଏମ୍‌ଡିସିର ରାଜସ୍ୱ ୩୦% ବୃଦ୍ଧି ସହ ୬,୨୬୧ କୋଟି ଟଙ୍କା, କର-ପୂର୍ବ ଲାଭ ୩୫% ବୃଦ୍ଧି ସହ ୨,୨୬୧ କୋଟି ଟଙ୍କା ଏବଂ କର-ପରବର୍ତ୍ତୀ ଲାଭ ୩୩% ବୃଦ୍ଧି ସହ ୧,୬୯୪ କୋଟି ଟଙ୍କା ହୋଇଛି। ଏବିଆଇଟିଡିଏ ୩୨% ବୃଦ୍ଧି ସହ ୨,୩୮୫ କୋଟି ଟଙ୍କା ହୋଇଛି। ଏନ୍‌ଏମ୍‌ଡିସିର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଅମିତାଭ ମୁଖାର୍ଜୀ ଏହି ଅବସରରେ କହିଛନ୍ତି, ଉକ୍ତ ତ୍ରୈମାସିକରେ ରେକର୍ଡ ଉତ୍ପାଦନ, ରେକର୍ଡ ବିକ୍ରୟ ଏହାସବୁ ଆମର ଐତିହାସିକ ବିଶ୍ୱସ୍ତତାର ସୂଚକ।

# ପିଏନ୍‌ବିର ସତର୍କତା ସଚେତନତା ସପ୍ତାହ ପାଳନ




ଭୁବନେଶ୍ୱର,୨୯।୧୦ (ଅନୁରାଧା ମହାରଣା)

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ୨୦୨୫ ପାଳନ କରାଯାଉଛି। ଏହି ଅବସରରେ କର୍ମଚାରୀ ଏବଂ ନାଗରିକଙ୍କ ମଧ୍ୟରେ ସଚ୍ଚୋଟତା, ସ୍ୱାସ୍ଥ୍ୟ ଏବଂ ସାମାଜିକ ଦାୟିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଏକ ୱାକାଥନ୍, ରକ୍ତଦାନ ଶିବିର ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ସମେତ ଅନେକ ଜନକଲ୍ୟାଣ ଏବଂ ସଚେତନତା କାର୍ଯ୍ୟକଳାପ କରାଯାଇଛି। ଏହି ବର୍ଷର ସଚେତନତା ସପ୍ତାହର ବିଷୟବସ୍ତୁ 'ସତର୍କତା : ଆମର ସହଭାଗୀ ଦାୟିତ୍ୱ'କୁ ନେଇ ଅନୁଷ୍ଠିତ ୱାକାଥନରେ ପିଏନ୍‌ବିର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ସ୍ଥାନୀୟ ଲୋକ ସାମିଲ ହୋଇଥିଲେ। ଅନ୍ୟପକ୍ଷେ ପିଜିଆଇଏମ୍ଇଆର୍ ଏବଂ କ୍ୟାପିଟାଲ ହସ୍ପିଟାଲ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସର ସହାୟତାରେ ଏକ ସଚେତନ ଓ ଦାୟିତ୍ୱବାନ ସମାଜର ଭିତ୍ତିଭୂମି ଭାବରେ ସୁସ୍ଥତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ଭୂଷଣ ଶର୍ମା ଏବଂ ଉପ-ଅଞ୍ଚଳ ମୁଖ୍ୟ କ୍ଷେତ୍ରବାସୀ ମିଶ୍ର ସଚ୍ଚୋଟତା ଏବଂ ଦାୟିତ୍ୱ କେବଳ ବୃତ୍ତିଗତ ଜୀବନରେ ନୁହେଁ ବରଂ ଦାୟିତ୍ୱବାନ୍ ନାଗରିକ ଭାବରେ ଆମର ଭୂମିକାରେ ମଧ୍ୟ ଜରୁରୀ ବୋଲି କହିଥିଲେ।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂଆ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୨୯।୧୦ (ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ନୂଆ ଶାଖା ସୁନ୍ଦରପଦାଠାରେ ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ମହାପ୍ରବନ୍ଧକ ବିକାଶ କ୍ରିଷ୍ଣା ଏହି ନୂତନ ଶାଖାର ଉଦ୍‌ଘାଟନ କରିଥିଲେ। ଉକ୍ତ ଶାଖା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ୮୫ତମ ଶାଖା। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲିକ, ଉପ ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳ କୁମାର ଦାସ, ସୁନ୍ଦରପଦା ଶାଖାର ଶାଖା ପ୍ରବନ୍ଧକ ଚିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକମାନଙ୍କୁ ଉତ୍କୃଷ୍ଟ ସେବା ଯୋଗାଇଦେବା ବ୍ୟାଙ୍କର ପ୍ରମୁଖ ଲକ୍ଷ୍ୟ ବୋଲି ମହାପ୍ରବନ୍ଧକ ବିକାଶ କ୍ରିଷ୍ଣା କହିଥିଲେ।

# ବାଲେଶ୍ୱର ବଜାରରେ ଆଇକନିକ୍ ଜାୱା ଓ ୟେଜ୍‌ଦି

ଭୁବନେଶ୍ୱର,୨୯।୧୦




ଆଇକନିକ୍ ଜାୱା ଓ ୟେଜ୍‌ଦି ମୋଟରସାଇକେଲ ବ୍ରାଣ୍ଡର କମ୍ପାନୀ କ୍ଲାସିକ୍ ଲେଜେଣ୍ଡସ୍ ପ୍ରାଇଭେଟ୍ ଲିମିଟେଡ୍ ବୁଧବାର ଓଡ଼ିଶାରେ ନିଜର ସବୁଠାରୁ ବଡ଼ ଡିଲରଶିପ ଉଦ୍‌ଘାଟନ କରିଛି। ଶ୍ରୀ ଭାରତ ମୋଟର୍ସ ଲିମିଟେଡ୍ ପରିଚାଳିତ ଏହି ଅତ୍ୟାଧୁନିକ ସୁବିଧା ବାଲେଶ୍ୱରର ରେମୁଣା ଛକ ନିକଟ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍‌ର ଗଣେଶ୍ୱରପୁର ଅବସ୍ଥିତ। ଉଦ୍‌ଘାଟନୀ ଉତ୍ସବରେ କ୍ଲାସିକ୍ ଲିଜେଣ୍ଡସ୍‌ର ଷ୍ଟେଟ୍ ହେଡ୍ ଦୀପ୍ତିରଞ୍ଜନ ବିଶ୍ୱାଳ, ଶ୍ରୀଭାରତ ମୋଟର୍ସର ସିଇଓ ରମାକାନ୍ତ ପରିଡ଼ା ଓ ଜିଏମ୍(ସେଲ୍‌ସ) ସଞ୍ଜୟ ପଣ୍ଡିତ ଉପସ୍ଥିତ ଥିଲେ। ଏହି ଡିଲରଶିପ ଦ୍ୱାରା ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ବାଇକ୍‌ପ୍ରେମୀମାନେ ଏବେ ଗୋଟି ସ୍ଥାନରେ ଜାୱା ଓ ୟେଜ୍‌ଦିର ସମ୍ପୂର୍ଣ୍ଣ ରେଞ୍ଜ ପାଇପାରିବେ। ୫ ହଜାର ବର୍ଗଫୁଟରେ ବିସ୍ତୀର୍ଣ୍ଣ ଏହି ସୁବିଧା ଓଡ଼ିଶାରେ ସବୁଠାରୁ ବଡ଼ ହୋଇଥିବା ବେଳେ ଜାୱା ଓ ୟେଜ୍‌ଦିର ସମ୍ପୂର୍ଣ୍ଣ ମଡେଲ ପ୍ରଦର୍ଶିତ ହେଉଛି ଏବଂ ଫ୍ୟାକ୍ଟ୍ରି-ଟ୍ରେନଡ୍ ଟେକ୍ନିସିଆନ ଥିବା ସର୍ଭିସ୍ ସେଣ୍ଟର ଉଚ୍ଚମାନର ଆଫ୍ଟର-ସେଲ୍ସ ସେବା ଯୋଗାଇବ। ଏହି ଅବସରରେ ରମାକାନ୍ତ ପରିଡ଼ା କହିଛନ୍ତି, କ୍ଲାସିକ୍ ଲିଜେଣ୍ଡସ୍ ଜାୱା, ୟେଜ୍‌ଦି ଓ ବିଏସ୍‌ଏ ଭଳି ବ୍ରାଣ୍ଡଗୁଡ଼ିକୁ ପୁନରୁଜ୍ଜୀବିତ କରିବାରେ ଏହା ସହାୟକ ହେବ।

# ୱାଶିଂଟନ ପୋଷ୍ଟରେ ପ୍ରକାଶିତ ଖବରକୁ ଏଲ୍‌ଆଇସିର ଖଣ୍ଡନ

ଭୁବନେଶ୍ୱର,୨୯।୧୦

ଆଦାନୀ ଗ୍ରୁପ୍ କମ୍ପାନୀଗୁଡ଼ିକରେ ନିବେଶ ପାଇଁ ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)କୁ କେନ୍ଦ୍ର କହିଥିବା ୱାଶିଂଟନ ପୋଷ୍ଟରେ ପ୍ରକାଶ ପାଇଛି। ଏହି ଖବରକୁ ଏଲ୍‌ଆଇସି ଖଣ୍ଡନ କରିଛି। ଏଲ୍‌ଆଇସିର ନିବେଶ ନିଷ୍ପତ୍ତି ବାହ୍ୟ କାରକ ଦ୍ୱାରା ପ୍ରଭାବିତ ବୋଲି ଲଗାଇଥିବା ଅଭିଯୋଗଗୁଡ଼ିକ ମିଥ୍ୟା ଓ ଭିତ୍ତିହୀନ ବୋଲି ସଂସ୍ଥା କହିଛି। ନିବେଶ ନିଷ୍ପତ୍ତିଗୁଡ଼ିକ ଏଲ୍‌ଆଇସି ବୋର୍ଡ ଅନୁମୋଦିତ ନୀତି ଅନୁଯାୟୀ ବିସ୍ତୃତ ଯାଞ୍ଚ ପରେ ସ୍ୱାଧୀନ ଭାବେ ନିଏ। ଅର୍ଥ ବିଭାଗ କିମ୍ବା ଅନ୍ୟ କୌଣସି ସଂସ୍ଥାର ଏଥିରେ କୌଣସି ଭୂମିକା ନାହିଁ।

# ପତଞ୍ଜଳି ବିଶ୍ୱବିଦ୍ୟାଳୟର ୨ ଦିନିଆ ସମ୍ମିଳନୀ ଉଦ୍‌ଯାପିତ

ହରିଦ୍ୱାର, ୨୯।୧୦

ହରିଦ୍ୱାରାସ୍ଥିତ ପତଞ୍ଜଳି ବିଶ୍ୱବିଦ୍ୟାଳୟ 'ମାଟି ସ୍ୱାସ୍ଥ୍ୟ ପରୀକ୍ଷଣ ଓ ପରିଚାଳନା ଦ୍ୱାରା ଗୁଣବତ୍ତାଯୁକ୍ତ ଔଷଧୀୟ ବୃକ୍ଷର ସ୍ଥାୟୀ ଚାଷ' ସମ୍ପର୍କିତ ୨ ଦିନିଆ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଆୟୁଷ ମନ୍ତ୍ରଣାଳୟ, ନାବାର୍ଡ ଏବଂ ପତଞ୍ଜଳିର ସମନ୍ୱୟରେ ଆୟୋଜିତ ଏହି ସମ୍ମିଳନୀରେ ମାଟିର ସ୍ୱାସ୍ଥ୍ୟ ପରିଚାଳନା ଓ ଗୁଣବତ୍ତା ଉନ୍ନତି କରିବାର ଆଧୁନିକ ପ୍ରଯୁକ୍ତିଗତ ଉପାୟ ଉପରେ ବିସ୍ତୃତ ଚର୍ଚ୍ଚା ହୋଇଛି। ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେଶନ ଓ ପତଞ୍ଜଳି ବିଶ୍ୱବିଦ୍ୟାଳୟର ସହଯୋଗରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଶ୍ୱବିଦ୍ୟାଳୟର କୁଳପତି ଆଚାର୍ଯ୍ୟ ବାଲକ୍ରିଷ୍ଣା, ପ୍ରଦୀପ ଶର୍ମା , ଯୋଗଗୁରୁ ରାମଦେବ ପ୍ରମୁଖ ଯୋଗଦେଇ ବିସ୍ତୃତ ଆଲୋଚନା କରିଥିଲେ।

# ଜାତୀୟ ରାଜପଥରେ ବସ୍ ଦୁର୍ଘଟଣାଗ୍ରସ୍ତ: ୨ ମୃତ, ୭ ଗୁରୁତର

ଜଳେଶ୍ୱର, ୨୯।୧୦(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଜଳେଶ୍ୱର କୋର୍ଟ ସମ୍ମୁଖରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭ଜଣ ଗୁରୁତର ହୋଇଛନ୍ତି।

ମଙ୍ଗଳବାର ଅପରାହ୍ନ ୫ଟାରେ ଏକ ବସ୍ (ନଂ.ଓଡି୦୫ବିଏଲ୍-୨୮୨୫) ଢେଙ୍କାନାଳ ଜିଲା ନୃସିଂହପୁରରୁ କୋଲକାତା ଅଭିମୁଖେ ବାହାରିଥିଲା। ବୁଧବାର ରାତି ୩ଟାରେ ବସ୍ ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲଗେଟ ଜଳେଶ୍ୱର ନୂଆ କୋର୍ଟ ସମ୍ମୁଖ ଦେଇ ଯାଉଥିଲା। ଏହି ସମୟରେ ରାସ୍ତା ଉପରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ବସ୍ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ବସ୍ ଚାଳକ କଟକ ଜିଲା ସାଲେପୁର ଅଞ୍ଚଳର ମୀର ଅବଦୁଲ ରହିମ୍ (୩୯) ଓ ହେଲପର ମାହାଙ୍ଗାର ନୃସିଂହ କାଠୁଆ (୪୦)ଙ୍କ ମୃତ୍ୟୁ ହୋଇଯାଇଛି। ଢେଙ୍କାନାଳର ପାରାମା ବେଗମ (୨୫), ଗୁଲାହର ବିବି (୫୨), ସୁରେଶ ପରିଡ଼ା (୨୯), ଭଦ୍ରକର ସଞ୍ଜୀବ ସାହୁ (୩୦), ମାନସ ମହାନ୍ତି (୨୫) ଓ କେନ୍ଦ୍ରାପଡ଼ାର ପ୍ରବୀର ବେହେରା (୩୦), କଣ୍ଡୁରର ନିମାପଡା ଅଞ୍ଚଳର ରୁଦ୍ରଜିତ ମହାପାତ୍ର (୩୦)ଙ୍କୁ ଗୁରୁତର ଅବସ୍ଥାରେ ଅଗ୍ନିଶମ ବାହିନୀ ଓ ଏନ୍‌ଏଚ୍ ଆମ୍ବୁଲାନ୍ସର କର୍ମଚାରୀମାନେ ଉଦ୍ଧାର କରି ଜଳେଶ୍ୱର ଜିକେ ଭଞ୍ଜ ହସ୍ପିଟାଲକୁ ଆଣିଥିଲେ। ସେମାନଙ୍କ ମଧ୍ୟରେ ପାରାମା ବେଗମ ଓ ଗୁଲାହର ବିବିଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନଙ୍କୁ ବାଲେଶ୍ୱର ସ୍ଥାନାନ୍ତରିତ କରାଯାଇଛି।


ଦୁର୍ଘଟଣାଗ୍ରସ୍ତ ବସ୍।


## ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.CAD-2124

No.-CHEP/TW-277 (Vol.-III)/4095 Date: 27.10.2025

**TENDER CALL NOTICE NO.-CHEP-38/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes for the following work from the reputed Electrical Contractors / Firms / Agencies meeting Eligibility Criteria only.

| Description | Cost of Tender Paper (Non-Refundable) | Estimated Cost / EMD (Refundable) |
|---|---|---|
| Annual Maintenance of Electrical Installation of Residential & Non-Residential Buildings of CHEP, Chiplima | Rs.7,080 (Rs.6,000.00 + GST @18%) | Rs.14,50,510.00 / EMD=Rs.14,510.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.30.10.2025 up to 12:30 PM of dtd.12.11.2025.

OIPR-04006/11/0109/2526 Sd/- C & P Head, CHEP, Chiplima

## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, KHORDHA

Tel.No.(06755) 221502, E-mail:eemidkhurda@yahoo.co.in
Letter No.4745, Dt.27.10.2025

**Invitation for Bids**

No.A-792: Bid Identification No. SEMIDKHD 12/2025-26

| | | | |
|---|---|---|---|
| 1 | The Superintending Engineer, Minor Irrigation Division, Khordha on behalf of the Governor of Odisha invites Percentage Rate Bids in Single and Double Cover System in Online Mode only for civil works in MIPs under CAPEX Scheme as detailed in the table below from the eligible Class of Contractors. | | |
| 2 | Nature of Work | :- | Civil Works in MIPs under CAPEX Scheme in different Blocks of Khordha District |
| 3 | No. of Works | :- | 02 (Two) Nos. only |
| 4 | Cost of Bid Document | :- | Rs.10,000/- (through online) only |
| 5 | Tender Value | :- | Rs.75.52 to 98.96 Lakhs |
| 6 | Class of Contractor | :- | "B" Class as applicable |
| 7 | Availability of Bid Documents Online | :- | 10.30 A.M. of Dt.30.10.2025 to 05.30 PM of Dt.10.11.2025 |
| 8 | Last Date and Time for receipt of Bids in the Portal | : | 5.30 PM of Dt.10.11.2025 |
| 9 | Date of Opening of Bids | : | 11.30 A.M. of Dt.11.11.2025 |
| 10 | The bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/corrigendum/cancellation of Bid can also be seen in the said website. The Authority reserves the right to defer/reject/accept any or all the bids without assigning any reason whatsoever. The Authority shall in no way be held liable for such action nor will make any obligation to inform the Bidder the ground for the same. | | |

Sd./-Superintending Engineer
OIPR-32042/11/0024/2526 Minor Irrigation Division, Khordha

## OFFICE OF THE SUPERINTENDING ENGINEER RURAL WORKS DIVISION-I, GANJAM, BERHAMPUR

No. O-1209

E-Mail: eerw_gm1@yahoo.co.in

Government of Odisha, e-Procurement Notice

Bid Identification No. Online Tender // 10 // SERWDG-I / 2025-26
Letter No. 4936//RWDG-I//BAM// Date: 25.10.25

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.53.78 lakhs to Rs.58.82 Lakhs |
| 3 | Period of Completion | : | 02 (Two) Calendar Months as shown in Column No. 06 of Annexure |
| 4 | Date & Time of Availability of Bid Documents in the Portal | : | From 30.10.2025 at 11.00 A.M. to 12.11.2025 upto 5.00 P.M. |
| 5 | Last Date/Time for Receipt of Bids in the Portal | : | 12.11.2025 upto 5.00 P.M. |
| 6 | Name and Address of the Officer Inviting Bid | : | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.

Sd./- Executive Engineer
OIPR-25085/11/0033/2526 R.W. Division-I, Ganjam, Berhampur

## OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR

No. O-1202

Phone: 0680-2404096, E-Mail: eerwgmt@yahoo.co.in

Government of Odisha, e-Procurement Notice

Bid Identification No. Online Tender/16/SERWD-II/2025-26
Memo No. 7627/RWD-IIGB, Date: 13.10.25

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.7.01 lakhs to Rs.29.00 Lakhs |
| 3 | Period of Completion | : | 1 (One) Month & 2 (Two Months) as per Annexure |
| 4 | Date & Time of availability of Bid Documents in the Portal | : | 30.10.2025 at 10.00 A.M. to 07.11.2025 upto 5.00 P.M. |
| 5 | Last Date/Time for receipt of Bids in the Portal | : | 07.11.2025 upto 5.00 P.M. |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app.

Sd./- Executive Engineer
Rural Works Division-II, Ganjam, Berhampur
OIPR-25073/11/0040/2526

See Career Appointment on every Wednesday & Saturday

## DISTRICT PROJECT OFFICE SAMAGRA SHIKSHA, MAYURBHANJ

Murgabadi, P.O.: Bhanjpur, Baripada, PIN - 757002
E-mail: dpcmayurssa.opepa@nic.in

**NOTICE**

No. 4891 Date: 28.10.2025

No. n-: Pursuant to the Tender Call Notice No. 4590 date: 23.9.2025 for procurement of TLM & Equipments (Sports Item, LED TV, Musical Equipment, Library Furniture) and Category-B: Bedding items to 26 Nos. of KGBVs (Type-III) of Mayurbhanj District, the last date for receipt of sealed tenders is hereby extended upto 17.11.2025 by 5.00 P.M. and the same will be opened on 18.11.2025 at 11.00 A.M. in Conference Hall of District Education Office, Mayurbhanj. The terms and condition will remain unchanged.

By order of the Collector-cum-Chairman, SS, Mayurbhanj

Sd./- DEO-cum-District Project Coordinator
OIPR-27140/11/0016/2526 Samagra Shiksha, Mayurbhanj

## ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ, ମୋତିଝରନ, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧, ଦୂରଭାଷ/ଫାକ୍ସ-୦୬୬୩-୨୫୪୮୨୪୩

ଇମେଲ୍-dfohirakudwl.od@gov.in

Office Order No.84/1F-56(Actt.)/2025-26, Dated 28.10.2025

**CORRIGENDUM**

No.MM-The date has been modified as follows in respect of tender call notice for appointment of Architecture Consultant for providing Detailed Project Report (Plan, Design and Estimated) for Development of Debrigarh Ecotourism under Hirakud Wildlife Division, in the Tender Notice published vide Bid No.81, dt.16.10.2025 in the same tender process.

| Availability of Tender Documents Extent upto | Opening of Technical Evaluation | Opening of Financial Evaluation |
|---|---|---|
| 04.11.2025 (4.00 P.M.) | 06.11.2025 (11.30 A.M.) | 07.11.2025 (11.30 AM) |

All other terms and conditions will remain same as published in the above referred tender notice. Inconvenience, if any is highly regretted.

Sd./- Divisional Forest Officer
OIPR-08078/11/0009/2526 Hirakud Wildlife Division, Sambalpur

## GOVT. OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, PATNAGARH

E-mail: eerw_ptng@yahoo.in, Phone No.-06658-222121

e-Procurement Notice

No.O-1143: IFB IDENTIFICATION NO. EEPTNG-Online-07/2025-26

| | | | |
|---|---|---|---|
| 1. | Name of Work | : | Repair of Building Works |
| 2. | Total No. of Work | : | 36 (Thirty Six) No. Works |
| 3. | Time for Completion | : | 02 (Two) Calendar Months |
| 4. | Approximate estimated Cost | : | 1.69 Lakh to 14.41 Lakh |
| 5. | Mode of Submission of tender | : | Tender should be submitted online in www.tendersorissa.gov.in. |
| 6. | Other details are as follows | : | |

| Procurement Officer | Bid Identification No. | Availability of Tender Online for bidding | | Last date and time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W.Divn., Patnagarh | EEPTNG-Online-07/2025-26 | 30.10.2025 at 11.00 A.M. | 14.11.2025 upto 5.00 P.M. | 13.11.2025 upto 5.00 P.M. | 15.11.2025 at 11.00 A.M. |

•Further details can be seen from the website www.tendersorissa.gov.in.
•Any Corrigendum/ Addendum will be displayed in the above e tender website only.

OIPR-25154/11/0030/2526 Sd./- Executive Engineer, R.W.Division, Patnagarh

## GOVERNMENT OF ODISHA
## OFFICE OF THE EXECUTIVE ENGINEER, RURAL WORKS DIVISION-II, SUNDARGARH

No.O-1196

E-mail:rw_rourkela@yahoo.co.in

**TENDER CALL NOTICE**

**BID IDENTIFICATION NO. ONLINE-EERKL-13 OF 2025-26**

1. Name of the Work: Bridge Works. 2. Total No. of Works: 01 (One) No. 3. Estimated Cost: Rs.13.98 Lakhs. 4. Class of Contractor: "D" & "C" Class. 5. Period of Completion: 01 (One) Calendar Months. 6. Type of Tender: Single Cover. 7. Other details:

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division-II, Sundargarh | Online-EERKL-13 of 2025-26 | 29.10.2025 from 10.00 A.M. | 04.11.2025 upto 5.00 P.M. |

Further details can be seen from the website: www.tendersodisha.gov.in

OIPR-25193/11/0093/2526 Sd./- Executive Engineer, R W Division-II, Sundargarh

## BHUBANESWAR DEVELOPMENT AUTHORITY

Akash Shova Building, Sachivalaya Marg, Bhubaneswar - 751001
PABX No. 0674-2392801/0998/6437, FAX No.: 0674-2390633/085
Visit us at: http://www.bda.gov.in/

**Invitation for Bids**

Bid Identification No. 442/EM/BDA/2025-26 Date: 27.10.2025

No. CAD-2122: Engineer Member, BDA on behalf of Bhubaneswar Development Authority, Bhubaneswar invites percentage rate bids in double cover system in ONLINE MODE from eligible contractors for civil works as mentioned below:

| | | | |
|---|---|---|---|
| 1. | Nature of works | : | Civil Work (Construction of RCC/ SFRC Precast Boundary Wall) |
| 2. | Total No. of Works | : | 03 (Three) Nos. |
| 3. | Amount put to tender | : | Rs.178.10 Lakh, Rs.187.95 Lakh & Rs.178.39 lakh |
| 4. | Class of Contractor | : | 'B' & 'A' Class |
| 5. | Period of Completion | : | 11 (Eleven) Calendar Months |
| 6. | Cost of Bid Documents | : | Rs.10000.00 + 18% GST = Rs.11800.00 (Online transfer by the last date & time for receipt of bids) |
| 7. | Earnest Money Deposit (EMD) | : | 1% of estimated cost put to tender (Online transfer by the last date & time for receipt of bids) |
| 8. | Availability of Tender | : | From 30.10.2025 to 5.30 P.M. of 17.11.2025 https://tendersodisha.gov.in |
| 9. | Date of Opening of Tender | : | Dt.18.11.2025 at 11.30 A.M. |
| 10. | Place of Opening of Tender | : | O/o. Engineer Member, BDA, Bhubaneswar |

Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Engineer Member
OIPR-13033/11/0395/2526 BDA, Bhubaneswar

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA

E-Mail ID: serwcbaripada@gmail.com Ph. No.: 06792-261343/261344, Gangraj, Baripada

**"e" Procurement Notice for Plan Road Work**

No. O-1104 Identification No. Online Tender - Road N.C.B. No. 394 for 2025-26

Letter No. 4748 Date: 15.10.2025

1. Name of the Work : Road work in the District of Mayurbhanj for the year 25-26.
2. Total No. of Work : 34 Nos. (Thrity Four)
3. Estimated Cost : Rs.197.13 Lakhs to Rs.1420.77 Lakhs (Approximately)
4. Eligible Class of Contractor : As per Annexure
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E., .R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No. 394 | Dt.30.10.2025 at 11.00 A.M. | Dt.18.11.2025 upto 5.00 P.M. | Dt.17.11.2025 upto 5.00 P.M. | Dt.19.11.2025 at 11.00 A.M. | Will be intimated later |

- Further details can be seen from the website: www.tendersodisha.gov.in.
- Any Corrigendum/Addendum will be displayed in the above e_tender website only.

OIPR-25130/11/0060/2526 Sd./- A.K. Naik, Chief Construction Engineer, R.W. Circle, Baripada

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE

E-Mail ID: serw_balasore@yahoo.in, Ph.No.-06782/260318, Balia, Balasore

**"e" Procurement Notice for Road Work**

Identification No.Online Tender- Road N.C.B. No. 40 for 2025-26
Letter No.3784, Date:23.10.2025

No.O-1215: 1. Name of the Work: (MMSY-CMRL). 2. Total No. of Work: 33 Nos. of Work. 3. Estimated Cost: As per Annexure. 4. Eligible Class of Contractor: As per Annexure. 5. Period of Completion:As per Annexure. 6. Other details:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of Opening of Tender in O/O S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No-40 of 2025-26 | 30.10.2025 at 11.00 A.M. | 15.11.2025 Upto 5.00 P.M. | 14.11.2025 Upto 5.00 P.M. | 17.11.2025 At 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in

Sd./- Chief Construction Engineer,
OIPR-25105/11/0085/2526 R.W. Circle, Balasore

## OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR

No. O-1111

Phone: 0680-2404096, E-Mail: eerwgmt@yahoo.co.in

Government of Odisha, e-Procurement Notice

Bid Identification No. Online Tender/11/SERWD-II/2025-26
Memo No. 7524/RWD-IIGB, Date: 10.10.25

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.8.40 to Rs.25.21 Lakhs |
| 3 | Period of Completion | : | 1 (One) Month as per Annexure |
| 4 | Date & Time of availability of Bid Documents in the Portal | : | 30.10.2025 at 10.00 A.M. to 07.11.2025 upto 5.00 P.M. |
| 5 | Last Date/Time for receipt of Bids in the Portal | : | 07.11.2025 upto 5.00 P.M. |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app.

Sd./- Executive Engineer
OIPR-25073/11/0039/2526 R.W. Division-II, Ganjam, Berhampur

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, KANPUR REHABILITATION, CAMPS & BUILDING DIVISION

Email: eekrcbdbasudevpur@gmail.com

AT/PO- Basudevpur, Dist-Keonjhar, Pin-758047

**e-PROCUREMENT NOTICE**

No.A-797: Bid Identification No.SE, KRC & BD-16/2025-26

| Sl. No. | Name of Work | Approx. Value of work (Rs. in Lakh) | EMD/ Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & Address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Extension of drain near the Pond, Raising of drain wall at lane no-7, 6 and construction of 02 no CDs at R&R colony Birikala for the DPs of village Birikala and Gobindpur of KIP" | 53.50 | 53500.00 | 10,000/- | 08 (Eight) Calendar Months | "B" | Kanupur Reh. Campus & Building Division, At/Po- Basudevpur, Dist- Keonjhar |

| Procurement Officer | Bid Identification No. | Availability of tender online for bidding | | Date & Time of opening of tender (Technical Bid) | Last date of seeking clarification | Place of Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh C & B Division, Basudevpur, Dist- Keonjhar | SE, KRC & BD- 16/ 2025-26 | 30.10.25 From 10.00 Hours | 13.11.25 Upto 17.00 Hours | 14.11.25 at 11.00 Hours | 13.11.25 Upto 15.00 Hours | O/o the Superintending Engineer, Kanupur Reh C & B Division, Basudevpur, Dist- Keonjhar |

OIPR-46009/11/0006/2526 Sd./- Superintending Engineer, Kanupur Reh. C & B Division, Basudevpur

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR

e-mail: eerwbnjr@gmail.com

"e" Procurement Notice for Road Works

No.O-1198: Identification No. Online Tender/ 12/ RWDBNJ/2025-2026
No.5021, Date: 04.10.2025

1. Name of the Work: Road Works. 2. Total Number of Works: 14 (Fourteen) Nos. 3. Estimated Cost: 9.53 Lakhs to 39.41 Lakhs. 4. Class of Contractor: 'D', 'C' & 'B' Class of Contractor. 5. Period of Completion: 01 & 02 (Two) Calendar Months. 6. Other details:

| Procurement Officer | Bid Identification No. | Availability of Tender online for bidding | | Date & Time of Opening Tender |
|---|---|---|---|---|
| | | From | To | |
| Superintending Engineer, R.W. Division, Bhanjanagar | Online Tender/12/ RWDBNJ/ 2025-2026 | 30.10.2025 at 10.00 A.M. | 10.11.2025 upto 3.00 P.M. | 11.11.2025 at 11.00 A.M. |

Further details can be seen from the website: www.tendersodisha.gov.in.

Sd./- Executive Engineer,
OIPR-25174/11/0050/2526 R.W. Division, Bhanjanagar

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, BOLANGIR

E-mail ID: eerw_blgr@yahoo.co.in

e-Procurement Notice

No.O-1207: IFB IDENTIFICATION NO. EEBLGR-Online-14/2025-26

| | | | |
|---|---|---|---|
| 1. | Name of Work | : | Building Works |
| 2. | Total No. of Works | : | 04 (Four) Nos. |
| 3. | Approximate Estimated Cost | : | Rs.98.70 to 99.54 Lakhs |
| 4. | Time for Completion | : | 6 (Six) Calendar Months |
| 5. | Mode of Submission of tender | : | Tender should be submitted online in www.tendersorissa.gov.in. |
| 6. | Other details are as follows | : | As per TCN No. EEBLGR-Online-14/2025-26 |

| Procurement Officer | Bid Identification No. | Availability of Tender Online for bidding | | Last date and time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W.Divn., Bolangir | EEBLGR-Online-14/2025-26 | 30.10.2025 at 11.00 A.M. | 14.11.2025 upto 5.00 PM | 13.11.2025 upto 1.00 P.M. | 15.11.2025 at 11.00 A.M. | The date will be intimated later on |

•Further details can be seen from the website www.tendersodisha.gov.in.
•Any Corrigendum/ Addendum will be displayed in the above e tender website only.

OIPR-25068/11/0044/2526 Sd./- Executive Engineer, R.W.Division, Bolangir

## GOVERNMENT OF ODISHA
## OFFICE OF THE EXECUTIVE ENGINEER RURAL WORKS DIVISION: RAYAGADA

No.O-1135

e-mail ID:rw_rayagada@yahoo.co.in

GEPNIC e-Procurement Notice

Bid Identification No: EERWRGD-Online-08/2025-26
Letter No.3368, Date 24.10.2025

1. Name of the Work: Repair of Building Works. 2. Total No. of Works: 22 Nos. (Percentage rate tender). 3. Estimated Cost: Varies from 2.99 to 5.98 Lakhs. 4. Class of Contractor: "D" or "C" Class. 5. Time of Completion: Specified in DTCN. 6. Mode of Submission of tender: Tender should be submitted only in online https://www.tendersodisha.gov.in. 7. Other details: Detailed tender condition specified in DTCN.

| Procurement Officer | Bid Identification No. | No. of Works | Availability of tender online for bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | |
| Executive Engineer, Rural Works Division, Rayagada | EERWRGD Online-07/2025-26 | 22 (Twenty Two) Nos. | 30.10.2025 at 11.00 A.M. | 15.11.2025 upto 5.00 P.M. | 14.11.2025 upto 5.00 P.M. | 17.11.2025 at 11.00 A.M. |

Further details can be seen from the website: www.tendersodisha.gov.in

Sd./- Executive Engineer
OIPR-25072/11/0032/2526 Rural Works Division, Rayagada

## OFFICE OF THE PANCHAYAT SAMITI, GUNUPUR

Email: ori-gunpur@nic.in

Quotation Call Notice No. 2257/VI-04/2025, Dev Date: 24.10.2025

**QUOTATION CALL NOTICE**

No. i-359: Sealed quotations/tenders are invited from interested authorized dealer/ supplier registered firms/agencies for supply of the following items to the office of the undersigned to be installed in different G.P. of Gunupur Block. The quotation should reach in the office of the Block Development Officer, Gunupur on or before dated 07.11.2025 by 1.00 P.M. through Registered Post/Speed Post/Courier and the same will be open on same day at 4.00 P.M. in the presence of quotationer or their authorized agents if present. The rate should be quoted inclusive of all taxes and installation charges etc. The quotationer should submit the PAN Card & GST registration certificate along with the quotation. The quotation received after due date and time will not be entertained. The quotationer should quote his rate both in figure and words. Any alteration or correction should be attested by the quotationer. The successful quotationer shall execute the work under the supervision of Engineer in-charge of this office within 30 days from the date of receipt of work order. This notice shall be available from 11.00 A.M. dated 25.10.2025 upto 07.11.2025 in district website www.rayagadanic.in for wide publication. The undersigned reserves the right to cancel/reject any or all the quotations without assigning any reason thereof.

**SPECIFICATION**

| Sl. No. | Particulars of Materials | Rate per unit should be quote including all taxes and installation at given site |
|---|---|---|
| 01 | **Sollar Street Light** • 30W Sollar Light with LFP Battery pack and charge controller with Standard ISO Certificate • 75W Sollar Panel • LED • 6M GI Pole • GI Penal Mounting Frame • Light Arm • Connecting Wires, Cable & Nut/Bolt • Installation, Commissioning and Service. | |
| 02 | **Electric Street Light** • 60W Electric Street Light • Light Output: 6000 Lumens • 8M Pole Octagonal • Equivalent Light = 600W • Voltage Range = 100V - 300 V Ac • Installation, Commissioning and Service. | |
| 03 | **High Mast Light** • Luniaries Wattage (W) - 240 (60 × 4 Nos.) • Wide operating A/C, Voltage Range = 100 Volt to 300 Volt • No. LED's = 180 Nos. • Light Output (Lumens) = 6000 Lums • Equivalent Light Output = 720W CFL, 900W Mercury Lamp • No. Mercury Content • Pole Height should be 9 meter with all fittings • Transportation and installation and making operational of High Mast Light | |

OIPR-19434/11/0005/2526 Sd./- Block Development Officer, Gunupur

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR

No. O-1167

**e-Procurement Notice**

| | | | |
|---|---|---|---|
| 1. | Name of Works | : | Improvement and Construction of Road under MMSY-Improvement to Existing RD Road, MMSY-TRIP and MMSY-CMRL for the year 2025-26 in the district of Bolangir and Subarnapur |
| 2. | No. of Work | : | 28 (Twenty Eight) Works |
| 3. | Time for Completion varies from | : | 6 (Six) to 9 (Nine) Calendar Months |
| 4. | Approximate estimated cost varies from | : | Rs.176.94 lakhs to Rs.498.28 lakhs |
| 5. | Mode of submission of tender | : | Tender should be submitted online in www.tendersodisha.gov.in |
| 6. | Other details are as follow | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-28/ 2025-26 | 30.10.2025 at 11.00 A.M. | 13.11.2025 upto 5.00 P.M. | 12.11.2025 upto 5.00 P.M. | 14.11.2025 at 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in.
- Any Corrigendum/Addendum will be displayed in the above e tender website only.

OIPR-25118/11/0070/2526 Sd./- Chief Construction Engineer, R.W. Circle, Bolangir

## GOVERNMENT OF ODISHA
## OFFICE OF THE EXECUTIVE ENGINEER, RURAL WORKS DIVISION, BONAI

E-mail: rwd.bonai@yahoo.com

**TENDER CALL NOTICE**

No. O-1224 BID IDENTIFICATION NO. ONLINE-EEBNI-02 of 2025-26

01. Name of the Work : Road Works
02. Total No. of Works : 27 (Twenty Seven) Nos.
03. Estimated Cost : Rs.5.08 to 50.85 lakhs
04. Class of Contractor : "D", "C" & "B" Class
05. Period of Completion : 02 (Two) Months
06. Type of Tender : Single Cover/Double Cover

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date and time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Bonai | Online - EEBNI-02 of 2025-26 | 30.10.2025 from 10.00 A.M. | 13.11.2025 upto 5.00 P.M. | 12.11.2025 upto 5.00 P.M. | 14.11.2025 at 11.00 A.M. | Will be intimated separately |

07. Other Details :

Further details can be seen from the website www.tendersorissa.gov.in & for more information please visit the office.

OIPR-25200/11/0006/2526 Sd./- Executive Engineer, R.W. Division, Bonai

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..............................



ଲାବନ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଫାଇନାଲରେ ଓଡ଼ିଶା ପୋଲିସ

**ନନ୍ଦକିଶୋର ସ୍ମାରକୀ ମହିଳା ଫୁଟ୍‌ବଲ**

**ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)**

ନୟାପଲ୍ଲୀର ସିଟି କ୍ଲବ୍ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଦଳ ଭାବେ ଓଡ଼ିଶା ପୋଲିସ ଟିମ୍ ଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ସେମିଫାଇନାଲରେ ଓଡ଼ିଶା ପୋଲିସ ଟାଇବ୍ରେକରେ ୩-୨ ଗୋଲରେ କେନ୍ଦୁଝରର ତାରିଣୀ ଏଫ୍‌ସିକୁ ପରାସ୍ତ କରିଛି। ପେନାଲ୍ଟି ଶୁଟ୍‌ଆଉଟ୍ ପର୍ଯ୍ୟାୟରେ ଓଡ଼ିଶା ପୋଲିସ ପକ୍ଷରୁ ଯଶୋଦା ମୁଣ୍ଡା, ସତ୍ୟବତୀ ଖାଡ଼ିଆ ଓ ସସ୍ମିତା ତାନ୍ତି ଏବଂ ତାରିଣୀ ଏଫ୍‌ସି ପକ୍ଷରୁ ପୂର୍ଣ୍ଣିମା ମୁଣ୍ଡା ଓ ଅର୍ଚ୍ଚିତା ରାଉତ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଡ଼ିଶା ପୋଲିସ ଗୋଲ୍‌କିପର ମଞ୍ଜୁ ଗଞ୍ଜୁଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଥିଲା। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶାର ଉପସଭାପତି ଦିଲୀପ ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବୃନ୍ଦାବନ ଦଳବେହେରା, ଅଶୋକ କୁମାର ମହାନ୍ତି, ମହମ୍ମଦ ସହିଦ ଜବାର, ସୁରେଶ କୁମାର ସ୍ୱାଇଁ, ଜଲିଲ ଖାଁ, ରଞ୍ଜିତା ମହାନ୍ତି, ସୁଦୀପ୍ତା ଦାସ, ଶୁଭେନ୍ଦୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସିଟି କ୍ଲବ୍ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୩୦ ତାରିଖରେ ଦ୍ୱିତୀୟ ସେମିଫାଇନାଲ ନୀତା ଫୁଟ୍‌ବଲ ଏକାଡେମୀ ଓ ସୁନ୍ଦରଗଡ଼ର କୁଆଁରମୁଣ୍ଡା ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ। ୩୧ ତାରିଖ ଅପରାହ୍ନ ୪ଟାରେ ଫାଇନାଲ ଖେଳାଯିବ।




ମଞ୍ଜୁ ଗଞ୍ଜୁଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

# ଜାନୁଆରୀ ୧୦ରେ କପିଳାସ ହାଫ୍ ମାରାଥନ




କପିଳାସ ହାଫ୍ ମାରାଥନ ନିମନ୍ତେ ଜର୍ସି ଉନ୍ମୋଚନ କରାଯାଉଛି।

**ଢେଙ୍କାନାଳ, ୨୯।୧୦ (ରତନ ନାୟାର)**

କପିଳାସ ହାଫ୍ ମାରାଥନର ତୃତୀୟ ସଂସ୍କରଣ ୨୦୨୬ ଜାନୁଆରୀ ୧୦ରେ ଢେଙ୍କାନାଳ ଜିଲା କପିଳାସ ବନ୍ୟଜନ୍ତୁ ଅଭୟାରଣ୍ୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅନୁଷ୍ଠିତ ହେବ। ଟାଟା ଷ୍ଟିଲ୍ ମେରାମଣ୍ଡଳୀ(ଟିଏସ୍‌ଏମ୍) ପକ୍ଷରୁ ଢେଙ୍କାନାଳ ଜିଲା ପ୍ରଶାସନ ସହଯୋଗରେ ଏହାର ଆୟୋଜନ କରାଯାଇଛି। ଏ ସମ୍ପର୍କରେ ଢେଙ୍କାନାଳସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ବୁଧବାର ପୂର୍ବାହ୍ନ ୧୧ଟାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଖବରଦାତା ସମ୍ମିଳନୀରେ ହାଫ୍ ମାରାଥନର ଅଫିସିଆଲ ଟି-ସାର୍ଟକୁ ଢେଙ୍କାନାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଉନ୍ମୋଚନ କରିଥିଲେ। ଏସ୍‌ପି ଅଭିନବ ସୋନକର, ଜିଲା ବନଖଣ୍ଡ ଅଧିକାରୀ ସୁମିତ କର, କମ୍ପାନୀ କର୍ପୋରେଟ୍ ସର୍ଭିସେସ୍ ମୁଖ୍ୟ ମୋହିତ ଦାସ, କ୍ରୀଡା ମୁଖ୍ୟ ମୁକୁଲ ବିନାୟକ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜନ୍ମ ଶତବାର୍ଷିକ ପାଇଁ ଶହୀଦ ବୀର ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ହାଫ୍ ମାରାଥନରେ ଜୈବ ବିବିଧତା ସଂରକ୍ଷଣ, ବିଶେଷକରି ହାତୀ ସୁରକ୍ଷାକୁ ନେଇ ସଚେତନତା ବୃଦ୍ଧି ଲକ୍ଷ୍ୟ ରଖାଯାଇଛି। ଏଥିସହ କପିଳାସକୁ ବିଶ୍ୱବ୍ୟାପୀ ଇକୋ-ଟୁରିଜିମ୍ ଏବଂ ପ୍ରଫେଶନାଲ ଦୌଡ଼ର ସ୍ଥଳ ଭାବରେ ସ୍ଥାପିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ହାଫ୍ ମାରାଥନରେ ୩ଟି ବର୍ଗ ରହିବ। ୧୮ବର୍ଷ ଓ ଊର୍ଦ୍ଧ୍ୱ ବୟସର ଅଂଶଗ୍ରହଣକାରୀଙ୍କ ପାଇଁ ୨୧ କିଲୋମିଟର, ୧୦ କିଲୋମିଟର ଦୌଡ଼, ୧୪ରୁ ୧୮ବର୍ଷ ବୟସର ବାଳିକା ଓ ବାଳକଙ୍କ ପାଇଁ ୫ କିଲୋମିଟର ଦୌଡ଼ ରହିଛି । ବିଶ୍ୱବ୍ୟାପୀ ମାରାଥନ ଲାଗି ସ୍ୱୀକୃତିପ୍ରାପ୍ତ ସଂସ୍ଥା ଆସୋସିଏଶନ ଅଫ୍ ଇଣ୍ଟରନ୍ୟାଶନାଲ ମାରାଥନ ଆଣ୍ଡ୍ ଡିଷ୍ଟାନ୍ସ ରେସେସ୍(ଏଆଇଏମ୍‌ଏସ୍) ପକ୍ଷରୁ ଏହି ମାରାଥନର ମାର୍ଗକୁ ସ୍ୱୀକୃତି ଦିଆଯାଇଛି। ଏହି ଅବସରରେ ଢେଙ୍କାନାଳ ଜିଲାପାଳ ପାଟିଲ ଜିଲା ପ୍ରଶାସନ ଓ ଅନ୍ୟ ସମସ୍ତଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ସଫଳ ହେବ ବୋଲି କହିଥିଲେ। ଜିଲା ପ୍ରଶାସନ ଓ ସହଯୋଗୀମାନଙ୍କୁ କୃତଜ୍ଞତା ଜଣାଇ କମ୍ପାନୀ କର୍ପୋରେଟ ସେବାର ଉପସଭାପତି ଡି.ବି. ସୁନ୍ଦର ରମମ୍ କ୍ରୀଡ଼ାକୁ ଫିଟନେସ୍, ଉତ୍ତମ ସ୍ୱାସ୍ଥ୍ୟ ଓ କମ୍ୟୁନିଟି ସ୍ପିରିଟ୍‌ର ପ୍ରୋତ୍ସାହନ ପାଇଁ ବ୍ୟବହାର କରିବାରେ ବିଶ୍ୱାସ କରୁ ବୋଲି କହିଥିଲେ। ଉପସଭାପତି(ପରିଚାଳନା) ଉତ୍ତମ ସିଂହ ଏକ ସୁସ୍ଥ ମନ ଓ ଶରୀରର ଯାତ୍ରା ପ୍ରକୃତିକୁ ଆପଣାଇବା ଏବଂ ଅଧ୍ୟବସାୟର ଶକ୍ତିରୁ ହିଁ ହୋଇଥାଏ ବୋଲି କହିଥିଲେ। ଆଗ୍ରହୀ କ୍ରୀଡ଼ାବିତ୍‌ମାନେ ଆସନ୍ତା ଡିସେମ୍ବର ୧୫ ତାରିଖ ଭିତରେ ଏଥିପାଇଁ ନିଜର ନାମ ପଞ୍ଜୀକରଣ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

# ସ୍ନେହା, ରିଙ୍କି, ମୁନା, ଜଗଦୀଶଙ୍କୁ ସ୍ୱର୍ଣ୍ଣ

**ରାଜ୍ୟ ଭାରୋତ୍ତୋଳନ**

**ଭୁବନେଶ୍ୱର, ୨୯।୧୦ (ତପନ ସ୍ୱାଇଁ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କକ୍ଷରେ ଚାଲିଥିବା ୭୨ତମ ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତାର ବୁଧବାର ଦ୍ୱିତୀୟ ଦିବସ ସନ୍ଧ୍ୟାସୁଦ୍ଧା ଯୁବ ବାଳିକା ବର୍ଗରେ ୪୮, ୫୩ ଓ ୫୮ ଏବଂ ବାଳକ ବିଭାଗର ୫୬, ୬୦, ୬୫ ଓ ୭୧ କେଜି ବର୍ଗର ପ୍ରତିଯୋଗିତା ଶେଷ ହୋଇଛି। ସେହିପରି ଜୁନିୟର ଓ ସିନିୟର ବିଭାଗର ୪୮, ୫୩ ଓ ୫୮ କେଜି ବର୍ଗର ପ୍ରତିଯୋଗିତା ସମ୍ପନ୍ନ ହୋଇଛି। ସିନିୟର ମହିଳା ୪୮ କେଜିରେ ରିଙ୍କି ନାୟକ, ୫୩ କେଜିରେ ସ୍ନେହା ସୋରେନ, ୫୮ କେଜିରେ ରିମା ଭୋଇ ଏବଂ ପୁରୁଷ ୬୦ କେଜିରେ ମୁନା ନାୟକ, ୬୫ କେଜିରେ ଜଗଦୀଶ ନାୟକ ଓ ୭୧ କେଜିରେ ସ୍ୱୟମଜିତ ପ୍ରସାଦ ସାହୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ଜୁନିୟର ମହିଳା ୪୮ କେଜିରେ ବିନିତା ନାୟକ, ୫୩ କେଜିରେ ମୀନା ସିଂ, ୫୮ କେଜିରେ ମୀନା ସାନ୍ତା (ଏ), ପୁରୁଷ ୬୦ କେଜିରେ ସୁବ୍ରତ ନାଏକ, ୬୫ କେଜିରେ ସଦାନନ୍ଦ ବରିହା ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଯୁଥ୍ ବାଳିକା ୪୪ କେଜିରେ ଅଭିପ୍ସା ଆଚାର୍ଯ୍ୟ, ୪୮ କେଜିରେ ବିନିତା ପାଏକ, ୫୩ କେଜିରେ ମୀନା ସିଂ, ୫୮ କେଜିରେ ମୀନା ସାନ୍ତା, ବାଳକ ୫୬ କେଜିରେ ହର୍ଷବର୍ଦ୍ଧନା ସାହୁ, ୬୦ କେଜିରେ ସୁବ୍ରତ ନାଏକ, ୬୫ କେଜିରେ ପ୍ରଫୁଲ୍ଲ ଖାଡା ଏବଂ ୭୧ କେଜିରେ ଏମ. ଭିନାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରାଜ୍ୟ ଭାରୋତ୍ତୋଳନ ସଂଘର ଆନ୍ତରିଣ ସମ୍ପାଦକ ଗୋପାଳକୃଷ୍ଣ ଦାସ, ଅଲିମ୍ପିଆନ କେ, ରବିକୁମାର, ସୌମିତ୍ରୀ ମଣ୍ଡଳ, ରାଜୀବ ଲୋଚନ ଷଡ଼ଙ୍ଗୀ, ଜୋଲଟନ ଫରକାସ, ହିମାସ ଗାପାସି, ପି. ଧର୍ମାରାଓ, ପଦ୍ମିନୀ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।




ପଦକ ବିଜେତା ଭାରୋତ୍ତୋଳକଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।


## ଜନ୍ମଦିନ ଶୁଭେଚ୍ଛା



**ଲାବନ୍ୟା ରାଉତରାୟ**
ସଂସାରଫଳ, ପଟ୍ଟାମୁଣ୍ଡାଇ

ପବିତ୍ର ଜନ୍ମଦିନ ଅବସରରେ କରୁଣାମୟ ଶ୍ରୀଜଗନ୍ନାଥ ଆମ ଗେହ୍ଲା ନାତୁଣୀ ଲାବନ୍ୟାକୁ କୋଟି ଆୟୁଷ ଦିଅନ୍ତୁ।

**ଶୁଭେଚ୍ଛାସହ:**
ଜେଜେ, ଜେମା', ଅଜା, ଆଈ, ବାପା, ବୋଉ, ବଡ଼ବାପା, ବଡ଼ବୋଉ, କକା, କାକି ଓ ଭାଇ ଭଉଣୀ।

ଧ-୨୪୧୯


# ରୋହିତ ଶର୍ମା ନଂ-୧

**ଦୁବାଇ, ୨୯।୧୦(ପି.ଟି.):** ଭାରତର ପୂର୍ବତନ ଅଧିନାୟକ ରୋହିତ ଶର୍ମା ବୁଧବାର ଆଇସିସି ପୁରୁଷ ଦିନିକିଆ ବ୍ୟାଟରଙ୍କ ତାଲିକାରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଜାଜ୍ୱଲ୍ୟମୟ କ୍ୟାରିୟରରେ ସେ ପ୍ରଥମ ଥର ପାଇଁ ଏହି ସଫଳତା ପାଇଛନ୍ତି। ଏହି ପ୍ରକ୍ରିୟାରେ ସେ ଆଫଗାନିସ୍ତାନର ଓପନର ଇବ୍ରାହିମ ଜଦ୍ରାନ ଓ ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ୍‌ଙ୍କୁ ପଛରେ ପକାଇଛନ୍ତି। ରୋହିତଙ୍କ ବ୍ୟତୀତ ଟପ୍-୧୦ ବ୍ୟାଟରଙ୍କ ମଧ୍ୟରେ ୩ ଭାରତୀୟ ରହିଛନ୍ତି।

# କେନ୍ଦ୍ରାପଡ଼ାରେ ମହିଳା ଫିଡେ ରେଟିଂ ଚେସ୍

**ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ରାଜ୍ୟ ସିନିୟର ମହିଳା ଫିଡେ ରେଟିଂ ଚେସ୍ ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଛି। କେନ୍ଦ୍ରାପଡ଼ାର ଗରାପୁରଠାରେ ଏହା ନଭେମ୍ବର ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତା ପାଇଁ ପ୍ରଥମଥର ଲାଗି ୫୦,୦୦୦ ଟଙ୍କାର ପୁରସ୍କାର ରାଶି ଏବଂ ୪୩ଟି ଟ୍ରଫି ପ୍ରଦାନର ବ୍ୟବସ୍ଥା କରାଯାଇଛି। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଓ ରନରଅପ୍‌ଙ୍କୁ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ୫ରୁ ୧୫ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ୩ ଜଣ ଲେଖାଏ ଖେଳାଳିଙ୍କୁ ଆକର୍ଷଣୀୟ ଟ୍ରଫି ଏବଂ ଶ୍ରେଷ୍ଠ ଭେଟେରାନ୍, ଭିନ୍ନକ୍ଷମ ଏବଂ କେନ୍ଦ୍ରାପଡ଼ା ଜିଲାର ସ୍ଥାନୀୟ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯିବ। ଅଂଶଗ୍ରହଣକାରୀ ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଆୟୋଜକ ଆସୋସିଏଶନ ସଭାପତି କିଶୋର ପଣ୍ଡା ପ୍ରକାଶ କରିଛନ୍ତି। ପ୍ରତିଯୋଗିତାର ଶ୍ରେଷ୍ଠ ୪ ପ୍ରତିଯୋଗୀ ଆଗାମୀ ଜାତୀୟ ସିନିୟର ମହିଳା ଚେସ୍‌ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ବିବେଚିତ ହେବେ। ଜାତୀୟ ପ୍ରତିଯୋଗିତା ଡିସେମ୍ବର ୩ରୁ ୧୩ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ଦୁର୍ଗାପୁରଠାରେ ଅନୁଷ୍ଠିତ ହେବ। ଗୁରୁବାର ସକାଳ ୧୦ଟା ମଧ୍ୟରେ ୫୦୦ ଟଙ୍କା ଏଣ୍ଟ୍ରି ଫି' ଦେଇ ପ୍ରତିଯୋଗୀମାନେ ନିଜ ନାମ ପଞ୍ଜୀକୃତ କରିପାରିବେ ବୋଲି ଆସୋସିଏଶନ ସମ୍ପାଦକ ଭବେଶ ମହାନ୍ତି ଜଣାଇଛନ୍ତି।

# ଓଡ଼ିଶାର ସାର୍ଥକଙ୍କୁ ବ୍ରୋଞ୍ଜ ପଦକ

**ଏସିଆନ୍ ୟୁଥ୍ ଗେମ୍ସ**

**ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)**

ବାହାରିନ୍‌ରେ ଅନୁଷ୍ଠିତ ଏସିଆନ୍ ୟୁଥ୍ ଗେମ୍ସରେ ଓଡ଼ିଶାର ସାର୍ଥକ ଆର୍ଯ୍ୟ ଟେବୁଲ ଟେନିସ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲକରି ଇତିହାସ ପୃଷ୍ଠାରେ ନିଜ ନାମ ଲିପିବଦ୍ଧ କରିଛନ୍ତି। ସାର୍ଥକ ଓ ବେଙ୍ଗଲର ସିନ୍ଦ୍ରେଲା ଦାସ ମିକ୍ସଡ ଡବଲ୍ସ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି। ମହାଦେଶୀୟ ୟୁଥ୍ ଟେବୁଲ ଟେନିସ୍‌ର ଡବଲ୍ସ ଇଭେଣ୍ଟରେ ଭାରତର ଏହା ପ୍ରଥମ ପଦକ। ସାର୍ଥକ ଓ ସିନ୍ଦ୍ରେଲା ଯୋଡ଼ି କ୍ୱାର୍ଟର ଫାଇନାଲରେ ଉଚ୍ଚ ର୍‌ୟାଙ୍କ୍‌ପ୍ରାପ୍ତ କୋରିଆ ଯୋଡ଼ି ଲି ସଙ୍ଗ୍‌ସୁ ଓ ହିୟୋ ୟେରିମଙ୍କୁ ୩-୨ରେ ପରାସ୍ତ କରିଥିଲା। ସେମିଫାଇନାଲରେ ପ୍ରଥମ ୨ ସେଟ୍ ଜିତି ଫାଇନାଲ ଦ୍ୱାରରେ ପହଞ୍ଚିଥିଲେ ହେଁ ପରବର୍ତ୍ତୀ ୩ ସେଟ୍ ହାରି ଚାଇନା ଯୋଡ଼ି ତାଙ୍ଗ ୟିରେନ ଓ ହୁ ୟି'ଙ୍କଠାରୁ ୨-୩ (୧୧-୫, ୧୧-୯, ୯-୧୧, ୮-୧୧, ୯-୧୧)ରେ ପରାଜିତ ହୋଇଥିଲେ। ଏସୀୟ ପ୍ରତିଯୋଗିତା ପରି ଏକ ବଡ଼ ମଞ୍ଚରେ ପ୍ରଭାବୀ ପ୍ରଦର୍ଶନ କରିଥିବାରୁ ସାର୍ଥକ ଓ ସିନ୍ଦ୍ରେଲାଙ୍କୁ ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏଶନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ମ୍ୟାଚ୍ ଡ୍ର ; ଓଡ଼ିଶାକୁ ୬, ଆସାମକୁ ୨ ପଏଣ୍ଟ

**ସି.କେ. ନାଇଡୁ ଟ୍ରଫି**

**ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)**

କିଟ୍ କ୍ରିକେଟ୍ ଷ୍ଟାଡିୟମରେ ବୁଧବାର ଶେଷ ହୋଇଥିବା ଓଡ଼ିଶା-ଆସାମ ୨୩ ବର୍ଷରୁ କମ୍ କଲୋନେଲ ସି.କେ. ନାଇଡୁ ଟ୍ରଫି କ୍ରିକେଟ୍ ମ୍ୟାଚ ଅମୀମାଂସିତ ଭାବେ ଶେଷହୋଇଛି। ବର୍ଷା ଯୋଗୁ ୪ର୍ଥ ଦିବସ ଖେଳ ସମ୍ଭବ ହୋଇ ନ ଥିଲା। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ପଏଣ୍ଟ ସିଷ୍ଟମ ଅନୁସାରେ ଓଡ଼ିଶାକୁ ୬ ଓ ଆସାମକୁ ୨ ପଏଣ୍ଟ ମିଳିଛି। ଉଭୟ ଦଳକୁ ଗୋଟିଏ ଲେଖାଏ ମ୍ୟାଚ୍ ପଏଣ୍ଟ ମିଳିଥିବାବେଳେ ବ୍ୟାଟିଂରେ ଓଡ଼ିଶାକୁ ୧ ଓ ଆସାମକୁ ୦ ଏବଂ ବୋଲିଂରେ ଓଡ଼ିଶାକୁ ୪ ଓ ଆସାମକୁ ୧ ପଏଣ୍ଟ ମିଳିଛି। ଏଥିରେ ଆସାମ ପ୍ରଥମ ଇନିଂସ୍‌ରେ ୨୧୬ ରନ୍ କରିଥିବାବେଳେ ଓଡ଼ିଶା ୩ ଉଇକେଟ ହରାଇ ୧୬୯ ରନ୍ କରିବାପରେ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ଉଭୟ ଦଳର ପ୍ରଥମ ଇନିଂସ୍ ଶେଷ ହୋଇ ନ ଥିବାରୁ ବିସିସିଆଇ ନିୟମ ଅନୁସାରେ ପଏଣ୍ଟ ପ୍ରଦାନ କରାଯାଇଥିଲା।


# Classified Everyday
0674-2580101, 9692975378



**REAL ESTATE**
**SALE**

Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695. D-76944

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2398

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834 D-06



**FOR RENT**

Fully furnished residential accommodation near Allen College Koustav Chandrasekharpur. 8895154066. D-2416




Full body massage by odia therapist in homely atmosphere. 9078618337. D-2417

**AFFIDAVIT**

By virtue of an affidavit sworn before the Notary Public, Saintala dated.- 23.10.2025, Sl.No.- 87, I, Jamuna Bhoi, Resident of Village At- Dedhel, P.O.- Ghunsar, P.S.- Saintala, Dist:- Balangir (Odisha), PIN– 767032 declare that I have changed my name from Amrita Majhi to Jamuna Bhoi. Henceforth, I shall be known as Jamuna Bhoi for all purpose.
Jamuna Bhoi
D-2414

By virtue an affidavit sworn before the Executive Magistrate, dated- 27.10.2025, I, Smrutilata Dash, W/o.- Madhusudan Dash, Address: At- Chainpur, P.O./P.S.- Bonth, Dist.- Bhadrak, PIN- 756114, Odisha declare that I have changed my name from Srutilata Dash to Smrutilata Dash. Henceforth, I shall be known as Smrutilata Dash for all purposes. D-2413

By virtue of an affidavit sworn before the Executive Magistrate, Sundargarh, date- 27.10.25, I, Prakash Podh, S/o.- Late Shyam Podh, R/o. Village/P.O.- Tikilipara, P.S.- Hemgir, Dist.- Sundargarh, Odisha declare that my father Late Shyam Podh official nominee record of MCL my name has been erroneously mentioned as PRANAY KU. PODH. That both the names PRAKASH PODH and PRANAY KU. PODH refers to one and same person. D-2421

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

I, **KANU CHARAN BEURA**, S/o.- Late Kumar Beura, Resident of At- Padasahi, P.O.- Raghunathpur, P.S.- Nandankanan, Bhubaneswar, Dist.- Khordha, PIN- 754005, Odisha declare by this affidavit No.- 878 dtd.- 27.10.2025 that now onwards I shall be known as **KANHU CHARAN BEURA** for all purposes. D-2412

**LOST**

Original property document Sale Deed, Link Documents, Patta/ ROR & money receipt of property at address Plot No.- 766/4573 & 765/4557 & 767/4556, Khata No.432/2669 & 432/2660, Mouza- Dumduma, P.S.- Khandagiri, SRO/Tahasil- Bhubaneswar, Dist.- Khurda belonging to Surya Kumari Prusty, W/o.- Late Basanta Kumar Prusty, R/o Plot No.- 1294, N-1/175, Nayapalli, Bhubaneswar, has been lost/misplaced inadvertently. Finder may please contact at 9937147355. Duplicate will be applied for if unclaimed within 7 days. D-76867

**LEGAL NOTICE**

IN THE COURT OF THE SUB-COLLECTOR, CUTTACK.
MUTATION APPEAL NO. 12/25.
Ashok Kumar Mohanty & others. .....Appellants.
VERSUS
Himansu Sekhar Mohanty & others. .....Respondents.
To.
Respondent No.2) Kalyani Mohanty, aged about 41 years. 3) Chumuki Mohanty, aged about 37 years. No.2 & 3 are Daughters of Late Ramanath Mohanty, Both are of Village- Mallipur, P.O/P.S-Kishannagar, Dist.- Cuttack.
You are hereby noticed to appear in the above Appeal on dt.- 25.11.2025, failing which the Appeal will be decided in your absence.
S/d.- SUB COLLECTOR, CUTTACK.
D-2420

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ମନେ ପଡ଼ନ୍ତି

## ୧୬ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ବସନ୍ତ କୁମାରୀ ମହାନ୍ତି**

ସ୍ୱାମୀ- ସ୍ୱର୍ଗତ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ତିରୋଧାନ: ୨୬।୧୦।୨୦୦୯
ବୋଉ, ତୋତେ ହରାଇ ଆମେ ସର୍ବହରା। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୋର ଆଦର୍ଶ, ଆଶୀର୍ବାଦ ଆମ ଜୀବନର ପାଥେୟ ହେଉ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ବନ୍ଧୁପରିଜନ

ଧ-୨୪୧୮

## Shradhanjali



DOB: 15.08.1933
DOD: 21.10.2025

**Late Soudamini Misra**
(W/o: Late Biswanath Misra)

A gentle and caring soul, will continue to live in our memories and be in our prayers always.

**DEEPLY MOURNED BY**
Bereaved Sons Manoranjan Mishra, Sudhansu Ranjan Mishra and other grieving relatives and family members

D-2422

## ପରଦାରେ...
# ଶମ୍ଭୁ


ତମନ୍ନା

ବିଭୂତି ଭୂଷଣ ଜେନାଙ୍କ ପ୍ରଯୋଜିତ ଓଡ଼ିଆ ଫିଲ୍ମ 'ଶମ୍ଭୁ' ଚଳିତ ମାସ ୩୧ ତାରିଖରେ ରିଲିଜ ହେବାକୁ ଯାଉଛି। ଅନୁପମା ଜେନାଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଏସ. ଦିଲୀପ ପଣ୍ଡା। ଏହାର ନାୟକ ସାଜିଛନ୍ତି ନବାଗତ ଶୁଭମ୍। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଦୀପକ କୁମାର। ଏହାର ସହ ପ୍ରଯୋଜକ ଅଛନ୍ତି ବିବେକ ଜେନା ଓ ଅଭିଷେକ ଜେନା । ଏଥିରେ ଶୁଭମଙ୍କ ଅପୋଜିଟ୍‌ରେ ଅଛନ୍ତି ତମନ୍ନା। ଯାତ୍ରା ଜଗତର ଖଳନାୟକ ପୀୟୁଷ ତ୍ରିପାଠୀ, ଜୀବନ ପଣ୍ଡା, ଡିସ୍କୋ ରେଞ୍ଚୀ,ଚିନ୍ତାମଣି,ଐଶ୍ୱର୍ଯ୍ୟାଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।


ଅନନ୍ୟା

# ଭାବି ନ ଥିଲେ ଅନନ୍ୟା

ଅନନ୍ୟା ପାଣ୍ଡେ ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲେ ତାହା ତାଙ୍କ ପାଇଁ ଏକ ସରପ୍ରାଇଜ ଥିଲା କହିଲେ ଟିକିଏ ହେଲେ ଭୁଲ୍ ହେବ ନାହିଁ। କାରଣ ସେତେବେଳେ ସେ ପାଠପଢ଼ାରେ ବ୍ୟସ୍ତ ଥିଲେ। ହଠାତ୍ କରନ୍ ଜୋହରଙ୍କ ପରି ନାମୀ ପ୍ରଯୋଜକଙ୍କ ନିକଟରୁ ଅଫର ପାଇବା ପରେ ତାହାକୁ ସେ ସହଜରେ ବିଶ୍ୱାସ କରିପାରି ନ ଥିଲେ। କରନ୍ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର ୨'ର ଫିମେଲ ଲିଡ୍ ପାଇଁ ଜଣେ ନବାଗତାଙ୍କ ସନ୍ଧାନରେ ଥିଲେ। ଏକଦା ତାଙ୍କର ଚଙ୍କି ତନୟା ଅନନ୍ୟାଙ୍କ କଥା ମନକୁ ଆସିଥିଲା ଆଉ ବିଳମ୍ବ ନ କରି ସେ ଚଙ୍କିଙ୍କ ସହ ଯୋଗାଯୋଗ କରିଥିଲେ। ଶେଷରେ ମାମା-ପାପାଙ୍କ କଥାକୁ କାଟି ନ ପାରି ଅନନ୍ୟା ଅଡିଶନ୍ ଦେବାକୁ ଯାଇଥିଲେ। ଆଉ ଯେତେବେଳେ ସେ ଜାଣିଲେ ଯେ ଏହି ରୋଲ୍ ପାଇଁ ତାଙ୍କୁ ଚୟନ କରାଯାଇଛି ତାଙ୍କ ଆଖିରୁ ଦୁଇ ଟୋପା ଆନନ୍ଦାଶ୍ରୁ ଆସି ଯାଇଥିଲା। ଏ ନେଇ ଅନନ୍ୟା କହନ୍ତି, ''କରନ୍ ସାର୍ ଯେତେବେଳେ ମୋତେ ଜଣାଇଲେ ଯେ ମୁଁ ଅଡିଶନରେ ପାସ୍ କରିଛି ସେତେବେଳେ ମୁଁ ତାହାକୁ ବିଶ୍ୱାସ କରିପାରି ନ ଥିଲି। କାରଣ ଏତେ ଶୀଘ୍ର ବଲିଉଡ୍‌ରେ ଏଣ୍ଟ୍ରି ପାଇଁ ମୁଁ ମାନସିକ ସ୍ତରରେ ପ୍ରସ୍ତୁତ ନ ଥିଲି। ଯାହାହେଉ ଦର୍ଶକଙ୍କ ଭଲ ପାଇବା ଯୋଗୁ ଆଜି ମୋର ଆକ୍ଟିଂ କ୍ୟାରିୟର ଚାଲୁ ରହିଛି। ଏକଥା ସତ ଯେ ମୋର ଛଅ ବର୍ଷର କ୍ୟାରିୟର ଭିତରେ ମୁଁ ମାତ୍ର ୧୨ଟି ସିନେମାରେ ଅଭିନୟ କରିଛି। ଭବିଷ୍ୟତରେ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିବାକୁ ଆଶା ରଖିଛି।'' ଅନନ୍ୟା ଏବେ 'ଚାନ୍ଦ ମେରା ଦିଲ୍' ଫିଲ୍ମ ଶୁଟିଂରେ ବ୍ୟସ୍ତ ଅଛନ୍ତି।

# ବାଲିଯାତ୍ରା

ଆମ ରାଜ୍ୟର ଅନେକ ପ୍ରାଚୀନ ପରମ୍ପରା ଏବେ ବି ବଞ୍ଚି ରହିଛି। ତନ୍ମଧ୍ୟରୁ ଅନ୍ୟତମ ହେଉଛି ବାଲିଯାତ୍ରା। ସେହି ସ୍ୱର୍ଣ୍ଣିମ ଗାଥାକୁ ଏକ ନାଟ୍ୟାଭିନୟ ମାଧ୍ୟମରେ ଉପସ୍ଥାପନା କରାଯାଉଛି, ଯାହାର ଶୀର୍ଷକ ରହିଛି 'ବାଲିଯାତ୍ରା'। ଏହାର ପରିକଳ୍ପନା, ବିଷୟବସ୍ତୁ, ଗୀତ ରଚନା ସାଙ୍ଗକୁ ସଙ୍ଗୀତ ନିର୍ଦ୍ଦେଶନାର ଗୁରୁ ଦାୟିତ୍ୱ ବହନ କରିଛନ୍ତି ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ସୌଭାଗ୍ୟଲକ୍ଷ୍ମୀ ଜେନା (ବିନି)। ସାଇ ଶ୍ରଦ୍ଧା ପ୍ରଡକ୍ସନ ବ୍ୟାନରରେ ଏହାର ସଙ୍ଗୀତଭିତ୍ତିକ ଅଡିଓ ଭିଜୁଆଲ ପ୍ରସ୍ତୁତ ହେଉଛି। ଏଥିରେ ପ୍ରମୁଖ ଭୂମିକାରେ ଅଛନ୍ତି ଅଶ୍ରୁମୋଚନ ମହାନ୍ତି, ଶ୍ରୀତମ ଦାସ, ସୁକାନ୍ତ ରଥ, ଅଖିଳ ପଟ୍ଟନାୟକ, ସାହେବ ସିଂ, ସୋହମ, ଶୁଭାଶିଷ, ଶକ୍ତି ବରାଳ, ଶମ୍ଭୁ ଖୁଣ୍ଟିଆ, ମିଲୁ, ହିତେଶା ବାଗ, ଲଭରିନ ଖାନ,ଲିପ୍ସା ମହାରଣା, ସୌମ୍ୟା ସୁଚରିତା ସାହୁ, ସଙ୍ଗୀତା ବେହେରା, ମାମାଲି ସାହୁ, ଲିପ୍ସା ଓ ପ୍ରିୟଙ୍କା ସାହୁ। କୋରିଓଗ୍ରାଫି କରିଛନ୍ତି ବବି ଇସଲାମ୍। ପାରିକୁଦ ଓ ଭିଙ୍ଗାରପୁରଠାରେ ଏହାର ଶୁଟିଂ ଚାଲିଛି। ଆସନ୍ତା ନଭେମ୍ବର ୫ ତାରିଖରେ ଏହା ଲୋକାର୍ପିତ ହେବ ବୋଲି ସୂଚନା ଦେଇଛନ୍ତି ସୌଭାଗ୍ୟଲକ୍ଷ୍ମୀ। ତେବେ ଏହି ନାଟ୍ୟାଭିନୟର ସଫଳତାକୁ ନେଇ ଦୃଢ଼ ଆଶାବାଦୀ ଅଛନ୍ତି ଡ. ଶତପଥୀ।


'ବାଲିଯାତ୍ରା'ର ଏକ ଦୃଶ୍ୟ

# ଅପେକ୍ଷାର ଫଳ ମିଠା...

ସତରେ ଅପେକ୍ଷାର ଫଳ ମିଠା। କିନ୍ତୁ ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବା ହେଲା ବଡ କଥା। ନିଜ ମାରାଥନ ଅଭିନୟ କ୍ୟାରିୟରରେ ପ୍ରିୟଙ୍କା ଚୋପ୍ରା ତେଲୁଗୁ ସିନେମାରେ ଅଭିନୟ କରି ନ ଥିଲେ। 'ଏସ୍‌ଏସ୍‌ଏମ୍‌ବି୨୯' ଟାଇଟଲ ବିଶିଷ୍ଟ ତେଲୁଗୁ ଫିଲ୍ମର ସେ ନାୟିକା ସାଜୁଛନ୍ତି। ଏହାର ନାୟକ ଚରିତ୍ରରେ ଅଭିନୟ କରିବେ ସୁପରଷ୍ଟାର ମହେଶବାବୁ। ସବୁଠାରୁ ଖାସ୍ କଥା ହେଲା, ଏହି ବିଗ୍ ବଜେଟ୍ ଫିଲ୍ମର ନିର୍ଦ୍ଦେଶନା ଦେବେ ପ୍ରଖ୍ୟାତ ନିର୍ଦ୍ଦେଶକ ଏସ.ଏସ. ରାଜମୌଳି। ଚିତ୍ରଟିର ମୁଖ୍ୟ ଭୂମିକା ଫାଇନାଲ ହୋଇଥିବା ବେଳେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏହାର ବଜେଟ ରଖାଯାଇଛି ପାଖାପାଖି ୧୧୦୦ କୋଟି। ଅନ୍ୟପକ୍ଷରେ ରାଜମୌଳିଙ୍କ ନିର୍ଦ୍ଦେଶିତ 'ଆର୍‌ଆର୍‌ଆର୍'ର ପାଞ୍ଚବର୍ଷ ପୂର୍ତ୍ତି ଅବସରରେ 'ଏସ୍‌ଏସ୍‌ଏମ୍‌ବି୨୯' ମାର୍ଚ୍ଚ ୨୫, ୨୦୨୭ରେ ରିଲିଜ ହେବାର ଯୋଜନା ରହିଛି। ଅନ୍ୟପକ୍ଷରେ ଏଭଳି ଏକ ସୁଯୋଗ ପାଇଥିବାରୁ ପ୍ରିୟଙ୍କାଙ୍କ ଖୁସି କହିଲେ ନ ସରେ। ଏ ବିଷୟରେ ପ୍ରିୟଙ୍କା କହନ୍ତି, ''ଯେତେବେଳେ ମୁଁ ଜାଣିଲି ଯେ ରାଜମୌଳି ସାର୍‌ଙ୍କ ପରି ନିର୍ଦ୍ଦେଶକଙ୍କ ଫିଲ୍ମରେ କାମ କରିବି ସେତେବେଳେ ମୋ ଖୁସିର ସୀମା ରହି ନ ଥିଲା। ପୁଣି ଏହି ଫିଲ୍ମରେ ମୋ ଅପୋଜିଟ୍‌ରେ ଅଛନ୍ତି ମହେଶ ବାବୁ। ତେବେ ଫିଲ୍ମଟି ନିଶ୍ଚୟ ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିବ ବୋଲି ମୋର ଦୃଢ଼ ବିଶ୍ୱାସ।'' ଏହାବ୍ୟତୀତ ସେ ଏବେ ନିର୍ମାଣାଧୀନ ଦୁଇଟି ହଲିଉଡ୍ ସିନେମା-'ଦ ବ୍ଲଫ୍' ଏବଂ 'ଜଜମେଣ୍ଟ ଡେ'ରେ ଅଭିନୟ କରୁଛନ୍ତି।


ପ୍ରିୟଙ୍କା

# ନାମ ପରିବର୍ତ୍ତନ ଅନ୍ତରାଳେ...

ଅକ୍ଷୟ କୁମାରଙ୍କ ପ୍ରକୃତ ନାମ ଥିଲା ରାଜୀବ ହରି ଓମ୍ ଭାଟିଆ। କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜ ନାମକୁ ପରବର୍ତ୍ତନ କରି ଅକ୍ଷୟ କୁମାର ରଖିଥିଲେ। ହେଲେ ଏହାପଛରେ କିଛି କାରଣ ମଧ୍ୟ ଥିଲା। ଏ ବିଷୟରେ ସେ କହନ୍ତି, ''ଏକଦା ମୁଁ ମହେଶ ବାବୁଙ୍କ ଏକ ସିନେମା ଦେଖୁଥାଏ। ଏଥିରେ ଅନୁପ୍ରାଣିତ ହୋଇ ମୋ ନାମକୁ ପରିବର୍ତ୍ତନ କରିବାକୁ ସ୍ଥିର କରିଥିଲି। ହେଲେ ତା'ପୂର୍ବରୁ ମୁଁ ଜଣେ ଜ୍ୟୋତିଷୀଙ୍କ ସହ ଏ ନେଇ କଥା ହୋଇଥିଲି ଏବଂ ସେ ମୋତେ ଏଥିପାଇଁ ସବୁଜ ସଙ୍କେତ ଦେଇଥିଲେ।'' ଅଭିନୟ କରିବା ପୂର୍ବରୁ ସେ ବ୍ୟାଙ୍କକ୍‌ରେ ଜଣେ ସେଫ୍ ଭାବରେ କିଛି ଦିନ କାମ କରିଥିଲେ। ମାର୍ଶଲ ଆର୍ଟସରେ ସେ ଜଣେ ପ୍ରଶିକ୍ଷକ ଭାବରେ ଯଥେଷ୍ଟ ସୁନାମ ଅର୍ଜନ କରିଛନ୍ତି। ୧୯୯୧ରେ ତାଙ୍କ ଅଭିନୀତ ପ୍ରଥମ ସିନେମା 'ସୌଗନ୍ଧ' ରିଲିଜ ହୋଇଥିଲା। ଠିକ୍ ଏହାର ପରବର୍ଷ ଅର୍ଥାତ୍ ୧୯୯୨ରେ 'ଖିଲାଡି' ମୁକ୍ତିଲାଭ କଲା ଆଉ ଏହି ଚିତ୍ରଟି ତାଙ୍କୁ ରାତାରାତି ଜଣେ ନାମୀ ଅଭିନେତାର ମାନ୍ୟତା ଦେଇଥିଲା। ଏପରିକି ଏଥିପାଇଁ ତାଙ୍କୁ 'ଖିଲାଡି ମାଷ୍ଟର' ଭାବରେ ସମ୍ବୋଧିତ କରାଯାଇଥାଏ।


ଅକ୍ଷୟ କୁମାର

# ସଜ ହେଉଛନ୍ତି ଜ୍ୟାକ୍‌ଲିନ୍

ମଡେଲିଂରୁ ଅଭିନୟ ଜଗତରେ ପାଦ ଥାପିଥିଲେ ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍‌ଲିନ୍ ଫର୍ନାଡିସ। ନିର୍ଦ୍ଦେଶକ ସୁଜୟ ଘୋଷ ତାଙ୍କୁ ବଲିଉଡ୍‌ରେ ପ୍ରଥମେ ସୁଯୋଗ ଦେଇଥିଲେ। ଫିଲ୍ମଟିର ଟାଇଟଲ ଥିଲା 'ଆଲ୍ଲାଦିନ'। ଅମିତାଭ ବଚ୍ଚନଙ୍କ ପରି ନାମୀ କଳାକାରଙ୍କୁ ନେଇ ପ୍ରସ୍ତୁତ ଏହି ସିନେମାଟି ବକ୍ସ ଅଫିସରେ ଆଶାନୁରୂପ ବିଜନେସ୍ କରିବାରେ ବିଫଳ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ନିଜ ମନୋବଳକୁ ଦୃଢ଼ କରି ଗୋଟିଏ ପରେ ଗୋଟିଏ ସିନେମାର ଅଭିନୟ କରିଚାଲିଛନ୍ତି। ଏବେ ତାଙ୍କୁ ନେଇ ବଲିଉଡ୍‌ରେ ଚର୍ଚ୍ଚା। କାରଣ କ'ଣ ଜାଣନ୍ତି ? ନିକଟରେ ତାଙ୍କୁ ଏକ ଆକ୍ସନଭିତ୍ତିକ ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଛି। ତେଣୁ ଏ ନେଇ ସେ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏଭଳି ସୁଯୋଗ ବିଷୟରେ ଜ୍ୟାକ୍‌ଲିନ୍ କହନ୍ତି, ''ଏହି ଫିଲ୍ମରେ ମୋତେ ନେଇ କେତୋଟି ଆକ୍ସନ ଶଟ୍ ଶୁଟିଂ କରାଯିବ। ତେଣୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। କେବଳ ସେତିକି ନୁହେଁ, ଏହି ରୋଲ୍‌ଟି ମୋ କ୍ୟାରିୟରକୁ ଏକ ନୂଆ ମୋଡ ଦେବ ବୋଲି ଆଶା ରଖିଛି। ଏହାର ଟାଇଟଲ ଫାଇନାଲ ହୋଇନାହିଁ।'' ତେବେ ଆକ୍ସନ ଭୂମିକାରେ ଜ୍ୟାକ୍‌ଲିନ୍ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ଜ୍ୟାକ୍‌ଲିନ୍

# ଓଡ଼ିଆ ଚଳଚ୍ଚିତ୍ରର ସେନ୍‌ସର ପ୍ରସଙ୍ଗ...

ଚଳଚ୍ଚିତ୍ରଟି ପ୍ରେକ୍ଷାଳୟରେ ପ୍ରଦର୍ଶନ ହେବା ପୂର୍ବରୁ ସେନ୍‌ସର ସାର୍ଟିଫିକେଟର ଆବଶ୍ୟକତା ପଡିଥାଏ। ଏହି ସେନ୍‌ସର ସାର୍ଟିଫିକେଟର ଜେରକ୍ସ କପି କିମ୍ବା ମୂଳ ସାର୍ଟିଫିକେଟର ଫଟୋକପି ଚିତ୍ରର ପ୍ରଯୋଜକ କିମ୍ବା ଚଳଚ୍ଚିତ୍ର ବିତରକ ପ୍ରେକ୍ଷାଳୟ ମାଲିକଙ୍କୁ ଦେଇଥାନ୍ତି। ସେନ୍‌ସନର ସାର୍ଟିଫିକେଟ ନ ଥାଇ କୌଣସି ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ପ୍ରଦର୍ଶନ ହୋଇ ପାରିବ ନାହିଁ। ସିନେମାଟୋଗ୍ରାଫ ଆଇନ କେନ୍ଦ୍ର ସରକାରଙ୍କର ଅଧୀନରେ ପରିଚାଳିତ ଓ ଫିଲ୍ମ ସେନ୍‌ସର ବୋର୍ଡ ମଧ୍ୟ କେନ୍ଦ୍ର ସରକାରଙ୍କ ଅଧୀନରେ ପରିଚାଳିତ। ଭାରତର ତିନି ଗୋଟି ସେନ୍‌ସର ବୋର୍ଡ କାର୍ଯ୍ୟାଳୟ ମୁମ୍ବାଇ, ଚେନ୍ନାଇ, ଏବଂ କୋଲକାତାଠାରେ କାର୍ଯ୍ୟ କରୁଅଛି। ସେନ୍‌ସର ବୋର୍ଡ ସରକାରଙ୍କର ନିର୍ଦ୍ଧାରିତ ନୀତି ଅନୁସାରେ ଗୋଟିଏ ଫିଲ୍ମକୁ 'ୟୁ' (ୟୁନିଭର୍ସାଲ), 'ଏ' (ଆଡଲ୍ଟ) କିମ୍ବା 'ୟୁ/ଏ' ସାର୍ଟିଫିକେଟ ପ୍ରଦାନ କରିଥାନ୍ତି।



ଦର୍ଶକମାନଙ୍କୁ ମନୋରଞ୍ଜନ ଦେବା ଆଳରେ ଯେଉଁସବୁ ଦୃଶ୍ୟ ସେନ୍‌ସର ଆଇନ ବିରୋଧ ସେ ବିଷୟରେ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଭଲ ଭାବରେ ଅବଗତ ହେବା ଦରକାର। ବିଷୟବସ୍ତୁ ଓ ଚିତ୍ରନାଟ୍ୟରେ ଯେପରି ହିଂସା, ମାରିପିଟ୍, ମହିଳାମାନଙ୍କ ଉପରେ ନିର୍ଯାତନା, ଅର୍ଦ୍ଧନଗ୍ନ ଦୃଶ୍ୟ ପ୍ରଦର୍ଶନ, ରାହାଜାନି, ମଦ୍ୟପାନ ଓ ନିଶାଦ୍ରବ୍ୟ ସେବନ ଭଳି ଦୃଶ୍ୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର। ଏହାବ୍ୟତୀତ ଚଳଚ୍ଚିତ୍ରରେ ଅଖଣ୍ଡତା, ସାମ୍ପ୍ରଦାୟିକ ସଦ୍‌ଭାବ, ଧାର୍ମିକ ଭାବନା ଉପରେ ଆଞ୍ଚ ଆଣିବା ଏବଂ କୋମଳମତି ଶିଶୁମାନଙ୍କ ମନରେ କୁପ୍ରଭାବ ନ ପକାଇବା ଭଳି ଦୃଶ୍ୟ ପ୍ରତି ସଚେତନ ରହିବା ନିହାତି ଜରୁରୀ। ଓଡ଼ିଶାରେ ଏକ ସେନ୍‌ସର ବୋର୍ଡର ଶାଖା ଖୋଲିବାକୁ ତତ୍କାଳୀନ ସୂଚନା ପ୍ରସାରଣ ମନ୍ତ୍ରୀ ଅଜିତ କୁମାର ପାଞ୍ଜାଙ୍କୁ କଟକ ବକ୍ସିବଜାର ଚଳଚ୍ଚିତ୍ର ଉନ୍ନୟନ ନିଗମ ବୋର୍ଡର ଏକ ବୈଠକରେ ଯୋଗ ଦେବା ଅବସରରେ ଓଡ଼ିଶା ସିନେ କ୍ରିଟିକ ଆସୋସିଏଶନ ପକ୍ଷରୁ ସ୍ମାରକ ପତ୍ର ଦିଆଯାଇଥିଲା। ତା'ପରେ ଓଡ଼ିଶାରେ ସେନ୍‌ସର ବୋର୍ଡ ହେବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲା। ପ୍ରଶାନ୍ତ ନନ୍ଦଙ୍କ ସିନେମା 'ଲୁଟତରାଜ'ର ସେନ୍‌ସର ଓଡ଼ିଶାରେ ହେଲା। ଚଳିତ ବର୍ଷ ଦୀପାବଳିରେ ନୂଆ ଓଡ଼ିଆ ସିନେମା 'ଲଢ଼େଇ' ରିଲିଜ ହେବାର ଥିଲା। କିନ୍ତୁ କେତେକ ସେନ୍‌ସରଗତ କାରଣରୁ ଏହାକୁ ମୁମ୍ବାଇ ମୁଖ୍ୟ ସେନ୍‌ସର କାର୍ଯ୍ୟାଳୟକୁ ପଠାଯାଇଛି। ତେବେ ସିନେମାଟିଏ ନିର୍ମାଣ କରିବା ସମୟରେ ପ୍ରଯୋଜନା ସଂସ୍ଥା ସେନ୍‌ସର ସମ୍ପର୍କିତ ସମସ୍ତ ନିୟମାବଳୀ ବିଷୟରେ ଭଲ ଭାବରେ ଅବଗତ ହେବା ନିହାତି ଦରକାର।

-ଦିଲ୍ଲୀପ ହାଲି, ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ୱ୍ଲଭାର୍ଡଟଙ୍କ ଶତକ


**ଗୁଆହାଟୀ,୨୯।୧୦**

ସ୍ଥାନୀୟ ବର୍ସାପାରା ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଚଳିତ ମହିଳା କ୍ରିକେଟ୍ ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଅଧିନାୟିକା ଲୌରା ୱ୍ଲଭାର୍ଡଟଙ୍କ ମାରାଥନ ଶତକ ବଳରେ ପ୍ରତିପକ୍ଷ ଇଂଲଣ୍ଡ ସମ୍ମୁଖରେ ୩୨୦ ରନ୍‌ର ଚ୍ୟାଲେଞ୍ଜିଂ ଟାର୍ଗେଟ ରଖିଛି। ଜବାବରେ ଇଂଲଣ୍ଡ ୩୬ ଓଭର ଶେଷ ସୁଦ୍ଧା ୮ ଉଇକେଟ ହରାଇ ୧୬୪ ରନ୍

**ମହିଳା କ୍ରିକେଟ ବିଶ୍ୱକପ୍**

କରିଛି। ଏହି ମ୍ୟାଚ୍‌ରେ ୫ ଉଇକେଟ ସଫଳତା ହାସଲ କରିଥିବା ଦକ୍ଷିଣ ଆଫ୍ରିକୀୟ ବୋଲର ମାରିଜେନ କାପ ମହିଳା ବିଶ୍ୱକପ୍ ଇତିହାସରେ ସର୍ବାଧିକ ଉଇକେଟ ନେଇଥିବା ବୋଲରଙ୍କ ମଧ୍ୟରେ ଝୁଲନ ଗୋସ୍ୱାମୀଙ୍କୁ ପଛରେ ପକାଇଛନ୍ତି।

ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ପାଇଁ ଅଧିନାୟିକା ଲୌରା ଓ ତଜମିନ ବ୍ରିଟ୍ସ ଶତକୀୟ ଭାଗୀଦାରି କରିଥିଲେ। ଦୁହେଁ ପ୍ରଥମ ଉଇକେଟ ପାଇଁ ୧୧୬ ରନ ଯୋଡ଼ିଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ବ୍ରିଟ୍ସ (୪୫ ରନ, ୬ ଚୌକା ଓ ୧ ଛକା), ଆନେକେ ବୋଶ୍ଚ(୦) ଓ ସୁନେ ଲୁସ (୧)ଙ୍କ ଉଇକେଟ ହରାଇଥିଲା। ଅଧିନାୟିକା ୱ୍ଲଭାର୍ଡଟଙ୍କ ସହ ମାରିଜେନ କାପ ମିଶି ଦଳୀୟ ସ୍କୋରରେ ୭୨ ରନ ଯୋଡ଼ି ଦଳୀୟ ସ୍କୋରକୁ ୨୦୦ ପାଖାପାଖି ପହଞ୍ଚାଇଥିଲେ। ହେଲେ ଦଳ ୧୧ ରନ ମଧ୍ୟରେ କାପ (୪୨ ରନ, ୪ ଚୌକା ଓ ୧ ଛକା), ସିନାଲୋ ଜାଫ୍ତା (୧) ଓ ଆନେରି ଡର୍କସେ (୪)ଙ୍କ ଉଇକେଟ ହରାଇଥିଲା। ଏହିଠାରୁ ଅଧିନାୟିକା ଲୌରା ଆଟାକିଂ ବ୍ୟାଟିଂ କରି ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ସେ ୧୪୩ ବଲରେ ୨୦ ଚୌକା ଓ ୪ ଛକା ସହିତ ୧୬୯ ରନର ଇନିଂସ ଖେଳି ୪୮ତମ ଓଭରରେ ଆଉଟ୍ ହୋଇଥିଲେ। ଏହା ତାଙ୍କ କ୍ୟାରିୟରର ଦଶମ ଶତକ ଥିଲା। ସେ ଆଉଟ୍ ହେବା ପୂର୍ବରୁ କ୍ଲୋ ଟ୍ରାଇଅନଙ୍କ ସହ ସପ୍ତମ ଉଇକେଟ ପାଇଁ ୪୭ ବଲରେ ଦ୍ରୁତ ୮୯ ରନ ଯୋଡ଼ିଥିଲେ। ଶେଷ ଆଡ଼କୁ ଟ୍ରାଇଅନ ୩୩ (୩ ଚୌକା ଓ ୧ ଛକା) ଓ ନାଦିନେ ଡି କ୍ଲର୍କ ୧୧ (୨ ଚୌକା) ରନ କରିଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୩୧୯ ରନ କରିଥିଲା। ଇଂଲଣ୍ଡ ପାଇଁ ସୋଫି ଏକଲେଷ୍ଟୋନ ୪ ଓ ଲୌରେନ ବେଲ ୨ ଉଇକେଟ ନେଇଥିଲେ।



ଶତକ ହାସଲ ପରେ ଲୌରା ୱ୍ଲଭାର୍ଡଟ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୫୦ ଓଭରରେ ୩୧୯/୭ (ଲୌରା ୱ୍ଲଭାର୍ଡଟ-୧୬୯, ତଜମିନ ବ୍ରିଟ୍ସ-୪୫, ମାରିଜେନ କାପ-୪୨, କ୍ଲୋ ଟ୍ରାଇଅନ-୩୩*, ସୋଫି ଏକଲେଷ୍ଟୋନ-୪/୪୪, ଲୌରେନ ବେଲ-୨/୫୫)।

**ପୁରୁଷ ଜୁନିୟର ହକି ବିଶ୍ୱକପ୍**

## ପାକିସ୍ତାନ ବଦଳରେ ଓମାନ୍ ଖେଳିବ

**ଲାଉସାନେ,୨୯।୧୦(ପି.ଟି.):** ଆସନ୍ତା ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଭାରତର ଚେନ୍ନାଇ ଓ ମଦୁରାଇଠାରେ ହେବାକୁଥିବା ଏଫ୍‌ଆଇଏଚ୍ ପୁରୁଷ ଜୁନିୟର ହକି ବିଶ୍ୱକପ୍‌ରେ ପାକିସ୍ତାନ ବଦଳରେ ଓମାନ୍ ଖେଳିବ। ଏ ନେଇ ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ(ଏଫ୍‌ଆଇଏଚ୍) ପକ୍ଷରୁ ବୁଧବାର ସ୍ପଷ୍ଟ କରାଯାଇଛି।

ପୁରୁଷ ଜୁନିୟର ହକି ବିଶ୍ୱକପ୍‌ରେ ଖେଳିବା ପାଇଁ ଆମନ୍ତ୍ରଣକୁ ସ୍ୱୀକାର କରି ନ ଥିବା ପାକିସ୍ତାନ ହକି ଫେଡେରେଶନ ପକ୍ଷରୁ ଆମକୁ ଜଣାଇ ଦିଆଯାଇଛି। ସେମାନଙ୍କ ବଦଳରେ ଓମାନ୍‌ର ଜୁନିୟର ଦଳକୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଥିବା ଦଳମାନଙ୍କ ତାଲିକାରେ ସାମିଲ କରାଯାଇଛି। ଜୁନିୟର ବିଶ୍ୱକପ୍ ଲାଗି ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଜୁନିୟର ଏସିଆ କପ୍‌ରେ ଓମାନ୍ ପାକିସ୍ତାନ ପଛରେ ରହିଥିଲା। ପ୍ରଥମଥର ପାଇଁ ଏଫ୍‌ଆଇଏଚ୍ ହକି ଜୁନିୟର ବିଶ୍ୱକପ୍ ୨୦୨୫ରେ ୨୪ ଲେଖାଏ ଦଳ ଭାଗନେବେ ବୋଲି ଏଫ୍‌ଆଇଏଚ୍ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି। ପାକିସ୍ତାନକୁ ଗ୍ରୁପ୍-ବି'ରେ ଭାରତ, ଚିଲି ଓ ସ୍ୱିଜରଲାଣ୍ଡ ସହ ରଖାଯାଇଥିଲା। ପାକିସ୍ତାନ ଦ୍ୱିତୀୟଥର ପାଇଁ ଭାରତରେ ହେବାକୁଥିବା ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟରୁ ଓହରି ଯାଇଛି।

# ଆଜି ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ

**ନଭି ମୁମ୍ବାଇ,୨୯।୧୦(ପି.ଟି.)**

ଭାଗ୍ୟ ବଳରେ ଚଳିତ ମହିଳା କ୍ରିକେଟ୍ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ତିଷ୍ଠିରହିଥିବା ଭାରତୀୟ ମହିଳା ଦଳ ଗୁରୁବାର ସେମିଫାଇନାଲରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ଦଳକୁ ଭେଟିବାକୁ ଯାଉଛି। ହରମନ୍‌ପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପାଇଁ ଏହା ନିଶ୍ଚିତରୂପେ ଏକ କଡ଼ା ପରୀକ୍ଷା ହେବ। ୮ ବର୍ଷ ତଳେ ହରମନ୍‌ପ୍ରୀତ ୨୦୧୭ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଅପରାଜିତ ୧୭୧ ରନ୍‌ର ଅବିସ୍ମରଣୀୟ ପାଳି ଖେଳି ଭାରତକୁ ଜିତାଇଥିଲେ।

**ଫାଇନାଲ ପାଇଁ ଲଢ଼େଇ**

ତାହା ହିଁ ଆଇସିସି ମହିଳା ଟୁର୍ନାମେଣ୍ଟ ଇତିହାସରେ ଅଷ୍ଟ୍ରେଲିଆ ବିପକ୍ଷରେ ନକ୍‌ଆଉଟ୍‌ରେ ଭାରତର ଏକମାତ୍ର ବିଜୟ ଥିଲା। ଦୁଇ ଦଳ ମଧ୍ୟରେ ବିଶ୍ୱକପ୍‌ରେ ୧୩ ମ୍ୟାଚ୍ ଖେଳାଯାଇଥିବା ବେଳେ ଭାରତ ୩ଥର ବିଜୟ ସ୍ୱାଦ ଚାଖିଛି। ୭ ଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ହରାଇବା ପାଇଁ ଭାରତୀୟ ଦଳକୁ ତା'ର ଖେଳାଳିଙ୍କଠାରୁ ସେଭଳି କିଛି ସ୍ୱତନ୍ତ୍ର ପ୍ରଦର୍ଶନ ଦରକାର।

ଲଗାତର ଦୁଇ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ଭାରତୀୟ ଦଳ କ୍ରମାଗତ ୩ ମ୍ୟାଚ୍‌ରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ଇଂଲଣ୍ଡଠାରୁ ପରାଜିତ ହୋଇ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିବା ଭଳି ପରିସ୍ଥିତିରେ ଥିଲା। କିନ୍ତୁ ନ୍ୟୁଜିଲାଣ୍ଡକୁ ହରାଇ ଭାରତ ସେମିରେ ସ୍ଥାନ ପକ୍କା କରିଥିଲା। ହେଲେ ଏହି ମ୍ୟାଚ୍‌ରେ ଶତକୀୟ ପାଳି ଖେଳିଥିବା ଇନ୍‌ଫର୍ମ ଓପ୍‌ନର ପ୍ରତୀକା ରାୱଲ ଇଞ୍ଜୁରି କାରଣରୁ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଦଳ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଅପରାଜିତ ରହିଛି। ଗତ ସଂସ୍କରଣଠାରୁ ଅଷ୍ଟ୍ରେଲିଆ ମହିଳା ଦଳ ଏପର୍ଯ୍ୟନ୍ତ ବିଶ୍ୱକପ୍‌ରେ କୌଣସି ମ୍ୟାଚ୍ ହାରି ନାହିଁ। ବିଶ୍ୱକପ୍‌ରେ କ୍ରମାଗତ ୧୫ ମ୍ୟାଚ୍ ଜିତିଥିବା ଅଷ୍ଟ୍ରେଲିଆ ଦଳ ବିପକ୍ଷରେ ଭାରତ ପାଇଁ ଯେକୌଣସି ପ୍ରକାର ତ୍ରୁଟି କାଳ ହୋଇପାରେ। ମାତ୍ର ମ୍ୟାଚ୍ ପୂର୍ବରୁ ଦଳରେ ଟିମ୍ କମ୍ବିନେଶନକୁ ନେଇ ଅନେକ ପ୍ରଶ୍ନ ରହିଛି। ପ୍ରତୀକା ବାଦ୍ ପଡ଼ିବାରୁ ତାଙ୍କ ବଦଳରେ ବିସ୍ଫୋରକ ବ୍ୟାଟର ଶେଫାଳୀ ବର୍ମାଙ୍କୁ ଦଳରେ ସାମିଲ କରାଯାଇଛି। ହେଲେ ତାଙ୍କୁ ବିଶ୍ୱକପ୍ ଲାଗି ଭାରତୀୟ ଦଳର ଯୋଜନାରେ ରଖାଯାଇ ନ ଥିଲା। ଏଥିଯୋଗୁ ବିଶ୍ୱକପ୍ ଲାଗି ରଖାଯାଇଥିବା ୬ ରିଜର୍ଭ ଖେଳାଳିଙ୍କ ମଧ୍ୟରେ ତାଙ୍କୁ ସ୍ଥାନ ଦିଆଯାଇ ନ ଥିଲା। ମାତ୍ର ସ୍ମୃତି ମନ୍ଧାନାଙ୍କ ସହିତ ତାଙ୍କର ଭଲ ରେକର୍ଡ ରହିଛି। ମନ୍ଧାନାଙ୍କ ସହ ତାଙ୍କ ବିସ୍ଫୋରକ ବ୍ୟାଟିଂ ଷ୍ଟାଇଲ ପ୍ରତିପକ୍ଷ ଦଳକୁ ଚାପରେ ପକାଇପାରେ। ଏହା ବଦଳରେ ହର୍ଲିନ୍ ଦେଓଲଙ୍କୁ ମଧ୍ୟ ପ୍ରମୋଟ୍ କରାଯିବାର ବିକଳ୍ପ ଟିମ୍ ମ୍ୟାନେଜମେଣ୍ଟ ପାଖରେ ରହିଛି। ଯାହାଫଳରେ ଭାରତକୁ ଅତିରିକ୍ତ ଷଷ୍ଠ ବୋଲର ଖେଳାଇବାକୁ ସୁଯୋଗ ମିଳିବ। ବାମହାତୀ ସ୍ପିନର ଭାବେ ସ୍ନେହ ରଣାଙ୍କ ବଦଳରେ ରାଧା ଯାଦବଙ୍କୁ ଖେଳାଯାଇପାରେ।





ବୁଧବାର ନେଟ୍ସ ସେସନରେ ଅମନଜୋତ କୌର ଓ ଶେଫାଳୀ ବର୍ମା।

**ସମୟ: ଅପରାହ୍ଣ ୩ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଆୟୋଜକ କମିଟିରେ ଦେବବ୍ରତ ସାମିଲ



ଦେବବ୍ରତ ଭଞ୍ଜ



ସତ୍ୟରଞ୍ଜନ ପଟ୍ଟନାୟକ



ରିତେଶ କୁମାର ରଥ

- ଗୋଆରେ ଫିଡେ ଚେସ୍ ବିଶ୍ୱକପ୍ ୩୧ରୁ
- ସତ୍ୟରଞ୍ଜନ, ରିତେଶ ଏଜିଏମ୍‌ରେ ଯୋଗଦେବେ

**ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)**


ଚଳିତ ମାସ ୩୧ରୁ ନଭେମ୍ବର ୨୭ ପର୍ଯ୍ୟନ୍ତ ସମ୍ମାନଜନକ ଫିଡେ ଚେସ୍ ବିଶ୍ୱକପ୍ ଗୋଆରେ ଅନୁଷ୍ଠିତ ହେବ। ଏହି ମେଗା ଇଭେଣ୍ଟରେ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ, ମ୍ୟାଗ୍ନସ କାର୍ଲସେନ, ଆର୍. ପ୍ରଜ୍ଞାନନ୍ଦଙ୍କ ପରି ବିଶ୍ୱର ଅନେକ ଶ୍ରେଷ୍ଠ ଖେଳାଳିଙ୍କ ସହ ମୋଟ ୨୦୬ ଖେଳାଳି ଅଂଶଗ୍ରହଣ କରିବେ। ଗ୍ରାଣ୍ଡମାଷ୍ଟର ଦିବ୍ୟା ଦେଶମୁଖ ଭାରତର ଏକମାତ୍ର ମହିଳା ଖେଳାଳି ଭାବେ ଏଥିରେ ଭାଗନେବେ। ପ୍ରତିଯୋଗିତାର ସଫଳ ପରିଚାଳନା ପାଇଁ ଗଠିତ ଆୟୋଜକ କମିଟିରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ସମ୍ପାଦକ ଦେବବ୍ରତ ଭଞ୍ଜ ସ୍ଥାନ ପାଇଛନ୍ତି। ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍)ର ବାର୍ଷିକ ସାଧାରଣ ବୈଠକ(ଏଜିଏମ୍) ଏବଂ ଉଦ୍‌ଘାଟନୀ ସମାରୋହରେ ଦେବବ୍ରତଙ୍କ ସମେତ ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ରିତେଶ କୁମାର ରଥ ଯୋଗଦେବେ। ଆଗାମୀ ବିଶ୍ୱକପ୍ ପାଇଁ ଭାରତୀୟ ପ୍ରତିନିଧି ଦଳକୁ ଏଓସିଏ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ

**ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)**

**ଜାତୀୟ ସବ୍‌ଜୁନିୟର ବାଳକ ଫୁଟ୍‌ବଲ**

ପଞ୍ଜାବର ଅମୃତସରଠାରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବାଳକ ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ନିଜର ପ୍ରଥମ ମ୍ୟାଚ୍‌ରେ ଲଜ୍ଜାଜନକଭାବେ ୦-୧୩ଗୋଲ୍‌ରେ ମିଜୋରାମଠାରୁ ହାରିଥିବା ଓଡ଼ିଶା ବୁଧବାର ୦-୬ ଗୋଲରେ ମଣିପୁର ନିକଟରୁ ପରାସ୍ତ ହୋଇଛି। ମଣିପୁର ପକ୍ଷରୁ ଶେଖ୍ ସାହିଲ, ଥୋଙ୍ଗବାଇଜାମ ସାନାତୋମ୍ବା, ହିଦାମ ୟୋହେନବା ସିଂ ଏବଂ ବଦଳ ଖେଳାଳି ନାଓରେମ ମୋମୋ ସିଂ ଗୋଲ ସ୍କୋର କରିଥିଲେ। ଓଡ଼ିଶା ୨ଟି ମ୍ୟାଚ୍‌ରେ ୧୯ଟି ଗୋଲ ବରଣ କରିସାରିଥିବାବେଳେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏପର୍ଯ୍ୟନ୍ତ ଗୋଟିଏ ହେଲେ ଗୋଲ ଦେବାରେ ସକ୍ଷମ ହୋଇନାହିଁ। ଫଳରେ ଓଡ଼ିଶା ରକ୍ଷଣଭାଗଠାରୁ ଆରମ୍ଭକରି ଫରୱାର୍ଡ ପର୍ଯ୍ୟନ୍ତ ସବୁଥିରେ ଦୁର୍ବଳ ରହିଥିବାର ସୂଚନା ମିଳୁଛି। ଓଡ଼ିଶା ଏହାର ତୃତୀୟ ମ୍ୟାଚ୍ ଅମୃତସରସ୍ଥିତ ମାଉଣ୍ଟ ଲିଟେରା ଜୀ ସ୍କୁଲ ପଡ଼ିଆରେ ବିହାର ବିପକ୍ଷରେ ୩୧ ତାରିଖରେ ଖେଳିବ।





# ବର୍ଷା ବାଧକ: ପ୍ରଥମ ଟି୨୦ ବାତିଲ

**କାନବେରା, ୨୯।୧୦ (ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏଠାରେ ବୁଧବାର ଖେଳାଯାଇଥିବା ପ୍ରଥମ ଟି୨୦ କ୍ରିକେଟ ମ୍ୟାଚ୍ ଲଗାଣ ବର୍ଷା ଯୋଗୁ ବାତିଲ ହୋଇଯାଇଛି। ବର୍ଷା ବାଧକ ସାଜିବା ପୂର୍ବରୁ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫର୍ମକୁ ଫେରିଥିବା ନେଇ ସଙ୍କେତ ଦେବା ସହ ଟି୨୦ ଅନ୍ତର୍ଜାତୀୟରେ ୧୫୦ ଛକା ପୂରଣ କରିଛନ୍ତି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଶୁକ୍ରବାର ମେଲବୋର୍ନରେ ଖେଳାଯିବ।

ଟସ୍ ଜିତି ଅଷ୍ଟ୍ରେଲିଆ ଅଧିନାୟକ ମିଚେଲ ମାର୍ଶ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପାଇଁ ଅଭିଷେକ ଶର୍ମା ଓ ଶୁବମନ ଗିଲ୍‌ଙ୍କ ଓପ୍‌ନିଂ ଯୋଡ଼ି ୩୫ ରନ୍ କରିଥିଲା। ଆରମ୍ଭରୁ ଚିରାଚରିତ ବିସ୍ଫୋରକ ଷ୍ଟାଇଲରେ ବ୍ୟାଟିଂ କରିଥିବା ଅଭିଷେକ ୧୪ ବଲରେ ୪ ଚୌକା ସହିତ ୧୯ ରନ୍ କରି ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ବର୍ଷା ବାଧକ ସାଜିବାରୁ ମ୍ୟାଚ୍‌କୁ ୧୮ ଓଭରରେ ସୀମିତ ରଖାଯାଇଥିଲା। ମ୍ୟାଚ୍ ପୁନଃ ଆରମ୍ଭ ହେବା ପରେ ଅଧିନାୟକ ସୂର୍ଯ୍ୟ ଓ ଶୁବମନ ଦ୍ୱିତୀୟ ଉଇକେଟରେ ୩୫ ବଲରେ ଦ୍ରୁତ ୬୨ ରନ୍ ଯୋଡ଼ିଥିଲେ। ଏହାପରେ ଲଗାଣ ବର୍ଷା କାରଣରୁ ମ୍ୟାଚ୍‌କୁ ବାତିଲ କରାଯାଇଥିଲା। ବର୍ଷା ବାଧକ ସାଜିବା ସୁଦ୍ଧା ଭାରତ ୯.୪ ଓଭରରେ ୧ ଉଇକେଟ ହରାଇ ୯୭ ରନ୍ କରିଥିଲା। ସୂର୍ଯ୍ୟ ୨୪ ବଲ୍‌ରେ ୩ ଚୌକା ଓ ୨ ଛକା ସହ ୩୯ ଏବଂ ଗିଲ୍ ୨୦ ବଲ୍‌ରେ ୪ ଚୌକା ଓ ୧ ଛକା ସହିତ ୩୭ ରନ୍‌କରି ଅପରାଜିତ ରହିଥିଲେ।

**ନୀତୀଶ କୁମାର ଆହତ**

ଆହତ ସମସ୍ୟାରେ ଘେରି ହୋଇ ରହୁଥିବା ନୀତୀଶ କୁମାର ରେଡ୍ଡୀ ଚଳିତ ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍‌ର ପ୍ରଥମ ୩ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ସେ ବର୍ତ୍ତମାନ ବେକଜନିତ ସମସ୍ୟା ଦେଇ ଗତି କରୁଛନ୍ତି। ଏ ନେଇ ବିସିସିଆଇ ପକ୍ଷରୁ ବୁଧବାର କୁହାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଏହି ଅଲ୍‌ରାଉଣ୍ଡରଙ୍କ ବାମଗୋଡ଼ର ମାଂସପେଶୀରେ ଆଘାତ ଲାଗିଥିଲା। ପରେ ସେ ବେକରେ ଯନ୍ତ୍ରଣା ଅନୁଭବ କରୁଥିବା କହିଥିଲେ।





1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ